୬୧ତମ ବର୍ଷ | ୨୧ ଫେବ୍ରୁଆରୀ ୨୦୧୮ | ପ୍ରଥମ ସଂଖ୍ୟା

# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

୬୧ତମ ବର୍ଷ ୨୧ ଫେବ୍ରୁଆରୀ ୨୦୧୮ ପ୍ରଥମ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଫେବ୍ରୁଆରୀ, ୨୦୧୮]


**ଯୋଗ-ଦର୍ଶନ**

ଆମ ଯୋଗର ପଥ ... ଶ୍ରୀଅରବିନ୍ଦ ... ୯
ଶ୍ରୀମା'ଙ୍କ ସମ୍ବନ୍ଧରେ ଶ୍ରୀଅରବିନ୍ଦ ... ... ... ୧୧
''ମୁଁ ତୁମ ସହିତ ରହିଛି'' ... ଶ୍ରୀମା ... ୧୨
ଏକ ସ୍ୱପ୍ନ ... ଶ୍ରୀମା ... ୧୬
ଅରୋଭିଲ୍‌ର ସୁବର୍ଣ୍ଣ ଜୟନ୍ତୀ ... ... ... ୧୭
ମାତୃମନ୍ଦିର ସମ୍ପର୍କରେ ଶ୍ରୀମା ... ... ... ୧୯
ଅରୋଭିଲ୍‌ର ଲକ୍ଷ୍ୟ ଓ ଆଦର୍ଶ ... ଶ୍ରୀମା ... ୨୦
ଜଣେ ଯଥାର୍ଥ ଅରୋଭିଲ୍‌ବାସୀ ହେବା ପାଇଁ ... ଶ୍ରୀମା ... ୨୨
ଅରୋଭିଲ୍ ଏବଂ ଅତିମାନସ ଅଭିବ୍ୟକ୍ତି ... ଶ୍ରୀମା ... ୨୩

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

ବନ୍ଦେ ମାତରମ୍ ... ଶ୍ରୀଅରବିନ୍ଦ ... ୨୪
ସତ୍ୟରେ ଲାଗିରହ ... ଶ୍ରୀ ନଳିନୀକାନ୍ତ ଗୁପ୍ତ ... ୨୭
ଭଗ ସବିତା, ଯେ ଭୋକ୍ତା – ତାଙ୍କ ଉଦ୍ଦେଶ୍ୟରେ
(ଋଗ୍‌ବେଦ : ମଣ୍ଡଳ - ୫, ସୂକ୍ତ : ୮୨,
ଋଷି : ଶ୍ୟାବାଶ୍ୱ ଆତ୍ରେୟ) ... ଶ୍ରୀଅରବିନ୍ଦ ... ୨୯
ସମାଧାନର ପଥ ... ଶ୍ରୀ ପ୍ରପତ୍ତି ... ୩୨
ଅସମ୍ଭବ ଓ ସମ୍ଭବ ... ଶ୍ରୀ ବିଶ୍ୱମ୍ଭର ସାମନ୍ତ ... ୩୬
ସୂର୍ଯ୍ୟୋଦୟ ଦ୍ୱାରା ସମ୍ଭବ ନୁହେଁ ଯେଉଁ
ଅନ୍ଧକାରର ଅବସାନ ... ଶ୍ରୀ ମନୋଜ ଦାସ ... ୩୯
ଶ୍ରୀଅରବିନ୍ଦ ଓ ଦିଲୀପକୁମାର (୫) ... ... ... ୪୨
ଅରୋଭିଲ୍ : ଭଗବାନଙ୍କର ଏକ ନିର୍ଦ୍ଦେଶ ... ... ... ୪୪
ଅନୁଭୂତିରେ ଉଷାନଗରୀ ... ଶ୍ରୀ ବିମଳ ପ୍ରସନ୍ନ ଦାସ ... ୪୭

**ସାଧନା-ପରମ୍ପରା**

ଜ୍ଞାନେଶ୍ୱରୀ ... ... ... ୪୯

**ଅନ୍ତରାଳ ଜଗତ୍**

ସୂକ୍ଷ୍ମଦର୍ଶନର ସ୍ୱରୂପ
(ଶ୍ରୀମା'ଙ୍କ ସହ ଏକ କଥୋପକଥନ) ... ... ... ୫୪

**ସମ୍ପାଦକୀୟ**

ଭଗବତ୍ ଅଭିମୁଖୀ ସମାଜର ବିବର୍ତ୍ତନ ... ... ... ୫୭


❖


The future is full of possibilities for those who know how to prepare themselves for it.

The future is full of possibilities for those who know how to prepare themselves for it.

– The Mother

ଭବିଷ୍ୟତ୍ ସେହିମାନଙ୍କ ପାଇଁ ସମ୍ଭାବନାପୂର୍ଣ୍ଣ ଯେଉଁମାନେ ଜାଣନ୍ତି ତାହା ନିମନ୍ତେ ନିଜକୁ କିପରି ପ୍ରସ୍ତୁତ କରିବାକୁ ହେବ ।

– ଶ୍ରୀମା

(୧୯୫୮ରେ 'ନବଜ୍ୟୋତି' ପତ୍ରିକାର ପ୍ରଥମ ପ୍ରକାଶନ ଉପଲକ୍ଷେ ମା'ଙ୍କ ପ୍ରଦତ୍ତ ବାଣୀ)

If one remains in full confidence in the Mother and psychically open, then the Mother's force will do all and one has only to give consent and keep oneself open and aspire.

– Sri Aurobindo

ଯଦି ତୁମେ ମା'ଙ୍କ ଉପରେ ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ରଖି ରୁହ ଓ ଚୈତ୍ୟଭାବ ନେଇ ମା'ଙ୍କ ପ୍ରତି ନିଜକୁ ଖୋଲିଧର, ତା'ହେଲେ ମା'ଙ୍କ ଶକ୍ତିହିଁ ସବୁକିଛି କରିଦେବ ଏବଂ ତୁମକୁ କେବଳ ସମ୍ମତି ଦେବାକୁ ହେବ ଏବଂ ନିଜକୁ ଉନ୍ମୋଚିତ ରଖି ଅଭୀପ୍ସା କରିବାକୁ ହେବ ।

– ଶ୍ରୀଅରବିନ୍ଦ

*

Keep yourself open to the Mother and in perfect union with her. Make yourself entirely plastic to her touch and let her mould you swiftly towards perfection.

– Sri Aurobindo

ନିଜକୁ ମା'ଙ୍କ ପ୍ରତି ଉନ୍ମୀଳିତ କରି ରଖ ଓ ତାଙ୍କ ସହ ପୂର୍ଣ୍ଣ ଭାବରେ ଯୁକ୍ତ ହୋଇ ରୁହ । ତାଙ୍କର ସ୍ପର୍ଶ ପ୍ରତି ନିଜକୁ ସମଗ୍ର ଭାବରେ ନମନୀୟ କରିଦିଅ ଏବଂ ସେ ତୁମକୁ ଗଢ଼ି ପୂର୍ଣ୍ଣତାର ପଥରେ ଦ୍ରୁତ ଗତିରେ ଆଗେଇ ନେବେ ।

– ଶ୍ରୀଅରବିନ୍ଦ



# ଆମ ଯୋଗର ପଥ*

## ଶ୍ରୀଅରବିନ୍ଦ

ଅତିମାନସ ଯୋଗ ହେଉଛି ସେହି ଏକ ସଙ୍ଗରେ ଭଗବାନଙ୍କ ଦିଗରେ ଉତ୍ତରଣ ଏବଂ ଶରୀର ଗ୍ରହଣ କରିଥିବା ମୂର୍ତ୍ତ ପ୍ରକୃତି ଭିତରକୁ ଭଗବତ ସତ୍ତାଙ୍କର ଅବତରଣ ।

ଏହି ଉତ୍ତରଣଟି କେବଳ ସଂପନ୍ନ ହୋଇପାରିବ ଆତ୍ମା, ମନ, ପ୍ରାଣ ଓ ଦେହର ସମଗ୍ର ଶକ୍ତି ସଂଗ୍ରହ କରି ଏକ ଏକାଗ୍ର ଊର୍ଦ୍ଧ୍ୱମୁଖୀ ଅଭୀପ୍ସା ଦ୍ୱାରା ଏବଂ ଏହି ଅବତରଣଟି ସମ୍ଭବ ହୋଇପାରିବ ଅନନ୍ତ ଓ ଚିରନ୍ତନ ପରମଙ୍କ ଅଭିମୁଖରେ ସମଗ୍ର ସତ୍ତାର ଏକ ଆବାହନ ଦ୍ୱାରା । ଯଦି ଏହି ଆବାହନ ଓ ଏହି ଅଭୀପ୍ସା ବଳବତ୍ତର ରହିଥାଏ ବା ଯଦି କୌଣସି ଉପାୟ ଦ୍ୱାରା ସେଗୁଡ଼ିକ ଜନ୍ମ ନିଅନ୍ତି ଓ ନିରନ୍ତର ଭାବରେ ଉତ୍ତରୋତ୍ତର ବୃଦ୍ଧି ପାଇ ଆମ ସମଗ୍ର ପ୍ରକୃତିକୁ ଅଧିକାର କରନ୍ତି, ତେବେ, ତା'ହେଲେ କେବଳ ଏକ ଅତିମାନସ ଅଭ୍ୟୁତ୍ଥାନ ଓ ରୂପାନ୍ତର ସମ୍ଭବ ହୋଇ ପାରିବ ।

ଏହି ଆବାହନ ଓ ଅଭୀପ୍ସା ହେଉଛି ମାତ୍ର ପ୍ରଥମ ସର୍ତ୍ତ, ଏଗୁଡ଼ିକ ସଙ୍ଗରେ ଓ ଏଗୁଡ଼ିକର ଫଳପ୍ରଦ ନିବିଡ଼ତା ଦ୍ୱାରା ଆଣିବାକୁ ହେବ ଭଗବାନଙ୍କ ପ୍ରତି ସମଗ୍ର ସତ୍ତାର ଏକ ଉନ୍ମୀଳନ ଏବଂ ଏକ ପୂର୍ଣ୍ଣ, ସମଗ୍ର ସମର୍ପଣ ।

ଏହି ଉନ୍ମୀଳନ ହେଉଛି ସମଗ୍ର ପ୍ରକୃତିକୁ ତା'ର ସମସ୍ତ ସ୍ତର ଓ ସମସ୍ତ ଅଂଶରେ ଏପରି ବ୍ୟାପକ ଓ ବିସ୍ତୃତ ଭାବରେ ଖୋଲିଦେବା ଯେପରିକି ଏହା ନିଜ ଭିତରେ କୌଣସି ସୀମା ନରଖି ସେହି ମହତ୍ତର ଦିବ୍ୟ-ଭଗବତ୍ ଚେତନାକୁ ଗ୍ରହଣ କରିପାରେ ଯାହାକି ଆମର ଏହି ମରଣଶୀଳ ଅର୍ଦ୍ଧ-ଚେତନ ଅସ୍ତିତ୍ୱକୁ ଆବେଷ୍ଟନ କରି ତା'ର ଊର୍ଦ୍ଧ୍ୱରେ ଓ ପଶ୍ଚାତରେ ବିରାଜମାନ ହୋଇ ରହିଆସିଛି । ଗ୍ରହଣ କରିବା ସମୟରେ ସେହି ଦିବ୍ୟ-ଚେତନାକୁ ଧାରଣ କରିବା ଦିଗରେ ଯେପରି କୌଣସି ଅସାମର୍ଥ୍ୟ ନରୁହେ, ସେହି ଦିବ୍ୟଚେତନାର ରୂପାନ୍ତରକାରୀ ଚାପରେ ଆମ ଆଧାରର କୌଣସି କିଛି, ଆମର ମନର ବା ପ୍ରାଣର ବା ସ୍ନାୟୁର ବା ଦେହର କୌଣସି କିଛି ଯେପରି ଭାଙ୍ଗି ନପଡ଼େ । ଏକ ଅନ୍ତହୀନ ଗ୍ରହଣଶୀଳତା ରହିବା ଆବଶ୍ୟକ; କ୍ରମାଗତ ଭାବେ ଅଧିକ ଶକ୍ତିଶାଳୀ ହୋଇ ଅଧିକରୁ ଅଧିକ ଜୋର୍ ଦେଉଥିବା ଦିବ୍ୟଶକ୍ତିର ନିରବଚ୍ଛିନ୍ନ କ୍ରିୟାକୁ ସହ୍ୟ କରିଲା ଭଳି ଆମ ଭିତରେ ଏକ ନିରନ୍ତର କ୍ରମବର୍ଦ୍ଧିଷ୍ଣୁ ଗ୍ରହଣଶୀଳତା ଆବଶ୍ୟକ । ତା' ନହେଲେ ମହାନ୍ ଓ ସ୍ଥାୟୀ କିଛି ସଂପନ୍ନ ହୋଇପାରିବ ନାହିଁ, ଏକ ନିଷ୍ଫଳ ବ୍ୟର୍ଥତା ଭିତରେ ଯୋଗ ସାଧନାର ସମାପ୍ତି ଘଟିବ, କିଂବା ଏକ ତାମସିକ ବିରତି କିଂବା ଏକ ନିର୍ବୋଧ ବା ବିପର୍ଯ୍ୟୟମୂଳକ ଆଚରଣ-ସବୁ ଦ୍ୱାରା ଏହାର ସେହି ପଦ୍ଧତି ଓ ପ୍ରକ୍ରିୟାର ଗତିରୋଧ କରାଯିବ ଯେଉଁ ପଦ୍ଧତି ଓ ପ୍ରକ୍ରିୟା ଅଖଣ୍ଡ ଓ ସର୍ବାଙ୍ଗୀଣ ହେବା ଆବଶ୍ୟକ, ଯଦି ଏହାକୁ ଏକ ବ୍ୟର୍ଥତାରେ ପରିଣତ ହେବା ପାଇଁ ଛାଡ଼ି ନ ଦିଆଯାଏ ।

କିନ୍ତୁ ଯେହେତୁ କୌଣସି ମାନବୀୟ ଆଧାରର ଏହି ଅନ୍ତହୀନ ଗ୍ରହଣଶୀଳତା ଓ ଅବ୍ୟର୍ଥ, ଅପରାଜେୟ ସାମର୍ଥ୍ୟ ନାହିଁ, ଅତିମାନସ ଯୋଗ ସଫଳ ହୋଇପାରେ ଯଦି କେବଳ ଦିବ୍ୟ-ଭଗବତ୍-ଶକ୍ତିର ଅବତରଣ ସମୟରେ ତାହା ଆଧାରର ଶକ୍ତିକୁ ବୃଦ୍ଧି କରାଏ ଏବଂ ଗ୍ରହଣ କରୁଥିବା ସାମର୍ଥ୍ୟର ସହ ପ୍ରକୃତିରେ କ୍ରିୟା କରିବା ପାଇଁ ଊର୍ଦ୍ଧ୍ୱରୁ ପ୍ରବେଶ କରୁଥିବା ଦିବ୍ୟଶକ୍ତିକୁ ସମାନ କରି ଗଢ଼ି ତୋଳିବା ପାଇଁ କ୍ରିୟା କରେ । ଏହା କେବଳ ସମ୍ଭବ ଯଦି ଆମ ତରଫରୁ ଆମ ସତ୍ତାକୁ ଭଗବାନଙ୍କ ହାତରେ ଛାଡ଼ି ଦିଆଯାଏ ଏକ କ୍ରମବର୍ଦ୍ଧମାନ ସମର୍ପଣ ଦ୍ୱାରା; ଆମ ତରଫରୁ ଏକ ପୂର୍ଣ୍ଣ ଓ ଅବ୍ୟର୍ଥ ସମ୍ମତି ରହିବା ଆବଶ୍ୟକ, କାର୍ଯ୍ୟଟି ସଂପନ୍ନ ହେବା ପାଇଁ ଭଗବତ୍ ଶକ୍ତି ଆମକୁ ନେଇ ଯାହା ଇଚ୍ଛା ତାହା କରିବା ପାଇଁ ଛାଡ଼ିଦେବାର ଏକ ସାହସିକ ସଂକଳ୍ପ ରହିବା ଆବଶ୍ୟକ ।

ମଣିଷ ତା'ର ନିଜ ଚେଷ୍ଟା ବଳରେ ନିଜକୁ ମଣିଷଠାରୁ ଆଉ ଅଧିକ କିଛି କରିପାରିବ ନାହିଁ, ମନୋମୟ ସତ୍ତା ଅନ୍ୟ କୌଣସି ସହାୟତା ବିନା କେବଳ ନିଜର ଶକ୍ତିରେ ନିଜକୁ

---

* ଏହି ଲେଖାଟିର ରଚନା କାଳ ଆନୁମାନିକ ୧୯୩୦ । ... ଶ୍ରୀଅରବିନ୍ଦଙ୍କ ଦେହତ୍ୟାଗର ଅନେକ ବର୍ଷ ପରେ ଏହି ଲେଖାଗୁଡ଼ିକ ତାଙ୍କ ନୋଟ୍ ଖାତାରୁ ସଂଗୃହୀତ ।

ଏକ ଅତିମାନସ ସତ୍ତାରେ ପରିଣତ କରିପାରିବ ନାହିଁ । କେବଳ ଏକ ଭଗବତ୍ ଦିବ୍ୟ-ପ୍ରକୃତିର ଅବତରଣହିଁ ମନୁଷ୍ୟର ଆଧାରକୁ ଦିବ୍ୟାୟିତ କରିପାରେ ।

କାରଣ ଆମର ମନ, ପ୍ରାଣ ଓ ଶରୀରର ସାମର୍ଥ୍ୟ ସେମାନଙ୍କ ନିଜ ନିଜର ସୀମାଗୁଡ଼ିକ ଭିତରେ ଆବଦ୍ଧ । ଏବଂ ସେମାନେ ଯେତେ ଉଚ୍ଚକୁ ଉଠିଯାଇ ପାରିଲେ ମଧ୍ୟ ବା ଯେତେ ବ୍ୟାପ୍ତି ନେଇ ପ୍ରସାରିତ ହୋଇଯାଇ ପାରିଲେ ମଧ୍ୟ, ସେମାନେ ସେମାନଙ୍କ ସ୍ୱାଭାବିକ ଚୂଡ଼ାନ୍ତ ସୀମାକୁ ଅତିକ୍ରମ କରି ତା' ଉପରକୁ ଉଠିଯାଇ ପାରିବେ ନାହିଁ ବା ସେଗୁଡ଼ିକୁ ଅତିକ୍ରମ କରି ଆଉ ଅଧିକ ପ୍ରସାରିତ ହୋଇପାରିବେ ନାହିଁ । କିନ୍ତୁ, ତଥାପି ମନୋମୟ ମାନବ ତା'ର ଊର୍ଦ୍ଧ୍ୱରେ ରହିଥିବା ସତ୍ୟ ପ୍ରତି ନିଜକୁ ଖୋଲି ଦେଇପାରେ ଏବଂ ଏକ ଅତିମାନସ ଦିବ୍ୟ-ଆଲୋକ, ସତ୍ୟ ଓ ଶକ୍ତିକୁ ନିଜ ଭିତରେ କ୍ରିୟା କରିବା ପାଇଁ ଏବଂ ମନ ଯାହା କରିବା ପାଇଁ ଅସମର୍ଥ ତାହା ସଂପନ୍ନ କରିବା ପାଇଁ ଆବାହନ କରି ଆଣିପାରେ, ଯଦି ମନ ତା'ର ନିଜ ଚେଷ୍ଟାରେ ତା' ଊର୍ଦ୍ଧ୍ୱରେ ଯାହା ରହିଛି ତାହା ହୋଇପାରିବ ନାହିଁ, ତେବେ ଅତିମାନସ ଅବତରଣ କରିପାରେ ଓ ତା'ର ନିଜସ୍ୱ ଉପାଦାନରେ ମନକୁ ରୂପାନ୍ତରିତ କରିଦେଇପାରେ ।

ମଣିଷର ନିର୍ଣ୍ଣୟାତ୍ମକ ସମ୍ମତି ଓ ଅତନ୍ଦ୍ର ସଜାଗ ସମର୍ପଣ ଦ୍ୱାରା ଯଦି ଅତିମାନସ ଶକ୍ତିକୁ ତା'ର ନିଜସ୍ୱ ଗଭୀର ଓ ସୂକ୍ଷ୍ମ ଅନ୍ତର୍ଦୃଷ୍ଟି ଏବଂ ନମନୀୟ ସାମର୍ଥ୍ୟ ଓ ସମ୍ଭାବନା ସହ କ୍ରିୟା କରିବାକୁ ଛାଡ଼ି ଦିଆଯାଏ, ତା'ହେଲେ ତାହା ଧୀରେ ଧୀରେ ଅଥବା ଦ୍ରୁତଗତିରେ ଆମର ବର୍ତ୍ତମାନର ଅପୂର୍ଣ୍ଣ ପ୍ରକୃତିର ଏକ ଦିବ୍ୟ-ରୂପାନ୍ତର ଆଣିଦେବ ।

ଏହି ଅବତରଣ, ଏହି କ୍ରିୟା ଫଳରେ ଯେ ବିପର୍ଯ୍ୟୟମୂଳକ ପତନ ଓ ବିପଦର ଯେ କୌଣସି ଆଶଙ୍କା ନାହିଁ ତାହା କୁହାଯାଇ ନପାରେ । ଯଦି ମଣିଷର ମନ ଓ ପ୍ରାଣିକ କାମନାସବୁ ଏହି ଅବତରଣକାରୀ ଶକ୍ତିକୁ କବଳିତ କରିବାକୁ ବସନ୍ତି ଓ ନିଜର ସୀମିତ ଓ ପ୍ରମାଦପୂର୍ଣ୍ଣ, ଦୋଷଯୁକ୍ତ ଓ ଅହଂଗତ ପ୍ରବୃତ୍ତି ଅନୁଯାୟୀ ତାହାକୁ ବ୍ୟବହାର କରିବାକୁ ଚେଷ୍ଟା କରନ୍ତି,– ଏବଂ ଏହା ଅନିର୍ବାର ହୋଇଉଠେ ଯେପର୍ଯ୍ୟନ୍ତ ନିମ୍ନତର ମର ପ୍ରକୃତି ସେହି ମହତ୍ତର ଅମର ପ୍ରକୃତିର ଧାରା ସଂପର୍କରେ କିଛିଟା ଜ୍ଞାନ ଲାଭ କରି ନଥାଏ – ତା'ହେଲେ, ସେତେବେଳେ ସ୍ଖଳନ ଓ ପଥଚ୍ୟୁତିକୁ, କଠିନ ଓ ଆପାତ ଅନତିକ୍ରମଣୀୟ ବାଧାବିଘ୍ନସବୁକୁ, କ୍ଷତ ଓ ଯାତନା ଭୋଗକୁ ସଂପୂର୍ଣ୍ଣ ଏଡ଼ାଇ ଦେବା ସମ୍ଭବ ନୁହେଁ, ଏପରିକି ମୃତ୍ୟୁ ଓ ଚରମ ପତନ ମଧ୍ୟ ଅସମ୍ଭବ ନୁହେଁ । କେବଳ ଯେତେବେଳେ ମନ, ପ୍ରାଣ ଓ ଦେହ ଭଗବାନଙ୍କ ପ୍ରତି ଏକ ସଚେତ ସର୍ବାଙ୍ଗୀଣ ସମର୍ପଣର ଶିକ୍ଷାଲାଭ କରିଥାଆନ୍ତି, ସେତେବେଳେ କେବଳ ଯୋଗର ପଥ ସହଜ, ସିଧା ଓ ନିରାପଦ ହୁଏ ।

ଏବଂ ଏହି ସମର୍ପଣ ଓ ଉନ୍ମୀଳନ ଆଉ କାହା ପ୍ରତି ନୁହେଁ କେବଳ ଭଗବାନଙ୍କ ପ୍ରତି ହେବା ଆବଶ୍ୟକ । କାରଣ ଏହା ମଧ୍ୟ ସମ୍ଭବ ଯେ ଆମ ଭିତରେ ଥିବା ଏକ ଅଜ୍ଞାନାଚ୍ଛନ୍ନ ମନ, ଏକ ଅଶୁଦ୍ଧ ପ୍ରାଣଶକ୍ତି ନିଜକୁ ଏକ ଅଦିବ୍ୟ ଓ ବିରୋଧୀ ଅପଶକ୍ତି ପାଖରେ ସମର୍ପିତ କରିଦେଇପାରେ ବା ଏପରିକି ସେଗୁଡ଼ିକୁ ଭଗବତ୍ ଶକ୍ତି ବୋଲି ଭୁଲ୍ କରିପାରେ । ଏହାଠାରୁ ଆଉ ଅଧିକ ବିପଜ୍ଜନକ ଭୁଲ୍ କିଛି ନାହିଁ, ତେଣୁ ଆମର ସମର୍ପଣ, ସବୁପ୍ରକାର ପ୍ରଭାବ ବା ଯେକୌଣସି ପ୍ରଭାବ ପ୍ରତି ଏକ ଅନ୍ଧ ଓ ଜଡ଼, ନିଷ୍କ୍ରିୟ ସମର୍ପଣ ହେବା ବାଞ୍ଛନୀୟ ନୁହେଁ, ଏହା ହେବା ଉଚିତ କେବଳ ସେହି ପରମ ଏକ ଓ ଦିବ୍ୟ-ସର୍ବୋତ୍ତମଙ୍କ ନିକଟରେ ଏକ ଐକାନ୍ତିକ, ସଚେତ, ଅତନ୍ଦ୍ର ଓ ସଜାଗ ସମର୍ପଣ ।

ତାହା ଯେତେ କଷ୍ଟସାଧ୍ୟ ହେଉ ନା କାହିଁକି, ଦିବ୍ୟା ଓ ଅସୀମା ଜନନୀଙ୍କ ଚରଣରେ ଆତ୍ମ-ସମର୍ପଣ ହେଉଛି ଆମର ଏକମାତ୍ର ଫଳପ୍ରଦ ଅବଲମ୍ବନ ଏବଂ ଏକମାତ୍ର ନିର୍ଭରଯୋଗ୍ୟ ଆଶ୍ରୟ । ତାଙ୍କ ନିକଟରେ ଆତ୍ମ-ସମର୍ପଣର ଅର୍ଥ ହେଉଛି ଆମ ପ୍ରକୃତି ତାଙ୍କ ହାତରେ ଏକ ଯନ୍ତ୍ର ହୋଇ ଉଠିବ ଓ ଆମର ଆତ୍ମା ମା'ଙ୍କ ବାହୁବନ୍ଧନରେ ଏକ ଶିଶୁହୋଇ ରହିବ । ❖

ତାହା ଯେତେ ବି ଉପଯୋଗୀ ମନେ ହେଉ ପଛେ ଅନ୍ୟ କୌଣସି କିଛି ଉପରେ ନୁହେଁ ତୁମକୁ ମୁଖ୍ୟତଃ, ମୂଳତଃ, ପ୍ରଧାନତଃ ନିର୍ଭରତା ରଖିବାକୁ ହେବ କେବଳ ମା'ଙ୍କର ଶକ୍ତି ଉପରେ ।

– ଶ୍ରୀଅରବିନ୍ଦ

# ଶ୍ରୀମା'ଙ୍କ ସମ୍ବନ୍ଧରେ ଶ୍ରୀଅରବିନ୍ଦ

ଯେଉଁ ଅଦ୍ୱିତୀୟାଙ୍କୁ ମା ବୋଲି ଆମେମାନେ ପୂଜାକରୁ, ସେ ହେଲେ ବିଶ୍ୱସତ୍ତାର ଅଧିଷ୍ଠାତ୍ରୀ, ଭାଗବତୀ ଚିତ୍‌ଶକ୍ତି। ସେ ଏକ ଅଥଚ ସେ ଏପରି ବହୁରୂପୀ ଯେ ତାଙ୍କର ଗତି ଅନୁସରଣ କରି ଚାଲିବା ଅତି କ୍ଷିପ୍ର ମନ ବା ସର୍ବତୋଭାବେ ମୁକ୍ତ ଚରମ ବ୍ୟାପକ ବୁଦ୍ଧିପକ୍ଷେ ବି ଅସମ୍ଭବ। ମା ହେଲେ ପରମେଶ୍ୱରଙ୍କର ଚେତନା ଓ ଶକ୍ତି, ନିଜର ଯାବତୀୟ ସୃଷ୍ଟିର ବହୁ ଊର୍ଦ୍ଧ୍ୱରେ ସେ।

ତାହାଛଡ଼ା ବ୍ୟକ୍ତିଗତ ସତ୍ତାରେ ସେ କରୁଣାବଶ ହୋଇ ଉତରି ଆସିଛନ୍ତି ଅଜ୍ଞାନ ମଧ୍ୟରେ ଯଦ୍ୱାରା ଅଜ୍ଞାନକୁ ଜ୍ୟୋତିଃ ଆଡ଼କୁ ନେଇ ଯାଇ ପାରନ୍ତି ଏବଂ ଆସିଛନ୍ତି ଏହି ମିଥ୍ୟା ଓ ପ୍ରମାଦକୁ ଯଦ୍ୱାରା ମିଥ୍ୟା ଓ ପ୍ରମାଦକୁ ସତ୍ୟରେ ପରିଣତ କରି ପାରନ୍ତି, ଆସିଛନ୍ତି ଏହି ମୃତ୍ୟୁ ମଧ୍ୟରେ ଯଦ୍ୱାରା ମୃତ୍ୟୁକୁ ଦେବଜୀବନରେ ରୂପାନ୍ତରିତ କରିପାରନ୍ତି; ଆସିଛନ୍ତି ଏହି ବିଶ୍ୱବେଦନା ଓ ତାହାର ଦୁରପନେୟ ଦୁଃଖଯନ୍ତ୍ରଣା ମଧ୍ୟରେ ଯଦ୍ୱାରା ତାଙ୍କର ପରମ ଆନନ୍ଦର ରୂପାନ୍ତରକାରୀ ଆବେଗରେ ବେଦନା-ଯନ୍ତ୍ରଣାର ଅବସାନ କରି ପାରନ୍ତି। ସେ ସନ୍ତାନମାନଙ୍କ ପ୍ରତି ଗଭୀର ଓ ବିପୁଳ ସ୍ନେହବଶରେ ଏହି ତମସାର ଆବରଣକୁ ପରିଧାନ କରିବାକୁ ସମ୍ମତ ହୋଇଛନ୍ତି; ଅଜ୍ଞାନ ଓ ମିଥ୍ୟାଶକ୍ତିରାଜିର ଆକ୍ରମଣ ଓ ସେସବୁର ପୀଡ଼ାଦାୟକ ପ୍ରଭାବକୁ କୃପା କରି ସହ୍ୟ କରିବାକୁ ସ୍ୱୀକୃତ ହୋଇଛନ୍ତି, ଜନ୍ମମୃତ୍ୟୁର ତୋରଣକୁ ପାର ହୋଇ ଚାଲିଆସିଛନ୍ତି, ସୃଷ୍ଟିର ଯେତେ ଦୁଃଖ-ଯନ୍ତ୍ରଣା ଓ ବେଦନା, ସମସ୍ତ ନିଜ ଉପରେ ଗ୍ରହଣ କରିଛନ୍ତି – କାରଣ ମନେ ହୁଏ ଏହାହିଁ ଏକମାତ୍ର ପନ୍ଥା, ଯଦ୍ୱାରା ସୃଷ୍ଟିକୁ ଦିବ୍ୟଜ୍ୟୋତିଃ, ଦିବ୍ୟାନନ୍ଦ ଓ ଦିବ୍ୟ ସତ୍ୟ ଏବଂ ଶାଶ୍ୱତ ଜୀବନ ମଧ୍ୟରେ ଉନ୍ନୀତ କରାଯାଇପାରେ।

*

ଶ୍ରୀମାଙ୍କର ଅବତାର-ଗ୍ରହଣ ହେଉଛି ଏକ ସୁଯୋଗ, ଯଦ୍ୱାରା ପୃଥିବୀ-ଚେତନା ନିଜ ମଧ୍ୟରେ ଅତିମାନସ ଶକ୍ତିକୁ ଗ୍ରହଣ କରିପାରିବ ଏବଂ ପ୍ରଥମେ, ତାହା ସମ୍ଭବ ହେବା ପାଇଁ ଆବଶ୍ୟକ ହେଉଥିବା ରୂପାନ୍ତର ମଧ୍ୟଦେଇ ଯାଇ ପାରିବ। ପରେ ଅଧିକତର ରୂପାନ୍ତର ଅତିମାନସ ଦ୍ୱାରାହିଁ ହେବ।

ସେହି ଏକହିଁ ମାତ୍ର ଦିବ୍ୟଶକ୍ତି ରହିଛି ଯାହା ବିଶ୍ୱଗତ ଓ ବ୍ୟକ୍ତିଗତ ଓ ଉଭୟର ଊର୍ଦ୍ଧ୍ୱରେହିଁ ରହିଥାଏ। ଦିବ୍ୟଜନନୀ ସେହି ସମସ୍ତ ଶକ୍ତିର ପ୍ରତୀକ। କିନ୍ତୁ ସେ ଏହି ପୃଥିବୀ ଉପରକୁ ଅବତରଣ କରି ଆସିଛନ୍ତି ଓ ଏଠାରେ କାର୍ଯ୍ୟ କରୁଛନ୍ତି ଅନ୍ୟ ଏକ ବିଶେଷ ଶକ୍ତିକୁ ପୃଥିବୀ ଉପରକୁ ଉତାରି ଆଣିବା ପାଇଁ, ଯାହା ଏପର୍ଯ୍ୟନ୍ତ ସ୍ଥୂଳ ଜଗତରେ ପ୍ରକଟ ହୋଇ ନାହିଁ; ଯଦ୍ୱାରା ଏଠାକାର ଜୀବନ ମଧ୍ୟରେ ଦେଖାଦେବ ରୂପାନ୍ତର। ତେଣୁ ତୁମେମାନେ ତାଙ୍କୁ ପରମଙ୍କ ଶକ୍ତି ରୂପରେ ଦେଖିବ, ଯିଏ ସେହି ଲକ୍ଷ୍ୟ ସିଦ୍ଧ କରିବା ପାଇଁ ଏଠାରେ କାର୍ଯ୍ୟ କରୁଛନ୍ତି, ସେହି ଶରୀର ଗ୍ରହଣ କରିଛନ୍ତି; କିନ୍ତୁ ତାଙ୍କର ସମଗ୍ର ଚେତନା ମଧ୍ୟରେ ସେ ଦିବ୍ୟଙ୍କର ସମସ୍ତ ବିଭାବ ସହିତ ଏକ ହୋଇ ରହିଛନ୍ତି।

*

ମୋର ଓ ଶ୍ରୀମାଙ୍କର ଚେତନା ଏକ; ଏକହିଁ ଦିବ୍ୟ ଚେତନା ଦୁଇ ରୂପରେ ପ୍ରକଟିତ ହୋଇଛି। କାରଣ ତାହା ଲୀଳା ପାଇଁ ଆବଶ୍ୟକ। ତାଙ୍କର ଜ୍ଞାନ, ଶକ୍ତି ଓ ଚେତନା ବ୍ୟତିରେକେ କୌଣସିକିଛି କରାଯାଇ ନ ପାରେ; ଯଦି ପ୍ରକୃତରେ କାହାର ତାଙ୍କ ଚେତନାର ଅନୁଭୂତି ହୋଇଥାଏ – ତେବେ ତା'ର ଜାଣିବା ଉଚିତ ଯେ ମୁଁ ସେସବୁର ପଶ୍ଚାତରେ ରହିଛି, ଏବଂ ସେ ଯଦି ମୋତେ ଅନୁଭବ କରିପାରିବ, ଶ୍ରୀମାଙ୍କୁ ମଧ୍ୟ ଅନୁଭବ କରପାରିବ।

ଶ୍ରୀମାଙ୍କ ଚେତନା ହେଉଛି ପରମଙ୍କ ଚେତନା ବା ଦିବ୍ୟଚେତନା; ଏବଂ ସେଥିରୁ ଯେଉଁ ଆଲୋକ ଆସୁଥାଏ ତାହା ହେଉଛି ଦିବ୍ୟସତ୍ୟର ଆଲୋକ। ଯଦି କେହି ଶ୍ରୀମାଙ୍କର ଆଲୋକକୁ ଗ୍ରହଣ କରେ, ସ୍ୱୀକାର କରେ ଏବଂ ସେଥିରେ ବାସ କରେ, ତେବେ ମାନସିକ, ପ୍ରାଣିକ ଓ ଶାରୀରିକ – ସମସ୍ତ ସ୍ତରରେ ସେ ଦିବ୍ୟସତ୍ୟକୁ ହୃଦୟଙ୍ଗମ କରିପାରିବ।

*

ଏହା ହେଉଛି ପ୍ରକୃତିର ଦୁଇଟି ଦିଗ : ପୁରୁଷ ଏବଂ ପ୍ରକୃତି – ଜଣେ ଏକ ବିଶୁଦ୍ଧ ସଚେତନ ସତ୍ତା ଦିଗରେ ଆଗେଇ ନେଉଛନ୍ତି ଯାହା ସ୍ଥିର ଓ ନିଷ୍କ୍ରିୟ; ଅନ୍ୟଟି ହେଉଛନ୍ତି ଏକ ବିଶୁଦ୍ଧ ସଚେତନ ସତ୍ତା ଯାହା ସକ୍ରିୟ – ସେ ହେଲେ ଶ୍ରୀମା। ❖

# "ମୁଁ ତୁମ ସହିତ ରହିଛି"

## ଶ୍ରୀମା

*"ମୁଁ ତୁମ ସହିତ ରହିଛି" – ଏହାର ପ୍ରକୃତ ଅର୍ଥ କ'ଣ ?*

*ଯେତେବେଳେ ଆମେ ପ୍ରାର୍ଥନା କରୁଥାଉ ଅଥବା ନିଜ ଭିତରେ କୌଣସି ଏକ ସମସ୍ୟା ସହିତ ସଂଗ୍ରାମ କରିବାରେ ଲାଗିଥାଉ, ସେତେବେଳେ ଆମର ଯାବତୀୟ ଅଯୋଗ୍ୟତା ଏବଂ ଅପୂର୍ଣ୍ଣତା ସତ୍ତ୍ୱେ, ଏପରିକି ଆମର ଯାବତୀୟ ଅସଦିଚ୍ଛା ଓ ଆମେ କରୁଥିବା ଯାବତୀୟ ଭୁଲ୍ ସତ୍ତ୍ୱେ ଆମର ପ୍ରାର୍ଥନା କ'ଣ ପ୍ରକୃତରେ ଆପଣଙ୍କ କାନରେ ଯାଇ ବାଜେ ? ସେତେବେଳେ କିଏ ତାକୁ ଶୁଣେ ? ଆପଣ, ଯିଏକି ଆମ ପାଖରେ ଅଛନ୍ତି, କ'ଣ ସେଇ ଶୁଣନ୍ତି ?*

*ଏବଂ, ଯିଏ ଶୁଣନ୍ତି, ସିଏ କ'ଣ ଆପଣଙ୍କର ସେହି ସର୍ବୋଚ୍ଚ ଚେତନା, ଏକ ନୈର୍ବ୍ୟକ୍ତିକ ଦିବ୍ୟଶକ୍ତି, ଯୋଗରୁ ଲବ୍ଧ ଶକ୍ତିର ଏକ ସ୍ଥିତି, ନା ଆପଣ, ଏକ ଶରୀର ଧରି ରହିଥିବା ଓ ଏହି ଭୌତିକ ଚେତନାରେ ଥିବା ମାଆ ? ଏକ ବ୍ୟକ୍ତିଗତ ଉପସ୍ଥିତି, ଯିଏକି ପ୍ରକୃତରେ ସକଳ ଭାବନା ଓ ସକଳ କର୍ମକୁ ଜାଣିଛି ଓ ଆଦୌ କୌଣସି ଏକ ଅଜ୍ଞାତ ଓ ନାମହୀନ ସତ୍ତା ନୁହେଁ ? ଆପଣ ପ୍ରକୃତରେ କିପରି ଓ କେଉଁଭଳି ରୀତିରେ ଆମ ନିକଟରେ ଉପସ୍ଥିତ ରହିଥା'ନ୍ତି, ଆପଣ ଆମକୁ ସେକଥା କହି ପାରିବେ କି ?*

*କୁହାଯାଇଥାଏ ଯେ ଶ୍ରୀଅରବିନ୍ଦ ଓ ଆପଣ ଗୋଟିଏ ଚେତନାରହିଁ ପ୍ରତିନିଧିତ୍ୱ କରୁଛନ୍ତି; ମାତ୍ର ଶ୍ରୀଅରବିନ୍ଦଙ୍କର ବ୍ୟକ୍ତିଗତ ଉପସ୍ଥିତି ଓ ଆପଣଙ୍କର ବ୍ୟକ୍ତିଗତ ଉପସ୍ଥିତି,– ଏପରି ଦୁଇଟି ଅଲଗା ଅଲଗା କଥା ରହିଛି କି, ଏବଂ ପ୍ରତ୍ୟେକଟି ନିଜ ନିଜର ସ୍ୱତନ୍ତ୍ର ଭୂମିକା ଗ୍ରହଣ କରୁଛି କି ?*

**ଶ୍ରୀମା** : ମୁଁ ତୁମମାନଙ୍କ ସହିତ ରହିଛି, କାରଣ ମୁଁ କହିଲେ ତୁମମାନଙ୍କୁ ବୁଝାଏ ଓ ତୁମେମାନେ କହିଲେ ଅଭିନ୍ନ ଭାବରେ ମୋତେହିଁ ବୁଝାଏ ।

ମୁଁ ତୁମମାନଙ୍କ ସହିତ ରହିଛି, ଏହି କଥାଟିର ଏକ ପୃଥିବୀବ୍ୟାପୀ କେତେ ନା କେତେ ତାତ୍ପର୍ଯ୍ୟ ରହିଛି, – କାରଣ ତୁମମାନଙ୍କ ସହିତ ମୁଁ ସକଳ ସ୍ତରରେ, ସକଳ ଭୂମିରେ, ସର୍ବୋଚ୍ଚ ଚେତନାର ସ୍ତରଠାରୁ ଆରମ୍ଭ କରି ମୋର ସ୍ଥୂଳତମ ଚେତନାସ୍ତର ପର୍ଯ୍ୟନ୍ତ ସକଳ ଭୂମିରେ ରହିଛି । ଏଠାରେ ପଣ୍ଡିଚେରୀରେ ତୁମେ ମୋର ଚେତନାକୁ ନିଃଶ୍ୱାସରେ ଗ୍ରହଣ ନ କରି ନିଃଶ୍ୱାସ ମଧ୍ୟ ନେଇପାରିବ ନାହିଁ । ଏହା ପ୍ରାୟ ସ୍ଥୂଳ ଭାବରେ ସୂକ୍ଷ୍ମଭୌତିକର ଭୂମିରେ ସମସ୍ତ ବାତାବରଣକୁ ଭେଦି କରିରହିଛି ଏବଂ ଏଠାରୁ ଦଶ କିଲୋମିଟର ପର୍ଯ୍ୟନ୍ତ 'ଲେକ୍' ଯାଏ ବିସ୍ତୃତ ହୋଇ ରହିଛି । ଆହୁରି ଦୂରକୁ ମଧ୍ୟ, ଭୌତିକ ପ୍ରାଣିକ ସ୍ତରରେ ମୋର ଚେତନାକୁ ଅନୁଭବ କରାଯାଇ ପାରିବ ଏବଂ ତା'ପରେ ମନର ସ୍ତରରେ ତଥା ଅନ୍ୟ ଉଚ୍ଚତର ଭୂମିଗୁଡ଼ିକରେ ସର୍ବତ୍ର ଅନୁଭବ କରିହେବ । ଯେତେବେଳେ ମୁଁ ଏଠାକୁ ପ୍ରଥମ ଥର ପାଇଁ ଆସିଥିଲି ସେତେବେଳେ ଶ୍ରୀଅରବିନ୍ଦଙ୍କର ପରିବେଶଟିକୁ ଅନୁଭବ କରିଥିଲି, ସ୍ଥୂଳ ଭାବରେ, ଦଶ ମାଇଲ ଯାଏ, ଦଶ କିଲୋମିଟର ନୁହେଁ, ମାତ୍ର ସମୁଦ୍ର-ଗଣିତ ହିସାବର ଦଶ ମାଇଲ ଯାଏ ଅନୁଭବ କରି ପାରିଥିଲି । ଏହି ଅନୁଭୂତି ଭାରୀ ହଠାତ୍ ହୋଇଥିଲା, ଅତ୍ୟନ୍ତ ମୂର୍ତ୍ତ ଭାବରେ ହୋଇଥିଲା; ଏକ ଶୁଦ୍ଧ, ସନ୍ଦୀପନଯୁକ୍ତ ଓ ତୁମକୁ ସତେଅବା ଉପରକୁ ଉଠାଇ ନେଇ ଯାଉଥିବା ଅତ୍ୟନ୍ତ ହାଲୁକା ପରିବେଶର ଅନୁଭବ ହୋଇଥିଲା ।

ତୁମେ ଜାଣ, ଦୀର୍ଘ ଅନେକ ବର୍ଷ ହେଲା ଆଶ୍ରମର ସବୁ ସ୍ଥାନରେ ଶ୍ରୀଅରବିନ୍ଦ ସେହି ସର୍ବ ବିଦିତ ସ୍ମାରକବାଣୀଟିକୁ ଲଗାଇ ରଖିଛନ୍ତି : "ତୁମେ ଏପରି ଆଚରଣ କରିବ, ସତେ ଯେମିତି ମାଆ ତୁମଆଡ଼କୁ ଅନାଇ ରହିଛନ୍ତି; କାରଣ ସିଏ ପ୍ରକୃତରେ ସର୍ବଦାହିଁ ଉପସ୍ଥିତ ରହିଛନ୍ତି ।"

ଏହାକୁ କେବଳ ଗୋଟାଏ ବାକ୍ୟ ଅଥବା କେତେଗୁଡ଼ାଏ ଶବ୍ଦ ବୋଲି ମୋଟେ କୁହାଯାଇ ପାରିବ ନାହିଁ । ଏହା ଏକ ପ୍ରକୃତ ସତ୍ୟ । ମୁଁ ଅତ୍ୟନ୍ତ ମୂର୍ତ୍ତ ଭାବରେ ତୁମମାନଙ୍କ ସହିତ ରହିଛି ଏବଂ ଯେଉଁମାନଙ୍କର ଏକ ସୂକ୍ଷ୍ମଦୃଷ୍ଟି ରହିଛି ସେମାନେ ମୋତେ ଅବଶ୍ୟ ଦେଖି ପାରୁଛନ୍ତି ।

ସାଧାରଣ ଭାବରେ ମୋର ଶକ୍ତି ଏଠାରେ ସତତ କାର୍ଯ୍ୟ କରୁଛି । ତୁମମାନଙ୍କ ସତ୍ତାକୁ ନାନା ନୂତନ ସମ୍ବନ୍ଧରେ ଆଣି ରଖିବାକୁ ଓ କ'ଣ ସବୁ ପରିବର୍ତ୍ତନ, ବିକାଶ ଏବଂ ପ୍ରତ୍ୟାଖ୍ୟାନ କରିବାକୁ ହେବ, ଯେପରିକି ତୁମେମାନେ ସେକଥାକୁ ଦେଖିପାରିବ, ସେଥିଲାଗି ତୁମ ସ୍ୱଭାବର ବିଭିନ୍ନ ବିଭାବକୁ ତୁମ ପାଇଁ ବ୍ୟାଖ୍ୟା କରି ଦେବାକୁ ସେହି ଶକ୍ତି ତାହାର ମନୋଭୂମିଗତ ଉପାଦାନଗୁଡ଼ିକୁ ଅଦଳବଦଳ କରିବାରେ ଲାଗିଛି ।

ମାତ୍ର ତଦ୍‌ବ୍ୟତୀତ, ତୁମ ଆଉ ମୋ' ଭିତରେ ଏକ ବିଶେଷ ବ୍ୟକ୍ତିଗତ ଡୋର ମଧ୍ୟ ରହିଛି; ଯେଉଁମାନେ ଶ୍ରୀଅରବିନ୍ଦଙ୍କର ଶିକ୍ଷା ଲାଗି ଆଗ୍ରହୀ ହୋଇଆସିଛନ୍ତି, ସେମାନଙ୍କ ଓ ମୋ ଭିତରେ ଏକ ବିଶେଷ ଡୋର ବନ୍ଧାହୋଇ ରହିଛି । ଏବଂ ତାହା ଅତ୍ୟନ୍ତ ଉତ୍ତମ ଭାବରେ ବୋଧ ହୋଇ ରହିଛି; ଏଠାରେ ଦୂରତାର କୌଣସି ପ୍ରଶ୍ନହିଁ ନାହିଁ, ତୁମେ ଫ୍ରାନ୍ସରେ ଥାଅ, ପୃଥିବୀର ଏକାବେଳେକେ ଅନ୍ୟ ପ୍ରାନ୍ତରେ ଯାଇ ଥାଅ ଅଥବା ଏଠି ପଣ୍ଡିଚେରୀରେ ଥାଅ ପଛକେ, ଏହି ଡୋର ସର୍ବଦା ବାସ୍ତବ ଏବଂ ଜୀବନ୍ତ ହୋଇରହିଛି । ଏବଂ ଯେତେବେଳେ ଏକ ଡାକରା ଆସି ପହଞ୍ଚୁଛି, ଯେପରିକି ମୁଁ ଏକ ଶକ୍ତି, ଏକ ପ୍ରେରଣା, ଏକ ସୁରକ୍ଷା ବା ସେହିପରି ଆଉ କୌଣସି ବସ୍ତୁ ପ୍ରେରଣ କରିପାରିବି, ସେଥିଲାଗି ଯେତେବେଳେ ମୋର କିଛି ଜାଣିବା ଦରକାର ପଡୁଛି ସେତେବେଳେ ପ୍ରତ୍ୟେକ କ୍ଷେତ୍ରରେ ମୋ ପାଖରେ ହଠାତ୍ ଏକ ବାର୍ତ୍ତା ପରି କିଛି ଆସି ପହଞ୍ଚିଯାଉଛି ଓ ମୁଁ ଯାହା କରିବା ଆବଶ୍ୟକ ତାହା କରୁଛି । ଯେକୌଣସି ମୁହୂର୍ତ୍ତରେ ଅତ୍ୟନ୍ତ ସୁନିଶ୍ଚିତ ଭାବରେ ଏହିସବୁ ସଂଯୋଗ ସ୍ଥାପିତ ହୋଇଯାଉଛି ଏବଂ, ତୁମେମାନେ ଅବଶ୍ୟ ଏକାଧିକ ବାର ଲକ୍ଷ୍ୟ କରିଥିବ ଯେ, ମୁଁ କ'ଣ କହୁଥିବା ଅଥବା କରୁଥିବା ସମୟରେ ହଠାତ୍ ମଝିରେ ଅଟକି ରହିଯାଏ; ଏପରି ହୁଏ, କାରଣ ମୋ ପାଖରେ ସେହିପରି କିଛି ଆସି ପହଞ୍ଚିଯାଏ; ଏକ ସଂଯୋଗ ସ୍ଥାପିତ ହୋଇଯାଏ ଓ ମୁଁ ଅଭିନିବେଶିତ ହୁଏ ।

ଯେଉଁମାନଙ୍କୁ ମୁଁ ଶିଷ୍ୟରୂପେ ଗ୍ରହଣ କରିଛି, ଯେଉଁମାନଙ୍କୁ ମୁଁ 'ହଁ' ବୋଲି କହିଛି, ସେମାନଙ୍କର କ୍ଷେତ୍ରରେ ଏକ ଡୋରଠାରୁ ଆହୁରି ଅଧିକ କିଛି ରହିଛି, ସେହି କ୍ଷେତ୍ରରେ ମୋର ଏକ ପ୍ରସର୍ଜନ ଉପସ୍ଥିତି ରହିଛି । ଯେତେବେଳେ କୌଣସି ପ୍ରୟୋଜନ ହେଉଛି ସେତେବେଳେ ସେହି ପ୍ରସର୍ଜନ ମୋତେ ଆସି ସତର୍କ କରିଦେଉଛି ଏବଂ ଯାହାସବୁ ସେତେବେଳେ ଘଟୁଛି, ମୋତେ ତାହାର ଏକ ବିବରଣୀ ଆଣି ଦେଉଛି । ମୁଁ ବସ୍ତୁତଃ ସତତ ଏହିପରି ସମ୍ବାଦମାନ ପାଉଥାଏ, ମାତ୍ର ସେସବୁଗୁଡ଼ିକ ଯେ ମୋର ସକ୍ରିୟ ସ୍ମରଣ ମଧ୍ୟରେ ଲିପିବଦ୍ଧ ହୋଇ ରହୁଥାଏ, ସେକଥା ଆଦୌ ନୁହେଁ । ତାହା ହେଉଥିଲେ ତ ବନ୍ୟାର ଏକ ପ୍ଲାବନ ହୋଇ ଯାଉଥା'ନ୍ତା; ଏହି କ୍ଷେତ୍ରରେ ଭୌତିକ ଚେତନା ଫିଲ୍‌ଟର୍ ପରି କାର୍ଯ୍ୟ କରେ । ବିଷୟଗୁଡ଼ିକ ଏକ ସୂକ୍ଷ୍ମ ଭୂମିରେ ଲିପିବଦ୍ଧ ହୋଇ ରହେ,– ସେଗୁଡ଼ିକ ସେଠାରେ ଏକ ସୁପ୍ତ ଅବସ୍ଥାରେ ରହିଥାଏ,– ବଜା ହୋଇ ନ ଥିବା କୌଣସି ସଂଗୀତର ରେକର୍ଡ଼ ପରି ସଞ୍ଚିତ ହୋଇ ରହିଥାଏ । ଏବଂ, ଯେତେବେଳେ ନିଜର ଭୌତିକ ଚେତନାରେ ତାହାକୁ ଜାଣିବାକୁ ଇଚ୍ଛା କରେ, ସେତେବେଳେ ମୁଁ ଏହି ସୂକ୍ଷ୍ମ ଭୌତିକ ଭୂମି ସହିତ ସଂଯୋଗ ସ୍ଥାପନ କରେ ଏବଂ ତା'ପରେ ସଙ୍ଗୀତର ରେକର୍ଡ଼ଟି ବୁଲିବାକୁ ଆରମ୍ଭକରେ । ତା'ପରେ ମୁଁ ବସ୍ତୁଗୁଡ଼ିକର ସ୍ଥିତିକୁ ଦେଖିପାରେ, କାଳର ପରିପ୍ରେକ୍ଷୀ ଉପରେ ସେଗୁଡ଼ିକର ବିକାଶଟି ସହିତ ପରିଚିତ ହୁଏ, ପ୍ରକୃତ ପରିଣାମଟିକୁ ମଧ୍ୟ ଜାଣେ ।

ଏବଂ, ଯଦି କୌଣସି କାରଣବଶତଃ ତୁମେ ମୋର ସାହାଯ୍ୟ ମାଗି ମୋତେ ପତ୍ର ଲେଖ, ଏବଂ ମୁଁ ''ମୁଁ ତୁମ ସହିତ ରହିଛି'' ବୋଲି ଉତ୍ତର ଦିଏ, ତେବେ ତାହାର ଅର୍ଥ ହେଉଛି ଯେ ତୁମ ସହିତ ସଂଯୋଗର ପ୍ରକ୍ରିୟାଟି ପ୍ରକୃତରେ ସକ୍ରିୟ ହୋଇଛି,– ତୁମେ କିୟତ୍‌କ୍ଷଣ ନିମିତ୍ତ ମୋର ସକ୍ରିୟ ଚେତନା ମଧ୍ୟକୁ ଚାଲିଆସ,– ଯେତିକି ସମୟ ପାଇଁ ଆବଶ୍ୟକ, ସେତିକି ସମୟ ପାଇଁ ଆସ ।

ଏବଂ, ତୁମ ଆଉ ମୋ ଭିତରେ ରହିଥିବା ଏହି ଡୋର କଦାପି ଛିନ୍ନ ହୁଏ ନାହିଁ । ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ବହୁ ପୂର୍ବରୁ ଆଶ୍ରମ ଛାଡ଼ି ଚାଲିଗଲେଣି,– ସେମାନେ ବିଦ୍ରୋହ କରି ଚାଲିଯାଇଛନ୍ତି,– ମାତ୍ର ତଥାପି ମୁଁ ସେମାନଙ୍କର ସକଳ ସମ୍ବାଦ ରଖିଥାଏ, ମୁଁ ସେମାନଙ୍କର ପରିଚର୍ଯ୍ୟା କରିଥାଏ । ତୁମେ କେହି କଦାପି ପ୍ରତ୍ୟାଖ୍ୟାତ ହୋଇ ରହିଯାଅ ନାହିଁ ।

ସତ କଥା ହେଉଛି, ମୁଁ ନିଜକୁ ପ୍ରତ୍ୟେକ ବ୍ୟକ୍ତି ଲାଗି ଦାୟୀ କରି ରଖିଥାଏ; ଏପରିକି ଯେଉଁମାନଙ୍କ ସହିତ ମୋ'ର ମାତ୍ର ଗୋଟିଏ ମୁହୂର୍ତ୍ତ ଲାଗି ଦେଖା ହୋଇଥାଏ, ସେମାନଙ୍କ ଲାଗି ମଧ୍ୟ ମୁଁ ଦାୟୀ ହୋଇ ରହିଥାଏ ।

ବର୍ତ୍ତମାନ ଗୋଟିଏ କଥା ଅବଶ୍ୟ ସ୍ମରଣ ରଖିବ । ଶ୍ରୀଅରବିନ୍ଦ ଏବଂ ମୁଁ ହେଉଛୁ ଅଭିନ୍ନ ଗୋଟିଏ ଚେତନା,

ଆମେ ଦୁହେଁ ଅଭିନ୍ନ, ଗୋଟିଏ ବ୍ୟକ୍ତି । କେବଳ, ଯେତେବେଳେ ଏହି ଶକ୍ତି ବା ଏହି ଉପସ୍ଥିତି,— ଯାହା ପ୍ରକୃତରେ ଅଭିନ୍ନ,— ଯେତେବେଳେ ତାହା ତୁମର ବ୍ୟକ୍ତି ଚେତନା ମଧ୍ୟଦେଇ ଗତି କରୁଥାଏ ସେତେବେଳେ ତାହା ଏକ ଆକାର ଗ୍ରହଣ କରେ, ଏକ ରୂପ ଧାରଣ କରେ ଯାହାକି ତୁମର ଅନ୍ତର୍ଗତ ଭାବ ଅନୁସାରେ ଭିନ୍ନ ଭିନ୍ନ ହୋଇଥାଏ; ତୁମର ଅଭୀପ୍ସା, ଆବଶ୍ୟକତା ଏବଂ ତୁମ ସତ୍ତାର କୌଣସି ବିଶେଷ ଅଭିମୁଖୀନତା ଅନୁସାରେ ଭିନ୍ନ ଭିନ୍ନ ହୋଇଥାଏ । ତୁମର ବ୍ୟକ୍ତିଗତ ଚେତନା ହେଉଛି ଏକ ଫିଲ୍‌ଟର୍ ପରି; ଅଥବା, ଯଦି ମୁଁ ଏପରି ବି କହିବି, ତାହା ଏକ ନିର୍ଦ୍ଦେଶକ ପରି । ତାହା ନିଜକୁ ଏକ ନିର୍ବାଚନର ବଶବର୍ତ୍ତୀ କରେ ଏବଂ ଦିବ୍ୟ ସମ୍ଭାବନାର ଅନନ୍ତ ପ୍ରକାର ମଧ୍ୟରୁ ଗୋଟିଏ ସମ୍ଭାବନାକୁ ଠାବ କରିନିଏ । ପ୍ରକୃତ କଥା ହେଉଛି, ପ୍ରତ୍ୟେକ ବ୍ୟକ୍ତି ପରମ ଦିବ୍ୟସତ୍ତାଙ୍କୁ ଯେଉଁପରି ଦେଖିବ ବୋଲି ପ୍ରତ୍ୟାଶା କରୁଥାଏ, ସିଏ ତାହାକୁ ସେହି ରୂପ ଆଣିଦିଅନ୍ତି । ପରମ ଦିବ୍ୟସତ୍ତା ଅତ୍ୟନ୍ତ କ୍ରୂର ଓ ସେ ଅତ୍ୟନ୍ତ ଦୂର ହୋଇ ରହିଛନ୍ତି ବୋଲି ଯଦି ତୁମେ ବିଶ୍ୱାସ କରୁଥାଅ, ତେବେ ସେ ପ୍ରକୃତରେ କ୍ରୂର ହୁଅନ୍ତି ଓ ଦୂର ହୋଇରହନ୍ତି; କାରଣ, ତୁମର ଚରମ କଲ୍ୟାଣ ନିମିତ୍ତହିଁ ତୁମେ ପରମେଶ୍ୱରଙ୍କର କୋପକୁ ଅନୁଭବ କର ବୋଲି ଏକ ଆବଶ୍ୟକତା ରହିଥାଏ । କାଳୀ-ଉପାସକମାନଙ୍କ ପାଇଁ ସେ କାଳୀ, ଭକ୍ତମାନଙ୍କ ପାଇଁ ସେ ପରମାନନ୍ଦ । ଜ୍ଞାନର ଅନ୍ୱେଷକ ସକାଶେ ସିଏ ସର୍ବଜ୍ଞାନମୟ, ମାୟାବାଦୀ ପାଇଁ ବିଶ୍ୱାତୀତ ପରମ ନୈର୍ବ୍ୟକ୍ତିକ । ନାସ୍ତିକ ପାଖରେ ନାସ୍ତିକ, ପ୍ରେମିକ ପାଖରେ ପ୍ରେମ । ଯେଉଁମାନେ ତାଙ୍କୁ ପ୍ରତ୍ୟେକ ଗତି ଓ ପ୍ରତ୍ୟେକ କ୍ରିୟାରେ, ପ୍ରତି ମୁହୂର୍ତ୍ତରେ ଅନ୍ତରସ୍ଥ ପଥପ୍ରଦର୍ଶକ ବୋଲି ଅନୁଭବ କରୁଥା'ନ୍ତି, ସେମାନଙ୍କ ଲାଗି ସେ ସହୋଦରସମ ଓ ଅତ୍ୟନ୍ତ ଅନ୍ତରଙ୍ଗ, ସର୍ବଦା ବିଶ୍ୱସ୍ତ ହୋଇରହିଥିବା ଓ ସର୍ବଦା ସାହାଯ୍ୟ କରିବା ଲାଗି ପ୍ରସ୍ତୁତ ହୋଇରହିଥିବା ଜଣେ ବନ୍ଧୁ । ଏବଂ, ସିଏ ସବୁକିଛି ମାର୍ଜନା କରିଦେଇ ପାରିବେ ବୋଲି ଯଦି ତୁମେ ବିଶ୍ୱାସ କରୁଥାଅ, ତେବେ ଯେ ଅକ୍ଲାନ୍ତ ଭାବରେ ତୁମର ସକଳ ଦୋଷ ତଥା ସକଳ ପ୍ରମାଦକୁ ଅବଶ୍ୟ ମାର୍ଜନା କରି ନେଇଯିବେ ଏବଂ ତୁମେ ସକଳ ମୁହୂର୍ତ୍ତରେ ତାଙ୍କର ସେହି ଅନନ୍ତ ପରମ କରୁଣାକୁହିଁ ଅନୁଭବ କରୁଥିବ । ଆପଣାର ଗଭୀରତମ ଅଭୀପ୍ସାର ଭୂମିରେ ପରମ ଦିବ୍ୟସତ୍ତା ଯାହା ହୁଅନ୍ତୁ ବୋଲି ତୁମେ ପ୍ରତ୍ୟାଶା କରୁଥିବ, ସିଏ ବସ୍ତୁତଃ ତାହାହିଁ ହୋଇ ରହିଥିବେ ।

ଏବଂ ଯେତେବେଳେ ତୁମେ ଏହି ଚେତନାଟି ମଧ୍ୟରେ ପ୍ରବେଶ କର, ଯେଉଁଠାରେ କି ତୁମେ ଗୋଟିଏ ମାତ୍ର ଅବଲୋକନରେ ସକଳ ବସ୍ତୁକୁ ପ୍ରତ୍ୟକ୍ଷ କରିପାର, ତୁମେ ଯେତେବେଳେ ଦିବ୍ୟ ପରମସତ୍ତା ଓ ମନୁଷ୍ୟମାନଙ୍କ ମଧ୍ୟରେ ରହିଥିବା ସମ୍ବନ୍ଧଗତ ଅନନ୍ତ ଅନେକତ୍ୱକୁ ପ୍ରତ୍ୟକ୍ଷ କରିବାକୁ ଆରମ୍ଭ କର, ଏହି ସବୁକିଛି, ତାହାର ଯାବତୀୟ କ୍ଷେତ୍ରରେ, ପ୍ରକୃତରେ ଯେ କେଡ଼େ ସୁନ୍ଦର, ତୁମେ ସେତେବେଳେ ତାହା ପ୍ରତ୍ୟକ୍ଷ କରିବାକୁ ଆରମ୍ଭ କର । ଏହିପରି ଭାବରେ ତୁମେ ମାନବସମାଜର ଇତିହାସ ଭିତରକୁ ମଧ୍ୟ ଦୃଷ୍ଟିପାତ କରିପାରିବ ଏବଂ, ମନୁଷ୍ୟମାନେ ସକଳ ବସ୍ତୁକୁ କିପରି ଭାବରେ ବୁଝୁଛନ୍ତି, କ'ଣ ସବୁ ବାସନା ରଖିଛନ୍ତି, ଆଶା କରିଛନ୍ତି ଓ ସ୍ୱପ୍ନ ଦେଖିଛନ୍ତି, ସେହି ଅନୁସାରେ ଦିବ୍ୟ ପରମସତ୍ତା ପ୍ରକୃତରେ କେତେଦୂର ବିବର୍ତ୍ତିତ ହୋଇ ପାରିଛନ୍ତି ତଥା ସିଏ କିପରି ବସ୍ତୁବାଦୀର ଭୂମିରେ ବସ୍ତୁବାଦୀ ହୋଇ ରହିଥିଲେ ଓ ସେ କିପରି ପ୍ରତିଦିନହିଁ ଅଭିବୃଦ୍ଧି ଲାଭ କରିବାରେ ଲାଗିଛନ୍ତି ଓ ମନୁଷ୍ୟର ଚେତନା ଆପଣାକୁ ଅଧିକରୁ ଅଧିକ ପ୍ରସାରିତ କରି ଆଣିବା ସଙ୍ଗେ ସଙ୍ଗେ ସିଏ କିପରି ଅଧିକ ନିକଟବର୍ତ୍ତୀ ଏବଂ ଅଧିକ ଆଲୋକଯୁକ୍ତ ହୋଇ ଆସୁଛନ୍ତି, ତୁମେ ସେହି କଥାଟିକୁ ଦେଖିବାକୁ ପାଇବ । ଆପଣାର ନିର୍ବାଚନଟିକୁ କରିବା ଲାଗି ପ୍ରତ୍ୟେକ ବ୍ୟକ୍ତିର ସ୍ୱତନ୍ତ୍ରତା ରହିଛି । ଈଶ୍ୱରଙ୍କ ସହିତ ମନୁଷ୍ୟର ରହି ଆସିଥିବା ସମ୍ବନ୍ଧର ଏହି ଅସୀମ ବୈଚିତ୍ର୍ୟ ପୃଥିବୀ-ଇତିହାସର ଯୁଗେ ଯୁଗେ କିପରି କ୍ରମ-ପରିପୂର୍ଣ୍ଣତା ଲାଭ କରି ଆସିଛି, ତାହା ପ୍ରକୃତରେ ଏକ ଅନିର୍ବଚନୀୟ ବିସ୍ମୟ ହୋଇ ରହିଆସିଛି । ଏବଂ, ଏହି ସବୁକିଛିକୁ ଏକତ୍ର କରି ବିଚାର କଲେ ମଧ୍ୟ ତାହାକୁ ପ୍ରକୃତରେ ଦିବ୍ୟ ପରମସତ୍ତାଙ୍କର ସମଗ୍ର ପରିପ୍ରକାଶର କାଳାଧାରଟି ଉପରେ ହୁଏତ କେବଳ ଗୋଟିଏ ମାତ୍ର ସେକେଣ୍ଡ ବୋଲି କୁହାଯାଇ ପାରିବ ।

ତୁମର ଅଭୀପ୍ସା ଅନୁସାରେହିଁ ଦିବ୍ୟ ପରମସତ୍ତା ତୁମ ସହିତ ରହିଛନ୍ତି । ଅତ୍ୟନ୍ତ ସ୍ୱାଭାବିକ ଭାବରେ, ତାହାର କଦାପି ଏପରି ଅର୍ଥ କରାଯାଇ ପାରିବ ନାହିଁ ଯେ ସିଏ ତୁମ ବାହ୍ୟ ସ୍ୱଭାବର ଖିଆଲଗୁଡ଼ାକ ପାଖରେହିଁ ବଶ୍ୟତା ସ୍ୱୀକାର କରୁଛନ୍ତି,— ମୁଁ ଏଠାରେ ତୁମ ସତ୍ତାର ଯଥାର୍ଥ ସତ୍ୟଟି ବିଷୟରେହିଁ କହୁଛି । ଏବଂ ତଥାପି, ବେଳେବେଳେ ସିଏ ତୁମର ବାହ୍ୟସ୍ତରୀୟ ଅଭୀପ୍ସାଗୁଡ଼ିକ ଅନୁସାରେ ମଧ୍ୟ ଆପଣାକୁ ଏକ ରୂପ ଦେଇଥା'ନ୍ତି ଏବଂ ଯଦି ଭକ୍ତ ଓ ଉପାସକମାନଙ୍କ ସଦୃଶ,

ତୁମେ ଭୂମିକା ପରିବର୍ତ୍ତନ କରି ଉଭୟ ବିଚ୍ଛେଦ ଓ ମିଳନ ତଥା ଉଲ୍ଲାସ ଏବଂ ନୈରାଶ୍ୟ ମଧ୍ୟରେ ବାସ କରିବାକୁ ମନ କରୁଥାଅ, ତେବେ ଦିବ୍ୟ-ପରମସତ୍ତା ମଧ ତୁମରି ବିଶ୍ୱାସ ଅନୁସାରେ ତୁମଠାରୁ ବିଚ୍ଛିନ୍ନ ହୋଇ ଯାଉଥିବେ ଓ ପୁଣି ତୁମ ସହିତ ଆସି ସମ୍ମିଳିତ ହୋଇ ଯାଉଥିବେ । ଏହିପରି ଭାବରେ ତୁମର ଦୃଷ୍ଟିକୋଣଟି, ଏପରିକି ବାହ୍ୟ ଦୃଷ୍ଟିକୋଣଟି ମଧ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଆମର ବିଶ୍ୱାସ ଯେ ପ୍ରକୃତରେ କେଡ଼େ ମହତ୍ତ୍ୱପୂର୍ଣ୍ଣ ଏବଂ ବିଶ୍ୱାସହିଁ କିପରି ଅଲୌକିକତାକୁ ବାସ୍ତବରେ ପରିଣତ କରି ଆଣିପାରେ, ଲୋକମାନେ ସେକଥା ଆଦୌ ଜାଣି ନାହାନ୍ତି । ଯଦି ତୁମେ ପ୍ରତ୍ୟେକ ମୁହୂର୍ତ୍ତରେ ଦିବ୍ୟ-ପରମସତ୍ତାଙ୍କ ଆଡ଼କୁ ଉତ୍ତୋଳିତ ହୋଇଯିବା ପାଇଁ ଏବଂ ଆକର୍ଷିତ ହେବା ପାଇଁ ଇଚ୍ଛା କରୁଥିବ, ତେବେ ସିଏ ତୁମକୁ ଉଠାଇ ନେବାକୁ ଅବଶ୍ୟ ଆସିବେ ଏବଂ ତୁମର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ରହିଥିବେ; ପାଖ, ଆହୁରି ପାଖ ଓ ଅଧିକରୁ ଅଧିକ ପାଖ ହୋଇ ଆସୁଥିବେ ।

(M.C.W. Vol - 13 - pp. -72-76)

## (ଜଣେ ସାଧକଙ୍କୁ ଶ୍ରୀଅରବିନ୍ଦଙ୍କ ଏକ ପତ୍ର)

ମୁଁ ତୁମକୁ କହିଥିଲି ଯେ ତୁମେ ଆଉ ମନ ଦ୍ୱାରା କୌଣସି ନିଷ୍ପତ୍ତି ନେବାକୁ ଚେଷ୍ଟା କରିବ ନାହିଁ । ତୁମେ ବାରବାର ପୁନରାବୃତ୍ତି କରିଚାଲିଛ, ''ମୁଁ ନିଷ୍ପତ୍ତି ନେବି, ମୁଁ ନିଷ୍ପତ୍ତି ନେବି । ମୋତେ ଏକ ନିଷ୍ପତ୍ତି ନେବାକୁ ହେବ । ମୋତେ ଏକ ସଂକଳ୍ପ ଗ୍ରହଣ କରିବାକୁ ହେବ ।'' ତୁମେ ବରାବର ଏହି ମୁଁ, ମୁଁ, ମୁଁ ନିଷ୍ପତ୍ତି ନେବି କଥାଟିକୁ ପୁନରାବୃତ୍ତି କରୁଛ, ସତେ ଯେପରି ମୋଠାରୁ ଓ ମା'ଙ୍କଠାରୁ ତୁମେ ଅଧିକ ଜାଣିଛ । ''ମୋତେ ବୁଝିବାକୁ ହେବ, ମୋତେ ନିଷ୍ପତ୍ତି ନେବାକୁ ହେବ ।'' ଏବଂ ବରାବର ତୁମେ ଦେଖୁଛ ଯେ ତୁମର ମନ କୌଣସି କିଛି ବିଷୟରେ ନିଷ୍ପତ୍ତି ନେଇ ପାରିବ ନାହିଁ ଏବଂ କିଛି ବି ବୁଝିପାରିବ ନାହିଁ । ତଥାପି ତୁମେ ସେହି ସମାନ ମିଥ୍ୟାଚାରକୁ ପୁନରାବୃତ୍ତି କରି ଚାଲିଛ ।

ମୁଁ ତୁମକୁ ପୁଣିଥରେ ସିଧା କହୁଛି ଯେ ତୁମର ତଥାକଥିତ ଅନୁଭୂତିଗୁଡ଼ିକର କିଛି ବି ମୂଲ୍ୟ ନାହିଁ, ସେଗୁଡ଼ିକ କେବଳ ପ୍ରାଣର ଅଜ୍ଞାନତା ଓ ବିଭ୍ରାନ୍ତି । ତୁମର ଏକମାତ୍ର ଯେଉଁ ଅନୁଭୂତି ଆବଶ୍ୟକ ତାହା ହେଉଛି ମା'ଙ୍କ ଉପସ୍ଥିତି, ମା'ଙ୍କ ଆଲୋକ, ମା'ଙ୍କ ଶକ୍ତି ଏବଂ ତାହା ତୁମ ଭିତରେ ଆଣୁଥିବା ପରିବର୍ତ୍ତନସବୁ ।

ତୁମକୁ ଅନ୍ୟାନ୍ୟ ସମସ୍ତ ପ୍ରଭାବକୁ ଫିଙ୍ଗି ଦୂର କରିଦେବାକୁ ହେବ ଏବଂ କେବଳ ମା'ଙ୍କ ପ୍ରଭାବ ପ୍ରତି ନିଜକୁ ଖୋଲି ଧରିବାକୁ ହେବ ।

ତୁମକୁ ଏଣିକି ଆଉ ଶକ୍ତି କିପରି ପ୍ରବାହିତ ହେଉଛି ଏବଂ ତୁମର ଶକ୍ତି ଓ ଅନ୍ୟମାନଙ୍କ ଶକ୍ତିର ପ୍ରବାହ ବିଷୟରେ କିଛି ଭାବିବାକୁ ହେବ ନାହିଁ ବା କହିବାକୁ ହେବ ନାହିଁ । ଏକମାତ୍ର ଯେଉଁ ଶକ୍ତିକୁ ତୁମେ ଅନୁଭବ କରିବା ଆବଶ୍ୟକ, ତାହା ହେଉଛି ମା'ଙ୍କ ଶକ୍ତିର ଅବତରଣ, ପ୍ରବାହ ଓ କ୍ରିୟା ।

ଏହିଗୁଡ଼ିକ ଥିଲା ମୋର ଉପଦେଶ ଏବଂ ଯେପର୍ଯ୍ୟନ୍ତ ତୁମେ ସେଗୁଡ଼ିକୁ ମାନି ଚଳୁଥିଲ, ତୁମର ଅଗ୍ରଗତି ବେଶ୍ ଦ୍ରୁତ ହେଉଥିଲା ।

ବର୍ତ୍ତମାନର ଏହି ସମସ୍ତ ଅସଂଲଗ୍ନ ମିଥ୍ୟାନୁଭୂତିକୁ କାଢ଼ି ଦୂରକୁ ଫିଙ୍ଗିଦିଅ । ତୁମକୁ ଯେଉଁ ଏକମାତ୍ର ନିୟମଟି ଦେଇଛି ତାହା ମାନି ଚଳିବାର ଅବସ୍ଥାକୁ ଫେରିଯାଅ । ମା'ଙ୍କ ଉପସ୍ଥିତି ପ୍ରତି, ତାଙ୍କର ପ୍ରଭାବ, ଆଲୋକ ଓ ଶକ୍ତି ପ୍ରତି ନିଜକୁ ଖୋଲିଦିଅ । କେବଳ ଏହି ଭାବରେହିଁ ତୁମେ ସାଧନାରେ ନିଜର ସ୍ୱଚ୍ଛ, ପରିଷ୍କାର ଭାବ (ବିଭ୍ରାନ୍ତି ପରିବର୍ତ୍ତେ), ଚୈତ୍ୟାନୁଭବ ଏବଂ ଅଗ୍ରଗତି ଫେରିପାଇବ ।

(ବୁଲେଟିନ୍ : ଅଗଷ୍ଟ ୧୯୬୯, ପୃଷ୍ଠା - ୨୮) — ଶ୍ରୀଅରବିନ୍ଦ

# ଏକ ସ୍ୱପ୍ନ

## ଶ୍ରୀମା

ପୃଥିବୀପୃଷ୍ଠରେ କେଉଁଠି ନା କେଉଁଠି ଏପରି ଏକ ସ୍ଥାନ ରହିବା ଉଚିତ ଯାହାକୁ କୌଣସି ଦେଶ ତାହାର ଏକାନ୍ତ ସମ୍ପତ୍ତି ବୋଲି ଦାବି କରିପାରିବ ନାହିଁ, ଯେଉଁଠାରେ କି ଏକନିଷ୍ଠ ଅଭୀପ୍ସା ରହିଥିବା ସଦିଚ୍ଛା-ସଂପନ୍ନ ସମସ୍ତ ମନୁଷ୍ୟ ସମଗ୍ର ପୃଥିବୀର ନାଗରିକ ରୂପେ ସ୍ୱାଧୀନ ଭାବରେ ବାସ କରିପାରିବେ ଏବଂ ଏକମାତ୍ର ସେହି ସର୍ବୋଚ୍ଚ ସତ୍ୟର ଏକାନ୍ତ କର୍ତ୍ତୃତ୍ୱର ନିର୍ଦ୍ଦେଶ ପାଳନ କରିବେ । ତାହା ହେବ ଏପରି ଏକ ସ୍ଥାନ ଯେଉଁଠି ଶାନ୍ତି, ଏକତା, ସଂଗତି ପ୍ରତିଷ୍ଠିତ ହେଉଥିବ ଏବଂ ମନୁଷ୍ୟର ସକଳ ଯୁଦ୍ଧକାରୀ ପ୍ରବୃତ୍ତି କେବଳ ତାହାର ଦୁଃଖକଷ୍ଟ ଓ ଶୋଚନୀୟ ଅବସ୍ଥାର କାରଣଗୁଡ଼ିକ ସହିତ ଯୁଦ୍ଧ କରି ସେସବୁକୁ ସଂପୂର୍ଣ୍ଣରୂପେ ଜୟ କରିବାରେହିଁ ନିଜକୁ ନିୟୋଜିତ କରି ପାରୁଥିବ, ତାହାର ସକଳ ଦୁର୍ବଳତା ଓ ଅଜ୍ଞାନତାକୁ ଅତିକ୍ରମ କରିପାରୁଥିବ, ତାହାର ସକଳ ସୀମିତତା ଏବଂ ଅସାମର୍ଥ୍ୟ ଉପରେ ବିଜୟ ଲାଭ କରିବା ନିମିତ୍ତ ପ୍ରୟୋଗ କରିପାରୁଥିବ । ତାହା ଏପରି ଏକ ସ୍ଥାନ ହୋଇଥିବ ଯେଉଁଠି ତାହାର ଆଧ୍ୟାତ୍ମିକ ଆବଶ୍ୟକତା ଓ ପ୍ରଗତିର ପରିପୂରଣ ବ୍ୟବସ୍ଥାହିଁ କାମନା-ବାସନା ଓ ଇନ୍ଦ୍ରିୟର ପରିତୃପ୍ତି ତଥା ସୁଖାନୁଭୂତି ଓ ଭୌତିକ ଉପଭୋଗ ଅପେକ୍ଷା ଅଗ୍ରାଧିକାର ଲାଭ କରିପାରୁଥିବ ।

ଏହି ସ୍ଥାନରେ ଶିଶୁମାନେ ସେମାନଙ୍କର ଆତ୍ମା ସହିତ ସଂପର୍କ ଛିନ୍ନ ନ କରି ପୂର୍ଣ୍ଣାଙ୍ଗ ଭାବେ ଅଭିବୃଦ୍ଧ ଓ ବିକଶିତ ହେବାକୁ ସମର୍ଥ ହେବେ । ସେଠାରେ ଶିକ୍ଷା ଦିଆହେବ କେବଳ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର, ପ୍ରମାଣପତ୍ର ଲାଭ କରିବାର ଏବଂ ଚାକିରି ପାଇବାର ଲକ୍ଷ୍ୟରଖି ନୁହେଁ, କିନ୍ତୁ ସେମାନଙ୍କ ନିକଟରେ ଥିବା କାର୍ଯ୍ୟକାରୀ ସକଳ ସାମର୍ଥ୍ୟର ଅଭିବୃଦ୍ଧି ନିମିତ୍ତ ଏବଂ ନୂତନ ସାମର୍ଥ୍ୟସବୁକୁ ସମ୍ଭବ କରିବା ନିମିତ୍ତହିଁ ସେମାନଙ୍କୁ ଶିକ୍ଷାଦାନ କରାଯିବ । ଏହି ସ୍ଥାନରେ ପଦବୀ ଏବଂ ଆସନର କୌଣସି ମର୍ଯ୍ୟାଦା ରହିବ ନାହିଁ ଏବଂ ସେବା ତଥା ସଂଗଠନ ନିମିତ୍ତ ସୁଯୋଗ ସମସ୍ତଙ୍କ ସକାଶେ ଲଭ୍ୟ ହୋଇ ରହିଥିବ । ଶରୀରର ସକଳ ଆବଶ୍ୟକତାକୁ ପ୍ରତ୍ୟେକଙ୍କୁ ସମାନ ଭାବରେ ପ୍ରୟୋଜନ ଅନୁସାରେ ଯୋଗାଇ ଦିଆଯିବ । ଏଠାରେ ସାଧାରଣ ସଂଗଠନ ମଧ୍ୟରେ ବୌଦ୍ଧିକ, ନୈତିକ ତଥା ଆଧ୍ୟାତ୍ମିକ କ୍ଷେତ୍ରରେ ଯେଉଁମାନଙ୍କର ଅଧିକ ଦକ୍ଷତା ରହିଥିବ ସେମାନେ ସେହି ଦକ୍ଷତାକୁ ଜୀବନର ସୁଖ-ସୁବିଧା ଓ କ୍ଷମତାର ପରିମାଣ ବୃଦ୍ଧି କରିବା ସକାଶେ କେବେବି ପ୍ରକାଶ କରିବାକୁ ଚାହିଁ ନ ଥିବେ, କିନ୍ତୁ ଅଧିକ କର୍ତ୍ତବ୍ୟସାଧନ କରି ଏବଂ ଦାୟିତ୍ୱବହନ କରି ତାହାର ପରିଚୟ ଦେବାକୁ ସେମାନେ ସର୍ବଦା ଆଗ୍ରହୀ ହୋଇ ରହିଥିବେ ।

ଚିତ୍ରକଳା, ସ୍ଥାପତ୍ୟ, ସଂଗୀତ ଓ ସାହିତ୍ୟ ଇତ୍ୟାଦି ସୌନ୍ଦର୍ଯ୍ୟର ସକଳ ମାଧ୍ୟମକୁ ପ୍ରକାଶ କରିବା ନିମିତ୍ତ ସମସ୍ତଙ୍କ ସକାଶେ ସମାନ ଭାବରେ ଲାଭ କରିବାର ସୁଯୋଗ ପ୍ରାପ୍ୟ ହୋଇ ରହିଥିବ, ଏବଂ ସେହିସବୁ ସୌନ୍ଦର୍ଯ୍ୟ ଦ୍ୱାରା ପ୍ରାପ୍ତ ହେଉଥିବା ଆନନ୍ଦରେ ଅଂଶଗ୍ରହଣ କରିବାର ସୁଯୋଗ ପ୍ରତ୍ୟେକ ବ୍ୟକ୍ତିର ସାମର୍ଥ୍ୟ ଅନୁସାରେ ଉପଲବ୍ଧ ହେବ କିନ୍ତୁ ବ୍ୟକ୍ତିର ସାମାଜିକ ବା ଆର୍ଥିକ ଅବସ୍ଥା ଅନୁଯାୟୀ ନୁହେଁ ।

କାରଣ, ଏହି ଆଦର୍ଶ ସ୍ଥାନରେ ଅର୍ଥ କଦାପି ସର୍ବକ୍ଷମତାସଂପନ୍ନ ପ୍ରଭୁ ହୋଇ ରହି ନ ଥିବ; ବ୍ୟକ୍ତିର ଭୌତିକ ଅର୍ଥ ଓ ସାମାଜିକ ସ୍ଥାନ ଅନୁସାରେ ବ୍ୟକ୍ତିତ୍ୱର ବିଚାର ନ ହୋଇ ସେଠାରେ ବ୍ୟକ୍ତିଗତ ସଦ୍‌ଗୁଣର ଏକ ମହତ୍ତର ବିଶେଷତ୍ୱ ରହିଥିବ । ସେଠାରେ ଜୀବିକାନିର୍ବାହର ଆବଶ୍ୟକତା ପୂରଣ ପାଇଁ କାର୍ଯ୍ୟ କରାଯାଉ ନ ଥିବ, କିନ୍ତୁ କାର୍ଯ୍ୟ କରାଯାଉଥିବ ନିଜକୁ ପ୍ରକାଶ କରିବାର ଉପାୟ ଭାବରେ, ନିଜର ସାମର୍ଥ୍ୟ ଓ ସମ୍ଭାବନାର ଅଭିବୃଦ୍ଧି ସକାଶେ; ଯୁଗପତ୍ ସମଗ୍ର ସମାଜର ସେବା କରିବା ସଙ୍ଗେ ସଙ୍ଗେ ସେଠାରେ ପ୍ରତ୍ୟେକ ବ୍ୟକ୍ତିର ଜୀବିକା ନିର୍ବାହର ଆବଶ୍ୟକତା ଏବଂ କର୍ମକ୍ଷେତ୍ର ମଧ୍ୟ ଯୋଗାଇ ଦିଆଯାଉଥିବ ।

ସଂକ୍ଷେପରେ, ତାହା ଏପରି ଏକ ସ୍ଥାନ ହେବ, ଯେଉଁଠାରେ ମନୁଷ୍ୟ ମନୁଷ୍ୟ ମଧ୍ୟରେ ସଂପର୍କ ବିଶେଷଭାବେ ପ୍ରତିଯୋଗିତା ଓ ବିବାଦ ଉପରେ ଭିତ୍ତି କରି ରହିବ ନାହିଁ, ତାହା ପରିବର୍ତ୍ତେ ସେହି ସଂପର୍କ ପ୍ରତିଷ୍ଠିତ ହେବ ଉତ୍ତମ ରୂପେ ଅନ୍ୟର ସମକକ୍ଷ ହୋଇ ଉଠିବାର ଉଦ୍ୟମ ଦ୍ୱାରା, ସହଯୋଗ ଦ୍ୱାରା ଏବଂ ଯଥାର୍ଥ ଭ୍ରାତୃତ୍ୱର ସଂପର୍କ ସ୍ଥାପନ କରିବା ଦ୍ୱାରା ।

(ଅଗଷ୍ଟ, ୧୯୫୪)

# ଅରୋଭିଲ୍‌ର ସୁବର୍ଣ୍ଣ ଜୟନ୍ତୀ

## (୨୮.୦୨.୧୯୬୮ – ୨୮.୦୨.୨୦୧୮)

### ଆରମ୍ଭର ସେହି ଶୁଭଲଗ୍ନ

୧୯୬୮ ଫେବ୍ରୁଆରୀ ୨୮ ତାରିଖ । ଅରୋଭିଲ୍ ଅଞ୍ଚଳର କେନ୍ଦ୍ରସ୍ଥଳୀରେ ଅରୋଭିଲ୍‌ର ଭିତ୍ତିସ୍ଥାପନ ଓ ଉତ୍ସର୍ଗ ଦିବସ ଅନୁଷ୍ଠିତ ହେଲା । ଉତ୍ସର୍ଗ ଆରମ୍ଭ ହେବାର ଅନେକ ପୂର୍ବରୁ ବିଭିନ୍ନ ଦେଶରୁ ସହସ୍ର ସହସ୍ର ଦର୍ଶକ ଉପସ୍ଥିତ ହୋଇଥିଲେ । ଉତ୍ସବ ଆରମ୍ଭ ହେଲା ସକାଳ ଘ ୧୦:୩୦ ମିନିଟରେ, ଅରୋଭିଲ୍ ତରଫରୁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ ମା ସିଧା ତାଙ୍କ ପ୍ରକୋଷ୍ଠରୁ କହିଥିଲେ,–

''ସଦିଚ୍ଛାସମ୍ପନ୍ନ ସମସ୍ତ ମନୁଷ୍ୟଙ୍କୁ ଅରୋଭିଲ୍ ଅଭିନନ୍ଦନ ଜଣାଉଛି ।
ଯେଉଁମାନଙ୍କର ଅଗ୍ରଗତି ପାଇଁ ପିପାସା ଓ ଉଚ୍ଚତର ଏବଂ ସତ୍ୟତର ଜୀବନ ସକାଶେ ଅଭୀପ୍ସା ରହିଛି, ସେମାନଙ୍କୁ ଅରୋଭିଲ୍‌କୁ ନିମନ୍ତ୍ରଣ କରାଯାଉଛି ।''

ମା ଏହି ବାଣୀ ତାଙ୍କ ପ୍ରକୋଷ୍ଠରୁ କହୁଥିବା ସମୟରେହିଁ ତାହା ସିଧା ଉତ୍ସବ ସ୍ଥାନରେ ଶୁଣାଯାଇ ପାରିବାର ବ୍ୟବସ୍ଥା କରାଯାଇଥିଲା । ଏହାପରେ ମା ଫରାସୀ ଭାଷାରେ ଅରୋଭିଲ୍‌ର ସନନ୍ଦ ପାଠ କରିଥିଲେ ।

### ଅରୋଭିଲ୍‌ର ସନନ୍ଦ :

୧. ଅରୋଭିଲ୍ ଉପରେ କାହାର ବ୍ୟକ୍ତିଗତ ଅଧିକାର ନାହିଁ । ଅରୋଭିଲ୍ ସମଗ୍ର ମାନବ-ସମାଜର । କିନ୍ତୁ ଅରୋଭିଲ୍‌ରେ ବାସ କରିବାକୁ ହେଲେ ବ୍ୟକ୍ତିକୁ ଭଗବତ୍ ଚେତନାର ଏକ ସ୍ୱେଚ୍ଛାକୃତ ସେବକ ହେବାକୁ ହେବ ।
୨. ଅରୋଭିଲ୍ ହେବ ଅନ୍ତହୀନ ଶିକ୍ଷା, ନିରବଚ୍ଛିନ୍ନ ପ୍ରଗତି ଏବଂ କାଳଜୟୀ ତାରୁଣ୍ୟର ପୀଠ ।
୩. ଅରୋଭିଲ୍ ହେବ ଅତୀତ ଓ ଭବିଷ୍ୟତ୍ ଭିତରେ ଏକ ସେତୁ । ବାହ୍ୟ ତଥା ଆନ୍ତରର ସମସ୍ତ ଆବିଷ୍କାରର ସୁଯୋଗ ନେଇ ଅରୋଭିଲ୍ ଭବିଷ୍ୟତର ସିଦ୍ଧି ଦିଗରେ ହେବ ଏକ କ୍ଷିପ୍ର ଉଲ୍ଲମ୍ଫନ ।
୪. ମାନବ-ଐକ୍ୟକୁ ବାସ୍ତବ ଓ ଜୀବନ୍ତ ଭାବରେ ରୂପାୟିତ କରିବା ପାଇଁ ଅରୋଭିଲ୍ ହୋଇଉଠିବ ଭୌତିକ ଓ ଆଧ୍ୟାତ୍ମିକ ଗବେଷଣାର ଏକ ମହାନ୍ ପୀଠ ।

ତା'ପରେ ଅରୋଭିଲ୍‌ର ଏହି ସନନ୍ଦ ତାମିଲ, ସଂସ୍କୃତ, ଇଂରାଜୀ, ଆରବିକ, ଚୀନ, ଡଚ୍, ଜର୍ମାନ୍, ଗ୍ରୀକ୍, ହିବ୍ରୁ, ଇଟାଲୀୟାନ୍, ଜାପାନିଜ୍, ନର୍‌ୱେଜୀୟାନ୍, ରୁଷ୍, ସ୍ପେନିସ୍, ସ୍ୱିଡ଼ିସ୍ ଓ ତିବ୍‌ବତୀୟ – ଏହିପରି ୧୬ଟି ଭାଷାରେ ପଢ଼ା ଯାଇଥିଲା ।

ଅରୋଭିଲ୍‌ର ଏହି ସନନ୍ଦ ବିଭିନ୍ନ ଭାଷାରେ ପାଠ କରାଯାଉଥିବା ସମୟରେହିଁ ଭାରତର ବିଭିନ୍ନ ୨୪ଟି ରାଜ୍ୟ ଯଥା :– ଆଣ୍ଡାମାନ ଓ ନିକୋବର, ଆନ୍ଧ୍ରପ୍ରଦେଶ, ଆସାମ, ପଶ୍ଚିମ ବଙ୍ଗଳା, ବିହାର, ଚଣ୍ଡୀଗଡ଼, ଦିଲ୍ଲୀ, ଗୋଆ, ଗୁଜରାଟ, ହରିୟାନା, ହିମାଚଳ ପ୍ରଦେଶ, ଜାମ୍ମୁ ଓ କାଶ୍ମୀର, କେରଳ, ଲାକ୍ଷାଦ୍ୱୀପ, ମଧ୍ୟପ୍ରଦେଶ, ମାଡ୍ରାସ, ମହାରାଷ୍ଟ୍ର, ମଣିପୁର, ମହୀଶୂର, ଓଡ଼ିଶା, ପଣ୍ଡିଚେରୀ, ପଞ୍ଜାବ, ରାଜସ୍ଥାନ ଓ ଉତ୍ତର ପ୍ରଦେଶରୁ ଓ ପୃଥିବୀର ୧୨୪ଟି ବିଭିନ୍ନ ଦେଶରୁ ଜଣେ ଲେଖାଏଁ ବାଳକ ଓ ବାଳିକା ନିଜ ନିଜ ରାଜ୍ୟ ବା ଦେଶର ମାଟି ନେଇ କେନ୍ଦ୍ରସ୍ଥଳରେ ରହିଥିବା ଏକ ପଦ୍ମ-କୋରକାକୃତି ଆଧାରରେ ରଖିଥିଲେ ।

ପୃଥିବୀର ଏହିସବୁ ଦେଶ ମଧ୍ୟରୁ ଏମାନେ ହେଲେ – ଆଫଗାନିସ୍ତାନ, ଆଲ୍‌ବାନିଆ, ଆଲ୍‌ଜିରିଆ, ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ଅଷ୍ଟ୍ରିଆ, ବେଲ୍‌ଜିୟମ୍, ଭୁଟାନ୍, ବଲିଭିଆ, ବ୍ରାଜିଲ୍, ବୁଲଗେରିଆ, ବର୍ମା, ବୁରୁଣ୍ଡି, ଚୀନ, କାମ୍ବୋଡ଼ିଆ, କାମାରୁନ୍, କାନାଡ଼ା, କେନ୍ଦ୍ର ଆଫ୍ରିକା ରିପବ୍ଲିକ୍, ସିଂହଳ, ଚାଦ୍, ଚିଲ୍ଲି, କଲମ୍ବିଆ, କଙ୍ଗୋ (କିଂସାସା), କୋଷ୍ଟାରିକା, କ୍ୟୁବା, ସାଇପ୍ରସ୍, ଚେକୋସ୍ଲୋଭାକିଆ, ଡାହୋମେ, ଡେନ୍‌ମାର୍କ, ଡୋମିନିକାନ୍ ରିପବ୍ଲିକ୍, ଇକ୍ୟୁଏଡ଼ର୍, ଏଲ୍‌ସାଲ୍‌ଭାଡ଼ର, ଇଥିଓପିଆ, ଫିଜି, ଫିନ୍‌ଲାଣ୍ଡ୍, ଫ୍ରାନ୍ସ୍, ଗାବନ୍, ଜର୍ମାନୀ, ଘାନା, ଗ୍ରୀସ୍, ଗୁଆଟାମାଲା, ଗିନି, ହାଇତି, ହଣ୍ଡୁରାସ୍, ହଙ୍ଗେରୀ, ଆଇସ୍‌ଲାଣ୍ଡ, ଇଣ୍ଡୋନେସିଆ, ଇରାନ୍, ଇରାକ୍, ଆୟାରଲାଣ୍ଡ, ଇସ୍ରାଏଲ୍, ଇଟାଲି, ଆଇଭରିକୋଷ୍ଟ୍, ଜାମାଇକା, ଜାପାନ, ଜୋର୍ଡ଼ାନ୍, କେନିଆ, କୋରିଆ,

କୋୱେଟ୍, ଲାଓସ୍, ଲେବାନନ୍, ଲାଇବେରିଆ, ଲିବ୍ୟା, ଲକ୍ସମ୍ବର୍ଗ, ମାଲାଗାସି, ମାଲ୍ଟା, ମାଲୟେସିଆ, ମରିସସ୍, ମାଲି, ମରୋକ୍କୋ, ମାରିଟିଆନା, ମେକ୍ସିକୋ, ମଙ୍ଗୋଲିଆ, ମୋଜାମ୍ବିକ୍, ନେପାଳ, ନେଦରଲାଣ୍ଡ୍, ନିଉଜିଲାଣ୍ଡ୍, ନିକରାଗୁଆ, ନାଇଜର ରିପବ୍ଲିକ, ନାଇଜେରିଆ ଫେଡ଼େରେସନ୍, ନରୱେ, ପାକିସ୍ତାନ, ପାନାମା, ପାରାଗୁଏ, ପେରୁ, ଫିଲିପାଇନ୍ସ୍, ପୋଲାଣ୍ଡ, ପର୍ତ୍ତୁଗାଲ୍, କାତାର୍, ରୋଡ଼େସିଆ, ରୁମାନିଆ, ରୋଆଣ୍ଡା, ସାଉଦି ଆରବିଆ, ସେନେଗାଲ୍, ସିକ୍କିମ, ସେମାଲିଆ, ସାଉଥ୍ ଆଫ୍ରିକା, ସାଉଥ୍ ୟେମାନ୍, ସ୍ପେନ, ସୁଦାନ୍, ସ୍ୱିଡ଼େନ, ସ୍ୱିଜରଲାଣ୍ଡ୍, ସିରିଆ, ତାଞ୍ଜାନିଆ, ଥାଇଲାଣ୍ଡ୍, ଟୋଗୋ, ଟ୍ୟୁନିସିଆ, ତୁର୍କୀ, ତିବ୍ବତ, ଉଗାଣ୍ଡା, ସୋଭିଏଟ୍ ୟୁନିଅନ୍, ସଂଯୁକ୍ତ ଆରବରାଷ୍ଟ୍ର, ବ୍ରିଟିଶ ଯୁକ୍ତରାଜ୍ୟ, ଆମେରିକା ଯୁକ୍ତରାଷ୍ଟ୍ର, ଅପର୍ ଭୋଲ୍ଟା, ଉରୁଗୁଏ, ଭେନ୍‌ଜୁଆଲା, ଭିଏତ୍‌ନାମ୍, ୟୁଗୋସ୍ଲୋଭିଆ ଓ ଜାମ୍ବିଆ ।

ଏଇସବୁ ଦେଶର ମାଟି ପଡ଼ିବା ପୂର୍ବରୁ ପ୍ରଥମେ ଆଶ୍ରମର ମାଟି ଓ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ଏକ ପାତ୍ରରେ ଅରୋଭିଲ୍‌ର ସନନ୍ଦ ଉପରୋକ୍ତ ପଦ୍ମାକୃତି ଆଧାରରେ ରଖାଯାଇଥିଲା । ସବୁ ଦେଶର ମାଟି ପଡ଼ି ସାରିବା ପରେ ଅରୋଭିଲ୍‌ର ପତାକା ଧାରଣ ସହ ଅରୋଭିଲ୍‌ର ମାଟି ତହିଁରେ ରଖାଗଲା । ସର୍ବଶେଷରେ ଆଶ୍ରମ ସେକ୍ରେଟାରୀ ଶ୍ରୀ ନଳିନୀକାନ୍ତ ଗୁପ୍ତ ଏହି ଆଧାରଟିର ମୁଖ ବନ୍ଦ କରି ଦେଇଥିଲେ । ଉତ୍ସବର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏକ ଶାନ୍ତ ସୁମଧୁର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରୁଥିବା ଯନ୍ତ୍ରବାଦ୍ୟର ବ୍ୟବସ୍ଥା ହୋଇଥିଲା ।

ଭିତ୍ତିସ୍ଥାପନ ଉତ୍ସବର ପରିସମାପ୍ତି ପରେ ଅରୋଭିଲ୍‌ର ସ୍ଥପତିଙ୍କ ପରିକଳ୍ପିତ ବିଭିନ୍ନ ନକ୍ସାର ପ୍ରଦର୍ଶନୀ ସକଳଙ୍କ ପାଇଁ ଉନ୍ମୁକ୍ତ ରଖାଯାଇଥିଲା ।

ସମସ୍ତ ଉତ୍ସବଟି ଏକ ଗଭୀର ଶାନ୍ତି ଓ ପ୍ରଦୀପ୍ତ ଉତ୍ସାହ ଓ ପ୍ରେରଣା ଭିତରେ ଶେଷ ହୋଇଥିଲା ।

## ଅରୋଭିଲ୍ ଉତ୍ସର୍ଗ ଦିବସରେ ଶ୍ରୀମା'ଙ୍କ ବାଣୀ :

ପରିଶେଷରେ ଏପରି ଏକ ସ୍ଥାନର ଅସ୍ତିତ୍ୱ ସମ୍ଭବ ହୋଇଛି ଯେଉଁଠି କେବଳ ପ୍ରଗତି କରିବା ଏବଂ ନିଜକୁ ଅତିକ୍ରମ କରିଯିବା ପାଇଁ କେହି ଚିନ୍ତାକରି ପାରିବ ।

ପରିଶେଷରେ ଏପରି ଏକ ସ୍ଥାନର ଅସ୍ତିତ୍ୱ ସମ୍ଭବ ହୋଇଛି ଯେଉଁଠି ସକଳ ଜାତି, ଧର୍ମ ଓ ଉଚ୍ଚାଭିଳାଷ ମଧ୍ୟରେ କୌଣସି ବିରୋଧ ଓ ପ୍ରତିଦ୍ୱନ୍ଦ୍ୱିତା ନ କରି କେହି ଶାନ୍ତିରେ ବାସ କରିପାରିବ ।

ପରିଶେଷରେ ଏପରି ଏକ ସ୍ଥାନର ଅସ୍ତିତ୍ୱ ସମ୍ଭବ ହୋଇଛି ଯେଉଁଠି କୌଣସି କିଛିର ନିଜକୁ ଏକମାତ୍ର ସତ୍ୟ ଭାବରେ ଧାର୍ଯ୍ୟ କରିବାର ଅଧିକାର ରହିବ ନାହିଁ ।

*

ଅରୋଭିଲ୍ ହେଉଛି ଜ୍ଞାନ, ଶାନ୍ତି ଓ ଏକତାର ଭବିଷ୍ୟତ୍ ଦିଗରେ ଦ୍ରୁତ ଅଗ୍ରଗତି କରିବାକୁ ଚାହୁଁଥିବା ସକଳ ବ୍ୟକ୍ତିଙ୍କ ନିମିତ୍ତ ଏକମାତ୍ର ଆବାସସ୍ଥଳ ।

*

ମାନବଜାତି ପାର୍ଥିବ ସୃଷ୍ଟିର ଚରମ ସ୍ତର ନୁହେଁ । କ୍ରମବିବର୍ତ୍ତନ ଆଗେଇ ଚାଲିଛି ଏବଂ ମାନବଜାତିକୁ ଅତିକ୍ରମ କରି ଦେଖାଦେବ ଅନ୍ୟ ଏକ ଜାତି ।

ନୂତନଜାତିର ଆଗମନରେ ଅଂଶ ଗ୍ରହଣ କରିବାକୁ ଚାହିଁବା ବା ନ ଚାହିଁବା – ପ୍ରତ୍ୟେକଙ୍କୁ ନିର୍ଣ୍ଣୟ କରିବାକୁହିଁ ହେବ ।

(୨୮.୦୨.୧୯୬୮)

*ପ୍ରଶ୍ନ : ଆଶ୍ରମ ଓ ଅରୋଭିଲ୍ ମଧ୍ୟରେ କ'ଣ ପାର୍ଥକ୍ୟ ରହିଛି ?*

ଶ୍ରୀମା : ଅଗ୍ରଗାମୀ, ପ୍ରେରଣାଦାୟକ ଓ ପଥପ୍ରଦର୍ଶକ ହେବାର ଯଥାର୍ଥ ଭୂମିକାଟିକୁ ଆଶ୍ରମ ଅକ୍ଷୁଣ୍ଣ ରଖିବ ।

ଅରୋଭିଲ୍ ହେଉଛି ସାମୂହିକ ଉପଲବ୍ଧି ସକାଶେ କରାଯାଉଥିବା ଏକ ପ୍ରଚେଷ୍ଟା ।

ଜୁନ୍, ୧୯୬୮

# ମାତୃମନ୍ଦିର ସମ୍ପର୍କରେ ଶ୍ରୀମା

ପୂର୍ଣ୍ଣତା ପାଇଁ ମଣିଷର ଯେଉଁ ଅଭୀପ୍ସା ରହିଛି, ଭଗବାନଙ୍କଠାରୁ ତାହାର ଉତ୍ତରର ଏକ ପ୍ରତୀକ ରୂପେ ମାତୃମନ୍ଦିର ଗଢ଼ି ଉଠିବ ।

ଏହାହେବ ପ୍ରଗତିଶୀଳ ମାନବ-ଏକତା ଭିତରେ ଭାଗବତ ମିଳନର ଏକ ଅଭିବ୍ୟକ୍ତି ।

୧୪ ଅଗଷ୍ଟ, ୧୯୭୦

*

ମାତୃମନ୍ଦିର ହେବାକୁ ଚାହେଁ ଶ୍ରୀଅରବିନ୍ଦ ଶିକ୍ଷାନୁଯାୟୀ ଭାଗବତୀ ବିଶ୍ୱଜନନୀଙ୍କ ଏକ ପ୍ରତୀକ ।

*

ମାତୃମନ୍ଦିର ହେବ ଅରୋଭିଲ୍‌ର ଆତ୍ମା ।

ଯେତେଶୀଘ୍ର ସେହି ଆତ୍ମା ସେଠାରେ ପ୍ରାଣପ୍ରତିଷ୍ଠା ଲାଭକରି ବିରାଜିତ ହେବ, ସମସ୍ତଙ୍କ ପାଇଁ, ବିଶେଷକରି ଅରୋଭିଲ୍‌ବାସୀମାନଙ୍କ ପାଇଁ ତାହା ହେବ ସେତେ ମଙ୍ଗଳପ୍ରଦ ।

*

(ମାତୃମନ୍ଦିର ଭିତ୍ତିସ୍ଥାପନର ଶିଳାନ୍ୟାସ ଉପଲକ୍ଷେ ଶ୍ରୀମାଙ୍କ ବାର୍ତ୍ତା ।)

ମାତୃମନ୍ଦିର ହୋଇଉଠୁ ଭଗବାନଙ୍କ ପାଇଁ ଅରୋଭିଲ୍‌ର ଅଭୀପ୍ସାର ଏକ ଜୀବନ୍ତ ପ୍ରତୀକ ।

୨୧ ଫେବ୍ରୁଆରୀ, ୧୯୭୧

*

(ମାତୃମନ୍ଦିର କାର୍ଯ୍ୟାରମ୍ଭ ଉପଲକ୍ଷେ ବାର୍ତ୍ତା)

ସହଯୋଗିତାର ଭ୍ରାତୃତ୍ୱ ।

ଆଲୋକ ଓ ଆନନ୍ଦରେ ଦିବ୍ୟ-ଏକତା ପାଇଁ ଅଭୀପ୍ସା ।

୧୪ ମାର୍ଚ୍ଚ, ୧୯୭୧ ଆଶୀର୍ବାଦ ।

*

ମାତୃମନ୍ଦିର ପ୍ରତ୍ୟକ୍ଷ ଭାବରେ ସିଧାସଳଖ ଭଗବତ୍ ପ୍ରଭାବର ଅଧୀନ ହୋଇ ରହିଛି ଏବଂ ଆମେ ନିଜ ଚେଷ୍ଟାରେ ଯାହା କରିପାରନ୍ତୁ ସେ ତା'ଠାରୁ ଅନେକ ଅଧିକ ଉତ୍ତମ ଭାବରେ ସବୁକିଛିର ଆୟୋଜନ ଓ ବ୍ୟବସ୍ଥା କରିବେ ।

ଅକ୍‌ଟୋବର ୧୯୭୧

*

(ମାତୃମନ୍ଦିରର ଚାରିଟି ଭିତ୍ତିସ୍ତମ୍ଭ ନିର୍ମାଣର କାର୍ଯ୍ୟାରମ୍ଭ ଉପଲକ୍ଷେ ବାର୍ତ୍ତା)

ଅରୋଭିଲ୍ ହୋଇଉଠୁ ଏକ ବିକାଶଶୀଳ ଦିବ୍ୟ-ଏକତାର ପ୍ରତୀକ ।

ଏବଂ ଏହାକୁ ସଫଳ ଓ ସାର୍ଥକ କରିବା ପାଇଁ ସର୍ବୋତ୍ତମ ପନ୍ଥା ହେଲା ସମଗ୍ର ଜୀବନକୁ ଏ ଦିଗରେ ଉତ୍ସର୍ଗ କରି କର୍ମ ଓ ଆବେଗ ଅନୁଭୂତି ଭିତରେ ଭଗବତ୍ ପୂର୍ଣ୍ଣତା ପାଇଁ ଅଭୀପ୍ସାର ଐକ୍ୟସାଧନ ।

୨୧ ଫେବ୍ରୁଆରୀ, ୧୯୭୧

*

(ଚାରିଟି ସ୍ତମ୍ଭର ତାତ୍ପର୍ଯ୍ୟ)

ଦକ୍ଷିଣ ଦିଗର ସ୍ତମ୍ଭ — ମହେଶ୍ୱରୀ

ଉତ୍ତର ଦିଗର ସ୍ତମ୍ଭ — ମହାକାଳୀ

ପୂର୍ବ ଦିଗର ସ୍ତମ୍ଭ — ମହାଲକ୍ଷ୍ମୀ

ପଶ୍ଚିମ ଦିଗର ସ୍ତମ୍ଭ — ମହାସରସ୍ୱତୀ ।

*

(ମାତୃମନ୍ଦିରର ଭିତ୍ତି ଚଟାଣର କଂକ୍ରିଟ୍ କାମ ଉପଲକ୍ଷେ ବାର୍ତ୍ତା)

ଆସ ଆମେ ସମସ୍ତେ ଭଗବତ୍ ସତ୍ୟର ଅଭିବ୍ୟକ୍ତି ପାଇଁ ଏକ କ୍ରମବର୍ଦ୍ଧିଷ୍ଣୁ ଆନ୍ତରିକତା ନେଇ କାମ କରିବା ।

୩ ମେ, ୧୯୭୨

*

(ମାତୃମନ୍ଦିରର ଭିତ୍ତିରୁ ଆଲୋକ ବିକିରଣ କରୁଥିବା ବାରଟି ଭୂତଳ-ପ୍ରକୋଷ୍ଠର ତାତ୍ପର୍ଯ୍ୟ)

ଆନ୍ତରିକତା, ବିନମ୍ରତା, କୃତଜ୍ଞତା, ଅଧ୍ୟବସାୟ, ଅଭୀପ୍ସା, ଗ୍ରହଣଶୀଳତା, ପ୍ରଗତି, ସାହସ, ଉତ୍ତମଭାବ, ଉଦାରତା, ସମତା, ଶାନ୍ତି ।

*

(ମାତୃମନ୍ଦିରକୁ ବେଷ୍ଟନ କରିଥିବା ବାରଟି ଉଦ୍ୟାନର ତାତ୍ପର୍ଯ୍ୟ)

ସତ୍, ଚିତ୍, ଆନନ୍ଦ, ଆଲୋକ, ଜୀବନ, ଶକ୍ତି, ସମ୍ପଦ, ଉପଯୋଗିତା, ପ୍ରଗତି, ତାରୁଣ୍ୟ, ସୌଷମ୍ୟ, ପୂର୍ଣ୍ଣତା ।

# ଅରୋଭିଲ୍‌ର ଲକ୍ଷ୍ୟ ଓ ଆଦର୍ଶ

## ଶ୍ରୀମା

ଅରୋଭିଲ୍ ଏକ ବିଶ୍ୱନଗରୀ ହେବାକୁ ଚାହେଁ ଯେଉଁଠାରେ ସକଳ ଦେଶର ନରନାରୀ ବିଭିନ୍ନ ଧର୍ମମତ, ରାଜନୀତି ତଥା ଜାତିଗତ ପାର୍ଥକ୍ୟର ଊର୍ଦ୍ଧ୍ୱରେ ଶାନ୍ତି ଓ ସଂଗତି ସହିତ ବାସ କରି ପାରିବେ ।

ଅରୋଭିଲ୍‌ର ଉଦ୍ଦେଶ୍ୟ ହେଉଛି ମାନବ-ଏକତାର ଉପଲବ୍ଧି ।

*୮ ସେପ୍‌ଟେମ୍ବର, ୧୯୬୫*

❁

ମାନବସମାଜକୁ ପାର୍ଥିବ ସୃଷ୍ଟିର ସର୍ବଶେଷ ସୋପାନ ବୋଲି କୁହାଯାଇ ପାରିବ ନାହିଁ । ବିବର୍ତ୍ତନ ଚାଲିଛି ଏବଂ ତାହା ମନୁଷ୍ୟର ଏହି ସ୍ତରଟିକୁ ମଧ୍ୟ ଅତିକ୍ରମ କରିଯିବ । ଏହି ନୂତନ ଜୀବ-ନମୁନାର ଆଗମନ-ପ୍ରକ୍ରିୟାରେ ସେ ପ୍ରକୃତରେ ଅଂଶ ଗ୍ରହଣ କରିବାକୁ ଇଚ୍ଛା କରୁଛି କି ନାହିଁ, ସେକଥା ଜାଣିବା ପ୍ରତ୍ୟେକ ବ୍ୟକ୍ତିର କାର୍ଯ୍ୟ ।

ଏହି ପୃଥିବୀ ବର୍ତ୍ତମାନ ଯେପରି ଅଛି, ଯେଉଁମାନେ ତହିଁରେହିଁ ସନ୍ତୁଷ୍ଟ ଅଛନ୍ତି, ଏହା ସ୍ପଷ୍ଟ ଯେ ସେମାନଙ୍କ ସକାଶେ ଅରୋଭିଲ୍‌ର ଅସ୍ତିତ୍ୱର କୌଣସି କାରଣ ନାହିଁ ।

*ଅଗଷ୍ଟ, ୧୯୬୬*

❁

ସକଳ ସମାଜଗତ, ରାଜନୈତିକ ଓ ଧର୍ମଗତ ଦୃଢ଼ ବିଶ୍ୱାସକୁ ଅତିକ୍ରମ କରି ଅରୋଭିଲ୍ ପରମ ସତ୍ୟର ସେବା କରିବା ଉଚିତ ।

ଅରୋଭିଲ୍ ହେଉଛି ଆନ୍ତରିକତା ଓ ପରମ ସତ୍ୟଙ୍କ ଭିତ୍ତିରେ ଶାନ୍ତି ଦିଗରେ ଏକ ପ୍ରଚେଷ୍ଟା ।

*୨୦ ସେପ୍‌ଟେମ୍ବର, ୧୯୬୬*

❁

### ଅରୋଭିଲ୍‌ରେ ବାସ କରିବାର ସର୍ତ୍ତାବଳୀ

ମନୋବୈଜ୍ଞାନିକ ଦୃଷ୍ଟିକୋଣରୁ ଆବଶ୍ୟକ ସର୍ତ୍ତଗୁଡ଼ିକ ହେଉଛି :

(୧) ମାନବଜାତିର ଅପରିହାର୍ଯ୍ୟ ଏକତା ସମ୍ବନ୍ଧେ ଦୃଢ଼ବିଶ୍ୱାସ ରଖିବା ଏବଂ ସେହି ଏକତା ଯେପରି ବାସ୍ତବତଃ ସମ୍ଭବ ହୋଇପାରିବ ସେଥିପାଇଁ ସହଯୋଗ କରିବା ସକାଶେ ସଂକଳ୍ପ କରିବା ।

(୨) ଭବିଷ୍ୟତ୍ ଉପଲବ୍ଧିସକଳର ଉନ୍ନତି ସାଧନ ଦିଗରେ ଯାହାକିଛି ସହାୟକ ହୁଏ, ସେସବୁରେ ସହଯୋଗ କରିବା ନିମିତ୍ତ ସଂକଳ୍ପବଦ୍ଧ ହେବା । ସେହି ଉପଲବ୍ଧିରେ ଅଗ୍ରସର ହେବା ସଙ୍ଗେ ସଙ୍ଗେ ଭୌତିକ ସର୍ତ୍ତଗୁଡ଼ିକ ମଧ୍ୟ କାର୍ଯ୍ୟକାରୀ ହୋଇପାରିବ ।

*୧୯ ଜୁନ୍, ୧୯୬୭*

❁

ନବଜ୍ୟୋତି

ଅରୋଭିଲ୍‌ର ଲକ୍ଷ୍ୟ
ଏକ ଫଳପ୍ରଦ ମାନବ-ଏକତା,
ପୃଥିବୀପୃଷ୍ଠରେ ଶାନ୍ତି ।

ଅରୋଭିଲ୍ ହେଉଛି ପରମ ସତ୍ୟର ସେବାରେ
ନିୟୋଜିତ ଏକ ସହର ।

*୨୮ ଫେବ୍ରୁଆରୀ, ୧୯୬୮*

## ଅରୋଭିଲ୍‌ର ପ୍ରତୀକ



କେନ୍ଦ୍ରସ୍ଥ ବିନ୍ଦୁଟି ଏକତାର, ପରମ ଦିବ୍ୟସତ୍ତାଙ୍କର ପ୍ରତିନିଧିତ୍ୱ କରେ; ଭିତରର ବୃତ୍ତଟି ସୃଷ୍ଟିର, ଅରୋଭିଲ ନଗରୀ ସମ୍ବନ୍ଧେ ଯୋଜନାର ପ୍ରତିନିଧିତ୍ୱ କରେ; ପାଖୁଡ଼ାଗୁଡ଼ିକ ଅଭିବ୍ୟକ୍ତି-ସାମର୍ଥ୍ୟର, ଉପଲବ୍ଧିର ପ୍ରତିନିଧିତ୍ୱ କରେ ।

*୧୬ ଅଗଷ୍ଟ, ୧୯୭୧* — ଶ୍ରୀମା

# ଜଣେ ଯଥାର୍ଥ ଅରୋଭିଲ୍‌ବାସୀ ହେବା ପାଇଁ

## ଶ୍ରୀମା

୧. ସର୍ବପ୍ରଥମ ଆବଶ୍ୟକତା ହେଉଛି ଏକ ଅନ୍ତର୍ଗତ ଆବିଷ୍କାର, ଯାହାଦ୍ୱାରା କି ଏହି ଯାବତୀୟ ସାମାଜିକ, ନୈତିକ, ସଂସ୍କୃତିଗତ, ଜାତିଗତ ତଥା ବଂଶଗତ ବାହ୍ୟ ରୂପଗୁଡ଼ିକର ପଶ୍ଚାତରେ ତୁମେ ଯଥାର୍ଥରେ ଯାହା, ସେହି କଥାଟିକୁ ଜାଣି ପାରିବ ।

କେନ୍ଦ୍ରସ୍ଥଳରେ ଏକ ସତ୍ତା ବିଦ୍ୟମାନ, ଯାହାକି ମୁକ୍ତ ଓ ସର୍ବବ୍ୟାପ୍ତ, ଯାହା ଯଥାର୍ଥରେ ଜାଣୁଛି ଓ ଯାହା ଆମର ଆବିଷ୍କାର ଲାଗି ଅପେକ୍ଷା କରି ରହିଛି; ଏବଂ ଏଠାରେ ଅରୋଭିଲ୍‌ରେ ତାହାକୁହିଁ ଆମ ସତ୍ତାର କ୍ରିୟାଶୀଳ କେନ୍ଦ୍ର ରୂପେ ପ୍ରତିଷ୍ଠିତ ହୋଇ ରହିବାକୁ ପଡ଼ିବ ।

୨. ଆମେ ଅରୋଭିଲ୍‌ରେ ଅଛୁ, ଯେପରିକି ଆମେ ନୈତିକି ତଥା ସାମାଜିକ ପରମ୍ପରାଗୁଡ଼ିକରୁ ମୁକ୍ତ ରହିପାରିବୁ; ମାତ୍ର ସେହି ସ୍ୱାଧୀନତା ଯେପରି ଅହଂ ପାଖରେ, ଅହଂର ବାସନା ଏବଂ ମହତ୍ତ୍ୱ-ଆକାଙ୍କ୍ଷାଗୁଡ଼ିକ ପାଖରେ ଏକ ନୂତନ ଦାସତ୍ୱରେ ପରିଣତ ହୋଇ ନ ଯାଏ !

ନିଜ ବାସନାଗୁଡ଼ିକର ପରିପୂରଣ ଅନ୍ତର୍ଗତ ଆବିଷ୍କାର ମଧ୍ୟକୁ ପଡ଼ିଥିବା ପଥଟିକୁ ରୁଦ୍ଧ କରି ରଖେ । କେବଳ ପରିପୂର୍ଣ୍ଣ ନିର୍ଲିପ୍ତତାର ଶାନ୍ତି ଏବଂ ସ୍ୱଚ୍ଛତା ମଧ୍ୟରେହିଁ ସେହି ଆବିଷ୍କାର ସମ୍ଭବ ହୋଇଥାଏ ।

୩. ଜଣେ ଅରୋଭିଲ୍‌ବାସୀର ବ୍ୟକ୍ତିଗତ ସମ୍ପତ୍ତିର ଯାବତୀୟ ନିଜସ୍ୱ ବୋଧକୁ ହରାଇ ଦେବାକୁ ପଡ଼ିବ । ଏହି ଜଡ଼ସ୍ଥ ପୃଥିବୀରେ ଆମ ଜୀବନର ଗତିପଥରେ ଆମ ଜୀବନ ଲାଗି ତଥା ଆମର କର୍ମ ଲାଗି ଯାହାକିଛି ଅପରିହାର୍ଯ୍ୟ, ତାହା ଆମେ ଅଧିକାର କରିଥିବା ସ୍ଥାନଟି ଅନୁସାରେହିଁ ଆମ ଲାଗି ମହଜୁଦ କରି ରଖା ଯାଇଥାଏ ।

ଆମ ଅନ୍ତର୍ଗତ ସତ୍ତାଟି ସହିତ ଆମର ସଂସ୍ପର୍ଶ ଯେତିକି ସଚେତନ ହୋଇ ରହିଥାଏ, ଆମକୁ ପ୍ରଦତ୍ତ ହୋଇଥିବା ନିର୍ଦ୍ଦିଷ୍ଟ ସାଧନଗୁଡ଼ିକ ସେତିକି ଅଧିକ ହୋଇ ମଧ୍ୟ ରହିଥାଏ ।

୪. କାର୍ଯ୍ୟ, ଏପରିକି ଶାରୀରିକ କାର୍ଯ୍ୟ ମଧ୍ୟ ଆନ୍ତର ଆବିଷ୍କାର ନିମନ୍ତେ ଏକ ଅପରିହାର୍ଯ୍ୟ ଆବଶ୍ୟକତା । ଯଦି ଆମେ କାମ ନ କରିବା, ଯଦି ଜଡ଼ ମଧ୍ୟରେ ଆମେ ନିଜ ଚେତନାର ପ୍ରବେଶ ନ ଘଟାଇବା, ତେବେ ଜଡ଼ର ଆଦୌ କେବେହେଲେ ବିକାଶ ହେବ ନାହିଁ । ଆମ ଶରୀରକୁ ସାଧନ ରୂପେ ବ୍ୟବହାର କରି ଚେତନା ଲାଗି କିଞ୍ଚିତ୍ ଜଡ଼ମୟ ଅଂଶକୁ ସଙ୍ଗଠିତ କରି ରଖିବା ସକାଶେ ଅବକାଶ ଦେବା ପ୍ରକୃତରେ ଅତ୍ୟନ୍ତ ଭଲ କଥା । ଆମ ବାହାରେ ଚତୁର୍ଦ୍ଦିଗରେ ଶୃଙ୍ଖଳା ପ୍ରତିଷ୍ଠା କରିବା ଦ୍ୱାରା ତାହା ଆମ ଭିତରେ ଶୃଙ୍ଖଳା ଆଣିବାରେ ମଧ୍ୟ ସହାୟତା କରିଥାଏ ।

କୌଣସି ବାହ୍ୟ ଅଥବା କୃତ୍ରିମ ନିୟମ ଅନୁସାରେ ନୁହେଁ, ମାତ୍ର ଏକ ସଙ୍ଗଠିତ ଆନ୍ତର-ଚେତନା ଦ୍ୱାରାହିଁ ଆମକୁ ନିଜ ଜୀବନର ସଙ୍ଗଠନ କରିବାକୁ ପଡ଼ିବ; କାରଣ ଜୀବନକୁ ଉଚ୍ଚତର ଚେତନାର ନିୟନ୍ତ୍ରଣ ମଧ୍ୟରେ ନ ରଖି ଯଦି ଆମେ ତାହାକୁ ସେହିପରି ଭାବରେ ଛାଡ଼ି ଦେଇଥିବା, ତେବେ ତାହା ଅତ୍ୟନ୍ତ ଚଞ୍ଚଳ ଏବଂ ଅର୍ଥଶୂନ୍ୟ ହୋଇ ପଡ଼ିବ । ଏହା ଫଳରେ ଜୀବନହିଁ ନଷ୍ଟ ହୋଇଯିବ, କାରଣ ସେହି କ୍ଷେତ୍ରରେ ଜଡ଼ର ଆଉ କୌଣସି ସଚେତନ ସଦ୍‌ବ୍ୟବହାର ସମ୍ଭବ ହେବ ନାହିଁ ।

୫. ପରବର୍ତ୍ତୀ ନୂତନ ଜୀବଜାତିଟି ସକାଶେ ସମଗ୍ର ପୃଥିବୀକୁ ନିଜକୁ ପ୍ରସ୍ତୁତ କରିବାକୁ ହେବ, ଏବଂ ସେହି ନୂତନ ଆଗମନକୁ ତ୍ୱରାନ୍ୱିତ କରିବା ନିମନ୍ତେ ଅରୋଭିଲ୍ ସଚେତନ ଭାବରେ କାର୍ଯ୍ୟ କରିବାକୁ ଇଚ୍ଛା କରୁଛି ।

୬. ଏହି ନୂତନ ଜୀବଜାତିଟି ପ୍ରକୃତରେ କ'ଣ ହେବ, ଆମ ଲାଗି ଧୀରେ ଧୀରେ ତାହା ଉଦ୍‌ଘାଟିତ ହୋଇ ଯାଉଥିବ ଏବଂ ବର୍ତ୍ତମାନ ନିଜକୁ ସମ୍ପୂର୍ଣ୍ଣ ଭାବରେ ଦିବ୍ୟ-ପରମସତ୍ତାଙ୍କ ଲାଗି ଉତ୍ସର୍ଗୀକୃତ କରି ରଖିବା ହେଉଛି ସର୍ବୋତ୍ତମ ପନ୍ଥା ।

୧୩ ଜୁନ୍ ୧୯୭୦ ❖

# ଅରୋଭିଲ୍ ଏବଂ ଅତିମାନସ ଅଭିବ୍ୟକ୍ତି

## ଶ୍ରୀମା

ଅରୋଭିଲ୍‌ର ଉଦ୍ଦେଶ୍ୟ ହେଉଛି ପୃଥିବୀପୃଷ୍ଠରେ ଅତିମାନସ ସତ୍ତାର ଆଗମନୀକୁ ତ୍ୱରାନ୍ୱିତ କରିବା ।

ଯେଉଁମାନେ ଦେଖିପାରୁଛନ୍ତି ଯେ ଜଗତ୍ ଯେପରି ହେବା ଉଚିତ, ସେପରି ହୋଇପାରି ନାହିଁ, ସେହିମାନଙ୍କର ସହାୟତାକୁ ଆମେ ସ୍ୱାଗତ ଜଣାଉଛୁ ।

ପ୍ରତ୍ୟେକ ବ୍ୟକ୍ତି ଜାଣିରଖିବା ଆବଶ୍ୟକ ଯେ ସେ ମୃତ୍ୟୁ ନିମିତ୍ତ ପ୍ରସ୍ତୁତ ଏକ ପୁରାତନ ଜଗତ୍ ସହିତ ସହଯୋଗ କରିବାକୁ ନା ଜନ୍ମ ନେବାକୁ ପ୍ରସ୍ତୁତ ହେଉଥିବା ଏକ ନୂତନ ତଥା ମହତ୍ତର ଜଗତ୍ ନିମିତ୍ତ କାର୍ଯ୍ୟ କରିବା ପାଇଁ ଚାହେଁ ।

(୧ ଫେବ୍ରୁଆରୀ, ୧୯୭୨)

*

ନିମ୍ନ ପ୍ରକୃତିର ସମସ୍ତ ଆବେଗକୁ ଅନୁସରଣ କରିଚାଲିବା ନିଶ୍ଚିତଭାବେ ଅତିମାନସ ପନ୍ଥା ନୁହେଁ ଏବଂ ଏଠାରେ (ଅରୋଭିଲ୍‌ରେ) ସେଥିନିମିତ୍ତ କୌଣସି ସ୍ଥାନ ନାହିଁ ।

ଆମେ ଯାହା ଚାହୁଁ, ତାହା ହେଲା ଅତିମାନସର ଆଗମନୀକୁ ତ୍ୱରାନ୍ୱିତ କରିବା, କିନ୍ତୁ କାମନା ଓ ଆବେଗରେ ପରିପୂର୍ଣ୍ଣ ଏକ ମାନବସମାଜର ଅସୁନ୍ଦର ଅବସ୍ଥାରେ ପତିତ ହେବାକୁ ଆଦୌ ନୁହେଁ ।

(୧୦ ଜୁଲାଇ, ୧୯୭୨)

*

ଅରୋଭିଲ୍ ସୃଷ୍ଟ ହୋଇଛି ଏକ ପ୍ରଗତିଶୀଳ ଉଚ୍ଚତର ମାନବଜାତି ନିମିତ୍ତ, ଏକ ନୀଚତର ମାନବଜାତି ଯାହା ତାହାର ପ୍ରବୃତ୍ତି ଦ୍ୱାରା ଶାସିତ ଏବଂ କାମନା ଦ୍ୱାରା କବଳିତ, ସେଥି ନିମିତ୍ତ ନୁହେଁ । ଯେଉଁମାନେ ନୀଚତର ବା ପଶୁପ୍ରକୃତି ବିଶିଷ୍ଟ ମାନବଜାତିର ଅନ୍ତର୍ଭୁକ୍ତ, ଏଠାରେ (ଅରୋଭିଲ୍‌ରେ) ସେମାନଙ୍କର ସ୍ଥାନ ନାହିଁ ।

ଯେଉଁମାନେ ଅତିମାନସ ନିମିତ୍ତ ଅଭୀପ୍ସୁ ଏବଂ ସେଠାରେ ପହଞ୍ଚିବା ନିମିତ୍ତ ସଚେଷ୍ଟ, ସେହିମାନଙ୍କ ନିମିତ୍ତହିଁ ଅରୋଭିଲ୍ ।

(୧ ଡିସେମ୍ବର, ୧୯୭୨)

*

ପ୍ରତ୍ୟେକ ବ୍ୟକ୍ତିକୁ ଉନ୍ନତି କରିବାକୁ ହେବ ତଥା ଅଧିକତର ଏକନିଷ୍ଠ ହେବାକୁ ହେବ ।

ଅରୋଭିଲ୍ ସୃଷ୍ଟ ହୋଇଛି – ସକଳ ଅହଂ ଓ ସେସବୁର ଲୋଭ-ତୁଷ୍ଟି ନିମିତ୍ତ ନୁହେଁ, କିନ୍ତୁ ଏକ ନୂତନ ଅତିମାନସ ଜଗତର ସୃଷ୍ଟି ନିମିତ୍ତ ଯାହା ଅଭିବ୍ୟକ୍ତ କରିବ ଦିବ୍ୟପୂର୍ଣ୍ଣତା ।

(୧୨ ଡିସେମ୍ବର, ୧୯୭୨)

*

ଅରୋଭିଲ୍ ସୃଷ୍ଟି କରାଯାଇଛି ଏକ ଉଚ୍ଚତର ମାନବଜାତି ନିମିତ୍ତ, ସେହିମାନଙ୍କ ନିମିତ୍ତ ଯେଉଁମାନେ ସେମାନଙ୍କ ଅହଂକୁ ଅତିକ୍ରମ କରିବାକୁ ଏବଂ ସମସ୍ତ କାମନା-ବାସନାକୁ ତ୍ୟାଗ କରିବାକୁ ଚାହାନ୍ତି ଯାହା ଫଳରେ ସେମାନେ ଅତିମାନସକୁ ଗ୍ରହଣ କରିବା ନିମିତ୍ତ ନିଜକୁ ପ୍ରସ୍ତୁତ କରିପାରିବେ । କେବଳ ସେହିମାନେହିଁ ଯଥାର୍ଥ ଅରୋଭିଲ୍‌ବାସୀ ।

ଯେଉଁମାନେ ସେମାନଙ୍କ ଅହଂର କଥାମାନି ଚଳିବାକୁ ଏବଂ ସମସ୍ତ କାମନା-ବାସନାକୁ ତୁଷ୍ଟ କରିବାକୁ ଚାହାନ୍ତି, ସେମାନେ ଏକ ନିମ୍ନମାନ ମାନବଜାତିର ଅନ୍ତର୍ଭୁକ୍ତ ଏବଂ ସେମାନଙ୍କ ପାଇଁ ଏଠାରେ (ଅରୋଭିଲ୍‌ରେ) ସ୍ଥାନ ନାହିଁ । ସେମାନେ ସେହି ସାଧାରଣ ଜଗତକୁ, ଯାହାକି ସେମାନଙ୍କ ସକାଶେ ଯଥାର୍ଥ ସ୍ଥାନ, ଫେରିଯିବା ଆବଶ୍ୟକ ।

(୧୮ ଡିସେମ୍ବର, ୧୯୭୨) ❖

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ମିଥ୍ୟାପବାଦକୁ ଭିତ୍ତି କରି ଜଣେ ନିନ୍ଦୁକ :

ଜାତୀୟବାଦୀ ପାର୍ଟି ପାଖରେ ଶ୍ରୁତିମଧୁର ବିଜ୍ଞ ବିଚାରବୋଧର ଅଭାବ ପରିଲକ୍ଷିତ ହେବାର ଦେଖି ବୟୋଜ୍ୟେଷ୍ଠ ଆମ ସହଯୋଗୀ ପତ୍ରିକା 'ଇନ୍ଦୁପ୍ରକାଶ' ତା'ଉପରେ କ୍ରୋଧାନ୍ୱିତ ହୋଇଉଠିଛି । ଗୁଣ୍ଡାଗିରି ପାଇଁ ସେମାନଙ୍କ ଉପରେ ସେ ଦୋଷାରୋପ କରି କହିଛି, ''ଯେଉଁ ଗୁଣ୍ଡାଗର୍ଦ୍ଦି ପୂର୍ବପ୍ରାନ୍ତର (East End) ବଦମାସମାନଙ୍କୁ ଲଜ୍ଜାଜନକ ପରିସ୍ଥିତିରେ ପକେଇବ,'' ଆଉ ପୁଣି କହିଛି – ''ଗାଳିଗୁଲଜ, ମିଥ୍ୟାପବାଦ, ଅଭଦ୍ରାମି ଓ ନିପଟ ନିର୍ବୋଧତା ଏସବୁ ସେମାନଙ୍କର ବିଶେଷ ଗୁଣ ବୋଲି ମନେହୁଏ ଏବଂ ଅଦଳ ବଦଳ କରି ଗୋଟିକ ପରେ ଗୋଟିଏ ସେଇ ବିଶେଷ ଆଚରଣ ସେମାନେ ପ୍ରଦର୍ଶନ କରିଚାଲିଛନ୍ତି । ଆମକୁ ମଧ ହଠାତ୍ ଦେଖି ତାଜୁବ ଲାଗୁଛି ଯେ ''ଗାଳିଗୁଲଜ, ମିଥ୍ୟାପବାଦ, ଅଭଦ୍ରାମି ଓ ନିପଟ ନିର୍ବୋଧତା'' ଯୋଗୁଁ 'ଇନ୍ଦୁପ୍ରକାଶ' ଦୋଷୀ ବୋଲି ବିବେଚିତ ହୋଇଛି, ଏଇ ଗୁଣଗୁଡ଼ିକର ଏପଟ ସେପଟ ଅଦଳ ବଦଳ ପ୍ରଦର୍ଶନରେ ନୁହେଁ କିନ୍ତୁ ଏକାଥରକେ ଏଇ ଦୁଇଟି ଯାକ ବାକ୍ୟର ସଂକ୍ଷିପ୍ତ ସ୍ଥାନରେ ବର୍ଣ୍ଣିତ ସବୁ ଗୁଣଗୁଡ଼ିକ ନେଇ ସେ ଦୋଷୀ । ଯାହାହେଉନା କାହିଁକି ଏ ଧରଣର ଶବ୍ଦ ବିନ୍ୟାସ ହେଉଛି ସାଧାରଣ ନରମପନ୍ଥୀର ଆଳଙ୍କାରିକ ଶୈଳୀର ଏକ ଅଂଶ ବିଶେଷ ଯା'ର ସ୍ୱଭାବ ହେଉଛି ଠିକ୍ ନରମର ବିପରୀତ । ଯୁକ୍ତିତର୍କରେ ଜାତୀୟତାବାଦୀମାନଙ୍କର ସମ୍ମୁଖୀନ ହୋଇ ନପାରି ସେମାନେ କଟୁ ମନ୍ତବ୍ୟକୁ ପ୍ରସ୍ତୁତ କରି ରଖନ୍ତି, ସେମାନଙ୍କୁ ଉଦ୍‌ଭ୍ରାନ୍ତ ''ଗୁଣ୍ଡା'', ''ତୁଚ୍ଛା ନାବାଳକ'' ବୋଲି କହି ନିନ୍ଦା କରନ୍ତି । ଗୁଣ୍ଡାଗିରିର ଅଭିଯୋଗ ପ୍ରତି ଆମେ ଉତ୍ତର ଦେଇ ସାରିଛୁ ଏବଂ ଏଇଠି ଅଧିକା ଟିକେ କହିରଖିବୁ ଯେ ବ୍ୟକ୍ତିଗତ ଭାବେ ସଭ୍ୟମାନଙ୍କ ପ୍ରତି ପ୍ରଚଣ୍ଡ ଆକ୍ଷେପ କୌଣସି ଗୋଟିଏ ପାର୍ଟି ଭିତରେ ସୀମାବଦ୍ଧ ନୁହେଁ । କିନ୍ତୁ ନରମପନ୍ଥୀମାନଙ୍କର ନିଜସ୍ୱ ପଦ୍ଧତି ସବୁ ରହିଛି । ସେମାନେ ଆମ ଦଳର ବିଶିଷ୍ଟ ସଭ୍ୟମାନଙ୍କୁ ଆକ୍ରମଣ କରନ୍ତି ସେମାନଙ୍କ ପଛରେ କିଂବା ନହେଲେ ସର୍ବସାଧାରଣଙ୍କ ପ୍ରବେଶ ନିଷିଦ୍ଧ ଥିବା ପ୍ରଜାସମିତି ପରି ସେଇସବୁ ସଭାଗୁଡ଼ିକରେ ଯାହା ସାଧାରଣ ଜନତା ପାଇଁ ଉଦ୍ଦିଷ୍ଟ ନୁହେଁ । ସେମାନେ ମିଛରେ ସେଇ ସଭ୍ୟମାନଙ୍କର ବଦନାମ କରନ୍ତି ସେମାନଙ୍କ ଖବର କାଗଜର ପତ୍ରାଳାପ ପାଇଁ ଥିବା ସ୍ତମ୍ଭଗୁଡ଼ିକରେ ଓ ସେମାନଙ୍କୁ ଅବଜ୍ଞା କରନ୍ତି କିଂବା ଅଗ୍ରଲେଖା ମାଧ୍ୟମରେ ଦଳକୁ ସାଧାରଣତଃ ଗାଳିଗୁଲଜ କରନ୍ତି । ତା'ପରେ ସେମାନେ ଏହାକୁହିଁ କହନ୍ତି ଶାଳୀନତା ଏବଂ ''ଜନଜୀବନର ମହାନ୍ ଗୌରବ'' । ଆମେ ଏକଥାକୁ ଅଭିହିତ କରୁଛୁ 'ସ୍ପଷ୍ଟବାଦିତା' ଓ ସାହସର ଅଭାବ ବୋଲି । 'ଇନ୍ଦୁ' ଭାବୁଛି ଯେ ବ୍ୟକ୍ତିଗତ ଆକ୍ରମଣ ଓ ମିଜାଜର ପ୍ରଚଣ୍ଡ ପ୍ରକୋପର ସ୍ଥାନ ଇଂଲିଶ ରାଜନୀତିରେ ନାହିଁ । ଏହା ପ୍ରକୃତରେ ଏକ ପବିତ୍ର ନିଷ୍କପଟତା ଏବଂ କିଛି କାରଣ ନଥିଲେ ବୟୋଜ୍ୟେଷ୍ଠର ପତ୍ରିକାଗୁଡ଼ିକ ଏହାକୁ 'ଇନ୍ଦୁ ପ୍ରକାଶ', 'ଚନ୍ଦ୍ରକିରଣ' ବୋଲି ସମ୍ବୋଧନ କରନ୍ତେ ନାହିଁ । ଏହା ଅବଶ୍ୟ ସତ ଯେ ମହାଦେଶୀୟ ରାଷ୍ଟ୍ରଗୁଡ଼ିକ ଯେମିତି କରନ୍ତି କିଂବା ଆମେ ଭାରତବର୍ଷରେ ଯେମିତି କରିଥାଉ ଇଂରେଜ ରାଜନୀତିଜ୍ଞମାନେ ସେମାନଙ୍କ ରାଜନୈତିକ ବିବାଦ ଆଉ ରୁକ୍ଷ ଆଚରଣକୁ ସାମାଜିକ ଜୀବନ ଭିତରକୁ ଆଣିବା ପାଇଁ ସେମିତି କିଛି କରି ବସନ୍ତି ନାହିଁ; ଇଂରେଜ ଜନ ଜୀବନର ଏହା ଏକ ଅତି ପ୍ରଶଂସନୀୟ ବୈଶିଷ୍ଟ୍ୟ । ଇଂରେଜ ଗୋଷ୍ଠୀଗୁଡ଼ିକ ଭିତରେ ଯେଉଁ ପାର୍ଥକ୍ୟ ସବୁ ରହିଛି ତା' ଅପେକ୍ଷା ଆମକୁ ବିଭାଜିତ କରୁଥିବା ପାର୍ଥକ୍ୟଗୁଡ଼ିକ ଯେ ଛୋଟ, ''ଇନ୍ଦୁ''ର ଏଇ ବିବୃତିରେ ଆମେ ଏକମତ ନୁହଁ; କିନ୍ତୁ ଛୋଟ ବା ବଡ଼ ହେଉ ଯଦି ଘୃଣା ଭାବ ସର୍ବଥା ବର୍ଜନୀୟ ତା'ହେଲେ ସେମାନେ ଏହାକୁ ସୃଷ୍ଟି କରିବା ଉଚିତ ନୁହେଁ, ଏଥିରେ ଆମେ ରାଜି । ଯଦି ନରମପନ୍ଥୀମାନେ ଏତେ ବ୍ୟସ୍ତ ହୋଇ ଉଠିଛନ୍ତି ତିକ୍ତ ଭାବକୁ ପରିହାର କରିବା ପାଇଁ ତା'ହେଲେ ଏପରି ଆଦର୍ଶର ଦୃଷ୍ଟାନ୍ତ ସେମାନେ ଆଗେ ପ୍ରତିଷ୍ଠା କରିବା ଉଚିତ ନୁହେଁ କି ? ସେମାନେ ଏକଚ୍ଛତ୍ରବାଦକୁ ଏବଂ ଚାପ ପ୍ରୟୋଗର କୌଶଳକୁ ଆଗେ ପରିହାର କରନ୍ତୁ, ସିଧାସଳଖ ଜାତୀୟବାଦୀମାନଙ୍କୁ ଏକ ଦଳ ହିସାବରେ ସ୍ୱୀକୃତି ଦିଅନ୍ତୁ ଯାହାର ମତାମତକୁ ଯେମିତି ହେଲେ ଲୋଡ଼ିବାକୁ ପଡ଼ିବହିଁ ପଡ଼ିବ, ସେମାନଙ୍କ କାର୍ଯ୍ୟପଦ୍ଧତିରେ ସେମାନେ ମୈତ୍ରୀଭାବାପନ୍ନ ଏବଂ ସାମ୍ବିଧାନିକ ହେବାକୁ ପଡ଼ିବ; ଏବଂ 'ଇନ୍ଦୁ' ଯାହାକୁ ଭୁଲ୍ ଆଖ୍ୟା ଦେଇଛି

''ଚରମପନ୍ଥୀଙ୍କ ଗୁଣ୍ଡାରାଜ'' ଏକ ସ୍ୱାଭାବିକ ମୃତ୍ୟୁରେ ତା'ର ଅନ୍ତଃ ଘଟିବ ।

## ପ୍ରସଙ୍ଗ କ୍ରମେ :

### ଡେଣା ଲାଗିଥିବା ମୂଷିକଟିଏ :

ବିଚାରା ପ୍ରଫେସର ଏନ୍. ଏନ୍. ଘୋଷ ! ଆମେ ଯେତେବେଳେ ନିଷ୍ଠା ସହକାରେ ତାଙ୍କ ସମ୍ପର୍କରେ ଆଲୋଚନା କରିଥିଲୁ ଆମ 'ପ୍ରସଙ୍ଗ କ୍ରମେ' ସ୍ତମ୍ଭଟିରେ, ଆମେ ଏଇ ବିଶ୍ୱାସରେ କରିଥିଲୁ ଯେ ଏଥିରେ ତାଙ୍କର ମଙ୍ଗଳ ହେବ; ଜଣେ ବନ୍ଧୁଙ୍କ ଦ୍ୱାରା ଯେଉଁ ଚୋଟସବୁ ମରାଯାଇଥିଲା ତାହା ଯନ୍ତ୍ରଣାଦାୟକ ହେଲେ ମଧ୍ୟ କଲ୍ୟାଣକାରୀ ଥିଲା । ଆମେ ଆଶା କରିଥିଲୁ ଯେ ଯଦି ଆମେ ତାଙ୍କର ଅବିକଳ ଚିତ୍ର ଛାପିଦେବୁ ତା'ହେଲେ ତାକୁ ଦେଖି ସେ ଲଜ୍ଜିତ ହୋଇପଡ଼ିବେ ଆଉ ନିଜର ସଂଶୋଧନ ପାଇଁ କାର୍ଯ୍ୟ କରିବେ; କିନ୍ତୁ ସମ୍ଭବତଃ ଆମ ଶଙ୍କରିତୋଲାସ୍ଥ ହାମ୍‌ଲେଟ୍‌ଙ୍କର ରହସ୍ୟକୁ ଭେଦ କରି ଏପରି ନିର୍ମମ ଭାବେ ମର୍ମ କଥାଟିକୁ ପଦାକୁ ଆଣି ଭୁଲ୍ କରିଥିଲୁ । ନିଃସନ୍ଦେହରେ ଆମେ ଅନୁମାନ କରି ନଥିଲୁ ଯେ ତାଙ୍କ ନିଜ ନୈତିକ ପ୍ରତିଚ୍ଛବିର ସନ୍ଦର୍ଶନରେ ସେ ଏପରି ଚିହିଁକି ଉଠି ଉତ୍‌କ୍ଷିପ୍ତ ହେବେ ଏବଂ ଏକ ପ୍ରଚଣ୍ଡ କ୍ରୋଧର ଉନ୍ମତ୍ତ ଭଙ୍ଗୀ ପ୍ରକାଶ କରିବେ ଯାହା ଏପ୍ରିଲ ୧୫ ସଂଖ୍ୟାର 'ଇଣ୍ଡିଆନ୍ ନେସନ୍'କୁ ବିକୃତ କରି ଦେଇଛି । ଜଣେ ସଂସ୍କୃତି ସମ୍ପନ୍ନ ଏବଂ ସମ୍ମାନାସ୍ପଦ ସାହିତ୍ୟ ସାଧକ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ପକ୍ଷରେ ନିଜର ଅଧୋଗତି କରି ବସିବା ବହୁତ ଦୁଃଖଦାୟକ ଓ ଏପରି ମର୍ମାନ୍ତିକ ଦୃଶ୍ୟର କର୍ତ୍ତା ହିସାବରେ ଆମେ ସର୍ବସାଧାରଣଙ୍କ ପାଖରେ କ୍ଷମା ମାଗୁଛୁ । ତାଙ୍କ ବିକ୍ଷୁବ୍ଧ ବଡ଼ିମାକୁ ଶାନ୍ତ କରିବା ଉଦ୍ଦେଶ୍ୟରେ ଆମ ସ୍ତମ୍ଭଟିକୁ ଆଜି ତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଛୁ । ପ୍ରସଙ୍ଗକ୍ରମେ ଆମେ ମି. ଘୋଷଙ୍କୁ ଆଶ୍ୱାସନା ଦେଉଛୁ ଯେ ଯେତେବେଳେ ତାଙ୍କର ବିକ୍ଷୁବ୍ଧ ଗାରିମା ସମ୍ପର୍କରେ ଆମେ ଆଲୋଚନା କରୁଛୁ ତାଙ୍କ ଦକ୍ଷତାକୁ ନେଇ ଏକ ମୂଷିକ ହିସାବରେ ତାଙ୍କୁ ଆମେ ଭାବୁ ନାହୁଁ । କିଛି ସମୟ ପାଇଁ ଆମେ ତାଙ୍କୁ ଡେଣା ଲାଗିଥିବା ଏକ ଦ୍ୱିପଦ ବିଶିଷ୍ଟ ପ୍ରାଣୀ ବୋଲି କଳ୍ପନା କରୁଛୁ – ଏଇ ଧରନ୍ତୁ, ନିର୍ଜନ ମରୁରେ ଏକ ନିଃସଙ୍ଗ ବୃହତ୍ ଜଳଚର (Pelican) ପକ୍ଷୀର, ନ ହେଲେ ଯଦି ସେ ପସନ୍ଦ କରନ୍ତି କୋଲୁତୋଲାସ୍ଥିତ ଏକ ଅତ୍ୟଧିକ ପ୍ରେମ ପାଗଳ କପୋତ (turtle dove) ତା'ର ନବାଗତ ସାଥୀଟି ସକାଶେ ଦେଉଥିବା କୂଜନ ।

ଏହା କ'ଣ ହୋଇପାରେ ଯାହା ପାଇଁ ମିଃ. ଘୋଷ ଆମକୁ ଦୋଷୀ ବୋଲି ଠଉରେଇଛନ୍ତି ? ପ୍ରଥମତଃ ଆମେ ତାଙ୍କୁ ଏକ ମୂଷିକରେ ପରିଣତ କରିଦେଇଛୁ ବୋଲି ସେ ଆମକୁ ଗାଳି ଦେଇଛନ୍ତି । ଦ୍ୱିତୀୟତଃ ଆମେ ତାଙ୍କୁ ଏକ ମୂଷିକରେ ପରିଣତ କରିସାରିଲା ପରେ ତାଙ୍କୁ କ'ଣ ପୁଣି ଏକ ମଣିଷ ହିସାବରେ ବ୍ୟବହାର କରିବା ଉଚିତ ହେବ, ଏହି ଆପତ୍ତି ସେ ଉଠେଇଛନ୍ତି । ସେ ଆପତ୍ତି କରିଛନ୍ତି, ''ମୁଁ ତ ଗୋଟିଏ ମୂଷିକ, ମୋର ପୁଣି କିପରି ଏକ ସୁରକ୍ଷା ପ୍ରଦାନକାରୀ ବାହୁ କିଂବା ସୁଗଠିତ ହୃଦୟ ରହିବ ? ମୁଁ ତ ଗୋଟିଏ ମୂଷିକ, ଅତଏବ ମୁଁ ଜଣେ ରାଜନୀତିଜ୍ଞ ନୁହେଁ କିଂବା ଏକ ପରନିନ୍ଦୁକ ନୁହେଁ ।'' ଏଇ ଉଭୟ ଅଭିଯୋଗରେ ଆମେ ଦୋଷୀ ନୋହୁ ବୋଲି ଯୁକ୍ତି କରୁଛୁ । ଆଉ ଆମେ ଯେତେବେଳେ ସାମୟିକ ଭାବେ ଆମର ମାନ୍ୟବର ବନ୍ଧୁଙ୍କୁ ପ୍ରସିଦ୍ଧ ଲୋକକଥାରେ ବର୍ଣ୍ଣିତ ମୂଷିକ ସାଥିରେ ତୁଳନା କରିଥିଲୁ ଆମର ସାମାନ୍ୟତମ ଧାରଣା ନଥିଲା ଯେ ଆମେ ଏକ ଶକ୍ତିଶାଳୀ ମନ୍ତ୍ରର ପ୍ରୟୋଗ କରୁଥିଲୁ ଯାହା ମି. ଘୋଷଙ୍କ ଗୋଡ଼ର ସଂଖ୍ୟାକୁ ଦ୍ୱିଗୁଣିତ କରି ପାରୁଥିଲା ଏବଂ ତାଙ୍କୁ ଏକ ଧୂର୍ତ୍ତ ''ତୀକ୍ଷ୍ଣଦନ୍ତ'' (rodent) ସମ୍ପନ୍ନ ମୂଷିକରେ ପରିବର୍ତ୍ତନ କରିପାରୁଥିଲା । ଏହି ଧାରଣାର ବଶବର୍ତ୍ତୀ ହୋଇ ଅବଶିଷ୍ଟ ଟିପ୍ପଣୀ ଆମେ ଦେଇଥିଲୁ ଯେ ସେ ଯାହାହେଲେ ବି ଏକ ମଣିଷହିଁ ଥିଲେ; ତାହେଲେ ଜଣେ ମଣିଷ ହିସାବରେ ତାଙ୍କୁ ବ୍ୟକ୍ତ କରାଗଲା ବୋଲି ସେ କାହିଁକି ଏତେ କ୍ରୋଧାନ୍ୱିତ ହୋଇ ଆପତ୍ତି କରୁଥିଲେ, ସେକଥା ବୁଝିବାରେ ଆମେ ବିଫଳ ହୋଇଥିଲୁ । ଆମେ ଯେତେବେଳେ ପରୋକ୍ଷରେ ସୂଚନା ଦେଇଥିଲୁ ଯେ ମିଃ. ଘୋଷଙ୍କୁ ଏକ ମୂଷିକ କରିଦେବା ପାଇଁ ଆମର ସେମିତି କିଛି ଅଧିକ ଉଦ୍ଦେଶ୍ୟ ନଥିଲା, ଯେହେତୁ ପାପକୁ ଧିକ୍କାର କରୁଥିବା ସଇତାନ ସାଥିରେ ତାଙ୍କୁ ଆମେ ତୁଳନା କରି ସାରିଥିଲୁ; ଆମେ ଚାହିଁଥିଲୁ ତାଙ୍କୁ ଏକ ଖଳ ପ୍ରକୃତିର ଚତୁର ବ୍ୟକ୍ତି ବୋଲି ଆଖ୍ୟା ଦେବା ପାଇଁ । କିନ୍ତୁ ମେଟ୍ରୋପଲିଟାନ୍ କଲେଜର ଅଧକ୍ଷ ମହୋଦୟ ଅନ୍ୟମାନଙ୍କ ଉପମାକୁ ଆଣି ଗୋଳିଆଘଣ୍ଟା କରିବାରେ ଯେପରି ଧୁରନ୍ଧର ଥିଲେ ସେମିତି ନିଜ ସମ୍ପର୍କିତ ଉପମାକୁ ସେ ଏପଟ ସେପଟ କରି ଦେଉଥିଲେ ବୋଲି ମନେହୁଏ ।

ଯଦି ଏହି ବ୍ୟାଖ୍ୟା ଶୁଣିସାରିଲା ପରେ ସେ ତଥାପି ଅଡ଼ି ବସନ୍ତି, ''ମୁଁ ଯେ ମୂଷିକପ୍ରବର, ମୋତେ ମୂଷିକ ପରିହିଁ ରହିବାକୁ ଦିଅ'' । ତାଙ୍କର ଏଭଳି ମନୋଭାବ ପାଇଁ ଆମେ ଆଉ କିଛି ସାହାଯ୍ୟ କରିପାରିବା ନାହିଁ । ସୁଯୋଗ୍ୟ ପତ୍ରକାରଙ୍କର ମସ୍ତିଷ୍କରେ ଏବେ ନିକଟରେ ମୂଷିକଟିଏ ପ୍ରବେଶ କରିଥିଲା ବୋଲି ମନେ ହେଉଛି । ଆଉ ଦିନେ ସେ ଆବିଷ୍କାର କରିଥିଲେ ଏକ ଡେଣାଯୁକ୍ତ କିଂବା ଡେଣାକୁ ଛାଟୁଥିବା ଏକ ତୀକ୍ଷ୍ଣ ଦନ୍ତ ଜାତୀୟ ମୂଷିକକୁ; ତାହେଲେ ବର୍ତ୍ତମାନ ଏକ ମୂଷିକର ଉଲ୍ଲେଖ କରାଯିବାରୁ ଭ୍ରମଟିଏ ଉଦ୍ରେକ ହୋଇଛି ଯେ ସେ ନିଜେ ହେଉଛନ୍ତି ସେମାନଙ୍କ ଭିତରୁ ଜଣେ । ଡେଣା ଲଗା ମୂଷିକର ଅସ୍ତିତ୍ୱରେ ଆମର ତ ବିଶ୍ୱାସ ନାହିଁ – କିନ୍ତୁ ଏବେ ନିକଟରେ ମିଃ. ଘୋଷଙ୍କର ପ୍ରହସନରୁ ଆମେ ବେଶ୍ ଭଲ ରକମର ବିଶ୍ୱାସ କରିପାରିବା ଯେ ଡେଣାକୁ ଛାଟୁଥିବା ମୂଷିକଟିଏ ନିଶ୍ଚୟ ଅଛି । ଏଥର ସେ ଆଉ ଏକ ନୂତନ ପ୍ରଜାତିର ଜୀବକୁ ଆବିଷ୍କାର କରିଛନ୍ତି ବୋଲି ଜଣାପଡୁଛି ଯାହାକୁ ସେ ''ରୋଡ଼େଣ୍ଟ'' ବୋଲି କହୁଛନ୍ତି ! ଆମ ଅଫିସରେ ଅନେକ କିଛି ଆଲୋଚନା ହେଲା ଏଇ ନୂତନ ଧରଣର ଜୀବ ସଂକ୍ରାନ୍ତରେ । କିଛି ଭାବିନେଲେ ଯେ ଏହା ବୋଧେ ପ୍ରକାଶକଙ୍କର ନିଜସ୍ୱ କୌଣସି ନର ପିଶାଚର ଉଦ୍ଭାବନ ହୋଇଥିବ; ଆଉ କେତେ ଜଣ ମତ ଦେଲେ ଯେ ବୋଧେ ନିଜ ଅନିୟନ୍ତ୍ରିତ ଉତ୍ତେଜନାର ବଶବର୍ତ୍ତୀ ହୋଇ ସମ୍ପାଦକ ଜଣକ ତାଙ୍କ ଇଂଲଣ୍ଡରେ ତିଆରି ହୋଇଥିବା କଲମଟିରୁ 'ଏଚ୍' ଅକ୍ଷରଟି ଗଳେଇ ଦେଇଛନ୍ତି । ଅନ୍ୟମାନେ କହିଲେ ଯେ ଆମ **କଲିକତା ହାମ୍ଲେଟ୍** ସେକ୍ସପିଅରଙ୍କ ଯୁଗର ହାମ୍ଲେଟ୍ ନୁହେଁ, ଯିଏ ଗୋଟିଏ ମୂଷା ଓ ଗୋଟିଏ ଚିରହରିତ୍ ଲତାର ପୁଷ୍ପ (ଗୋଲାପ) (Rhododendron) ''ରୋଡ଼ୋଡ଼େନ୍ଡ୍ରୋନ୍'' ମଧ୍ୟରେ ତଫାତଟା ଜାଣି ପାରିବ ନାହିଁ । ଜଣେ ବିଜ୍ଞ ସରକାରୀ ପ୍ରଫେସର ଆମକୁ ନିର୍ଭର ପ୍ରତିଶ୍ରୁତି ଦେଇ କହିଲେ ଯେ ରୋଡ଼ନ୍ (ଗୋଲାପ) ହେଉଛି ଗ୍ରୀକ୍ ଶବ୍ଦ ପରି, ଆଉ ମିଃ. ଘୋଷହିଁ ଏକ ନୂଆ ପ୍ରଜାତିର ମୂଷିକକୁ ଆବିଷ୍କାର କରିଛନ୍ତି ଯିଏ ଖାଲି ଡେଣା ଛାଟେ ନାହିଁ କିନ୍ତୁ ପୁଷ୍ପିତ ମଧ୍ୟ ହୁଏ,– ଯାହା ସମ୍ପର୍କରେ ତାଙ୍କର ବିଶ୍ୱାସ ହେଲା, ସେ କେବଳ ଏକ ମାତ୍ର ନମୁନା ଯେ କି ବର୍ତ୍ତି ରହିଛନ୍ତି । ସେ ଯାହା ହୋଇଥାଉନା କାହିଁକି ଆମେ ବର୍ତ୍ତମାନ ତାଙ୍କୁ ଜାଣି ସାରିଛୁ, ତେଣୁ ତାଙ୍କୁ ଆଉ "rhodent" ସହିତ ତୁଳନା କରିବୁ ନାହିଁ । ଗୋଟିଏ ଗୋଲାପକୁ ଯେଉଁ ନାମ ଦେଲେ ମଧ୍ୟ ତହିଁରୁ ସୁଗନ୍ଧ ଆସିବ ଏବଂ ଗୋଟିଏ ମୂଷିକକୁ ଆଉ ଯେକୌଣସି ନାମ ଦେଲେ ମଧ୍ୟ ସେ ଦାନ୍ତ ରଗଡ଼ିବହିଁ ରଗଡ଼ିବ ।

[ବନ୍ଦେ ମାତରମ୍, ଏପ୍ରିଲ ୧୭, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ❖

*ପ୍ରଶ୍ନ : ଏପରି ଏକ ସମୟ ଆସିବ କି ଯେତେବେଳେ ପୃଥିବୀରେ କୌଣସି ଗରିବ ବ୍ୟକ୍ତି ରହିବେ ନାହିଁ ଏବଂ ଦୁଃଖକଷ୍ଟ ବୋଲି କିଛି ରହିବ ନାହିଁ ?*

**ଶ୍ରୀମା :** ସେହିମାନଙ୍କ ସକାଶେ ଏହା ସଂପୂର୍ଣ୍ଣଭାବରେ ନିଶ୍ଚିତ, ଯେଉଁମାନେ ଶ୍ରୀଅରବିନ୍ଦଙ୍କ ଶିକ୍ଷାକୁ ବୁଝିଛନ୍ତି ଏବଂ ତାଙ୍କ ଉପରେ ବିଶ୍ୱାସ ରଖିଛନ୍ତି ।

ଏହି ଉଦ୍ଦେଶ୍ୟ ରଖି ଏପରି ଏକ ସ୍ଥାନ ସୃଷ୍ଟି କରିବାକୁ ହେବ ଏବଂ ସେହି ସ୍ଥାନରେ ଏହା ସମ୍ଭବ ହେବ ଯେଉଁ ସକାଶେ ଆମେ ଅରୋଭିଲ୍‌ର ପ୍ରତିଷ୍ଠା ଚାହୁଁ ।

କିନ୍ତୁ ଏହି ଉପଲବ୍ଧି ସମ୍ଭବ ହେବା ସକାଶେ ଆମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ନିଜକୁ ରୂପାନ୍ତରିତ କରିବାକୁ ହେବ; କାରଣ ମନୁଷ୍ୟମାନଙ୍କ ଜୀବନରେ ଘଟୁଥିବା ଅଧିକାଂଶ ଦୁଃଖକଷ୍ଟ ହେଉଛି ସେମାନେ ନିଜେ କରୁଥିବା ଭୌତିକ ତଥା ନୈତିକ ବିଭ୍ରାନ୍ତ କର୍ମର ପରିଣାମ ।

*୮ ନଭେମ୍ବର, ୧୯୬୯*

# ସତ୍ୟରେ ଲାଗିରହ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ଦିବ୍ୟ-ଜୀବନ ସତ୍ୟର ଜୀବନ । ସେହି ଜୀବନ ସତ୍ୟ ଉପରେ ପ୍ରତିଷ୍ଠିତ, ସ୍ୱଭାବରେ ଓ ସ୍ୱରୂପରେ; ତାହା ସତ୍ୟ – ବିଶୁଦ୍ଧ ସତ୍ୟ, ଅମିଶ୍ର, ଅବ୍ୟଭିଚାରୀ । କିନ୍ତୁ ପ୍ରଶ୍ନ କରାଯାଇପାରେ ଯେ ଯେତେବେଳେ ଆମେ ବସ୍ତୁତଃ ରହିଛୁ ଆମର ଅଜ୍ଞାନ, ଅର୍ଦ୍ଧଜ୍ଞାନ ଚେତନାରେ, ପ୍ରାୟ ଏକ ସମ୍ପୂର୍ଣ୍ଣ ମିଥ୍ୟାମୟ ଜଗତରେ, ସେତେବେଳେ ମିଥ୍ୟାକୁ ଅବ୍ୟର୍ଥ ଭାବରେ, ସାମୟିକ ଭାବରେ ସ୍ୱୀକାର କରିନେବା କ'ଣ ପ୍ରୟୋଜନ ଏବଂ ଏପରିକି ଅପରିହାର୍ଯ୍ୟ ନୁହେଁ, ଯାହାଦ୍ୱାରା ଆମେ ଏ ଜଗତରେ ଆମର କର୍ତ୍ତବ୍ୟ ସମ୍ପାଦନ କରି ସଫଳତା ଲାଭ କରିପାରିବୁ ? ଆମେ ରହିଛୁ ଗୋଟିଏ ଆବେଷ୍ଟନୀ ଭିତରେ, ଗୋଟିଏ ପ୍ରଚଳିତ ଅବସ୍ଥା-ବ୍ୟବସ୍ଥା ଭିତରେ, ଆମ ଜୀବନର ଧାରା ସେହି ପରିଧି ଭିତରେ ଆବଦ୍ଧ, ଆମେ ଯଦି ମୁହାଁମୁହିଁ ତା'ର ବିରୁଦ୍ଧାଚରଣ କରିବାକୁ ଚାହୁଁ, ତେବେ ତା' କ'ଣ କାର୍ଯ୍ୟରେ ସମ୍ଭବ ହେବ ? ବ୍ୟକ୍ତିଗତଭାବେ ଆମେ କ୍ଷୁଦ୍ର, କ୍ଷୁଦ୍ରାଦପି କ୍ଷୁଦ୍ର କଣିକାମାତ୍ର; ସମଗ୍ରର ବିଶାଳ ଗୁରୁଭାର ଆମ ମଧ୍ୟରୁ ପ୍ରତ୍ୟେକଙ୍କୁ ପେଷି ଚୂର୍ଣ୍ଣ କରିଦେବ, କାହାରି କିଛି ଅସ୍ତିତ୍ୱ ରହିବ ନାହିଁ । ସତ୍ୟହିଁ ଆମର ପ୍ରୟୋଜନ, ସତ୍ୟହିଁ ଆମର ଲକ୍ଷ୍ୟ, ସେ କଥା ଠିକ୍; କିନ୍ତୁ ସେ ଦିଗରେ ଆମକୁ ଅଗ୍ରସର ହେବାକୁ ହେବ ସାବଧାନରେ, ସନ୍ତର୍ପଣରେ, ବୁଦ୍ଧିମାନ୍ ପରି, ମିଥ୍ୟା ଯଦି ଚତୁର ହୁଏ, ତେବେ ଆମମାନଙ୍କୁ ତାହାଠାରୁ ବି ଚତୁର ହେବାକୁ ହେବ । ଜଗତରେ ଜୀବନ-ଯାପନର ଉଦ୍ଦେଶ୍ୟହିଁ ହେଲା ସାଫଲ୍ୟ ଲାଭ କରିବା । ସେଠାରେ ବଳର ଯେପରି ପ୍ରୟୋଜନ ଅଛି, ସେହିପରି ପ୍ରୟୋଜନ ଅଛି ଛଳର ଓ କୌଶଳର । ତୁମର ଶତ୍ରୁର କଥା ତୁମକୁ କିଛି ଅଂଶରେ ମାନିନେବାକୁ ପଡ଼ିବ, ଯଦି ତୁମେ ଚାହଁ ଯେ ସେ ତୁମ କଥା କିଛି ଅଂଶରେ ମାନିବ । ଏ ଜଗତରେ ଏହି ସତ୍ୟ-ମିଥ୍ୟାର ବ୍ୟାମିଶ୍ର କ୍ଷେତ୍ରରେ ସାଫଲ୍ୟ ଆସିପାରେ କେବଳ ପରସ୍ପରର ଆଦାନ-ପ୍ରଦାନ ଭିତର ଦେଇ । ଏକାନ୍ତ ସତ୍ୟବାଦୀ ସାଧୁତ୍ୱ ବାସ୍ତବ କର୍ମକ୍ଷେତ୍ରରେ ସ୍ଥାନ ପାଏ ନାହିଁ । ସେଥିପାଇଁ ପ୍ରାଚୀନ ଜ୍ଞାନୀମାନେ ସେମାନଙ୍କର ସତ୍ୟକୁ ଅନାବିଳ ଓ ଅକ୍ଷୁଣ୍ଣ ରଖିବା ପାଇଁ ଏହି ବାସ୍ତବ ଜଗତ୍ ପରିତ୍ୟାଗ କରିଥିଲେ, ଆଶ୍ରୟ ନେଇଥିଲେ ପର୍ବତ ଗୁହାର ନିଭୃତରେ ।

ସାବଧାନ, ତୁମେ ଜାଣକି – ଏ ହେଲା ଶତ୍ରୁର କଣ୍ଠ । ତୁମକୁ ଭୁଲେଇ ନେବାକୁ ଚାହେଁ, ତୁମର ମନକୁ ମୋହାଚ୍ଛନ୍ନ କରିଦେଇ, ତୁମର ପଥ ସମ୍ମୁଖରେ ଉଠିଯାଇଛି ରଜ୍ଜୁ, ଶୀର୍ଣ୍ଣ ରେଖା – ପ୍ରସାରିତ ନୁହେଁ, ମସୃଣ ନୁହେଁ, ପୁଷ୍ପଶଯ୍ୟାରେ ଶୋଭିତ କୋମଳ ମଧ ନୁହେଁ । ସତ୍ୟକୁ ଆବିଷ୍କାର କରିବାକୁ ହେଲେ, ସତ୍ୟରେ ଜୀବନଯାପନ କରିବାକୁ ହେଲେ, ସତ୍ୟକୁ ପ୍ରଥମେ ଧରିବାକୁ ହେବ, ତା'ର ପୂର୍ଣ୍ଣ ବିଶୁଦ୍ଧ ସତ୍ତାରେ । ଜୀବନର ପ୍ରତିପଦରେ ସେଥିରେ ଲାଗିରହିବାକୁ ହେବ, ଆରମ୍ଭ ଯେପରି ପରିଣାମ ମଧ ସେହିପରି । ଆମର ଶ୍ରଦ୍ଧା ହେବ ଅବିମିଶ୍ର, ଆମର ଆନ୍ତରିକତା ହେବ ନିଷ୍କଳଙ୍କ । ସତ୍ୟହିଁ ନେଇ ଯାଇପାରେ ସତ୍ୟ ନିକଟକୁ, ମିଥ୍ୟା ସଙ୍ଗରେ କୌଣସି ସନ୍ଧି ବା ଆପୋସ ମିଳାମିଶା ଆମକୁ ଆହୁରି ମିଥ୍ୟା ଆଡ଼କୁ ନେଇଯିବ, 'ତତୋଽଭୂୟ ଇବ ଅନ୍ଧଂ ତମଃ' ।

ତୁମର ଛଳନା ଓ ତୁମର ଚାତୁରୀ, ତୁମର କାମ୍ୟ ସଫଳତାକୁ ନେଇ ଆସିପାରେ କିଂବା ନପାରେ । କିନ୍ତୁ ଏଥିରେ ବିନ୍ଦୁମାତ୍ର ସନ୍ଦେହ ନାହିଁ ଯେ ଏହା ତୁମର ଅନ୍ତରାତ୍ମା ଉପରେ କାଳି ବୋଳିଦେବ, ତୁମକୁ ଆହୁରି ପାଦେ ପଛକୁ ଠେଲି ନେଇଯିବ ତୁମର ଅଜ୍ଞାନ ଅଚେତନା ଭିତରକୁ । ଆଉ ତୁମେ ଯଦି ଏଇ ଏକଭାବରେ ଆଗେଇ ଚାଲ ତେବେ ତୁମେ ହୁଏତ ଜାଗତିକ ଦୃଷ୍ଟିରେ ସାଫଲ୍ୟର ଚରମ ଶିଖରରେ ପ୍ରତିଷ୍ଠିତ ହୋଇପାର, କିନ୍ତୁ ତୁମର ଅନ୍ତରାତ୍ମାକୁ ଆଉ କେଉଁଠି ଖୋଜି ପାଇବ ନାହିଁ, ହୁଏତ ଦେଖିବ – ସେ କେଉଁ ଅନ୍ଧକାରର କୋଣରେ ଛାଡ଼ିଯାଇଛି କେବଳ ଏକ ଦୀର୍ଘଶ୍ୱାସ ।

ମା କ'ଣ କହି ନାହାନ୍ତି, ବିନ୍ଦୁମାତ୍ର ଅସତ୍ୟକୁ ଯଦି ତୁମେ ତୁମ ବାକ୍ୟରେ କିଂବା କର୍ମରେ ପ୍ରଶ୍ରୟ ଦିଅ, ତା'ହେଲେ ତୁମେ ପରମ ସତ୍ୟକୁ ପ୍ରକାଶ ହେବାକୁ ଦେବ କିପରି ? ଏହି ପ୍ରସଙ୍ଗରେ ଶ୍ରୀଅରବିନ୍ଦଙ୍କ କଥା ସ୍ମରଣ କର –''କଳ୍ପନା କର ନାହିଁ ଯେ ସତ୍ୟ ଓ ମିଥ୍ୟା, ଆଲୋକ ଓ ଅନ୍ଧକାର, ସମର୍ପଣ ଓ ସ୍ୱାର୍ଥପରତା ଏକସଙ୍ଗରେ ଭଗବାନଙ୍କ ନିବେଦିତ ଏକ ଆବାସ ଭିତରେ ବସବାସ କରିବାକୁ ଅନୁମତି ପାଇବେ । ରୂପାନ୍ତର ହେବ ଅଖଣ୍ଡ ଏବଂ ଯାହାକିଛି ପ୍ରତିରୋଧୀ, ତା'ର ପ୍ରତ୍ୟାଖ୍ୟାନ ମଧ ଅଖଣ୍ଡ ହେବା ଦରକାର ।'' ମିଥ୍ୟାକୁ ତୁମେ

ଅତିକ୍ରମ କରି ଯାଇ ପାରନା, ଅନୁନୟ-ବିନୟ କରି ତା'ର ମନ ନରମ କରି ପାରନା, ମନ୍ତ୍ରରେ ତାକୁ ମୋହିତ କରି ପାରନା । ମିଥ୍ୟାର ମୁହାଁମୁହିଁ ତୁମକୁ ଠିଆ ହେବାକୁ ପଡ଼ିବ, ନିର୍ନିମେଷ ନୟନରେ ତାକୁ ଦେଖିବାକୁ ହେବ, ଅନ୍ତର ମଧ୍ୟରେ ନିରନ୍ତର ସତ୍ୟର ଅମ୍ଳାନ ଅଗ୍ନିଶିଖା ଜାଳିରଖ୍ ।

ଯଦି ତୁମେ କୁହ, ତୁମେ କ୍ଷୁଦ୍ର ଜୀବମାତ୍ର । କ୍ଷୁଦ୍ରତର ତୁମର ଆଲୋକ, ତୁମ ଚେତନାର ନାହିଁ ମହାବୀରର ଆୟତନ, ତୁମର ଆଲୋକ ବୁଡ଼ିଯିବ, ଲିଭିଯିବ, ହଜିଯିବ ଚତୁର୍ଦ୍ଦିଗର ସର୍ବଗ୍ରାସୀ ଅନ୍ଧକାର ମଧ୍ୟରେ । ତେବେ ବି ତୁମେ ଯେତେ କ୍ଷୁଦ୍ର ହୁଅନା କାହିଁକି, ତୁମର ସାମର୍ଥ୍ୟ ଯେତେ ସାମାନ୍ୟ ହେଉନା କାହିଁକି, ତୁମ ପକ୍ଷେ ଯେତେଦୂର ସମ୍ଭବ, ଯଥାସାଧ୍ୟ ତାହାହିଁ କରିଯିବ । ତୁମର ଯେ କ୍ଷୁଦ୍ର ଆଲୋକ ଶିଖା, ତାକୁ ମଳିନ ହେବାକୁ ଦିଅ ନାହିଁ, ତୁମର କୌଣସି ବିରୋଧୀ, କୌଣସି ଅନୁଚିତ ବୃତ୍ତିର ସ୍ପର୍ଶରେ । ସ୍ଥିର ଅବିକମ୍ପ ରୁହ, ଶିଖାଟିକୁ ଧରିରଖ ଉଜ୍ଜ୍ୱଳ, ଅମ୍ଳାନ କରି । ଚତୁର୍ଦ୍ଦିଗର ଅନ୍ଧକାର ତାକୁ ଘେରି ରହିପାରେ, ଅବରୋଧ କରିପାରେ କିନ୍ତୁ ତାକୁ ନିର୍ବାପିତ, ନିଶ୍ଚିହ୍ନ କରିପାରେ ନାହିଁ । କାରଣ ତୁମର ଅନ୍ତରରେ ଯାହା ଅଛି ତାହା ଚିରନ୍ତନ, ତାହାହିଁ ସ୍ୱୟଂ ଭଗବାନ୍ । ଏହି ଦେହ, ଏହି ଅସ୍ଥି-ମାଂସ ଚିରଦିନ ଯଦି ନରହେ, ତେବେ ମଧ୍ୟ ରହିଯିବ ସେହି ପୁଣ୍ୟ ଜ୍ୟୋତିଃ । ବାହାରର ଆଧାରକୁ ହୁଏତ ନତି ସ୍ୱୀକାର କରିବାକୁ ହେବ, ନିଜକୁ ମିଶାଇ ଦେବାକୁ ହେବ ବାହାରର ଆବେଷ୍ଟନୀ ମଧ୍ୟରେ,— ସେହି ଆବେଷ୍ଟନୀ ଏବେ ବି ପ୍ରସ୍ତୁତ ହୋଇ ନାହିଁ, ଅନ୍ତରର ଚେତନା ଯେ ତିଆରି ହୋଇ ନାହିଁ ସେଥିପାଇଁ ନୁହେଁ । ବାସ୍ତବରେ ଶେଷ ଯାତ୍ରା ସମୟରେ ଏହି ଶରୀର ମୁକ୍ତ କରିଦେଇ ଯାଏ ଅନ୍ତରର ଆଲୋକଟିକୁ, ସେ ଆଲୋକଟି ମିଶିଯାଏ ପାର୍ଥିବ ଆକାଶର କ୍ରମବର୍ଦ୍ଧମାନ ଆଲୋକ ମଧ୍ୟରେ । ଖ୍ରୀଷ୍ଟୀୟ ଆତ୍ମବଳିର ଏହାହିଁ ହେଲା ମୂଳତତ୍ତ୍ୱ । ସହିଦର ରକ୍ତ ଦେଇ ଗିର୍ଜାର କାନ୍ଥ ଗଢ଼ାଯାଏ । ଏହି ଆତ୍ମବଳିର ସତ୍ୟ, ଭକ୍ତର ଏହି ଆତ୍ମାହୁତି ପ୍ରୟୋଜନ ଥିଲା ସେହି ସମୟରେ ଯେତେବେଳେ ମଣିଷ ଯଥେଷ୍ଟ ଉର୍ଦ୍ଧ୍ୱକୁ ଉଠିପାରି ନଥିଲା ତା'ର ଚେତନାର ଯାତ୍ରାପଥରେ । ପୃଥିବୀର ଆବହାୱା ବର୍ତ୍ତମାନ ଅପେକ୍ଷା ଥିଲା ଘନତର, ଅସ୍ୱଚ୍ଛ, ଆହୁରି ତମୋମୟ । ସେହି ଯୁଗରେ ଏକମାତ୍ର ପ୍ରୟୋଜନ ଥିଲା ଅଟୁଟ, ଅବିଚଳ ଜୀବନ୍ତ ବିଶ୍ୱାସ, ଅମଳିନ ଜ୍ୟୋତିଃ, ନିଷ୍କମ୍ପ ବହ୍ନିଶିଖା, ଅନ୍ତରର ଏପରି ଚେତନା, କ୍ଷୁଦ୍ରକାୟ ହେଲେ ମଧ୍ୟ ଯାହା ନିଜ ଗୋଡ଼ରେ ଠିଆ ହୋଇପାରେ ଅପରିସୀମ ବାଧା ବିରୋଧରେ । ଏହା ହେଲା ଗୋଟିଏ ପଥ — ଆତ୍ମବଳିର ପଥ, ଶତ୍ରୁ ସଙ୍ଗେ ଯୁଦ୍ଧର ପଥ । ଏଥିପାଇଁ ଭାଗବତ ମନୁଷ୍ୟକୁ, ଅବତାରକୁ ସେ ଯୁଗରେ ଆତ୍ମାହୁତି ଦେବାକୁ ପଡ଼ିଥିଲା ।

ଆଜି ଆମେମାନେ ଆସି ପହଞ୍ଚିଛୁ ଆଉ ଗୋଟିଏ ଯୁଗରେ, ଭିନ୍ନ ଅବସ୍ଥା ଭିତରେ, ଅନ୍ତତଃ ଲକ୍ଷ୍ୟ ଆମର ଭିନ୍ନ । ଆମେ ଛିଡ଼ା ହୋଇଛୁ ଉନ୍ନତ ଶିର, ଋଜୁ ମେରୁଦଣ୍ଡ ନେଇ, ଦୃଢ଼ କଳେବରରେ ସକଳ ପ୍ରଲୋଭନର ବିରୋଧରେ, ସକଳ ଆପୋସ ନିଷ୍ପତ୍ତିକୁ ଅବଜ୍ଞା କରି, ଏହି ଅଟଳ ବିଶ୍ୱାସ, ପ୍ରତ୍ୟୟ ନେଇ ଯେ ଆମର ବିଜୟ ହେବହିଁ ହେବ, ଆମେ କେବେହେଁ ପରାଜିତ ହେବୁ ନାହିଁ, ଆମର ବିରୋଧୀ ଶକ୍ତିମାନଙ୍କୁ ପଛକୁ ହଟାଇ ଦେଇ ଚାଲିବୁ ଯେତେଦିନ ପର୍ଯ୍ୟନ୍ତ ସେମାନେ ବିଲୁପ୍ତ ନ ହୋଇଛନ୍ତି । ଏ ହେଲା ବିଜୟର ଯୁଗ ।

କାରଣ ଦୁଇଟି ଜିନିଷ ଘଟିଛି — ଦୁଇଟି ବିପୁଳ ବୈପ୍ଳବିକ ଘଟଣା ପୃଥିବୀ ଇତିହାସରେ, ପ୍ରକୃତିର କ୍ରମବିବର୍ତ୍ତନ ଧାରାରେ — ଦୁଇଟି ଅଦୃଶ୍ୟ ଘଟଣା କିନ୍ତୁ ଯାହା ପୃଥିବୀର ଓ ମାନବଜାତିର ନିୟତିକୁ ପରିବର୍ତ୍ତିତ କରି ଦେଇଛି । ପ୍ରଥମତଃ ମାନୁଷୀ ଚେତନା, ତା'ର ମୂଳ ପ୍ରକୃତି, ସ୍ୱଭାବରେ ଓ ସ୍ୱଧର୍ମରେ ଉଠି ଯାଇଛି ଚେତନାର ଏକ ନୂତନ ପର୍ଯ୍ୟାୟରେ — ବାହ୍ୟତଃ ସର୍ବସାଧାରଣ ଭାବରେ ନୁହେଁ କିଂବା ସର୍ବତ୍ର ବ୍ୟକ୍ତିଗତ ଭାବରେ ମଧ୍ୟ ନୁହେଁ, ତଥାପି ଆନ୍ତର ଚେତନାରେ ମଣିଷ ସ୍ୱୀକାର କରିଛି, ଗୋଟିଏ ସ୍ପର୍ଶ ପାଇଛି ଉଚ୍ଚତର, ବୃହତ୍ତର ସ୍ଥିତିର । ମାନବ-ପ୍ରକୃତି ପରିହାର କରିପାରିଛି ତା'ର ପ୍ରାଚୀନତର ଯୁଗସୁଲଭ କେତେକ ରୂଢ଼ତା, ସଂସ୍କାରାଚ୍ଛନ୍ନତା, ପରସ୍ପର ସହିତ ବିଚ୍ଛିନ୍ନତା । ମାନୁଷୀ ମନ ହୋଇଛି ମାର୍ଜିତ, ଶାଣିତ, ତୀକ୍ଷ୍ଣ, ଯାହା ଏତେଦୂର ପ୍ରସାରତା ଲାଭ କରିଛି ଯେ ବିଶ୍ୱରଶ୍ମିର ନିଭୃତ ଆଲୋକ, ଉତ୍ତର ଜ୍ୟୋତିଃର ଆଭାସ ତା'ର ଦୃଷ୍ଟି ଭିତରେ ଆସି ପଡ଼ିଛି । ମନୁଷ୍ୟ ଏବେ ବୁଝିପାରିଛି, ସ୍ୱୀକାର କରି ନେଇଛି, ଯଦିଓ କାର୍ଯ୍ୟତଃ ସେ ଅନୁସରଣ କରିପାରେନା ଯେ ପୃଥିବୀ ଉପରେ ଜୀବନଧାରାର ଗୋଟିଏ ଜ୍ଞାନମୟ, ଜ୍ୟୋତିର୍ମୟ, ମଙ୍ଗଳମୟ ସମ୍ଭାବନା ରହିଛି । ସମୟ ସମୟରେ ଏହି ଲୋକର ସ୍ପର୍ଶ ସେ ପାଇଥାଏ ଏବଂ ଅଭିଭୂତ ହୋଇପଡ଼େ । କୁହାଯାଇପାରେ ଏ ହେଲା ପ୍ରକୃତିର ଅବଦାନ,

*(ଅବଶିଷ୍ଟାଂଶ ପୃଷ୍ଠା ୩୧ରେ ଦେଖନ୍ତୁ)*

ବେଦରହସ୍ୟ - (ଦ୍ୱିତୀୟଭାଗ) : ନିର୍ବାଚିତ ସୂକ୍ତାବଳୀ – ୭

# ଭଗ ସବିତା, ଯେ ଭୋକ୍ତା – ତାଙ୍କ ଉଦ୍ଦେଶ୍ୟରେ

## (ଋଗ୍‌ବେଦ : ମଣ୍ଡଳ - ୫, ସୂକ୍ତ : ୮୨, ଋଷି : ଶ୍ୟାବାଶ୍ୱ ଆତ୍ରେୟ)

## ଶ୍ରୀଅରବିନ୍ଦ

(ଶ୍ରୀଅରବିନ୍ଦଙ୍କ ଭାଷ୍ୟର ଅବଶିଷ୍ଟାଂଶ)

ସବିତାଙ୍କ ପ୍ରତି ନିବେଦିତ ଶ୍ୟାବାଶ୍ୱଙ୍କର ଏହି ସୂକ୍ତରେ 'ଭଗ' ଓ 'ସୂର୍ଯ୍ୟ ସବିତା'ଙ୍କ ସହିତ ତାଙ୍କର ଏକତ୍ୱ ଏହି ଉଭୟ କ୍ରିୟାବଳିକୁ ଆମେ ଦେଖିବାକୁ ପାଉ; କାରଣ 'ସତ୍ୟ'ର ସୃଜନଶୀଳ 'ଦେବ' 'ସୂର୍ଯ୍ୟ'ଙ୍କ ଉଦ୍ଦେଶ୍ୟରେ ସୂକ୍ତଟି ସମ୍ବୋଧିତ ହୋଇଛି, କିନ୍ତୁ ବିଶେଷତଃ ଭଗରୂପୀ ସୂର୍ଯ୍ୟ ହେଉଛନ୍ତି ଦିବ୍ୟ ଭୋଗର ଦେବତା । 'ଭଗ' ଶବ୍ଦଟିର ଅର୍ଥ ଭୋଗ ଅଥବା ଭୋକ୍ତା ଏବଂ ଏହି ଅର୍ଥ ଏହା ଧାରଣ କରିଛି ବିଶେଷତଃ ଏହା ଦିବ୍ୟ ନାମ 'ଭଗ' ସହ ଉପଯୁକ୍ତ ବୋଲି, ଏହି ସୂକ୍ତର ଋଚାଗୁଡ଼ିକରେ 'ଭୋଜନମ୍', 'ଭାଗ', 'ସୌଭଗମ୍' ପଦାବଳୀର ପ୍ରୟୋଗ ଦ୍ୱାରା ଏହି ଅର୍ଥଟି ଗୁରୁତ୍ୱ ଲାଭ କରିଛି । ଆମେ ଦେଖିଛୁ ଯେ 'ସବିତା' ଅର୍ଥ 'ସ୍ରଷ୍ଟା', କିନ୍ତୁ ବିଶେଷତଃ ଅବ୍ୟକ୍ତାବସ୍ଥାରୁ ବହିଃନିଃସାରଣ କରିବା ତଥା ଉତ୍ସର୍ଜନ କରିବା ଏବଂ ଅଭିବ୍ୟକ୍ତି ମଧ୍ୟକୁ ନେଇ ଆସିବା । ଶବ୍ଦଟିର ଏହି ଧାତୁଗତ ଅର୍ଥଟି ସମଗ୍ର ସୂକ୍ତରେ ଯେପରି ନିରନ୍ତର ସ୍ଥାନଗ୍ରହଣ କରି ରହିଛି ତାହାକୁ କୌଣସି ଅନୁବାଦରେ ଠିକ୍‌ଭାବେ ପ୍ରକାଶ କରିବା ଅସମ୍ଭବ । ଏକେବାରେ ପ୍ରଥମ ଋକ୍‌ରେ ଏହି ପ୍ରକାର ଅର୍ଥଟି ଅନ୍ତରାଳରେ ବିଦ୍ୟମାନ; କାରଣ 'ଭୋଜନମ୍' ଅର୍ଥ ଭୋଗ ଓ ଖାଦ୍ୟ ଉଭୟ, ଆହୁରି ମଧ୍ୟ ଏଠାରେ ଏହା କହିବାର ଅଭିପ୍ରାୟ ରହିଛି ଯେ ''ସବିତାଙ୍କର ଭୋଗ'' ହେଉଛନ୍ତି 'ସୋମ' – ଏହା ସେହି ସମାନ 'ସୁ' ଧାତୁରୁ ନିଷ୍ପନ୍ନ, ଯାହାର ଅର୍ଥ ଜନ୍ମଦେବା, ଚିପୁଡ଼ି ବାହାର କରିବା, ବିନ୍ଦୁ ବିନ୍ଦୁ କରି ନିଃସାରିତ କରିବା । 'ସୋମ' ହେଉଛନ୍ତି ଦିବ୍ୟସତ୍ତା ସ୍ୱରୂପ ଦେବଗଣଙ୍କର ଭୋଜନ, ସର୍ବୋତ୍ତମ ରସ, ମହାନ୍ 'ସବିତା'ଙ୍କର ଶୀର୍ଷତମ ଉତ୍ପାଦନ । ଋଷି ଯାହାର ପ୍ରାପ୍ତିକୁ ଚାହୁଁଛନ୍ତି ତାହା ହେଉଛି ଅମର ତଥା ଅମୃତତ୍ୱ ବିଧାୟକ 'ଆନନ୍ଦ'ର ସକଳ ବସ୍ତୁ ମଧ୍ୟରେ ଭୋଗ ।

ଏହି ଆନନ୍ଦ ଯାହା ଦିବ୍ୟସ୍ରଷ୍ଟା ସ୍ୱରୂପ 'ସୂର୍ଯ୍ୟ ସବିତା'ଙ୍କ ଭୋଗ୍ୟବସ୍ତୁ ତାହା ହେଉଛି 'ସତ୍ୟ'ର ସର୍ବୋଚ୍ଚ ପରିଣାମ; କାରଣ ଦିବ୍ୟାନନ୍ଦର ପଥ ବୋଲି ସତ୍ୟର ଅନୁସରଣ କରାଯାଏ । ଏହି 'ଆନନ୍ଦ' ହେଉଛି ସର୍ବୋଚ୍ଚ ତଥା ଶ୍ରେଷ୍ଠ ଭୋଗ । ସବୁକିଛିକୁ ଏହା ସୁବ୍ୟବସ୍ଥାପିତ କରିଥାଏ; କାରଣ ଏହି 'ଆନନ୍ଦ' ସର୍ବଭୂତସ୍ଥ ଏହି ଦିବ୍ୟାନନ୍ଦ, ଥରେ ଯଦି ପ୍ରାପ୍ତ ହୋଇଯାଏ ତେବେ ଏହାହିଁ ଜଗତର ସକଳ ବିକୃତି ତଥା ସକଳ ଦୁରିତକୁ ସୁପଥରେ ବ୍ୟବସ୍ଥାପିତ କରିଦିଏ । ମନୁଷ୍ୟକୁ ଏହା ଲକ୍ଷ୍ୟ ଦିଗରେ ଘେନିଯାଏ । ଯଦି ଆମେ ସତ୍ୟ ଓ ବସ୍ତୁଗୁଡ଼ିକର ଧର୍ମ ଦ୍ୱାରା ଆନନ୍ଦରେ ଉପନୀତ ହେଉ ତେବେ 'ଆନନ୍ଦ' ଦ୍ୱାରା ମଧ୍ୟ ଆମେ ବସ୍ତୁଗୁଡ଼ିକର ଧର୍ମ ଓ ସତ୍ୟରେ ଉପନୀତ ହୋଇପାରିବୁ । 'ଭଗ' ରୂପଧାରୀ ଏହି ଦିବ୍ୟ'ସ୍ରଷ୍ଟା'ଙ୍କୁ ଆଶ୍ରୟ କରି ଭଗବାନଙ୍କ ନିମନ୍ତେ ତଥା ସକଳ ବସ୍ତୁର ଯଥାର୍ଥ ଭୋଗ ନିମନ୍ତେ ଏହି ମାନବୀୟ ସାମର୍ଥ୍ୟ ବିଦ୍ୟମାନ । ମାନବୀୟ ମନ, ହୃଦୟ ଓ ପ୍ରାଣିକ ଶକ୍ତି ତଥା ଦୈହିକ ସତ୍ତା ଏହି 'ଭଗ'ଙ୍କୁ ଯେତେବେଳେ ଆଦରି ନେବେ, ମନୁଷ୍ୟ ନିଜେ ଯେତେବେଳେ ଏହି ଦିବ୍ୟରୂପକୁ ଗ୍ରହଣ କରିନେବ ସେତେବେଳେ ଯାଇ ଏହି ପାର୍ଥିବ ଆନନ୍ଦ ସ୍ୱୟଂ ଅଭିବ୍ୟକ୍ତ ହେବ । (ମନ୍ତ୍ର-୧)

ଏହି ଦିବ୍ୟ 'ଭୋକ୍ତା' ବସ୍ତୁଗୁଡ଼ିକରେ ଯାହାକିଛି ସୁଖ ଲାଭ କରନ୍ତି ତାହାକୁ ଦେବତା ନୁହେଁ କି ଅସୁର ନୁହେଁ, ନା ମିତ୍ର ନା ଶତ୍ରୁ, ନା କୌଣସି ଘଟନା ନା କୌଣସି ଇନ୍ଦ୍ରିୟାନୁଭବ, କେହି ବି ସୀମିତ କରିପାରନ୍ତି ନାହିଁ, କେହି ବି କ୍ଷୀଣ କରିପାରନ୍ତି ନାହିଁ, ତାଙ୍କ ଭୋଗର ତାହା ଯେକୌଣସି ଆଧାର ବା ବିଷୟ ହୋଇଥାଉ ପଛେ । କାରଣ ତାଙ୍କର ଯେଉଁ ଦୀପ୍ତିମୟ ସ୍ୱୟଂ ସାମ୍ରାଜ୍ୟ – **ସ୍ୱରାଜ୍ୟ** – ରହିଛି, ଅନନ୍ତ ସତ୍ତା ମଧ୍ୟରେ ନିଜର ଯେଉଁ ପରିପୂର୍ଣ୍ଣ ଅଧିକାର ରହିଛି, 'ସତ୍ୟ' ଧର୍ମର ଯେଉଁ ଅସୀମ ଆନନ୍ଦ ଓ ବିଶାଳତା ରହିଛି ତାହାକୁ କ୍ଷୀଣ ବା ସୀମିତ ବା ଆହତ କରିବା ପାଇଁ କିଛି ହେଲେ ନାହିଁ । (ମନ୍ତ୍ର-୨)

ଏହି କାରଣରୁ ଏହି ଦେବତାହିଁ ଯଜ୍ଞଦାତାଙ୍କ ନିକଟକୁ ସପ୍ତ ଆନନ୍ଦ, 'ସପ୍ତରତ୍ନା', ଆଣିଥା'ନ୍ତି । ଆମ ଉପରେ ସେ

ତାହା ଅଜାଡ଼ି ଦିଅନ୍ତି; କାରଣ ସେମାନେ ଏହି ଜଗତ୍ ମଧରେ ବିଦ୍ୟମାନ ଠିକ୍ ଯେପରି ସେମାନେ ଦିବ୍ୟସତ୍ତା ମଧ୍ୟରେ ରହିଥା'ନ୍ତି, ସେମାନେ ଆମ ମଧରେ ବି ବିଦ୍ୟମାନ, ଏବଂ ସେମାନଙ୍କର କେବଳ ଏକ ଅଭିପ୍ରାୟ ଯେ ଆମ ବାହ୍ୟ ଚେତନା ଉପରେ ସେମାନେ ନିଜକୁ ଉନ୍ମୁକ୍ତ କରି ଦେବେ । ଏହି ସପ୍ତଭଙ୍ଗୀ ଆନନ୍ଦର ଯେଉଁ ସମୃଦ୍ଧି ତଥା ବିଚିତ୍ର ବୃଦ୍ଧି ବା ବିପୁଳତା, ଆମର ସତ୍ତାର ସକଳ ସ୍ତରରେ ଯିଏ ପୂର୍ଣ୍ଣ ସିଏ ହେଉଛନ୍ତି, 'ଭଗ', ପୂର୍ଣ୍ଣ ହୋଇଯାଇଥିବା ଯଜ୍ଞରେ ସିଏ ହେଉଛନ୍ତି ଭୋଗ ବା 'ଭଗ ସବିତା'ଙ୍କର ଏକ ଅଂଶ, ଏବଂ ଏ ହେଉଛନ୍ତି ସେହି ଚିତ୍ର-ବିଚିତ୍ର ସମ୍ପଦ ଯାହା ଦିବ୍ୟ 'ଭୋକ୍ତା'ଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ତାହାକୁ ଋଷି ଯଜ୍ଞ ମଧରେ ନିଜ ପାଇଁ ତଥା ନିଜ ସଖାମାନଙ୍କ ପାଇଁ କାମନା କରୁଛନ୍ତି । (ମନ୍ତ୍ର-୩)

ଏହା ପରେ ଶ୍ୟାବାଶ୍ୱ 'ଭଗ ସବିତା'ଙ୍କୁ ପ୍ରାର୍ଥନା କରୁଛନ୍ତି କି ସେ କୃପାପରବଶ ହୋଇ ଆଜି ମଧ ତାଙ୍କୁ ଆନନ୍ଦରୂପକ ସମ୍ପଦ ପ୍ରଦାନ କରନ୍ତୁ ଯାହା ବନ୍ଧ୍ୟ ହୋଇ ନଥିବ ପରନ୍ତୁ କ୍ରିୟାକଳାପରେ ଭରି ରହିଥିବ, ଆତ୍ମାର ସନ୍ତାନଗଣଙ୍କ ଦ୍ୱାରା ସମୃଦ୍ଧ ହୋଇଥିବ, **ପ୍ରଜାବତ୍ ସୌଭଗମ୍ ।** ଆନନ୍ଦ ହେଉଛି ସୃଜନଶୀଳ, 'ଜନ', ଅର୍ଥାତ୍ ଏହା ସେହି ଆନନ୍ଦ ଯାହା ଜଗତ୍ ଓ ଜୀବନର ଜନକ; ଆମ ଉପରେ ଅଜାଡ଼ି ପଡୁଥିବା ସମୃଦ୍ଧିର ଅଭିପ୍ରାୟ ଏହା ଯେ, ଏହା ହେଉ ସତ୍ୟର ନ୍ୟାୟରେ ଧାରଣା କରାଯାଇଥିବା ଏକ ସୃଜନ ଏବଂ ଯାହା ମିଥ୍ୟାକୁ ଆଶ୍ରୟ କରି ରହିଛି, ଦିବ୍ୟ 'ସତ୍ୟ' ବିଷୟରେ ଅଜ୍ଞାନତା ଦ୍ୱାରା ଗଠିତ ସତ୍ୟ ବିରୋଧୀ ଯେଉଁ ସ୍ୱପ୍ନ, **ଦୁଃଷ୍ୱପ୍ନ୍ୟମ୍**, ତାହା ଦୂର ହେଉ, ଆମ ସଚେତନ ସତ୍ତାମଧ୍ୟରୁ ବହିଷ୍କୃତ ହେଉ । (ମନ୍ତ୍ର-୪)

ପରବର୍ତ୍ତୀ ମନ୍ତ୍ରରେ ଋଷି 'ଦୁଃଷ୍ୱପ୍ନ୍ୟମ୍'ର ଅର୍ଥକୁ ସ୍ପଷ୍ଟ କରୁଛନ୍ତି । ବହିଷ୍କାର କରିବାକୁ ସେ ଯାହା ଚାହୁଁଛନ୍ତି ତାହା ହେଉଛି ସକଳ ଦୁରିତ, **ବିଶ୍ୱାନି ଦୁରିତାନି** । ବେଦରେ '**ସୁବିତମ୍**' ଓ '**ଦୁରିତମ୍**'ର ଆକ୍ଷରିକ ଅର୍ଥ ହେଉଛି - ସୁପଥରେ ଚାଲିବା ଓ କୁପଥରେ ଚାଲିବା । **ସୁବିତମ୍** ହେଉଛି ଚିନ୍ତା ଓ କର୍ମର ସତ୍ୟ, **ଦୁରିତମ୍** ହେଉଛି ପ୍ରମାଦ ବା ସ୍ଖଳନ, ପାପ ବା ଦୁଷ୍କୃତି । **ସୁବିତମ୍** ହେଉଛି ସୁଗତି, ଆନନ୍ଦ, ଆନନ୍ଦର ପଥ; **ଦୁରିତମ୍** ହେଉଛି ବିପତ୍ତି, ଦୁଃଖକଷ୍ଟ, ପ୍ରମାଦ ଓ ଦୃଷ୍କର୍ମର ସକଳ ପରିଣାମ । ଯେତେସବୁ ଦୁରିତ, **ବିଶ୍ୱାନି ଦୁରିତାନି**, ସେହି ଦୁଃଷ୍ୱପ୍ନ୍ୟରେ ରହିଛି ସେସବୁକୁ ଆମ ମଧ୍ୟରୁ ନିଷ୍କାସିତ କରି ଦେବାକୁ ହେବ । 'ଭଗ' ଏହା ପରିବର୍ତ୍ତେ ସକଳ ମାଙ୍ଗଳିକ ବସ୍ତୁ '**ଭଦ୍ରମ୍**', ପ୍ରେରଣ କରନ୍ତି, 'ଭଦ୍ରମ୍' ଅର୍ଥାତ୍ ଆନନ୍ଦର ପରିପ୍ରେକ୍ଷୀରେ ଯାହା ହିତକର, ଦିବ୍ୟଭୋଗର ଯାହାସବୁ କଲ୍ୟାଣକର ବସ୍ତୁ, ଯଥାର୍ଥ କ୍ରିୟା-କଳାପର ଅନ୍ତର୍ଗତ ଖୁସି, ଏକ ଯଥାର୍ଥ ସୃଜନ । (ମନ୍ତ୍ର-୫)

କାରଣ, ଭଗ ସବିତାଙ୍କର ରଚନାରେ (ସବେ) – 'ସବ' ଶବ୍ଦରେ ଦ୍ୱିବିଧ ଅର୍ଥ ନିହିତ, ''ଉତ୍ସର୍ଜନ'', ସର୍ଜନା ଓ ଯଜ୍ଞ ଅର୍ଥାତ୍ 'ସୋମ'ର ନିଃସାରଣ, ଏହି ଉଭୟ ଅର୍ଥରେ ବ୍ୟବହୃତ ହୋଇଥାଏ – ମନୁଷ୍ୟଗଣ ନିଜର ପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ଯଜ୍ଞରେ ପ୍ରାପ୍ତ ଆନନ୍ଦ ଦ୍ୱାରା ପାପ ଓ ନିନ୍ଦାରୁ ବିମୁକ୍ତ ହୋଇ, **ଅନାଗସଃ**, 'ଅଦିତି' ଦୃଷ୍ଟିରେ ଦୋଷହୀନ ହେବା ପୂର୍ବକ, ମୁକ୍ତିପ୍ରାପ୍ତ ବ୍ୟକ୍ତିର ଅବିଭାଜିତ ତଥା ଅନନ୍ତ ଚେତନା ଦୃଷ୍ଟିରୁ ଉପଯୁକ୍ତ ହୋଇ ଦଣ୍ଡାୟମାନ । ସେହି ମୁକ୍ତିପ୍ରାପ୍ତି ହେତୁ ସେମାନଙ୍କ ମଧ୍ୟରେ ଆନନ୍ଦ ବିଶ୍ୱାତ୍ମକ ହେବାରେ ସମର୍ଥ । ସେମାନଙ୍କ ଧ୍ୟାନ ଦ୍ୱାରା ସେମାନେ ଆନନ୍ଦର ସକଳ ବସ୍ତୁକୁ, **ବିଶ୍ୱା ବାମାନି**, ଧାରଣ କରିବାକୁ ସମର୍ଥ; କାରଣ 'ଧୀ' ହେଉଛି ଏପରି ଏକ ବୋଧ ଯାହା ଧାରଣ କରେ ଏବଂ ବ୍ୟବସ୍ଥିତ କରେ, ତାହାରି ମଧ୍ୟରେ ରହିଛି ଜଗତର ଯଥାର୍ଥ ବ୍ୟବସ୍ଥା, ଯଥାର୍ଥ ସମ୍ବନ୍ଧର, ଯଥାର୍ଥ ଉଦ୍ଦେଶ୍ୟର, ଉଚିତ ଉପଯୋଗର, ଉଚିତ ସଫଳତାର ଅନ୍ତର୍ବୋଧ, ସକଳ ବସ୍ତୁ ପ୍ରତି ଦିବ୍ୟ ଓ ସୁଖପୂର୍ଣ୍ଣ ଉଦ୍ଦେଶ୍ୟ । (ମନ୍ତ୍ର-୬)

ଏ ହେଉଛନ୍ତି ବିଶ୍ୱାତ୍ମକ 'ଦିବ୍ୟସତ୍ତା', 'ସତ୍'ର ଅଧିପତି, ଯାହାଙ୍କଠାରୁ ସକଳ ବସ୍ତୁ ସତ୍ୟର ସର୍ତ୍ତ ଅନୁସାରେ, 'ସତ୍ୟମ୍' ରଚିତ ହୋଇଛନ୍ତି, ଏହାଙ୍କୁହିଁ ଯଜ୍ଞସାଧକଗଣ 'ଭଗ ସବିତା' ବୋଲି ସଂଜ୍ଞାଦେଇ ପାବନ 'ମନ୍ତ୍ର' ମାଧ୍ୟମରେ ତାଙ୍କୁ ଆପେ ଗ୍ରହଣ କରିବାକୁ ଅଭିଳାଷ କରୁଛନ୍ତି । ଏ ହେଉଛନ୍ତି ସେହି ସ୍ରଷ୍ଟା ଯାହାଙ୍କ ସୃଷ୍ଟି ହେଉଛି 'ସତ୍ୟ', ଯାହାଙ୍କ ଯଜ୍ଞ ହେଉଛି ନିଜ ସ୍ଥିତିଗତ ଦିବ୍ୟ ଓ ଅପ୍ରମାଦୀ ପୁଲକ ରୂପକ ସ୍ୱକୀୟ 'ଆନନ୍ଦ'ର ବର୍ଷଣ ମାଧ୍ୟମରେ ମାନବାତ୍ମା ମଧ୍ୟରେ ବନ୍ୟା ଆଣିବା । 'ସତ୍ୟ'ର ଅଧିପତି 'ସୂର୍ଯ୍ୟ ସବିତା' ରୂପେ ସେ ଏହି ରାତ୍ରୀ ଓ ଏହି ଉଷା, ବ୍ୟକ୍ତ ଚେତନା ଓ ଅବ୍ୟକ୍ତ ଚେତନା, ଜାଗ୍ରତ୍ ସତ୍ତା ଓ ଅବଚେତନ ତଥା ଅତିଚେତନ – ଉଭୟର ସମ୍ମୁଖୀନ ହୁଅନ୍ତି, ଯାହାଙ୍କ ଅନ୍ୟୋନ୍ୟ କ୍ରିୟା ଆମର ସକଳ ଅନୁଭୂତି ସୃଷ୍ଟି କରିଥାଏ; ଏବଂ ତାଙ୍କ ଗତିରେ ସେ କିଛିକୁ ଉପେକ୍ଷା କରନ୍ତି ନାହିଁ, କଦାପି ଅନବଧାନଭାବେ ରହନ୍ତି

ନାହିଁ, କଦାପି ସ୍ଖଳିତ ହୁଅନ୍ତି ନାହିଁ । ଅବଚେତନା ରୂପକ ରାତ୍ରିର ଗର୍ଭରୁ ଦିବ୍ୟ'ଜ୍ୟୋତିଃ'କୁ ପ୍ରକାଶ କରାଇ, ସଚେତନାର ସେହି ଅନିଶ୍ଚିତ ତଥା ବିକାରଗ୍ରସ୍ତ ପ୍ରତିଫଳନଗୁଡ଼ିକୁ 'ଆଲୋକ'ର ଭାସ୍ୱର ଜ୍ୟୋତିଃ-ସ୍ତମ୍ଭରେ ପରିଣତ କରି ସେ ସେହି ଉଭୟର ସମ୍ମୁଖକୁ ଯାଇଥା'ନ୍ତି ଏବଂ ତାଙ୍କର ଧୀ ସତତ ଯଥାର୍ଥଭାବେ ନ୍ୟସ୍ତ ହୋଇଥାଏ । ସକଳ ଦୋଷର ମୂଳ ଉତ୍ସ ହେଲା ପ୍ରମାଦଯୁକ୍ତ ପ୍ରୟୋଗ, ସତ୍ୟକୁ ଅସ୍ଥାନରେ ରଖିବା, ଆୟୋଜନରେ ତ୍ରୁଟି, ଭୁଲ୍ ସମ୍ପର୍କ, ସମୟ ଓ ସ୍ଥାନ ତଥା ବିଷୟବସ୍ତୁ ଓ କ୍ରମସଂସ୍ଥାନର ଅନୁଚିତ ବିନ୍ୟାସ । କିନ୍ତୁ ଏହି 'ସତ୍ୟାଧିପତି'ଙ୍କ କ୍ଷେତ୍ରରେ ଏପରି ତ୍ରୁଟି, ଏପରି ସ୍ଖଳନ, ଏପରି ଅସ୍ଥାନ ବିନ୍ୟାସ ଘଟି ନଥାଏ । (ମନ୍ତ୍ର-୭, ୮)

'ସୂର୍ଯ୍ୟ ସବିତା', ଯିଏ 'ଭଗ' ବୋଲି ଅଭିହିତ ସିଏ ଆମ ଅନ୍ତଃ ଓ ବାହ୍ୟ ରୂପେ ବିରଚିତ ଭୁବନଗୁଡ଼ିକର ମଧ୍ୟବର୍ତ୍ତୀ ହୋଇ ଦଣ୍ଡାୟମାନ । ସୃଜନାତ୍ମିକା ଚେତନା ମଧ୍ୟରେ ଯାହାକିଛି ଜନ୍ମଗ୍ରହଣ କରିବାର ଥାଏ ସେସବୁକୁ ସେ **ବିଜ୍ଞାନ** ମଧ୍ୟରେ ଗ୍ରହଣ କରିଥାନ୍ତି; ସେଠାରେ ସେ ଏହାକୁ ସେହି ଜ୍ଞାନ ଦ୍ୱାରା ଯାହା ଅବତରଣ ମାତ୍ରେ 'ବାକ୍'କୁ ଶ୍ରବଣ ଓ ଗ୍ରହଣ କରିଥାଏ, ଦିବ୍ୟ-ଛନ୍ଦୋଲୟରେ ଏହାକୁ ନିଜ ଯଥାର୍ଥ ସ୍ଥାନରେ ନିହିତ କରିଥାଏ ଏବଂ ସେହି ହେତୁ ବସ୍ତୁଗୁଡ଼ିକର ଗତିଛନ୍ଦ ମଧ୍ୟକୁ ପ୍ରେରିତ କରିଦେଇଥାଏ, **ଆଶ୍ରାବୟତି ଶ୍ଳୋକେନ ପ୍ର ଚ ସୁବାତି** । ଯେତେବେଳେ ସକ୍ରିୟ ଆନନ୍ଦର ପ୍ରତ୍ୟେକ ରଚନା, **ପ୍ରଜାବତ୍ ସୌଭଗମ୍**, ଏହି ଭାବେ ଅବ୍ୟକ୍ତ ମଧ୍ୟରୁ ନିର୍ଗତ ହୋଇଆସନ୍ତି, ବସ୍ତୁଗୁଡ଼ିକର ତ୍ରୁଟିରହିତ ଛନ୍ଦ ମଧ୍ୟରେ ଜ୍ଞାନ ଦ୍ୱାରା ଉପଯୁକ୍ତ ରୂପେ ଗୃହୀତ ଓ ଶ୍ରୁତ ହୁଅନ୍ତି, ସେତେବେଳେ ଯାଇ 'ଭଗ ସବିତା'ଙ୍କ ଦ୍ୱାରା ରଚିତ ଏହି ଯେଉଁ ସୃଷ୍ଟି ଏବଂ ଏହି ସୃଷ୍ଟିର ଯେତେସବୁ ଜନ୍ମଗ୍ରହଣ, ଆମର ପୁତ୍ରପୁତ୍ରୀଗଣ, ଆମର ସନ୍ତାନଗଣ, **ପ୍ରଜା**, **ଅପତ୍ୟମ୍**, ସମସ୍ତେ ଆନନ୍ଦର ବସ୍ତୁରେ ପରିଣତ ହେବେ, **ବିଶ୍ୱା ବାମାନି** । ମାନବ ମଧ୍ୟରେ ଏହାହିଁ 'ଭଗ'ଙ୍କର ସାଧ୍ୟ ବିଷୟ, ବିଶ୍ୱଯଜ୍ଞର ପୂର୍ଣ୍ଣଭାଗ ।

(ମନ୍ତ୍ର-୯)

[ଶ୍ରୀଅରବିନ୍ଦଙ୍କ CWSA, Vol. 15, '*The Secret of the Veda*', Part - II Chapter - VII, "**To Bhaga Savitri, the Enjoyer**", P. 302 - 305]

ଅନୁବାଦ : ମଧୁସୂଦନ ମହାପାତ୍ର

---

*(ପୃଷ୍ଠା ୨୮ର ଅବଶିଷ୍ଟାଂଶ)*

କୋଟି କୋଟି ବର୍ଷ ଧରି ସୃଷ୍ଟିର ଅଭୀପ୍ସା ଚାଲିଛି ଯେଉଁ ଆଲୋକ ଆଡ଼କୁ ତା'ର ପ୍ରଥମ ପରିଚୟ । ଦ୍ୱିତୀୟ ଘଟଣାଟି ହେଲା ଆହୁରି ଅଦୃଶ୍ୟ, ଆହୁରି ଅଗୋଚର; କିନ୍ତୁ ତା'ର ଶକ୍ତି ଅପରିସୀମ, ଏପରିକି ପ୍ରଳୟଙ୍କର । ତା' ହେଲା ଗୋଟିଏ ଊର୍ଦ୍ଧ୍ୱତମ ମହାଶକ୍ତିର ଅବତରଣ, ପ୍ରକାଶ ଓ ସାକ୍ଷାତ୍ କ୍ରିୟା । ଯେଉଁମାନେ ଏ ବସ୍ତୁ ଦେଖିଛନ୍ତି, ସେମାନେହିଁ ଜାଣନ୍ତି, ସେମାନଙ୍କ ମନରେ କୌଣସି ପ୍ରଶ୍ନ ନାହିଁ । ବହୁ ଅତୀତରେ ବୈଦିକ ଋଷି କହି ଯାଇଛନ୍ତି ଯେ, ''ଯେ ଅନ୍ଧ ତା'ର ଜ୍ଞାନ ନାହିଁ, ଯେ ଚକ୍ଷୁଷ୍ମାନ୍ ସେହିଁ କେବଳ ଜାଣିପାରେ ।''

ଆଜି, ବିଶେଷ ଭାବରେ ଆଜିକାଲି, ଏହି ଶୁଦ୍ଧ ଚେତନାର ସ୍ୱଳ୍ପମାତ୍ର ମଧ୍ୟ ତୁମକୁ ବିଜୟ ଦିଗକୁ ନେଇ ଯାଇପାରେ – ତୁମକୁ ଯେ କେବଳ ମହତୀ ବିନଷ୍ଟିଠାରୁ ରକ୍ଷା କରିପାରେ ତାହା ନୁହେଁ । ଚତୁର୍ଦ୍ଦିଗର ଆକାଶବ୍ୟାପୀ ବିପୁଳ ନିବିଡ଼ ତମିସ୍ରା ମଧ୍ୟରେ ଅନ୍ତରର ଆକାଶ ଗୋଟିଏ କୋଣରେ ଆଜି ଜ୍ୟୋତିର୍ମୟ, ଦ୍ୱିଗୁଣ ଜ୍ୟୋତିର୍ମୟ, ଦ୍ୱିଗୁଣ ଶକ୍ତିମୟ – ଏବଂ ତା' ଆହୁରି ଦ୍ୱିଗୁଣତର ହୋଇ ଚାଲିଛି ।

(ବର୍ତ୍ତିକା – ନଭେମ୍ବର, ୧୯୬୮)

ଅନୁବାଦ : ଶ୍ରୀମତୀ ବେଲା ଘୋଷ

# ସମାଧାନର ପଥ

## ଶ୍ରୀ ପ୍ରପତ୍ତି

ମନୁଷ୍ୟର ସ୍ଥାନ ହେଉଛି ଏକ ମଧ୍ୟବର୍ତ୍ତୀ ସ୍ତରରେ – ସେ ଦେବଲୋକର ଅଧିବାସୀ ନୁହେଁ ବା ପୂର୍ଣ୍ଣରୂପେ ପଶୁଭୂମିର ଜୀବ ନୁହେଁ । ତାହା ମଧ୍ୟରେ ଦେବତ୍ୱର ସ୍ପଷ୍ଟ ସୂଚନା, ଇଙ୍ଗିତ ବା ଉପାଦାନ ଅଛି – ସେ ଅମରତ୍ୱର ଏକ ସୂକ୍ଷ୍ମଧାରା ବହନ କରି ଚାଲିଛି । ସେହିପରି ତା'ର ଜୈବିକ ପ୍ରକୃତିରେ ସେ ପଶୁତ୍ୱର ପରମ୍ପରା ଆହରଣ କରିଚାଲିଛି – ଖାଦ୍ୟ, ନିଦ୍ରା, ପ୍ରଜନନ ଇତ୍ୟାଦି ବ୍ୟାପାରରେ । ସୁତରାଂ ମନୁଷ୍ୟ ହେଉଛି ଦେବତ୍ୱ ଓ ପଶୁତ୍ୱର ସମ୍ମିଶ୍ରଣରେ ଗଠିତ ଏକ ବସ୍ତୁ – ଏକ ସମବାୟ ବା ସମାହାର । ଏଥିପାଇଁ ମନୁଷ୍ୟକୁ ମଧ୍ୟବର୍ତ୍ତୀ ସ୍ତରର ଜୀବ ବୋଲି କୁହାଯାଏ । ଦେବତ୍ୱର ଭୂମିରେ ଚିର ଆନନ୍ଦ, ସୁଖ, ଶାନ୍ତି, ଜ୍ୟୋତିଃ ଓ ଅମୃତ ବିଦ୍ୟମାନ । ସେହିପରି ପଶୁତ୍ୱର ଭୂମିରେ ଏକ ପ୍ରକାର ପ୍ରବୃତ୍ତିଗତ ସନ୍ତୋଷ, ତୃପ୍ତି ଓ ସୁଖଶାନ୍ତି ରହିଛି । କିନ୍ତୁ ମନୁଷ୍ୟ ଏହି ଉଭୟଟିରୁ କୌଣସି ଗୋଟିକୁ ଲାଭ କରି ପାରେ ନାହିଁ । ଦେବତ୍ୱର ପୂର୍ଣ୍ଣ ଅଧିକାରୀ ନହେଲେ, ପୂର୍ଣ୍ଣଜ୍ଞାନ, ଆନନ୍ଦ, ଜ୍ୟୋତିଃ ଓ ଅମୃତ ସେ ଲାଭ କରି ପାରିବ ନାହିଁ, ସେହିପରି ପୂର୍ଣ୍ଣରୂପେ ପଶୁ ନହେଲେ ପଶୁଜୀବନର ଅଜ୍ଞାନ ଓ ଅନ୍ଧକାରର ପ୍ରକୃତିଗତ ପ୍ରବୃତ୍ତି ପରିଚାଳିତ ଜୈବିକ ଧାରାରେ ବୁଡିଯାଇ ସୁଖଶାନ୍ତି ପାଇପାରିବ ନାହିଁ । ଦେବତ୍ୱର ଭୂମିକୁ ଉଠିଯିବାକୁ ହେଲେ ମନୁଷ୍ୟକୁ ନିଜକୁ ଅତିକ୍ରମ କରିବାକୁ ହେବ, ମନୁଷ୍ୟୋତ୍ତର ଅନ୍ୟ ଏକ ଚେତନାର ଭୂମିରେ ଉପସ୍ଥିତ ହେବାକୁ ହେବ; ତାହା ଏପର୍ଯ୍ୟନ୍ତ ହୋଇପାରି ନାହିଁ । ଏଥିପାଇଁ ମନୁଷ୍ୟର ତପସ୍ୟା, ଯୁଗ ଯୁଗ ବ୍ୟାପୀ ପ୍ରଯତ୍ନ, ଗଭୀର ଆଧାତ୍ମିକ, ଆତ୍ମିକ ସାଧନା, ରହସ୍ୟବାଦୀ ଓ ବହୁବିଧ ଗୁପ୍ତବିଦ୍ୟାର ଉଦ୍‌ଭାବନ ଏବଂ ପ୍ରୟୋଗ ଆବଶ୍ୟକ । କିନ୍ତୁ ଏବେ ବି ସମଗ୍ର ମାନବଜାତି ଏହି ଗଭୀର ତପସ୍ୟାରେ ନିମଗ୍ନ – ହୁଏତ ସଫଳତା ଦିଗରେ ଅଗ୍ରସର ହେଉଛି । ନଚିକେତାର ମୃତ୍ୟୁର ରହସ୍ୟଭେଦ ବା ସାବିତ୍ରୀଙ୍କ ସତ୍ୟବାନ୍ ନିମିତ୍ତ ଅମୃତତ୍ୱ ଆହରଣ ଏବେବି ଏ ଧରାପୃଷ୍ଠରେ ଯଥାର୍ଥ ଭାବରେ ସାଧିତ ହେବାକୁ ବାକୀ ରହିଛି ।

ସେହିପରି ମନୁଷ୍ୟ ପଶୁସ୍ତରକୁ ଫେରିଯାଇ ପାରିବ ନାହିଁ । ପଶୁତ୍ୱର ଭୂମିରୁ ସେ ମନଃଶକ୍ତି ଧାରଣ କରି ଊର୍ଦ୍ଧ୍ୱକୁ ଉଠିଆସିଛି, ଆଉ ଏହି ପରିଣାମରୁ ଫେରିଯିବାକୁ ପ୍ରକୃତିର ଅବକାଶ ନାହିଁ, ପଥ ନାହିଁ । ଯଦି ମନୁଷ୍ୟ ଏହି ମଧ୍ୟବର୍ତ୍ତୀ ସ୍ତରରୁ ଊର୍ଦ୍ଧ୍ୱଭୂମିକୁ ଉଠି ନଯାଇ, ପଶୁତ୍ୱ ଦିଗରେ ଫେରିଆସେ, ବା ଊର୍ଦ୍ଧ୍ୱାୟନ ଗତି ନିମିତ୍ତ ପ୍ରବଳ ଅଭୀପ୍ସା ଏବଂ ସଂକଳ୍ପ ବା ପ୍ରଯତ୍ନ ନକରେ ଏବଂ ଏହି ମଧ୍ୟବର୍ତ୍ତୀ ଭୂମିରେ ରହିଯାଏ, ତେବେ ଧୀରେ ଧୀରେ ପ୍ରକୃତିର ଅଗ୍ରଗାମୀ ଧାରା ଅନ୍ୟ କିଛିକୁ ଆଶ୍ରୟ କରି ଊର୍ଦ୍ଧ୍ୱକୁ ଯିବାକୁ ଚେଷ୍ଟା କରିବ ଏବଂ ମନୁଷ୍ୟଜାତି କାଳକ୍ରମେ ଅନାବଶ୍ୟକ ଜୀବରୂପେ ପୃଥିବୀପୃଷ୍ଠରୁ ଲୋପ ପାଇଯିବ । କ୍ରମଶଃ ନିମ୍ନସ୍ତରକୁ ଖସିଯାଇ ଅଧୋମୁଖୀ ହୋଇ ବିଲୁପ୍ତ ଓ ଧ୍ୱଂସ ହେବ । କାରଣ ତା'ର ସ୍ଥାନ ପଶୁଜଗତରେ ନାହିଁ, ସେ ପଶୁପରି ବଳଶାଳୀ ବା ପରାକ୍ରମୀ ନୁହେଁ, ତା'ର ବୁଦ୍ଧି ଓ ବିଚାରର ସୂକ୍ଷ୍ମତାରେ ପଶୁକୁ ଜୟ କରିଥିଲା । ଆଜି ଯଦି ପଶୁସ୍ତରକୁ ଖସିଯାଏ ତେବେ ସେ ଶାରୀରିକ ବଳ ଓ ସାମର୍ଥ୍ୟ ତ ପାଇବ ନାହିଁ, ବରଂ ତା'ର ବୁଦ୍ଧିଶକ୍ତି ଲୁପ୍ତ ହୋଇଯିବ । କୌଣସି ଉଚ୍ଚଭୂମିରୁ ଯଦି କେହି ତଳକୁ ଖସିପଡ଼େ, ତେବେ ସେ ଆଉ ବଞ୍ଚିରହେ ନାହିଁ । ଊର୍ଦ୍ଧ୍ୱର ଧର୍ମ ଲୋପ ପାଏ, ନିମ୍ନର ଧର୍ମ ଗ୍ରହଣ କରିପାରେ ନାହିଁ ।

ଉପର୍ଯ୍ୟୁକ୍ତ ଆଲୋଚନାରୁ ସ୍ପଷ୍ଟ ମନେ ହେବ ଯେ ମନୁଷ୍ୟ ଏକ ଦ୍ୱୈତ ପ୍ରକୃତିବିଶିଷ୍ଟ (Twin natured) ଜୀବ । ସେ ଦୁଇଟା ପ୍ରକୃତିକୁ ଗ୍ରହଣ କରି ଚାଲିଛି । ଅର୍ଥାତ୍ ସେ ଦୁଇଟି ନୌକାରେ ଗୋଡ଼ ଦେଇ ଚାଲିଛି । ଦିବ୍ୟତ୍ୱରେ ଗୋଟିଏ ପାଦ ଆଉ ପଶୁତ୍ୱରେ ଅନ୍ୟ ଗୋଟିଏ ପାଦ । ଏହାହିଁ ତା'ର ପରିସ୍ଥିତି । ଏହିପରି ଦୁଇଟି ନୌକାରେ ପାଦ ଦେଇ ଯେ ଗତି କରେ ତାହାର ଅବସ୍ଥା ଅତି ଶୋଚନୀୟ ହୁଏ ଏବଂ ପରିଣାମ ଅତି ଅସ୍ୱସ୍ତିକର ହୁଏ । ଆଜି ମନୁଷ୍ୟ ଏହିପରି ଏକ ଘୋର ଅସ୍ୱସ୍ତି ଏବଂ ଅଶାନ୍ତିର ପରିସ୍ଥିତିରେ ପଡ଼ିଛି । ଅଶାନ୍ତି, ଦୁଃଖ, ଯନ୍ତ୍ରଣା, ଅଜ୍ଞାନର ଅନ୍ଧକାର ମଧ୍ୟରେ ପଡ଼ି ମନୁଷ୍ୟ ହସ୍ତସନ୍ତ ହେଉଛି । ବାଟ କେଉଁ ଦିଗରେ ବୋଲି ଖୋଜୁଛି । ଅନ୍ତର୍ଦାହ, ଦୁଃଖ, ଦ୍ୱନ୍ଦ୍ୱ, ବିକ୍ଷୋଭ, ବିପର୍ଯ୍ୟୟ, ବ୍ୟସ୍ତତା ଓ ଅସ୍ଥିରତା ମଧ୍ୟରେ ମନୁଷ୍ୟ ''ନ ଯଯୌ ନ ତସ୍ଥୌ'' ହୋଇ ପଡ଼ିରହିଛି ।

*

ଯଥାର୍ଥରେ କହିବାକୁ ଗଲେ ମନୁଷ୍ୟ ଏକ ସେତୁତୁଲ୍ୟ ।

ଶ୍ରୀମା ତାଙ୍କର 'ଧ୍ୟାନ ଓ ପ୍ରାର୍ଥନା' ପୁସ୍ତକରେ ଗୋଟିଏ ଅନୁପମ ପ୍ରାର୍ଥନା ମଧ୍ୟରେ ଏହି କେତୋଟି ପଂକ୍ତିର ଉଲ୍ଲେଖ କରି ମନୁଷ୍ୟର ଭୂମିକା ସମ୍ବନ୍ଧରେ ସୁସ୍ପଷ୍ଟ କରି ଦେଇଛନ୍ତି :

''ଗୋଟିଏ ଦିଗରେ ଶାଶ୍ୱତ ସତ୍ତା, ଯାହା କେବେ ମଧ୍ୟ ପ୍ରକାଶ ପାଇ ନାହିଁ, ଆଉ ଗୋଟିଏ ଦିଗରେ ଯାହା ପ୍ରକାଶ ପାଇଛି – ଏହି ଦୁଇଟି ମଧ୍ୟରେ; ଗୋଟିଏ ଦିଗରେ ଯାବତ୍ ଉତ୍ତର ଐଶ୍ୱର୍ଯ୍ୟ, ଦିବ୍ୟଜୀବନର ମହିମା ଏବଂ ଅନ୍ୟ ଦିଗରେ ଜଡ଼ଜଗତର ଯାବତୀୟ ତମସାଚ୍ଛନ୍ନ ବେଦନାତୁର ଅଜ୍ଞାନତା – ଏହି ଦୁଇଟି ମଧ୍ୟରେ ମନୁଷ୍ୟ ଯଦି ସେତୁବନ୍ଧ ସଦୃଶ ହୋଇ ରହି ନପାରିଲା, ତେବେ ତା'ର ଆଉ ଆବଶ୍ୟକତା କ'ଣ ଅଛି ? ଯାହା ହେବା ଉଚିତ ଥିଲା ଏବଂ ଯାହା ହୋଇଛି – ଏହି ଦୁଇଟି ମଧ୍ୟରେ ମନୁଷ୍ୟ ହେଉଛି ସଂଯୋଗସୂତ୍ର : ଗହ୍ୱରମୁଖରେ ପ୍ରସାରିତ ସେତୁ; ସେ ଏକ ମହା-କ୍ରୁଶ ଚିହ୍ନ (Cross) ଯେମିତି – ବାହୁଚତୁଷ୍ଟୟର ସଙ୍ଗମସ୍ଥଳ । ତା'ର ପ୍ରକୃତ ଆବାସ, ତା'ର ଚେତନାର ଶକ୍ତିପୀଠ ହେଲା ଏକ ମଧ୍ୟବର୍ତ୍ତୀ ଜଗତ୍, ଯେଉଁଠାରେ କ୍ରୁଶର ଚାରିଟି ବାହୁ ଆସି ମିଶିଛି, ଯେଉଁଠାରେ ଅଚିନ୍ତ୍ୟର ଆନନ୍ତ୍ୟ ଅଗଣିତ ପ୍ରକାଶ ମଧ୍ୟରେ ନିଜକୁ ପ୍ରସାରିତ କରିଦେବା ପାଇଁ କ୍ରମେ ବିଶିଷ୍ଟ ରୂପ ଧାରଣ କରିଛି ।''

ମନୁଷ୍ୟର ଭୂମି ମଧ୍ୟବର୍ତ୍ତୀ ଭୂମି, ତା'ର ଊର୍ଦ୍ଧ୍ୱରେ ରହିଛି ଦିବ୍ୟ-ଭୂମିଚୟ ଏବଂ ନିମ୍ନରେ ରହିଛି ଅର୍ଦ୍ଧାଲୋକିତ ଜଗତ୍ । ଉଭୟ ଜଗତର ସମ୍ମିଶ୍ରଣ ଓ ସୀମାର କ୍ଷେତ୍ରରେ ଛିଡ଼ା ହୋଇଛି ମନୁଷ୍ୟ । ମହାକାବ୍ୟ 'ସାବିତ୍ରୀ'ର ତୃତୀୟ ଖଣ୍ଡ ଚତୁର୍ଥ ଅଧ୍ୟାୟ (Book -III, Canto IV)ରେ ଶ୍ରୀଅରବିନ୍ଦ ମନୁଷ୍ୟଜାତିର ନିୟତି ସମ୍ବନ୍ଧରେ ଯେଉଁ ଅପରୂପ ବର୍ଣ୍ଣନା କରିଛନ୍ତି ତାହାର କେତେକାଂଶ ଏଠାରେ ଉଦ୍ଧାର କଲେ ଆମର ବକ୍ତବ୍ୟ ବେଶ୍ ସ୍ପଷ୍ଟ ହୋଇଉଠିବ । ମନୁଷ୍ୟର ପରିସ୍ଥିତି ସମ୍ବନ୍ଧରେ ଶ୍ରୀଅରବିନ୍ଦ ଲେଖିଛନ୍ତି :

"Assailed on earth and unassured of heaven,
Descended here unhappy and sublime,
A link between the demigod and the beast,
He knows not his own greatness nor his aim;
He has forgotten why he has come and whence.
His spirit and his members are at war;
His heights break off too low to reach the skies,
His mass is buried in the animal mire.
A strange antinomy is his nature's rule.
A riddle of opposites is made his field:
Freedom he asks but needs to live in bonds,
He has need of darkness to perceive some light
And need of grief to feel a little bliss;
He has need of death to find a greater life.
All sides he sees and turns to every call;
He has no certain light by which to walk;
His life is a blind-man's-buff, a hide-and-seek;
He seeks himself and from himself he runs;
Meeting himself, he thinks it other than he.
Always he builds, but finds no constant ground,
Always he journeys, but nowhere arrives;
He would guide the world, himself he cannot guide;
He would save his soul, his life he cannot save.
The light his soul had brought his mind has lost;
All he has learned is soon again in doubt;
A sun to him seems the shadow of his thoughts,
Then all is shadow again and nothing true:
Unknowing what he does or whither he tends
He fabricates signs of the Real in Ignorance."

(*Savitri*, p. 336 - 337)

ଅର୍ଥାତ୍ :

''ଆକ୍ରାନ୍ତ ଧରଣୀ ପରେ, ଦେବଲୋକେ ନୁହେଁ ସେ ନିଶ୍ଚିତ
ଆସିଛି ସେ ଅବତରି ଭୂମିତଳେ ଦୁଃଖୀ, ମହୀୟାନ
ଅର୍ଦ୍ଧଦେବ, ପଶୁ ମଧ୍ୟେ ଯୋଗସୂତ୍ର, ମିଳନର ସେତୁ
ଜାଣେ ନାହିଁ ଲକ୍ଷ୍ୟ କିସ ଅବା ତା'ର ସ୍ୱକୀୟ ମହିମା
ଭୁଲିଛି ସେ କେଉଁ ଲୋକୁ ଅବା କାହିଁ ଆସିଛି ଏଠାରେ
ସଂଗ୍ରାମେ ନିରତ ତା'ର ଆତ୍ମା ସଙ୍ଗେ ଅବୟବରାଜି
ଭାଜିପଡ଼ି ଅତି ନୀଚେ ତୁଙ୍ଗିମା ତା' ନ ଛୁଇଁ ଆକାଶ
ସତ୍ତା ତା' ରହିଛି ବୁଡି ସୁଗଭୀରେ ପାଶବ କର୍ଦମେ
ଅଦ୍ଭୁତ ବିରୋଧ ତା'ର ପ୍ରକୃତିରେ କରେ ରାଜପଣ
ଜୀବନ-ଅଙ୍ଗନ ତା'ର ବିରଚିତ ବିରୋଧ ରହସ୍ୟେ
ମୁମୁକ୍ଷୁ ସେ, ଚାହେଁ କିନ୍ତୁ ରହିବାକୁ ସୀମାର ବନ୍ଧନେ

ଅନ୍ଧକାର ଲୋଡ଼ା ତା'ର ଦେଖିବାକୁ କିଞ୍ଚିତ୍ ଆଲୋକ
ଶୋକ ତା'ର ଆବଶ୍ୟକ ଭୋଗିବାକୁ ଟିକିଏ ଆନନ୍ଦ;
ବିଲୟେ ତା' ଥାଏ ଲୋଡ଼ା ପାଇବାକୁ ଉତ୍କୃଷ୍ଟ ଜୀବନ
ଦେଖେ ସେ ସମସ୍ତ ଦିଗ ପ୍ରତି ଡାକେ ହୁଏ ଜାଗରିତ
ଅଗ୍ରସର ହେବା ପାଇଁ ନାହିଁ ତା'ର ନିଶ୍ଚିତ ଆଲୋକ
ଜୀବନ ତା' ଲୁଚକାଳି ଅନ୍ଧ-ଜନ ଉଚ୍ଚାରିତ ରବ
ନିଜକୁ ଖୋଜେ ସେ କିନ୍ତୁ ନିଜଠାରୁ କରେ ପଳାୟନ
ନିଜକୁ ସାକ୍ଷାତ୍ କରି ଭାବେ ତାହା ନିଜଠାରୁ ଆନ
ସଦା ସେ ବିରଚି କେବେ ପାଏ ନାହିଁ ଚିରନ୍ତନ ଭୂମି,
ଅବିରତ ଯାତ୍ରା କରି ପହଞ୍ଚି ସେ ପାରେ ନାହିଁ କାହିଁ
ନିଜକୁ ପାରେନି ଚାଳି, ଇଚ୍ଛା ତା'ର ହେବ ବିଶ୍ୱଗୁରୁ
ପ୍ରାଣକୁ ପାରେ ନି ତା'ରି ଇଚ୍ଛା ହେବ ଆତ୍ମାର ତାରକ
ଆତ୍ମା ଯେ ଆଲୋକ ଆଣେ ମନ କାହିଁ ହରାଇଛି ତାହା
ଯାହା ବା ଶିଖଇ ନର ଶୀଘ୍ର ପୁଣି ସଂଶୟରେ ଭାବେ
ପ୍ରଭାକର ମନେହୁଏ ଭାବନାର ଛାୟା ବୋଲି ତାରେ
ସବୁପୁଣି ହୁଏ ଛାୟା, ସତ ବୋଲି କିଛି ନାହିଁ ରହେ ।
ନ ଜାଣି ସେ ନିଜ କର୍ମ ଅବା କେଉଁ ଦିଗେ ତା'ର ଗତି
ଯନ୍ତ୍ର ପରି ରଚୁଥାଏ ଅବିଦ୍ୟାରେ ସତ୍ୟର ସଙ୍କେତ ।''

ଅଜ୍ଞାନତା, ଅବିଦ୍ୟା, ମୂର୍ଖତା, ଧୃଷ୍ଟତା ମଧ୍ୟରେ ମନୁଷ୍ୟ ବୁଡ଼ି ରହିଛି । ତାହା ମଧ୍ୟରେ ସର୍ବୋତ୍ତମ ପ୍ରତିଷ୍ଠିତ ଆଲୋକ ହେଲା ତା'ର ମନଶ୍ଚେତନା । ଆଉ ଏହି ଚେତନା ଏକ ଅଜ୍ଞାନର କ୍ଷେତ୍ର । ଏହାର ଅର୍ଥ ବୁଦ୍ଧି ମଧ୍ୟରେ ଆଲୋକ ନାହିଁ, ସ୍ୱଷ୍ଟତା ନାହିଁ, ନିଶ୍ଚୟତା ନାହିଁ । ଯେପର୍ଯ୍ୟନ୍ତ ମନୁଷ୍ୟ ଏହି ସ୍ତରରେ ରହିଥିବ, ଦୁଃଖ-ଯନ୍ତ୍ରଣା ମଧ୍ୟରେ ପଡ଼ିରହିବା ଅନିବାର୍ଯ୍ୟ । ଦୁଃଖକୁ ସେ ବହନ କରି ଚାଲିଛି । ଯେଉଁ ସୁଖ ଓ ଆନନ୍ଦର ସ୍ୱପ୍ନ ବା ଇଙ୍ଗିତ ସେ ପାଇଛି, ଏବେବି ତାହା ବାସ୍ତବତାରେ ପରିଣତ ହୋଇ ନାହିଁ ।

ଏହି ଭୂମିକାରୁ ଆମେମାନେ ସମାଧାନର ପଥ ଖୋଜି ପାଇବାର ଆଶା ଅଛି କି ? ଏ ସମ୍ବନ୍ଧରେ ଦୁଇଟି ପରସ୍ପର ବିରୋଧୀ ଉତ୍ତର ଦେଖାଦେବ । ପ୍ରଥମ : ମନୁଷ୍ୟ ଜୀବନର ଓ ସମସ୍ୟାର ସମାଧାନର କୌଣସି ବାଟ ନାହିଁ — ମନୁଷ୍ୟ ଯେଉଁ ସ୍ତରରେ ଅଛି ଏବଂ ସେ ଯାହା, ତାହାର ଯେ ବିଶେଷ କିଛି ପରିବର୍ତ୍ତନ ହେବ, ଏହି ଆଶା ସୁଦୂରପରାହତ । ଘୂର୍ଣ୍ଣାୟମାନ ଆବର୍ତ୍ତ ମଧ୍ୟରେ ମନୁଷ୍ୟ ଯୁଗଯୁଗ ଘୂରିଚାଲିଛି ଓ ଚାଲିଥିବ । ମନୁଷ୍ୟର ଜନ୍ମହିଁ ଏକ ଅସାରତା, ବିଫଳତା ବା ନିରର୍ଥକତା । ଏ ପୃଥିବୀ ଓ ଜୀବନର କୌଣସି ବିଶେଷ ପରିଣାମ ନାହିଁ । ଦ୍ୱିତୀୟ ଉତ୍ତରଟି ହେଲା ମନୁଷ୍ୟ ପଶୁତ୍ୱର ଭୂମିକା ଧରି ଆସିଛି, କିନ୍ତୁ ଦିବ୍ୟତ୍ୱର ଆଲୋକ ବହନ କରି ଚାଲିଥିବାରୁ ଏବଂ ଯେହେତୁ ମନୁଷ୍ୟ ଯୁଗ ଯୁଗ ଧରି ଏହି ଦିବ୍ୟତ୍ୱପ୍ରାପ୍ତି, ଅମରତ୍ୱ-ପ୍ରାପ୍ତି ନିମିତ୍ତ ଚେଷ୍ଟା କରୁଛି, ତାହା ମଧ୍ୟରେ ଏପରି କିଛି ଅଛି ଯଦ୍ଦ୍ୱାରା ଏହି କାର୍ଯ୍ୟ ସମାପ୍ତ ହେବ, ମନୁଷ୍ୟର ଅକଳନୀୟ ପ୍ରଚେଷ୍ଟା ଓ ଉଦ୍ୟମ ଦିନେ ସଫଳତା ଓ ବିଜୟଶ୍ରୀ ହାସଲ କରିବ । ମନୁଷ୍ୟ ଊର୍ଦ୍ଧ୍ୱତନ ଭୂମିରେ ଉଠିଯିବା କେବଳ ଯେ ଏକ ଆଶା ଓ ଆଶ୍ୱାସନାର ବାଣୀ ତାହା ନୁହେଁ, ଏହା ଅବଶ୍ୟମ୍ଭାବୀ । ପ୍ରଥମୋକ୍ତ ଉତ୍ତର ସମ୍ବନ୍ଧରେ ଆମର ବିଶେଷ କିଛି ଆଲୋଚନା କରିବାର ନାହିଁ, କାରଣ ସେ ଆଲୋଚନା ବି ନିରର୍ଥକ ଓ ଅସାର ହେବ । ପ୍ରଧାନ କଥା ହେଲା ଏହି ମତବାଦୀମାନେ ମନୁଷ୍ୟର ଯଥାର୍ଥ ସ୍ୱରୂପ ସମ୍ବନ୍ଧରେ କୌଣସି ଜ୍ଞାନାର୍ଜନ କରି ନାହାନ୍ତି ଏବଂ ମନୁଷ୍ୟର ଅନ୍ତର୍ଜଗତ୍ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅଜ୍ଞ ।

*

ଏକ ଧ୍ରୁବ, ଶାଶ୍ୱତ, ଅବିନଶ୍ୱର, ଅଖଣ୍ଡ, ଦିବ୍ୟ ମହାଚେତନାହିଁ ଏହି ସୃଷ୍ଟିର ମୂଳ ଉପାଦାନ ଓ ଉତ୍ସାରିଣୀ ଶକ୍ତି । ନାନା ସ୍ତରରେ, ନାନା ଭାବରେ, ନାନା ରୂପରେ, ନାନା ଭଙ୍ଗୀରେ ଏହି ଅବ୍ୟୟ, ସନାତନ ସତ୍ୟଚେତନାହିଁ ନିଜକୁ ପ୍ରକାଶିତ ଓ ଲୀଳାୟିତ କରି ଚାଲିଛି । ଯାହା ଆମେମାନେ ଚତୁର୍ଦ୍ଦିଗରେ ଦେଖୁଛୁ, ସବୁକିଛିହିଁ ଚେତନାର ଭୂମି, ଚେତନାର ସ୍ତର, ଚେତନାର ଆଧାର, ଚେତନାର ଯନ୍ତ୍ର ବା ବାହକ । ଜଡ଼ ବୋଲି ଆମେମାନେ ଯାହାକୁ କହୁ ତାହା ମଧ୍ୟରେ ସେହିଁ ଅଖଣ୍ଡ ଚେତନା, ଶକ୍ତି, ସାମର୍ଥ୍ୟ ରୂପେ ବିଦ୍ୟମାନ — ତାହାର ପ୍ରକାଶ ଅବଗୁଣ୍ଠିତ, ଆଚ୍ଛାଦିତ, ସୁପ୍ତ, ନିଦ୍ରିତ; ଯେପରି ଘୋର ତନ୍ଦ୍ରାଚ୍ଛନ୍ନ, ବିମୁଗ୍ଧ ନିଦ୍ରାଗ୍ରସ୍ତ । ଜଡ଼ର ନିଷ୍ଫଳତା, ସ୍ଥୂଳତା, ଘନତା ଓ କଠିନତା ମଧ୍ୟରେ ଚେତନାର ଯେପରି ବିଲୋପ ଘଟିଛି । ମାତ୍ର ଏହି କ୍ଷେତ୍ରରେ ଚେତନାର ପ୍ରକାଶ ସମାପ୍ତ ନହୋଇ ବିବର୍ତ୍ତନର ଧାରାରେ ତାହାର ଅଭ୍ୟୁତ୍ଥାନ ଘଟିଛି ଉଦ୍ଭିଦ ଓ ପଶୁଜଗତରେ । ପ୍ରାଣର ସ୍ପର୍ଶରେ ଏହି ନିଥର, ନିଷ୍ପନ୍ଦ ଚେତନା ପ୍ରାଣବନ୍ତ, ସବୁଜ, ସ୍ପନ୍ଦନଶୀଳ ହୋଇଉଠିଛି । ଏହିଠାରେ ପ୍ରାଣଭୂମିରେ ପ୍ରାଣର ଅବତରଣ ଘଟିଛି ଏବଂ ଜଡ଼ ମଧ୍ୟରେ ଯେଉଁ ଚେତନା ଊର୍ଦ୍ଧ୍ୱାୟନର ପଥ ଖୋଜୁଥିଲା, ତାହା

ଜାଗ୍ରତ୍ ହୋଇଉଠିଛି ଜଡ଼ ମଧ୍ୟରେ, ସେଥିପାଇଁ କୁହାଯାଏ ପ୍ରାଣର ଉଦ୍ଭବ ହେଲା । ଜଡ଼ ପ୍ରାଣର ତରଙ୍ଗରେ ତରଙ୍ଗାୟିତ ହୋଇ ଜୀବନ୍ତ ଓ ସମୃଦ୍ଧିଶାଳୀ ହୋଇଉଠିଲା । କିନ୍ତୁ ଏହିଠାରେ ବିବର୍ତ୍ତନର ଧାରା ଥମିଗଲା ନାହିଁ । ଜଡ଼ ଓ ପ୍ରାଣର ଭୂମିକୁ ଅତିକ୍ରମ କରି ଚେତନା ପ୍ରବେଶ କଲା ମନର ଭୂମିରେ । ମନଃଶକ୍ତି ଊର୍ଦ୍ଧ୍ୱଭୂମିରୁ ଅବତରଣ କରି ପ୍ରାଣଭୂମିକୁ ସ୍ପର୍ଶ କରିବା ମାତ୍ରେ ଯେଉଁ ଅସ୍ପଷ୍ଟ, ଅର୍ଦ୍ଧସ୍ଫୁଟିତ ମନ-ପ୍ରାଣର ସବୁଜ ତରଙ୍ଗ ଓ ପ୍ରବୃତ୍ତିର ସ୍ରୋତ ମଧ୍ୟରେ ଲୁକ୍‌କାୟିତ ଥିଲା ତାହା ଫୁଟି ଉଠିଲା । କ୍ରମଶଃ ଖୋଲିଯାଇ ଊର୍ଦ୍ଧ୍ୱଭୂମିକୁ ଉଠିଗଲା । ପ୍ରାଣିଜଗତ୍ ମଧ୍ୟରେ ଦେଖାଦେଲା ମନୋମୟ ସତ୍ତାବିଶିଷ୍ଟ ଜୀବ ବା ମନୁଷ୍ୟ । ମନୁଷ୍ୟହିଁ ଆଜି ବିବର୍ତ୍ତନଧାରାର ଶିଖର ଦେଶରେ ଦଣ୍ଡାୟମାନ, ସେହିଁ ପ୍ରକୃତିର ଏଅବଧି ଚରମ ସୃଷ୍ଟି, ଚରମ ପରିଣାମ । କିନ୍ତୁ ପ୍ରକୃତିର ଏହି ପରିଣାମ ଅସମ୍ପୂର୍ଣ୍ଣ – ଚରମ ବା ଶ୍ରେଷ୍ଠ ଉଦ୍ଭାବନ ନୁହେଁ । ତାହା ମଧ୍ୟରେ ଯେଉଁ ଚେତନାର ସ୍ଫୁରଣ ଓ ବିକାଶ ଫଳରେ ବିବର୍ତ୍ତନର ଧାରାରେ ଜଡ଼, ପ୍ରାଣ, ପ୍ରାଣଠାରୁ ମନର ସୃଷ୍ଟି ହୋଇଛି ସେହି ଚେତନାର ସ୍ଫୁରଣ ଓ ପ୍ରକାଶ ମନୋଭୂମିରେ ନିଃଶେଷ ହୋଇଯାଇ ନାହିଁ ବା ତାହାର ଗତିଧାରା ଥମିଯାଇ ନାହିଁ । ମନର କ୍ଷେତ୍ରରେ ଚେତନାର ପୂର୍ଣ୍ଣ ପ୍ରକାଶ ନାହିଁ, ନିଶ୍ଚିତତା ନାହିଁ, ସାବଲୀଳତା ବା ସାମର୍ଥ୍ୟ ମଧ୍ୟ ନାହିଁ । ଯାହା ପୂର୍ଣ୍ଣ, ତାହା ଅଖଣ୍ଡ, ତାହା ଅମୃତ ଓ ଅନନ୍ତ । ଚେତନା ଆଦ୍ୟ-ଭୂମିରେ, ଊର୍ଦ୍ଧ୍ୱ-ଭୂମିରେ ପୂର୍ଣ୍ଣ, ଅଖଣ୍ଡ ଓ ଅମୃତମୟ । ଯେପର୍ଯ୍ୟନ୍ତ ଚେତନା ନିମ୍ନଭୂମିରୁ ଫେରିଯାଇ ଏହି ଭୂମିରେ ପ୍ରବେଶ ନକରିଛି, ସେପର୍ଯ୍ୟନ୍ତ ବିବର୍ତ୍ତନର ସତ୍ୟ ଓ ରହସ୍ୟ ପୂର୍ଣ୍ଣାଙ୍ଗତା ପ୍ରାପ୍ତ ହୋଇ ନାହିଁ । ଚେତନାର ଅର୍ଥହିଁ ଜ୍ୟୋତିର୍ମୟତା । ନିଜସ୍ୱ ଭୂମିରେ ଚେତନା ବିଜ୍ଞାନମୟ, ପୂର୍ଣ୍ଣ ପ୍ରଜ୍ୱଳ ଓ ପୂର୍ଣ୍ଣ ସାମର୍ଥ୍ୟଯୁକ୍ତ । ମନର ଭୂମିରେ ଚେତନାର ଏହି ପୂର୍ଣ୍ଣ ଜ୍ୟୋତିର୍ମୟତା, ପୂର୍ଣ୍ଣ ପ୍ରଜ୍ୱଳତା ପ୍ରକାଶ ପାଇ ନାହିଁ । ବିବର୍ତ୍ତନର ଧାରା ଏହି ଦିଗରେ ଅଗ୍ରସର ହେଉଅଛି ।

ଅତଏବ ସମାଧାନର ପଥ ହେଲା ଚେତନାକୁ ଜ୍ୟୋତିର୍ମୟ, ଜ୍ଞାନମୟ ଓ ଆଲୋକିତ କରିବା, ବିଶାଳତା ଓ ବ୍ୟାପକତାର ଭୂମିରେ ନିଜକୁ ଅଧିଷ୍ଠିତ କରିବା । ଅଜ୍ଞାନ, ଅଚେତନ ବା ଅର୍ଦ୍ଧଜ୍ଞାନର ଭୂମିରେ କୌଣସି ସମାଧାନ ନାହିଁ, କୌଣସି ପଥ ନାହିଁ, କୌଣସି ମୁକ୍ତି ନାହିଁ । ସକଳ କ୍ଷେତ୍ରରେ ଏହି ଏକହିଁ ସୂତ୍ର ପ୍ରଯୁଜ୍ୟ; ଚେତନାର ଜ୍ଞାନମୟତାହିଁ ମନୁଷ୍ୟଜାତିର ସେବା, ଦେଶ ଓ ଦଶର ମୁକ୍ତିର ପଥ । ❖

*ପ୍ରଶ୍ନ : ଆଶ୍ରମର ଆଦର୍ଶ ଏବଂ ଅରୋଭିଲ୍‌ର ଆଦର୍ଶ ମଧ୍ୟରେ କେଉଁ ମୌଳିକ ପାର୍ଥକ୍ୟ ରହିଛି ?*

ଶ୍ରୀମା : ଭବିଷ୍ୟତ୍ ପ୍ରତି ରହିଥିବା ମନୋଭାବ ଏବଂ ଦିବ୍ୟ ଭଗବତ୍ ସେବା – ଏହି ଦୁଇ କ୍ଷେତ୍ରରେ କୌଣସି ମୌଳିକ ପାର୍ଥକ୍ୟ ନାହିଁ ।

କିନ୍ତୁ ଆଶ୍ରମରେ ରହୁଥିବା ବ୍ୟକ୍ତିମାନେ ସେମାନଙ୍କ ଜୀବନକୁ ଯୋଗ-ସାଧନା ସକାଶେ ଉତ୍ସର୍ଗ କରିଛନ୍ତି ବୋଲି ବିଚାର କରାଯାଏ (ଅବଶ୍ୟ ସେହିମାନଙ୍କ ବ୍ୟତୀତ ଯେଉଁ ଛାତ୍ରମାନେ ଏଠାରେ କେବଳ ସେମାନଙ୍କର ଅଧ୍ୟୟନ ସକାଶେ ଅଛନ୍ତି ଏବଂ ସେମାନେ ଏପର୍ଯ୍ୟନ୍ତ ସେମାନଙ୍କ ଜୀବନର ଲକ୍ଷ୍ୟ ନିର୍ଦ୍ଧାରଣ କରି ନାହାନ୍ତି) ।

ଅପରପକ୍ଷେ, ଅରୋଭିଲ୍‌ରେ ମନୁଷ୍ୟଜାତିର ସାମଗ୍ରିକ ପ୍ରଗତି ନିମିତ୍ତ ଏକ ପରୀକ୍ଷା ସକାଶେ କେବଳ ଏକ ସଦିଚ୍ଛା ପୋଷଣ କରିବାହିଁ ସେଠାରେ ବାସ କରିବା ଲାଗି ଅନୁମତିପ୍ରାପ୍ତି ପାଇଁ ଯଥେଷ୍ଟ ବୋଲି ଗ୍ରହଣ କରାଯାଇଛି ।

୧୦ ନଭେମ୍ବର, ୧୯୬୯

# ଅସମ୍ଭବ ଓ ସମ୍ଭବ

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

ସମ୍ଭବ ଓ ଅସମ୍ଭବର ସୀମାରେଖା କେଉଁଠି ? ଏପରି କିଛି ବିଷୟ ଅଛି କି ଯାହାକୁ ଆମେ କହିବା ସମ୍ପୂର୍ଣ୍ଣ ଅସମ୍ଭବ ବୋଲି ? ପୃଥିବୀ ଓ ମନୁଷ୍ୟ ବିକାଶର ପଥରେ ଯେତିକି ଯେତିକି ଆଗେଇ ଚାଲିଛନ୍ତି, 'ସମ୍ଭବ'ର ପରିଧି ସେତିକି ସେତିକି ବଢ଼ି ଚାଲିଛି, 'ଅସମ୍ଭବ'ର ପରିଧିକୁ ତାହା ସେତିକି ଅଧିକ ଗ୍ରାସ କରିବାରେ ଲାଗିଛି; କାଲି ଯାହା ଅସମ୍ଭବ ମନେ ହେଉଥିଲା ଆଜି ତାହା ସମ୍ଭବ ହେଉଛି । ଚନ୍ଦ୍ର ଉପରେ ପାଦ ରଖିବା ହେଉ ବା ଅସ୍ତ୍ରୋପଚାର ଦ୍ୱାରା ହୃଦୟ ସଂରୋପଣ ହେଉ, ବିଜ୍ଞାନର ବିଭିନ୍ନ କ୍ଷେତ୍ରରେ କିଛିକାଳ ଆଗେ ଯାହାକୁ ଅସମ୍ଭବ ମନେ କରାଯାଇ କେବଳ କାଳ୍ପନିକ ଉପନ୍ୟାସ ଲେଖା ଯାଉଥିଲା, ସେଗୁଡ଼ିକ ଆଜି ବାସ୍ତବରେ ପରିଣତ ହୋଇ ସାରିଲାଣି । ଏକଦା ମହାଶୂନ୍ୟରେ କେବଳ ଏକ ଜ୍ୱଳନ୍ତ ବାଷ୍ପ ଓ ଧାତୁପିଣ୍ଡ ରୂପେ ଘୂରୁଥିବା ଆମର ଏଇ ପୃଥିବୀ ଆଜି ଯେ ଏପରି ଗଛଲତା, ଫୁଲଫଳର ଶୋଭା ସମ୍ଭାରରେ ପୂର୍ଣ୍ଣ ହୋଇଉଠିଛି, ଜୀବନ ଆନନ୍ଦରେ ମତ୍ତ ହେବା ସହ ଜାତି ଜାତି ପଶୁପକ୍ଷୀଙ୍କର କ୍ରୀଡ଼ା କୂଜନରେ ମୁଖରିତ ହୋଇ ଉଠିଛି, ମାନବ ଶିଶୁର ଦେବଦୁର୍ଲଭ କମନୀୟ ମୁଖଶ୍ରୀ ଓ ସ୍ମିତହାସ୍ୟର ମାଧୁରିମା ନେଇ ହସି ଉଠିଛି, ଏହା କ'ଣ ସମ୍ଭବ ହେବ ବୋଲି ସେଦିନ କେହି କଳ୍ପନା କରି ପାରିଥାଆନ୍ତା ?

କୌଣସି ଜିନିଷକୁ ସମ୍ପୂର୍ଣ୍ଣ ଅସମ୍ଭବ ବୋଲି କୁହାଯାଇ ପାରିବ ନାହିଁ । ନେପୋଲିୟନ୍ ଯାହା କହିଥିଲେ ଯେ 'ଅସମ୍ଭବ' ଶବ୍ଦଟା କେବଳ ନିର୍ବୋଧମାନଙ୍କ ଅଭିଧାନରେ ସ୍ଥାନ ପାଇବା ଉଚିତ, ତାହା ଅନେକାଂଶରେ ସତ୍ୟ । କୌଣସି ଜିନିଷ ପ୍ରକୃତରେ ଆମକୁ ଅସମ୍ଭବ ଲାଗେ କେତେବେଳେ ? ଯେତେବେଳେ ଆମେ ସେ ସମ୍ବନ୍ଧରେ ଚିନ୍ତା କରୁ, କଳ୍ପନା କରୁ – କେତେଦୂର ତାହା ବାସ୍ତବରେ ପରିଣତ ହୋଇପାରେ ବା ତାହାକୁ ବାସ୍ତବରେ ପରିଣତ କରିବା ପାଇଁ ଚେଷ୍ଟା କରୁ । ଅର୍ଥାତ୍ ଅନ୍ୟ କଥାରେ କହିଲେ, କୌଣସି ଜିନିଷ ଆମକୁ ଯେତେବେଳେ ଅସମ୍ଭବ ଲାଗେ, ପୂର୍ବରୁ ତାହା ଆମ ଚେତନା ଭିତରକୁ ଆସି ସାରିଥାଏ, ତା' ନହେଲେ ଆମେ ସେ ବିଷୟରେ ଚିନ୍ତା କରନ୍ତୁ କାହିଁକି ? ତା'ର ସମ୍ଭବତ୍ୱ ଅସମ୍ଭବତ୍ୱ ନେଇ ମୁଣ୍ଡ ଖେଳାନ୍ତୁ କାହିଁକି ? ମା ଏ ସମ୍ପର୍କରେ ଥରେ ସୁନ୍ଦର ଭାବରେ ବୁଝାଇ କହିଥିଲେ, ''ଯେତେବେଳେ ସେ ଜିନିଷ ତୁମ ଚେତନା ଭିତରକୁ ଆସି ସାରିଥାଏ, ସେତିକିବେଳେହିଁ ତୁମେ ଦେଖିବାକୁ ଯାଅ ତାହା ସମ୍ଭବ କି ଅସମ୍ଭବ । କିନ୍ତୁ ଯେତେବେଳେ ତୁମ ଚେତନା ମଧ୍ୟରେ ତାହା ସ୍ଥାନ ପାଇଛି, ସେତେବେଳେ ତୁମେ ଜାଣିବା ଉଚିତ ଯେ ତାହା ଆଜି ସମ୍ଭବ ନହେଲେ ମଧ୍ୟ ଦିନେ ନା ଦିନେ ତାହା ସମ୍ଭବ ହେବ ।... ଯାହା ତୁମର ଚେତନାର ବାହାରେ, ତା' ଛଡ଼ା ଅସମ୍ଭବ ବୋଲି ଜଗତରେ କିଛି ନାହିଁ । କିନ୍ତୁ ତୁମର ଚେତନା କ୍ରମଶଃ ଯେତିକି ବଢ଼ି ଚାଲିବ, ସେହି ଅନୁପାତରେ ଆଜି ଯାହା ତୁମର ଚେତନାରେ ନାହିଁ, କାଲି ତାହା ଆସିଯିବ, କାରଣ ଚେତନା ନିତ୍ୟ ବୃଦ୍ଧି ପାଇ ଚାଲିଛି – ସୁତରାଂ ଶାଶ୍ୱତ କାଳ ମଧ୍ୟରେ ଅସମ୍ଭବ ବୋଲି କିଛି ରହି ନପାରେ ।'' (ବୁଲେଟିନ୍, ଅଗଷ୍ଟ ୧୯୬୧)

ଅବଶ୍ୟ ଏଇଟା ଠିକ୍ ଯେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଓ କାଳ ମଧ୍ୟରେ ଅନେକ କିଛି ଜିନିଷ ଅସମ୍ଭବ ହୋଇଥାଏ, କିନ୍ତୁ ତାହା ଯେ ଚିରଦିନ ସେହିପରି ଅସମ୍ଭବ ରହିବ ତାହା ଆଦୌ ଠିକ୍ ନୁହେଁ । କାଳ ଓ ସ୍ଥାନ ସମ୍ବନ୍ଧରେ ଆମେ ଆମର ସୀମିତ ଦୃଷ୍ଟି ନେଇ କୌଣସି ବିଷୟକୁ ଅସମ୍ଭବ ବୋଲି ଭାବୁ । ଅତୀତରେ କ'ଣ ହୋଇଛି, ବର୍ତ୍ତମାନ କ'ଣ ହେଉଛି, ସେ ସମ୍ପର୍କରେ ଏକ ସୀମିତ ଦୃଷ୍ଟିଭଙ୍ଗୀ ନେଇ ଭବିଷ୍ୟତର ସମ୍ଭାବନାକୁ ବିଚାର କରି ବସୁ । ଅତୀତ ଓ ବର୍ତ୍ତମାନର କାଳକ୍ରମ ଓ ସ୍ଥାନର ସୀମା ସରହଦ ଭିତରେ ଆବଦ୍ଧ ଚେତନା ନେଇ ଆମେ ଅନେକ କଥାକୁ ଅସମ୍ଭବ ବୋଲି ଭାବୁ । ତା'ଛଡ଼ା ମଧ୍ୟ ଏପରି ଅନେକ ଅସଂଖ୍ୟ, ଅଗଣିତ ଜିନିଷ ସବୁ ଅଛନ୍ତି ଯାହା ଆଦୌ ଆମ ଧାରଣା ଭିତରେ ଆସେ ନାହିଁ, ଆମେ ସେଗୁଡ଼ିକ ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ । କିନ୍ତୁ ଆମେ ଜାଣି ନାହୁଁ ବୋଲି ଯେ ସେସବୁ ଜିନିଷ ନାହିଁ ଏହା ନୁହେଁ, ଆମର ଚିନ୍ତା, ଧାରଣା ବା ପ୍ରତ୍ୟକ୍ଷ ଅନୁଭୂତି ସେଗୁଡ଼ିକୁ ଧରିପାରୁ ବା ନପାରୁ ସେ ସମସ୍ତ ବସ୍ତୁ ସେମାନଙ୍କ ନିଜସ୍ୱ ସତ୍ୟରେ ଜୀବନ୍ତ ଓ ପ୍ରତିଷ୍ଠିତ ହୋଇ ରହିଛନ୍ତି ଓ ସେମାନଙ୍କର କ୍ରିୟା କରି ଚାଲିଛନ୍ତି, କିନ୍ତୁ ଆମେ ସେଗୁଡ଼ିକ ବିଷୟରେ, ସେଗୁଡ଼ିକର କ୍ରିୟାକଳାପ ବିଷୟରେ ଅଜ୍ଞ ଥାଉ,

କୌଣସି ବିଷୟ ସମ୍ଭବ କି ଅସମ୍ଭବ ବୋଲି ବିଚାର କଲାବେଳେ, ଆମର ବିଚାର୍ଯ୍ୟ ବିଷୟ ସହିତ ସେଗୁଡ଼ିକର ସମ୍ବନ୍ଧକୁ ଆମେ ବିଚାରକୁ ନେଇ ନଥାଉ । କିନ୍ତୁ ଆମ ଚେତନା ଯେତିକି ଅଧିକ ପ୍ରସାରିତ ହେବ, କିଂବା ଆମେ ଆଜି ଯେଉଁସବୁ ସତ୍ୟ ସମ୍ପର୍କରେ ଅଜ୍ଞ, ସେହିସବୁ ସତ୍ୟ ନିଜର କ୍ରିୟାଧାରାରେ ଗତି କରି ଆମ ଚେତନା ଓ ପ୍ରତ୍ୟକ୍ଷକୁ ଯେତେ ଅଧିକ ଭାବରେ ସ୍ପର୍ଶ କରିବ, ଆମ ଚେତନାର ଦିଗ୍‌ବଳୟ ସେତିକି ଅଧିକ ପ୍ରସାରିତ ହୋଇଯିବ ଓ ସମ୍ଭବ, ଅସମ୍ଭବ ସମ୍ପର୍କରେ ଆମର ଧାରଣା କ୍ରମଶଃ ବଦଳି ବଦଳି ଏପରି ଏକ ଅବସ୍ଥାରେ ପହଞ୍ଚିବ ଯେଉଁଠି ଆମେ ସ୍ପଷ୍ଟ ଉପଲବ୍ଧି କରିପାରିବା ଯେ ପ୍ରକୃତରେ ଅସମ୍ଭବ ବୋଲି କିଛି ନାହିଁ ।

ଅସମ୍ଭବ ବୋଲି କିଛି ନାହିଁ – ଏ ପ୍ରତ୍ୟୟ ଆସେ କେବଳ ସେତିକିବେଳେ ଯେତେବେଳେ ଆମ ଚେତନାରେ ଦିବ୍ୟ ଭଗବତ୍ ଚେତନାର ସ୍ପର୍ଶ ଲାଗେ । ଆମେ ଯାହାକୁ ଭଗବତ୍ ଚେତନା ବା ଦିବ୍ୟ ପରମ ଚେତନା ବୋଲି କହୁ, ସେଥିରେ ସବୁକିଛି ନିତ୍ୟ-ବିରାଜିତ, ସେଥିରେ ଅତୀତ, ବର୍ତ୍ତମାନ ଓ କାଳର କ୍ରମ, ଦୂର, ନିକଟ ପ୍ରଭୃତି ସ୍ଥାନର ପରିମିତି ଆଦି ସବୁକିଛି ସ୍ଥାନ ଓ କାଳର ଆନନ୍ତ୍ୟ ଭିତରେ ନିରନ୍ତର ରହିଛନ୍ତି; ତାହା ସଙ୍ଗେ ସଙ୍ଗେ ମଧ୍ୟ ସେହି ଚେତନା କାଳ ଓ ସ୍ଥାନକୁ ଅତିକ୍ରମ କରି ସେସବୁର ଅତୀତ ହୋଇ ରହିଛି । ସେହି ଦିବ୍ୟଚେତନାକୁ ଆମେ ପରମ, ସର୍ବମୟ, ସର୍ବଶକ୍ତିମାନ୍, ସର୍ବଜ୍ଞ ଆଦି ନାନା ନାମରେ ଅଭିହିତ କରିଥାଉ, ସେ ସ୍ୱାଧୀନ ଭାବରେ, ନିଜ ଇଚ୍ଛା ଅନୁସାରେ ସବୁକିଛି ସୃଷ୍ଟି କରିପାରେ, କାଳ ଓ ସ୍ଥାନ ଭିତରେ ଯାହା ନାହିଁ, ତାହାକୁ ସେ କାଳ ଓ ସ୍ଥାନ ଭିତରକୁ ଆଣିପାରେ, କାଳ ଓ ସ୍ଥାନ ଭିତରେ ଯାହା ରହିଛି, ସେ ତାହାକୁ କାଳ ଓ ସ୍ଥାନ ଭିତରୁ ସମ୍ପୂର୍ଣ୍ଣ ବିଲୋପ ଓ ନିଶ୍ଚିହ୍ନ କରିଦେଇ ପାରେ । ପ୍ରକୃତରେ ସେହି ଦିବ୍ୟ ଚେତନାହିଁ ନିଜେ ଏହି ସ୍ଥାନ ଓ କାଳର ରୂପ ନେଇଛି, ସ୍ଥାନ ଓ କାଳ ଭିତରେ ଥିବା ସମସ୍ତ ସୃଷ୍ଟିର ରୂପ ନେଇଛି, ପୁଣି ଏସବୁର ଅତୀତ ହୋଇ, ଏ ସବୁକୁ ଅନନ୍ତ ଭାବରେ ଅତିକ୍ରମ କରି ରହିଛି । ସମସ୍ତ ସୃଷ୍ଟି, ଅସୃଷ୍ଟି, ଅସ୍ତି, ଅନସ୍ତି, ସ୍ଥିତି ଓ ପ୍ରଳୟର ମୂଳରେ ସେହି ଦିବ୍ୟଚେତନା; ସମସ୍ତ ପ୍ରକାଶ, ଅପ୍ରକାଶ, ଅଭିବ୍ୟକ୍ତି, ଅନଭିବ୍ୟକ୍ତିର ଉତ୍ସ ସେହି ଦିବ୍ୟ ଚେତନା, – ତେଣୁ ସର୍ବକ୍ଷମ, ସର୍ବସମର୍ଥ ସେହି ଚେତନା ପାଇଁ ଅସମ୍ଭବ ବୋଲି କିଛି ନାହିଁ ।

ଶ୍ରୀଅରବିନ୍ଦ ତାଙ୍କର 'ଚିନ୍ତାକଣା ଓ ଦୃଷ୍ଟିନିମେଷ' (Thoughts and Aphorisms)ରେ ଏହି ସମ୍ଭବ ଅସମ୍ଭବ କଥାଟିକୁ ବେଶ୍ ସରସ ଭାବରେ ଘୂରାଇ କରି କହିଛନ୍ତି; ସେ କହିଛନ୍ତି, ''ବର୍ତ୍ତମାନ ମୁଁ ଯାହା କରିବାକୁ ଅକ୍ଷମ, ସେଇଥିରୁହିଁ ଜାଣେ ଯେ ପରେ ମୁଁ କ'ଣ କରିବାକୁ ସକ୍ଷମ ହେବି । ଅସମ୍ଭବ ଭିତରୁହିଁ ସମ୍ଭବର ସୂତ୍ରପାତ । ଏହି ଅନିତ୍ୟ ବିଶ୍ୱ ଥିଲା ଅବିଶ୍ୱାସ୍ୟ ଓ ଅସମ୍ଭବ, ତେଣୁ ଶାଶ୍ୱତ ସ୍ରଷ୍ଟା ନିଜ ସତ୍ତା ଭିତରୁ ସୃଷ୍ଟି ଦ୍ୱାରା ଏହାକୁ ସମ୍ଭବ କଲେ ।''

ସ୍ଥାନ-କାଳରେ ଆବଦ୍ଧ ଅନିତ୍ୟ ଚେତନା ପାଇଁ ସ୍ଥାନ-କାଳର ଅତୀତ ଶାଶ୍ୱତ ଚେତନା ଯେପରି ଅସମ୍ଭବ ଓ ଅବିଶ୍ୱାସ୍ୟ, ସ୍ଥାନ-କାଳର ଅତୀତ ଶାଶ୍ୱତ ଦିବ୍ୟ-ଚେତନା ପାଇଁ ସ୍ଥାନ-କାଳରେ ଆବଦ୍ଧ ଏହି ଅନିତ୍ୟ ସୃଷ୍ଟି ମଧ୍ୟ ସେହିପରି ଅସମ୍ଭବ ଓ ଅବିଶ୍ୱାସ୍ୟ ହେବା କଥା । ଯେହେତୁ ଏହା ଅସମ୍ଭବ ତେଣୁ ଏହି ଅସମ୍ଭବକୁ ସମ୍ଭବ କରିବା ପାଇଁ ସର୍ବସମର୍ଥ ଦିବ୍ୟସ୍ରଷ୍ଟା ଏହାକୁ ସୃଷ୍ଟି କଲେ ବା ସ୍ୱୟଂ ଅସୀମ ଓ ଶାଶ୍ୱତ ଏହି ସସୀମ, ଅନିତ୍ୟ ରୂପ ଗ୍ରହଣ କଲେ । ମା ଏହି ବିଷୟଟିକୁ ବୁଝାଇ ଲେଖିଛନ୍ତି, ''ସ୍ଥାନ-କାଳର ଅତୀତରେ ଯେ ରହିଛି, ତା' ପାଇଁ ଏହି ସ୍ଥାନ-କାଳହିଁ ହେବ ପ୍ରହେଳିକା ଭଳି ଅବିଶ୍ୱାସ୍ୟ, ତା' ପାଇଁ ଏହାର କୌଣସି ଅସ୍ତିତ୍ୱ ନାହିଁ, ଆଉ ତାହା ଅସମ୍ଭବ ବୋଲିହିଁ ଶାଶ୍ୱତ ତାଙ୍କର ନିଜ ସତ୍ତାରୁ ଏହାକୁ ନିର୍ଗତ କରିଲେ, ଅର୍ଥାତ୍ ଏହି ଅନସ୍ତିତ୍ୱକୁ ଅସ୍ତିତ୍ୱ ଭିତରକୁ ଆଣିଲେ – ତାଙ୍କର ଏକ ଲୀଳା ରୂପେ – ଦେଖିବାକୁ ତାହା କେମିତି ହେଉଛି । କାରଣ ସ୍ଥାନ ଓ କାଳ ଭିତରେ ଆସି ସ୍ୱୟଂ ସମ୍ଭୂତ ନହେଲେ ଏ ଲୀଳା କିପରି ହେବ ତାହା ତ' ଜଣାଯିବ ନାହିଁ ।''

ଯେହେତୁ ସେହି ପରମ ନିତ୍ୟ ଅସୀମ ଭଗବାନ୍ ଏହି ଅନିତ୍ୟ ଓ ସୀମିତ ସୃଷ୍ଟିର ରୂପ ନେଇଛନ୍ତି, ତେଣୁ ଏହି ଅନିତ୍ୟ ସୃଷ୍ଟି ମଧ୍ୟ ତା'ର ମୂଳ ସ୍ୱରୂପରେ ସେହି ଅସୀମ ଶାଶ୍ୱତ ଭଗବାନ୍ । ଏହି ସୃଷ୍ଟିର ପ୍ରତ୍ୟେକ ବସ୍ତୁହିଁ ସେହି ଅସୀମ ଦିବ୍ୟ-ଚେତନାରହିଁ ଏକ ଖଣ୍ଡିତ ସୀମିତ ରୂପ । ଏହି ସୀମା ଭିତରେହିଁ ସେହି ପରମ ଚେତନା ନିଜର ଅସୀମତାକୁ ଫୁଟାଇବାକୁ ଚାହେଁ । ବିଶ୍ୱାତୀତ ସ୍ୱରୂପରେ ଅସୀମ ଦିବ୍ୟ-ଚେତନା ନିଜ ଅସୀମତା ଭିତରେ ଅକ୍ଷୁଣ୍ଣ ହୋଇ ରହିଛି, ତା' ପାଇଁ ସୀମା ଏକ ଅସମ୍ଭବ ବିଷୟ । କିନ୍ତୁ ସେ ଏହି ଅସମ୍ଭବକୁ ସମ୍ଭବ କରିଛି, ସ୍ଥାନ ଓ କାଳ ଭିତରେ ନିଜେ ଏକ ସୀମିତ ରୂପ ଗ୍ରହଣ କରିପାରିଛି । କିନ୍ତୁ ଥରେ ସୀମିତ ରୂପ ନେଲା ପରେ ସେହି ସୀମିତ ରୂପ

ପାଇଁ ପୁଣି ଅସୀମତା ହୋଇଉଠିଛି ଏକ ଅସମ୍ଭବ ବିଷୟ, ତେଣୁ ପୁଣି ଥରେ ସେହି ଅସମ୍ଭବକୁ ସମ୍ଭବ କରିବା ପାଇଁ ସେ ଚାହେଁ ସୀମା ଭିତରେ ଅସୀମତାର ଅଭିବ୍ୟକ୍ତି, ତା'ର ବିଶ୍ୱାତୀତ ସ୍ୱରୂପ ପରି ଅସୀମତାରେ ଅସୀମତାର ଅଭିବ୍ୟକ୍ତି ନୁହେଁ, ବା ତା'ର ଐହିକ ରୂପ ପରି ସୀମା ଭିତରେ ସୀମାର ଅଭିବ୍ୟକ୍ତି ନୁହେଁ, ଏହି ବିଶ୍ୱଗତ ସ୍ଥାନ ଓ କାଳ ଭିତରେ, ଏହି ସୀମିତ ରୂପ ଭିତରେହିଁ ନିଜର ପରମ ନିତ୍ୟ ଅସୀମତାର ଅଭିବ୍ୟକ୍ତି ଓ ପ୍ରକାଶ, – ଏହାହିଁ ତା'ର ଲକ୍ଷ୍ୟ । ଏହି ସମ୍ପୂର୍ଣ୍ଣ ଅସମ୍ଭବକୁ ସମ୍ଭବ କରିବାରେହିଁ ହୁଏତ ତା'ର ଲୀଳାର ଆନନ୍ଦ ।

ପ୍ରତ୍ୟେକ ମନୁଷ୍ୟ ତା'ର ମୂଳ ସ୍ୱରୂପରେ ସେହି ପରମ ଭଗବାନ୍, ସ୍ୱୟଂ ଭଗବାନହିଁ ମଣିଷର ସୀମିତ ରୂପ ନେଇଛନ୍ତି । ସୀମିତ ଓ ଅପୂର୍ଣ୍ଣ ମନୁଷ୍ୟତ୍ୱ ଭିତରେ ଅସୀମ ଓ ପୂର୍ଣ୍ଣ ଭଗବତ୍ ସତ୍ୟ ସ୍ୱରୂପକୁ ଫୁଟାଇ ତୋଳିବାରେହିଁ ତାଙ୍କର ଲୀଳାର ଆନନ୍ଦ । ସେଇଥିପାଇଁହିଁ ମଣିଷ ଭିତରେ ଉନ୍ନତି ପାଇଁ, ବିକାଶ ପାଇଁ, ପୂର୍ଣ୍ଣତା ପାଇଁ ଏହି ଆବେଗ, ସବୁକିଛି ବାଧାବନ୍ଧ ଅତିକ୍ରମ କରି ଭଗବାନଙ୍କ ପରି ସର୍ବଜୟୀ, ସର୍ବଜ୍ଞ ଓ ସର୍ବସମର୍ଥ ହୋଇଉଠିବା ପାଇଁ ତା' ଭିତରେ ଏହି ପ୍ରେରଣା । ଉନ୍ନତି ଓ ବିକାଶର ପ୍ରବେଗ ଦ୍ୱାରା ଆଗେଇ ଯାଉ ଯାଉ ମଣିଷ ଯେତେବେଳେ ତା'ର ନିଜ ଭିତରେ ନିତ୍ୟ ବିରାଜମାନ ଭଗବତ୍ ଉପସ୍ଥିତିକୁ ସ୍ପର୍ଶ କରିବ, ତା' ଭିତରେ ଦିବ୍ୟସମ୍ପଦର ଅକ୍ଷୟ ଭଣ୍ଡାର ଖୋଲିଯିବ, ଜ୍ଞାନ, ଶକ୍ତି ଓ ଆନନ୍ଦର ଅନନ୍ତ ଉତ୍ସ ସହିତ ସେ ଯେତେବେଳେ ମିଳି ଏକ ହୋଇଯିବ, ସେତେବେଳେ ତା' ପାଇଁ ଅସମ୍ଭବ ବୋଲି ଆଉ କିଛି ରହି ନପାରେ । ତା' ପାଇଁ ଏପରି କିଛି ବାଧା ରହିବ ନାହିଁ ଯାହାକି ଅନତିକ୍ରମଣୀୟ, ଏପରି କିଛି କାର୍ଯ୍ୟ ରହିବ ନାହିଁ ଯାହାକି ଅସାଧ୍ୟ, ଏପରି କିଛି ଲକ୍ଷ୍ୟ ରହିବ ନାହିଁ ଯାହାକୁ ସିଦ୍ଧ କରିବା ପାଇଁ ସେ ଅକ୍ଷମ, ତା' ପାଇଁ ଅସମ୍ଭବ ଶବ୍ଦର ଆଉ କୌଣସି ଅର୍ଥ ରହିବ ନାହିଁ । ✜

It is in work that one finds balance and joy.

– The Mother

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**

# ସୂର୍ଯ୍ୟୋଦୟ ଦ୍ୱାରା ସମ୍ଭବ ନୁହେଁ ଯେଉଁ ଅନ୍ଧକାରର ଅବସାନ

## ଶ୍ରୀ ମନୋଜ ଦାସ

ଭବିଷ୍ୟତ୍ ଦୁଇ ପ୍ରକାର । ଗୋଟିଏ ସ୍ୱୟଂଚାଳିତ – ତୁଚ୍ଛା ସମୟର ହିସାବ ସମ୍ବଳିତ କାଳର ନାମ । ସେଭଳି ହିସାବ ଅନୁସାରେ ବିଂଶ ପରେ ଏକବିଂଶ ଶତାବ୍ଦୀ ଆସିବହିଁ ଆସିବ, ଯେମିତି ୧୯୯୭ ପରେ ୧୯୯୮ ଅନିବାର୍ଯ୍ୟ ଭାବରେ ଆସିଯାଉଛି । କିନ୍ତୁ ଦ୍ୱିତୀୟ ଅର୍ଥରେ ଭବିଷ୍ୟତ୍ ଏକ ନୂତନ ସମୟର ଚମକ । ଖୁବ୍ ସହଜ, ସରଳ ଭାଷାରେ କହିଲେ, 'ବର୍ତ୍ତମାନ' ଆମେ ଯେଉଁସବୁ ଅପୂର୍ଣ୍ଣତା ଅନୁଭବ କରୁଛୁ, ସେସବୁ ଅନାଗତ କାଳରେ ଦୂରୀଭୂତ ହୋଇଥିବ ବୋଲି ଆମେ କଳ୍ପନା କରୁ । ଯେଉଁସବୁ ଗୁଣ ଏବଂ ଉପାଦାନ ଆମଠି ଅଥବା ଆମ ସମାଜଠି ଥିଲେ ଆମେ ତୃପ୍ତ ବା ସୁଖୀ ହୋଇ ପାରନ୍ତୁ, ସେସବୁର ସମାହାରରେ ଭବିଷ୍ୟତରେ ଏକ ପୂର୍ଣ୍ଣାଙ୍ଗ ମାନବଜାତି ସମ୍ଭବ ହେବ ବୋଲି ଆମେ ଆଶା କରୁ । କେତେବେଳେ 'ୟୁଟୋପିଆ', କେତେବେଳେ ବା 'ଏଲ୍‌ଡ଼ୋରାଡ଼ୋ' ଭାବରେ ଆମେ ତା'ର ସ୍ୱପ୍ନ ଦେଖିଚାଲୁ ।

ଏକଦା ପାଶ୍ଚାତ୍ୟ ଭୂଖଣ୍ଡର ବହୁ ଅଞ୍ଚଳର ଲୋକେ ଉଡ଼ନ୍ତା ଥାଳିଆ (Flying Saucer) ଦେଖିବାର ଶୁଣାଗଲା । ରାତିରେ ଗୋଟାଏ ଉଜ୍ଜ୍ୱଳ ଚକ୍ରାକାର ବସ୍ତୁ ଆକାଶରେ ଦେଖାଦେଇ କିୟତ୍‌କ୍ଷଣ ଗତି କରି ଅଦୃଶ୍ୟ ହୋଇଯାଏ । ଅନେକେ ମନେ କଲେ କୌଣସି ଏକ ସୁଦୂର ଗ୍ରହର ପ୍ରାଣୀମାନେ ଏକ ଯାନ ଯୋଗେ ଆସି ଆମ ପୃଥିବୀ ଅନୁଧ୍ୟାନ କରି ଲେଉଟି ଯାଉଛନ୍ତି । ସେମାନଙ୍କ ଅବତରଣ ପାଇଁ ଏ ପୃଥିବୀ କେତେଦୂର ଯୋଗ୍ୟ, ସେମାନେ ହୁଏତ ତାହାହିଁ ବିଚାରୁଛନ୍ତି ।

ଉପର୍ଯ୍ୟୁପରି ବହୁ ବ୍ୟକ୍ତି ଏଭଳି ଦୃଶ୍ୟ ଦେଖିବାର ତାତ୍ପର୍ଯ୍ୟ କ'ଣ ? ଏ ପ୍ରଶ୍ନର ଉତ୍ତରରେ ପ୍ରଖ୍ୟାତ ମନସ୍ତତ୍ତ୍ୱବିତ୍ କାର୍ଲ ଗୁସ୍ତାଭ୍ ୟୁମ୍ (C. J. Jung) ଲେଖିଲେ – ''ପୃଥିବୀର ପରିସ୍ଥିତିରେ ଆମର ହତାଶା, ଏ ପରିସ୍ଥିତିକୁ ବଦଳାଇବା ଦିଗରେ ଆମ ନିଜ ଅକ୍ଷମତା-ଜନିତ ସାମୂହିକ ଅବଚେତନ ଭିତରୁ ଏ ଦୃଶ୍ୟର ଉତ୍ପତ୍ତି । ଗ୍ରହାନ୍ତରରୁ ଆକସ୍ମିକ ଭାବରେ କୌଣସି ଶକ୍ତି ଆସି ଆମ ଅବସ୍ଥା ବଦଳାଇ ଦେବ, ଏହା ପଛରେ ରହିଛି ଏହିଭଳି ସାମୂହିକ ଆକାଂକ୍ଷା ।''

ଭାରତ ସରକାରଙ୍କ ଶିକ୍ଷା ବିଭାଗ ଅନ୍ତର୍ଭୁକ୍ତ ଏକ ପ୍ରତିଷ୍ଠାନ ହେଲା ଜାତୀୟ ୟୁନେସ୍କୋ କମିସନ । ଉକ୍ତ କମିସନ୍ ଏ ଲେଖକଙ୍କୁ 'ଶିକ୍ଷା ଏବଂ ମାନବଜାତିର ଭବିଷ୍ୟତ୍' ଉପରେ ଏକ ବକ୍ତୃତା ଦେବା ନିମନ୍ତେ ନିମନ୍ତ୍ରଣ କରିଥିଲେ । ୧୯୯୭ ଡିସେମ୍ବର ୮ ତାରିଖ ଦିନ ସନ୍ଧ୍ୟାରେ ଦିଲ୍ଲୀର ଜାତୀୟ ଯାଦୁଘର ପ୍ରେକ୍ଷାଳୟରେ କେନ୍ଦ୍ର ଶିକ୍ଷା ସଚିବ ତଥା ଉକ୍ତ କମିସନ୍‌ର ସେକ୍ରେଟାରୀ-ଜେନେରାଲ ଶ୍ରୀ ପି. ଆର. ଦାଶଗୁପ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସେ ସଭାରେ ମୁଖ୍ୟତଃ ଉପସ୍ଥିତ ଥିଲେ ଦିଲ୍ଲୀର ଶିକ୍ଷାବିତ୍, ଅଧ୍ୟାପକବୃନ୍ଦ ତଥା ବିଦେଶାଗତ ଦଳେ ଶିକ୍ଷା-ତାଲିମଦାତା । ୟୁନେସ୍କୋ କମିସନ୍ ଏକ ସମ୍ମାନଜନକ ପ୍ରତିଷ୍ଠାନ ଏବଂ ସେମାନେ ପ୍ରଥମ ଥର ପାଇଁ ଏଭଳି ସଭାଟିଏ କରୁଥିବା ଯୋଗୁଁ ଶୀତ ସମେତ ମୃଦୁ ବର୍ଷା ସତ୍ତ୍ୱେ ପ୍ରେକ୍ଷାଳୟ ଭର୍ତ୍ତି ହୋଇ ଯାଇଥିଲା ।

ଉଦ୍ୟୋକ୍ତାବର୍ଗଙ୍କ ଭିତରେ କେବଳ ମାତ୍ର ଶିକ୍ଷା ବିଭାଗର ଯୁଗ୍ମ ସଚିବ ଶ୍ରୀ ଚମ୍ପକ ଚାଟାର୍ଜୀଙ୍କୁ ଚିହ୍ନିଥିଲି । କମିସନ୍‌ର ନିମନ୍ତ୍ରଣ ପାଇ ତାଙ୍କୁ ପଚାରିଥିଲି, ''ମୁଁ ଜଣେ ଶିକ୍ଷକ; କିନ୍ତୁ ଶିକ୍ଷାବିତ୍ ନୁହେଁ । ଶିକ୍ଷାଦାନକାରୀ ଓ ଶିକ୍ଷାବିତ୍‌ମାନଙ୍କ ସମାବେଶରେ ଏଭଳି ଏକ ବିଷୟରେ କହିବା ନିମନ୍ତେ ମୋ ଉପରେ ଦାୟିତ୍ୱ ନ୍ୟସ୍ତ କରୁଛନ୍ତି କାହିଁକି ?'' ସେ ଉତ୍ତର ଦେଇଥିଲେ, ''ଏ ସଭା ଜରିଆରେ ୟୁନେସ୍କୋ ଶ୍ରୀଅରବିନ୍ଦଙ୍କ ଏକଶତ ପଞ୍ଚବିଂଶତି ଜୟନ୍ତୀ ମଧ ପାଳନ କରୁଛି । ନୂତନ ଶତାବ୍ଦୀର ପାଦଶବ୍ଦ ଯେତିକି ଅଧିକ ସ୍ପଷ୍ଟ ହେଉଛି, ଆମେ ଭବିଷ୍ୟତ୍ ସମ୍ପର୍କରେ ସେତିକି ଅଧିକ ମାତ୍ରାରେ ସଚେତନ ହୋଇଉଠୁଛୁ । ଶ୍ରୀଅରବିନ୍ଦଙ୍କ ଭବିଷ୍ୟତ୍ ଦୃଷ୍ଟି ଏକାନ୍ତ ଗୁରୁତ୍ୱପୂର୍ଣ୍ଣ । ଆପଣ ତାଙ୍କରି ଆଲୋକରେ ଆପଣଙ୍କ ବକ୍ତବ୍ୟ ଉପସ୍ଥାପନ କରିବେ ।''

ଏକବିଂଶ ଶତାବ୍ଦୀ ଆଜିଯାଏ 'ଭବିଷ୍ୟତ୍' ହୋଇ ରହିଛି । ଆଉ ଦିନ କେତୋଟି ପରେ 'ବର୍ତ୍ତମାନ' ବନିଯିବ । ଏକବିଂଶ ଶତାବ୍ଦୀର ପ୍ରଥମ ସୂର୍ଯ୍ୟୋଦୟ ସଙ୍ଗେ ସଙ୍ଗେ ଯଥାବିଧି ଅନ୍ଧକାର ଦୂର ହେବ ଯେମିତି ବିଂଶ ଶତାବ୍ଦୀରେ

ବି. ଦ୍ର : ପ୍ରବନ୍ଧଟିର ରଚନାକାଳ ୧୯୯୮ ।

ପ୍ରତ୍ୟହ ପ୍ରଭାତରେ ହୋଇ ଆସିଛି; କିନ୍ତୁ ସେ ସୂର୍ଯ୍ୟୋଦୟ ହେବାମାତ୍ରେ ଆମ ଚେତନାର ଅନ୍ଧକାର ଦୂର ହୋଇଯିବ ନାହିଁ। ୟୁନେସ୍କୋ କମିସନଙ୍କ ଆୟୋଜିତ ସଭାରେ ସମବେତ ସୁଧୀବୃନ୍ଦଙ୍କ ମନୋଯୋଗିତା ଲକ୍ଷ୍ୟ କରି ଭବିଷ୍ୟତ୍ ପାଇଁ ଆଶାୟୀ ଏ ଲେଖକକୁ ପରଦିନ କିନ୍ତୁ ଜଣେ, ଦୁଇଜଣ ସମ୍ପୂର୍ଣ୍ଣ ନିର୍ଭରଯୋଗ୍ୟ ଶିକ୍ଷା-ଉଦ୍ୟୋଗୀ ଏବଂ ଜଣେ ପ୍ରବୀଣ ଶିକ୍ଷା ବିଭାଗୀୟ କର୍ମକର୍ତ୍ତା (ପୂର୍ବରୁ ଶିକ୍ଷା-ତାଲିମ ମହାବିଦ୍ୟାଳୟର ଅଧକ୍ଷ) ଯେଉଁ ତଥ୍ୟମାନ ଶୁଣାଇଲେ ସେସବୁ ସତ୍ୟ ହୋଇଥିଲେ (ମିଥ୍ୟା ହେବାର ସମ୍ଭାବନା ଥାଆନ୍ତା ହେଲେ !) ସେ ତମସା କେବେ ଦୂର ହେବ, ସେ ବିଷୟରେ ସଂଶୟ ଉପୁଜିଛି।

ଦିଲ୍ଲୀର ଅଧିକାଂଶ ସରକାରୀ ବିଦ୍ୟାଳୟରେ ଅଧ୍ୟାପନା ନାମକୁ ମାତ୍ର ହେଉଛି। ଶିକ୍ଷକମାନଙ୍କ ଦରମା ଯଥେଷ୍ଟ ବଢ଼ିବା ସତ୍ତ୍ୱେ ସେମାନଙ୍କୁ ପଙ୍ଗୁ କରି ପକାଇଛି ସାମୂହିକ ଦାୟିତ୍ୱହୀନତା ଏବଂ ଅର୍ଥ ଲାଳସାର ବ୍ୟାଧି। ଭାରତର ବହୁ ସରକାରୀ ହାସପାତାଳରେ ଯେମିତି ଚିକିତ୍ସା ପ୍ରତି ଅବହେଳା କରାଯାଏ, ଅଚଳ ଯନ୍ତ୍ରପାତିକୁ ସଚଳ କରିବା ଦିଗରେ ଯତ୍ନ ନିଆଯାଏ ନାହିଁ – ରୋଗୀମାନେ ସମ୍ପୃକ୍ତ ଚିକିତ୍ସକମାନଙ୍କ ଘରୋଇ ବ୍ୟବସ୍ଥାରେ ଚିକିତ୍ସା ଲୋଡ଼ିବାକୁ ବାଧ ହେବେ ବୋଲି, ସେମିତି ଶିକ୍ଷକମାନେ କ୍ଲାସ୍‌ରେ ଅଧ୍ୟାପନାରେ ଅବହେଳା କରନ୍ତି ଛାତ୍ରମାନେ ଟ୍ୟୁସନ୍ ନିମନ୍ତେ ସେମାନଙ୍କ ଦ୍ୱାରସ୍ଥ ହେବାକୁ ବାଧ ହେବେ ବୋଲି। ଏ ଦିଗରେ ଦୁର୍ମତି, ଦୁର୍ଗତି ଓ ଦୁର୍ନୀତିର ଆହୁରି ଯେଉଁସବୁ ରହସ୍ୟ ସେମାନେ ପ୍ରକଟ କଲେ ସେସବୁ ତିକ୍ତ କଥା ଲେଖିବାକୁ ସଙ୍କୋଚ ଲାଗୁଛି।

ଯେଉଁ ଦେଶରେ ଶିକ୍ଷକକୁଳର ଏକ ଗୋଷ୍ଠୀ ନିଜର ଦାୟିତ୍ୱ ପ୍ରତି ବିଶ୍ୱାସଘାତକତା କରିପାରନ୍ତି, ସେ ଦେଶରେ ଖାଲି ଶିକ୍ଷାର ନୁହେଁ, ସମଗ୍ର ସମାଜର ଭବିଷ୍ୟତ୍ ଅନ୍ଧକାର। ସେ ଅନ୍ଧକାରକୁ ଦୂର କରି ପାରିବା ଭଳି ସୂର୍ଯ୍ୟୋଦୟ ଅସମ୍ଭବ। ଏ ପରିସ୍ଥିତିରୁ ମୁକ୍ତିର ପଥ କାହିଁ ? ସବୁ ସରକାରୀ ବିଦ୍ୟାଳୟ ବା ମହାବିଦ୍ୟାଳୟ ଏଭଳି ଅମାନୁଷିକତାର କ୍ରୀଡ଼ାକ୍ଷେତ୍ର ହୋଇ ନଥିବ କିଂବା ସମଗ୍ର ସରକାରୀ ଶିକ୍ଷକକୁଳ କଦାପି ତ ଏଭଳି ବିକଳ ପ୍ରଲୋଭନର ଶିକାର ନୁହନ୍ତି, ଏହି ଚିନ୍ତାରୁ ଆଶ୍ୱାସନା ପାଉଥିଲି; କିନ୍ତୁ ଏ ମହାଜାତିର ଖାସ୍ ରାଜଧାନୀରେ ଏଭଳି ପରିସ୍ଥିତି ଆଂଶିକ ଭାବରେ ବି ଯଦି ସମ୍ଭବପର ହେଲା, ତାହା କମ୍ ବେଦନାର କଥା ନୁହେଁ !

ପ୍ରତ୍ୟାବର୍ତ୍ତନ ମାର୍ଗରେ ଜଣେ ବୟୋବୃଦ୍ଧଙ୍କ ସହ ସାକ୍ଷାତ୍ ହେଲା। ସେ ସର୍ବୋଦୟ କର୍ମୀ ଥିଲେ। କଥାବାର୍ତ୍ତା ଭିତରେ ଏ ପ୍ରସଙ୍ଗ ପଡ଼ିଲା। ମୁଁ ଯାହା ଶୁଣିଥିଲି, କିନ୍ତୁ ସମ୍ପୂର୍ଣ୍ଣ ଭାବରେ ବିଶ୍ୱାସ କରିବାକୁ ଚାହୁଁ ନଥିଲି, ଅର୍ଥାତ୍ ମୋର ଯେତିକି ମୋହ ଥିଲା ତାକୁ ବି ସେ ଭାଙ୍ଗି ଦେଲେ। ଅଧିକନ୍ତୁ କହିଲେ, ‘‘ଇନ୍ଦିରା ଗାନ୍ଧି ଜରୁରୀ ଅବସ୍ଥା ଜାରି କରନ୍ତେ ଆମ ଆନ୍ଦୋଳନର ପ୍ରବର୍ତ୍ତକ ବିନୋବା ଭାବେ ଅନୁଶାସନ ପର୍ବ ଆରମ୍ଭ ହେଲା ବୋଲି କହିଲେ। ମୁଁ ବିନୋବାଜିଙ୍କ ଉପରେ ଭାରି ଖପ୍ପା ହେଲି। ସେତେବେଳେ ସଞ୍ଜୟ ଗାନ୍ଧି ପରିଚାଳିତ ସରକାର ପ୍ରବଳ ଅନ୍ୟାୟ, ଅତ୍ୟାଚାର କରୁଥିଲା। ତାହା ସେଦିନ ଯେତିକି ନିନ୍ଦନୀୟ ଥିଲା ଆଜି ବି ସେତିକି ନିନ୍ଦନୀୟ; କିନ୍ତୁ ଜରୁରୀ ଅବସ୍ଥାବେଳେ ମାଷ୍ଟ୍ରମାନେ ପାଠ ପଢ଼ାଉଥିଲେ, ହାସପାତାଳରେ ଠିକ୍‌ଠାକ୍ କାମ ଚାଲୁଥିଲା, ରେଳଗାଡ଼ି ସବୁ ନିର୍ଦ୍ଦିଷ୍ଟ ସମୟରେ ଯାତାୟାତ କରୁଥିଲେ। ଯେଉଁ ମଣିଷମାନେ ଜରୁରୀ ଅବସ୍ଥା ଆଗରୁ ବି ଏସବୁ କାମରେ ନିଯୁକ୍ତ ଥିଲେ, ହଠାତ୍ ସେମାନେ କେମିତି କର୍ତ୍ତବ୍ୟନିଷ୍ଠ ବନିଗଲେ ? ସେ ଯାଦୁ ହେଲା ଦଣ୍ଡଭୟ। ବିନୋବାଜିଙ୍କ ଅନ୍ତର୍ବୋଧ ଥିଲା। ଆମର ଏହି ଦୁର୍ବଳତା ସମ୍ପର୍କରେ ଆମେ ସଚେତନ ହେବୁ, ଅଥଚ ବହିଃଶାସନର ଆତଙ୍କ ଯୋଗୁଁ କାମ ନକରି ନିଜ ଅନ୍ତଃଶାସନ ଆମକୁ ନିୟନ୍ତ୍ରଣ କରିବ, କର୍ତ୍ତବ୍ୟନିଷ୍ଠ କରିବ, ସେ ଏହି କାମନା କରୁଥିଲେ; କିନ୍ତୁ ତାଙ୍କ ଆଶା ପୂରଣ ହେଲା ନାହିଁ। ଜରୁରୀ ଅବସ୍ଥାର ଅବସାନ ହୁଅନ୍ତେ, ଅର୍ଥାତ୍ ଚାବୁକ ଅବନମିତ ହୁଅନ୍ତେ, ଆମେ ଯଥା ପୂର୍ବଂ ତଥା ପରଂ ବନିଗଲୁ।’’

ଏହାପରେ ବୃଦ୍ଧ ଏପରି ଏକ ଘଟଣା ଗପିଲେ, ଯାହା ମୋତେ ଏକ ବିଚିତ୍ର ମିଶ୍ରିତ ରସର ସ୍ୱାଦ ଦେଲା। ତାଙ୍କ ନାତି ଜଣେ ଉଚ୍ଚପଦସ୍ଥ ହାକିମ। ଦିନେ ଜଣେ ଭଦ୍ରଲୋକ କୌଣସି ଆବେଦନ ଧରି ତାଙ୍କ ପାଖରେ ପହଞ୍ଚିଲେ। ହାକିମ ନମସ୍କାର ନକଲେ ବି ଆଗନ୍ତୁକ ଆକର୍ଣ୍ଣ ହସି ତାଙ୍କୁ ଆଶୀର୍ବାଦ କଲେ। ହାକିମ କିନ୍ତୁ ଅନ୍ୟ ଦୁଇଜଣଙ୍କ ସହ କଥାବାର୍ତ୍ତାରେ ବ୍ୟାପୃତ ଥିଲେ।

‘‘ଆପଣ ବୋଧହୁଏ ମୋତେ ଚିହ୍ନି ପାରିଲେ ନାହିଁ।’’ – ମଝିରେ ଟିକିଏ ଅଧୈର୍ଯ୍ୟ ହୋଇ କହିଲେ ଆଗନ୍ତୁକ।

‘‘ଅପେକ୍ଷା କରନ୍ତୁ।’’ ହାକିମ ଶୁଷ୍କ ଭାବରେ କହିଲେ।

ଅନ୍ୟମାନେ ଗଲେ । ହାକିମ ଆଗନ୍ତୁକଙ୍କ ଆଡ଼େ ଅନାଇ କହିଲେ, 'ସେମାନେ ପୂର୍ବରୁ ଯୋଗାଯୋଗ କରି ଆସିଥିଲେ, ତେଣୁ ସେମାନଙ୍କ ସହ ପ୍ରଥମେ କଥା ଛିଡ଼ାଇବା ମୋର କର୍ତ୍ତବ୍ୟ । କହନ୍ତୁ ଏଥର । ଆପଣଙ୍କ ବେପାର ଭଲ ଚାଲିଛି ତ ?'

''ଆପଣ ନିଶ୍ଚୟ ମୋତେ ଚିହ୍ନି ପାରୁ ନାହାନ୍ତି । ମୁଁ ନବଘନ ରାୟ (ପ୍ରକୃତ ନାମ ନୁହେଁ) । ଆପଣଙ୍କ ଶିକ୍ଷକ ଥିଲି ବୋଲି କହିବାରୁ ଆପଣଙ୍କ ପିଅନ ଏବଂ ପି. ଏ. ମୋତେ ବାଟ ଛାଡ଼ି ଦେଲେ ।'' – ଆଗନ୍ତୁକ ଜଣାଇଲେ ।

''ଶିକ୍ଷକ ଜାତି ପ୍ରତି ସେମାନଙ୍କର ସମ୍ମାନ ଅଛି ।'' – କୌଣସି ଆବେଗ ବିନା କହିଲେ ହାକିମ ।

''ରହନ୍ତା ନାହିଁ ? ସେମାନେ ତ ପୁଣି ଆପଣଙ୍କ କର୍ମଚାରୀ !'' କହିଲେ ଆଗନ୍ତୁକ ।

ତାଙ୍କର ଏ ସରସ ମନ୍ତବ୍ୟ ଉପରେ ଗୁରୁତ୍ୱ ନଦେଇ ହାକିମ କହିଲେ, ''କ'ଣ କରିପାରେ କୁହନ୍ତୁ ।''

ହତାଶାକୁ ଚାପିରଖି ଆଗନ୍ତୁକ ତାଙ୍କ ଆବେଦନ ଜଣାଇଲେ । ହାକିମ ଗମ୍ଭୀର ଭାବରେ କହିଲେ, ''ଦୁଃଖିତ । ଆପଣଙ୍କ ଅନୁରୋଧ ନିୟମାନୁମୋଦିତ ନୁହେଁ ।''

''ଆହା ! ସେଇଥିପାଇଁ ତ ଆପଣଙ୍କୁ, ମୋର ପୁରାତନ ଛାତ୍ର, ଯିଏ ମୋର ଗର୍ବ, ତାଙ୍କୁ ଭେଟୁଛି । ଜାଣେ ଆପଣଙ୍କ ଶିକ୍ଷକର ସମସ୍ୟା ପ୍ରତି ଆପଣ ସ୍ୱତନ୍ତ୍ର ଭାବରେ ଧ୍ୟାନ ଦେବେହିଁ ଦେବେ । ନିୟମକାନୁନ ଊର୍ଦ୍ଧ୍ୱରେ ତ ପୁଣି ମାନବିକତା, ନୈତିକତା ରହିଛି ।'' – କହିଲେ ଆଗନ୍ତୁକ ।

ହାକିମଙ୍କ ପଛରେ ତାଙ୍କ ପି. ଏ. ଆସି ଠିଆ ହୋଇଥିଲେ । ତାଙ୍କୁ ଚାଲିଯିବାକୁ ଇଙ୍ଗିତ ଦେଇ, ଫାଇଲ ବନ୍ଦ କରି ହାକିମ କହିଲେ, ''ନିୟମକାନୁନ ଉପରେ ନିଶ୍ଚୟ ମାନବିକତା ଓ ନୈତିକତା ରହିଛି । କିନ୍ତୁ ମହାଶୟ, ଆପଣଙ୍କ ଜୀବନରେ ଆପଣ ମାନବିକତା ବା ନୈତିକତା ତ ଦୂରର କଥା, ଯେଉଁ ନିୟମକାନୁନ ଆପଣଙ୍କୁ ଆହାର ଯୋଗାଇ ଦେଉଥିଲା, ତାକୁ ଅକାତରେ ପଦଦଳିତ କରିଛନ୍ତି । ଅର୍ଥାତ୍ ଆପଣ ଯେଉଁ ପରିଶ୍ରମ କରିବେ ବୋଲି ବିଶ୍ୱାସରେ ଦେଶ ଆପଣଙ୍କୁ ପାରିଶ୍ରମିକ ଦେଉଥିଲା, ଆପଣ ସେ ପରିଶ୍ରମର କିୟଦଂଶ ବି କରୁ ନଥିଲେ । ଦେଶର ସବୁ ବାପାଙ୍କ ଭଳି ମୋ ବାପା ବି ସରକାରଙ୍କୁ ବିଭିନ୍ନ କର ଦେଉଥିଲେ । ସେହି କରରୁ ସରକାର ଆପଣଙ୍କୁ ଦରମା ଦେଉଥିଲା । ଆପଣ କିନ୍ତୁ ଦରମା ନିୟମିତ ନେଇ, ବିଦ୍ୟାଳୟରେ ପାଠ ନପଢ଼ାଇ ଟ୍ୟୁସନ୍ ଉପରେ ଗୁରୁତ୍ୱ ଦେଉଥିଲେ । ମୋ ବାପାଙ୍କର ସାମାନ୍ୟ ସମ୍ବଳ ଥିଲା ବୋଲି ସେ ଆପଣଙ୍କ ସହ ଦରଦସ୍ତୁର କରି ଆପଣ ମୋତେ ଟ୍ୟୁସନ୍ କରିବାର ବ୍ୟବସ୍ଥା କରିଥିଲେ; କିନ୍ତୁ ମୋ ସହପାଠୀ କେତେଜଣ ଗରିବ ଘରର ଝିଅପୁଅ ଟ୍ୟୁସନ୍ ପାଇଁ ଖର୍ଚ୍ଚ କରିବାରେ ଅକ୍ଷମ ଥିଲେ । ଯୋଗ୍ୟତା ସତ୍ତ୍ୱେ ସେମାନେ ପରୀକ୍ଷାରେ ଭଲ କରି ପାରିଲେ ନାହିଁ ।''

ବଡ଼ ଇତସ୍ତତଃ ହୋଇ ଆଗନ୍ତୁକ କହିଲେ, ''ଟ୍ୟୁସନ୍ ଯୋଗେ ହେଉ ପଛେ, ମୁଁ ତ ଆପଣଙ୍କୁ ଶିକ୍ଷାଦାନ କରୁଥିଲି !''

''ଶିକ୍ଷାଦାନ ? ସେ ପବିତ୍ର ଶବ୍ଦ ବ୍ୟବହାର ନକଲେ ଭଲ ହୁଅନ୍ତା । ଶିକ୍ଷା ତୁଳନାରେ କର୍ତ୍ତବ୍ୟ କର୍ମ ଫାଙ୍କିବାରେ ଆପଣଙ୍କ ଦୃଷ୍ଟାନ୍ତ ଆମମାନଙ୍କୁ ଅଧିକ ମାତ୍ରାରେ କୁଶିକ୍ଷାହିଁ ଦେଉଥିଲା । ଆପଣ ମୋ ବାପାଙ୍କୁ ତଥା ସରକାରଙ୍କୁ ଅର୍ଥାତ୍ ଦେଶକୁ ଠକିଛନ୍ତି । ଅନ୍ୟ ଶିକ୍ଷକମାନେ ଆପଣଙ୍କ ଦୃଷ୍ଟାନ୍ତ ଅନୁକରଣ କରିଛନ୍ତି । ଆମେ ଛାତ୍ରମାନେ ସେ କୁଶିକ୍ଷା ଆହରଣ କରିଛୁ । ଆପଣ ଯାନ୍ତ୍ରିକ ଭାବରେ ଦେଇଥିବା ଶିକ୍ଷାଠୁଁ ବହୁ ଅଧିକ ମାତ୍ରାରେ ସମସ୍ତଙ୍କୁ ପ୍ରଭାବିତ କରିଛି ଆପଣଙ୍କ କୁଶିକ୍ଷା । ମୁଁ ଆପଣଙ୍କଠୁଁ ପାଠ ସଉଦା କରିଥିଲି । ଶୀତ ପଡ଼ି ଆସିଲାଣି । ଗତକାଲି ମୁଁ ବଜାରରେ ମୂଲଚାଲ କରି ଯୋଡ଼ିଏ କମ୍ବଳ କିଣିଛି । ଆଜି ଯଦି କମ୍ବଳ-ବିକ୍ରେତା ମୋ ପାଖକୁ କୌଣସି ଆବେଦନ ନେଇ ଆସେ, ମୁଁ ତା' ପ୍ରତି ଦରଦୀ ହେବାର ଯେମିତି କାରଣ ନାହିଁ, ଆପଣଙ୍କ ପ୍ରତି ଦରଦୀ ହେବାର ବି ସେମିତି କାରଣ ନାହିଁ ।''

ଏ ଘଟଣା ଶୁଣିବାବେଳେ ଲଜ୍ଜାରେ ଏ ଲେଖକର ମୁଣ୍ଡ ତଳକୁ ହୋଇ ଯାଇଥିଲା । ଜାଣେ, ପାଠକମାନଙ୍କ ଭିତରୁ ଅନେକଙ୍କୁ ମଧ୍ୟ ଲଜ୍ଜା କିଂବା ଅସ୍ୱସ୍ତି ଲାଗିବ । ସେମାନେ ଏ ଲେଖକକୁ କ୍ଷମା କରନ୍ତୁ; କିନ୍ତୁ ଆମେ ସଭିଏଁ ପ୍ରାର୍ଥନା କରିବା ଆସନ୍ତୁ – ଶିକ୍ଷକ ଜାତିରୁ ଜଣେ ବି କାହାକୁ ଏମିତି ରୂଢ଼, ରୁକ୍ଷ କଥା ଶୁଣିବାକୁ ନପଡ଼ୁ; ଏମିତି ହିନସ୍ତା ହେବାକୁ ନହେଉ ।

ଘଟଣାଟି ବିବୃତ କରିବା ଉତ୍ତାରୁ ବୃଦ୍ଧ କହିଥିଲେ, ''କର୍ମଫଳ ବୋଲି ବ୍ୟାପାରଟିଏ ରହିଛି ବୋଲି ଆମେ ଭୁଲିଯାଇଛୁ ।'' ❖

# ଶ୍ରୀଅରବିନ୍ଦ ଓ ଦିଲୀପକୁମାର
## (୫)

[ବିଖ୍ୟାତ ସଂଗୀତଜ୍ଞ, ଶ୍ରୀଅରବିନ୍ଦଙ୍କର ଅତ୍ୟନ୍ତ ପ୍ରିୟ ଶିଷ୍ୟ ଶ୍ରୀ ଦିଲୀପକୁମାର ରାୟଙ୍କର ଶ୍ରୀଅରବିନ୍ଦଙ୍କ ସହିତ କଥୋପକଥନ ଓ ସେହି ସମୟର ଅଭିଜ୍ଞତା]

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ଦିଲୀପକୁମାର ରାୟଙ୍କ ବର୍ଣ୍ଣନା ନିମ୍ନମତେ :

ପରଦିନ ସକାଳେ ତାଙ୍କ ନିକଟକୁ ପୁଣି ଗଲି । କହିଲି, ''କାଲି ରାତିରେ ପଢ଼ିଲି ଦେଶବଂଧୁ ଚିତ୍ତରଂଜନଙ୍କୁ ଲେଖା ଯାଇଥିବା ଆପଣଙ୍କର ଚିଠିଟି । କିଛି ଯଦି ମନେ ନକରନ୍ତି, ତେବେ ଏ ସମ୍ବନ୍ଧରେ ମୋ ମନରେ ଯେଉଁ ଗୋଟିଏ, ଦୁଇଟି ସଂଶୟ ଉଠିଛି, ସେ ବିଷୟରେ ପଚାରିବି ।'' ଶ୍ରୀଅରବିନ୍ଦ ହସିଦେଇ କେବଳ ହାତରେ ଏକ ପ୍ରକାର ଇଂଗିତ କଲେ ।

ମୁଁ କହିଲି, ''ଦେଶବଂଧୁଙ୍କୁ ଆପଣ ଲେଖିଛନ୍ତି, ଯୋଗଶକ୍ତି ବଳରେ ଗୋଟିଏ ନବଚେତନା ମିଳେ । ମୋର ଜିଜ୍ଞାସା ଏଇ ଯେ, ଚେତନାର ବୃଦ୍ଧି ଯୋଗୁଁ କ'ଣ କିଛି ପ୍ରତ୍ୟକ୍ଷ ଫଳ ମିଳେ ? ଯଦି ମିଳେ, ଅର୍ଥାତ୍ ଯୋଗ କରିବା ଦ୍ୱାରା ଯଦି କିଛି ଶକ୍ତି ଲାଭ ହୁଏ, ତେବେ କ'ଣ ଏହି ପ୍ରମାଣ ମିଳିବ ଯେ, ଯେଉଁ ପ୍ରକାରର ଅଘଟଣ ଘଟିଲା ଏହା କେବଳ ଏହି କାରଣରୁ ? ନହେଲେ ଘଟି ନଥା'ନ୍ତା ?''

ଶ୍ରୀଅରବିନ୍ଦ ଟିକିଏ ହସି କହିଲେ, ''ଅର୍ଥାତ୍ ତୁମେ ପ୍ରତ୍ୟକ୍ଷ ପ୍ରମାଣ ଚାହଁ ଯେ, ବହିର୍ଜଗତରେ ଯେଉଁସବୁ କାର୍ଯ୍ୟ ଘଟିଲା, ଅନ୍ତର୍ଜଗତରେ ଯୋଗବଳରେ ସେହି ସେହି ଶକ୍ତିର ସକ୍ରିୟତାରେ ଘଟିଲା – ଏହା ତ ? ଏ ଧରଣର ପ୍ରମାଣ ଯୋଗ ଜଗତରେ ଖୋଜିବା ବୃଥା । ଏ ବିଷୟରେ ପ୍ରତ୍ୟେକେ ତାଙ୍କ ନିଜର ଧାରଣା ଅନୁସାରେହିଁ ଚାଲିବେ, କାରଣ ଏ କଥାରେ ବିଶ୍ୱାସହିଁ ଗୁରୁତ୍ୱପୂର୍ଣ୍ଣ, ଯୁକ୍ତି ଓ ପ୍ରମାଣ ନୁହେଁ – ଏହା ଆସେ ଅଭିଜ୍ଞତା ଓ ଉପଲବ୍ଧି ଫଳରେ, କିଂବା ବିଶ୍ୱାସ ଓ ଅନ୍ତରରେ ଯେଉଁ ଅନ୍ତର୍ଦୃଷ୍ଟି ଅଛି ତା'ରି ଫଳରେ । ଅଥବା ସେହି ଗଭୀର ବୁଦ୍ଧିର ଆଲୋକରେ ସେ ଦେଖିବାକୁ ଶିଖେ ଦୃଶ୍ୟମାନ ଜଗତର ଯବନିକା ପଛ ପଟେ ଯାହା ଯାହା ଘଟୁଛି । ଆଧ୍ୟାତ୍ମିକ ଚେତନା ତ ନିଜକୁ ଜଣାଇବା ପାଇଁ ଡିଣ୍ଡିମ ପିଟେ ନାହିଁ, ସେ ଅଙ୍ଗୀକାର କରି ପାରେ । ସତ୍ୟ କ'ଣ ତାହାକୁ ପ୍ରତ୍ୟେକେ ମାନି ନିଅନ୍ତୁ, ଏଥିପାଇଁ ସେ ଲଢ଼ାଇ କରେ ନାହିଁ ।''

– ''ଆଉ ଗୋଟିଏ କଥା କାଲି ଭାବୁଥିଲି । ଯୋଗର ପ୍ରେରଣା ବିନା ଜୀବନରେ ଯାହା କିଛି କରେ, ତାହାର କ'ଣ କିଛି ସ୍ଥାୟୀ ମୂଲ୍ୟ ନଥାଏ ?''

– ''ତୁମର ପ୍ରଶ୍ନଟା ଠିକ୍ ବୁଝିପାରୁ ନାହିଁ ।''

– ''ମୋର ପ୍ରଶ୍ନଟା 'ଆଦେଶ' ସମ୍ବନ୍ଧରେ । ପରମହଂସ ଦେବ କହନ୍ତି, ଆଦେଶ ନପାଇଲେ ପ୍ରକୃତ ବଡ଼ କାମ କିଛି କରାଯାଇ ପାରେନା । କିନ୍ତୁ ଯୁଗେ ଯୁଗେ, ଦେଶେ ଦେଶେ ଆଦେଶ ବିନା ତ ମଣିଷ ହଜାର ହଜାର କୀର୍ତ୍ତିକଳାପ ମାଧ୍ୟମରେ ନିଜକୁ ପ୍ରକାଶ କରିଛି । ସେସବୁର କ'ଣ ସତରେ କିଛି ମୂଲ୍ୟ ନାହିଁ ? ଯେମିତି ଧରନ୍ତୁ – ବିଜ୍ଞାନ, ଶିଳ୍ପ, ଦର୍ଶନ ଓ କାବ୍ୟରେ ।''

ଶ୍ରୀଅରବିନ୍ଦ କହିଲେ, ''ଯେକୌଣସି କ୍ଷେତ୍ରରେ ମନୁଷ୍ୟ ଯଦି ସତ୍ୟର ଭିତ୍ତି ଉପରେ କିଛି ସୃଷ୍ଟି କରିଛି, ତା'ର କିଛି ନା କିଛି ମୂଲ୍ୟ ରହିବହିଁ ରହିବ । କଥାଟା କ'ଣ ବୁଝାଇ କହୁଛି ।'' ଶ୍ରୀଅରବିନ୍ଦ ବାମ ହାତକୁ ଖୋଲି ଧରିଲେ ସିଧା କରି । କହିଲେ, ''ଧର ଆମେ ଏହି ସ୍ତରରେ କିଛି ଗଢ଼ି ତୋଳିଛୁ । ଯଦି ଏ କାମ ସତରେ କୌଣସି ସୃଷ୍ଟି ରୂପେ ଠିଆ ହୁଏ, ତେବେ କ'ଣ ହୁଏ ନା ଏହାର ପ୍ରେରଣା ଆସେ ଏହାଠାରୁ ଉଚ୍ଚସ୍ତରର କୌଣସି ଚେତନାରୁ । (ଡାହାଣ ହାତଟି ବାମ ହାତର କିଛିଟା ଉପରେ ମେଲାଇ ଧରି) ଅର୍ଥାତ୍ ଏଠାରୁ, ଯଦିଓ ଯେଉଁଟା ଗଢ଼ି ଉଠିଲା, ତାହା ରହିଛି ଏଇ (ବାମ ହାତଟି ଦେଖାଇ) ନିମ୍ନ ସ୍ତରରେ । ବାସ୍ତବରେ ପ୍ରତ୍ୟେକ ସୃଷ୍ଟିର କାମକୁ କୁହାଯାଏ ଯୋଗ । ଉପର ସ୍ତରର କୌଣସି ଚେତନା ସଙ୍ଗେ ନିମ୍ନ ସ୍ତରର ଗ୍ରହୀତାର ଚେତନା ମଧ୍ୟରେ ଗୋଟିଏ ସେତୁ ଗଢ଼ି ତୋଳିବା । ମନୋରାଜ୍ୟରେ ମନ ଊର୍ଦ୍ଧ୍ୱସ୍ଥ ଲୋକର କୌଣସି ଧ୍ୟାନମୂର୍ତ୍ତିକୁ ଆବାହନ କରିବା ଓ ପ୍ରତିଷ୍ଠା କରିବା ।''

ମନେ ପଡ଼ିଲା ''Future Poetry''ରେ ଶ୍ରୀଅରବିନ୍ଦ ଲେଖିଥିଲେ, ''କବିତାର ସ୍ୱର ଆସେ ଆମ ଊର୍ଦ୍ଧ୍ୱରେ ଥିବା ଉଚ୍ଚତର ଚେତନାରୁ; ଆମର ବ୍ୟକ୍ତିଗତ ବୁଦ୍ଧିର ଊର୍ଦ୍ଧ୍ୱରେ ଥିବା କୌଣସି ସ୍ତରରୁ, ଯେଉଁଠାରେ ଏହି ଅତିମାନସ ଚେତନାରେ ପ୍ରତ୍ୟେକ ଜିନିଷର ଅନ୍ତରତମ ଓ ବୃହତ୍ତମ ସତ୍ୟକୁ ଦେଖାଯାଏ ଅଧ୍ୟାତ୍ମ, ଅଭେଦ ବୋଧରେ । ସେତେବେଳେ ମନକୁ ଅଧିକାର କରେ ଏଇ ଅତିମାନସର ସ୍ପର୍ଶ, ତା'ର ଆବେଗ, ଏହି ଦୃଷ୍ଟି ଓ ଶବ୍ଦକୁ ନିଜସ୍ୱ କରିନେଇ ସୃଷ୍ଟିକରେ କାବ୍ୟପ୍ରେରଣାର ଆନ୍ତର ଅନୁଭୂତି । ଆମ ମସ୍ତିଷ୍କ, ହୃଦୟ ଓ ସ୍ନାୟୁରେ ଯେଉଁ ସାମୟିକ ଉତ୍ତେଜନା ଏଇ ପ୍ରେରଣା ସହିତ ଆସେ, ତା'ର ଉତ୍ସ ହେଲା ଏଇ ମହତ୍ତର ଶକ୍ତିର ସ୍ପନ୍ଦନ । ଯାହାକୁ ଆମର ସାଧାରଣ ମନ ଧାରଣ କରିପାରେ ନାହିଁ ।''

ମନ ମଧ୍ୟରେ କେଉଁଠି ଯେମିତି ଏକ ଆତ୍ମପ୍ରସାଦର ଭାବ ଜାଗି ଉଠିଥିଲା । ହଠାତ୍ ଚମକ ଭାଙ୍ଗିଲା । ଚାହିଁ ଦେଖିଲି ଶ୍ରୀଅରବିନ୍ଦଙ୍କର ଶାନ୍ତ ଦୃଷ୍ଟିର ଜ୍ୟୋତିଃ ଯେମିତି ବିଛାଇ ହୋଇ ରହିଛି ମୋର ମସ୍ତକ, ଚକ୍ଷୁ ଓ ଚେହେରାରେ । କ'ଣ କହିବି ଭାବି ନପାରି ପଚାରିଲି, ''ତା'ହେଲେ, ମାନେ – ଶିଳ୍ପ କଳା ସୃଷ୍ଟିର କାର୍ଯ୍ୟ ଏକେବାରେ ମୂଲ୍ୟହୀନ ନୁହେଁ ?''

– ''ମୂଲ୍ୟହୀନ ହେବ କାହିଁକି ? କଳା ଯଦି ସତରେ କଳା ହୁଏ, ତେବେ ସେ ଏଇ ଇନ୍ଦ୍ରିୟ ଲୋକରେହିଁ ବହନ କରି ଆଣେ ଅତୀନ୍ଦ୍ରିୟତାର ଆଭାସ । ବାଣୀରେ, ମନ୍ତ୍ରରେ, ଧ୍ୟାନରେ । ଅର୍ଥାତ୍ ଯାହା ଜୀବନରେ ପ୍ରଚ୍ଛନ୍ନ ଥାଏ, ମହତ୍ କଳାର କାମ ହେଉଛି ତାହାକୁ ଉଦ୍‌ଘାଟିତ କରିବା ।''

ପୁଣି ମନେ ପଡ଼ିଲା ଶ୍ରୀଅରବିନ୍ଦଙ୍କର "Future Poetry"ର ଗୋଟିଏ ସୁନ୍ଦର ବକ୍ତବ୍ୟ ।

– ''ଭିତର ଓ ବାହାର ଜଗତରେ ଥିବା ନାମ ଓ ରୂପର ଏକ ରହସ୍ୟମୟ ଦ୍ୱୀପ ଉଦ୍ଦେଶ୍ୟରେ, ଏକ ଛନ୍ଦୋମୟ ସାଗର ଯାତ୍ରାରୁ ମିଳୁଥିବା ଆଧ୍ୟାତ୍ମିକ ଉତ୍ତେଜନାହିଁ ହେଉଛି କବିତାର ବକ୍ତବ୍ୟ ।''

ଏହା ଛଡ଼ା ଶ୍ରୀଅରବିନ୍ଦ କହିଲେ, ''ପ୍ରତ୍ୟେକ ସତ୍ୟ ସୃଷ୍ଟିର କାମ ତ ଏଇଆ – ତାହା ମନୁଷ୍ୟର ନିମ୍ନ ଦୃଷ୍ଟିରୁହିଁ ଉତ୍ତୀର୍ଣ୍ଣ କରେ ଉପରର ଧ୍ୟାନାଲୋକକୁ । ଏହା ହେଲା ମୁକ୍ତି, ଚେତନାର ମୁକ୍ତି – ଯେମିତି ଯୋଗ ମୁହୂର୍ତ୍ତରେ ବି ଘଟିଥାଏ ।''

ପଚାରିଲି – ''ଏକଥାର ଅର୍ଥ କ'ଣ ଏହା ଯେ, ଚେତନାରେ ଯେଉଁ ମୁକ୍ତି ଯୋଗ ଦ୍ୱାରା ଆସେ, ତାହା ଫଳରେ ସବୁ ମନୁଷ୍ୟ ସ୍ରଷ୍ଟା ହୋଇ ଉଠିପାରନ୍ତି ?''

ଶ୍ରୀଅରବିନ୍ଦ : ''ଗୋଟିଏ ଦୃଷ୍ଟିରୁ ଦେଖିଲେ ତ ତାହାହିଁ ଘଟିଥାଏ । କାରଣ ଯୋଗହିଁ ପ୍ରତ୍ୟେକର ସମ୍ଭାବନାଗୁଡ଼ିକୁ ଉନ୍ମୋଚନ କରେ, ଯାହା ଅନେକ ସମୟରେ ଆମ ମଧ୍ୟରେ ନିଷ୍କ୍ରିୟ ରହିଥାଏ । ଫଳରେ ପ୍ରତ୍ୟେକେ ସ୍ପଷ୍ଟ ଦେଖି ପାରନ୍ତି ତାଙ୍କ ପକ୍ଷରେ କ'ଣ କରଣୀୟ ।''

– ''ଏକଥାର ତାତ୍ପର୍ଯ୍ୟ କ'ଣ ଏଇ ଯେ, ଯୋଗ ନକରି ଆମେ ଯାହା କରିପାରି ନଥା'ନ୍ତୁ, ଯୋଗ କଲେ ସେସବୁ କରିବାକୁ ସମର୍ଥ ହେବୁ ?''

– ''ଏତେ ବେଶୀ କହିହେବ ନାହିଁ, ଯଦିଓ ଅସାମାନ୍ୟ ଆଧାରରେ, ଯୋଗ ବଳରେ ଅସମ୍ଭବ ମଧ୍ୟ ସମ୍ଭବ ହୋଇଥାଏ । ତେବେ ସେପରି ଆଧାର ଖୁବ୍ ବିରଳ । କିନ୍ତୁ ଯୋଗଶକ୍ତି ଅଘଟଣ-ଘଟଣ ପଟୀୟସି ହେଲେ ମଧ୍ୟ ପୂର୍ଣ୍ଣଯୋଗର ଅସଲ ଲକ୍ଷ୍ୟ କିଛି ଅଲୌକିକ କାଣ୍ଡ ଘଟାଇବା ନୁହେଁ । ତା'ର ଲକ୍ଷ୍ୟ ହେଲା ଆମର ପ୍ରତ୍ୟେକ ସତ୍ତାକୁ ଶୁଦ୍ଧ, ନିର୍ମଳ କରି ତାହାର ଚରମ ପରିଣତିରେ ପହଞ୍ଚାଇ ଦେବା ।''

– ''ଏହା ଯଦି ସତ୍ୟ ହୁଏ, ତେବେ ତ ଯୋଗବଳରେ ଶିଳ୍ପୀର ଶିଳ୍ପକଳାରେ ଉତ୍କର୍ଷ ହେବା ଉଚିତ ?''

ଶ୍ରୀଅରବିନ୍ଦ କହିଲେ, ନିଶ୍ଚୟ । ଆଉ ହୁଏ ମଧ୍ୟ । ଅବଶ୍ୟ ଶିଳ୍ପକଳା ଯଦି ତା'ର ସତ୍ୟର ବାଣୀ ହୋଇଥାଏ । ତୁମକୁ କହୁଥିଲି ନା, ଯୋଗର ଅର୍ଥ ହେଲା ଆତ୍ମୋପଲବ୍ଧିର ପୂର୍ଣ୍ଣ ଚେତନା, ଯାହାର ଆଲୋକରେ ସେ ଦେଖିପାରେ – ସେ କ'ଣ ପାଇଁ ଜନ୍ମିଛି, ଆଉ ଜାଣିପାରେ ଏ ସୃଷ୍ଟିରେ ତା'ର ଅସଲ ଅଧିକାର ।''

– ''ସଚରାଚର ଏହା କ'ଣ ମଣିଷ ଜାଣିପାରେନା ବୁଦ୍ଧି ଦ୍ୱାରା ବିଶ୍ଳେଷଣ କରି ?'' ମୁଁ ପଚାରିଲି ।

– ''ସବୁ ସମୟରେ ନୁହେଁ । କାରଣ ବାସନାମୁକ୍ତ ନହେଲେ, ଅହଂକାର ନ ଗଲେ ବୁଦ୍ଧି ଶୁଦ୍ଧ ହୁଏ ନାହିଁ । ଯୋଗ ଏହି ଶୁଦ୍ଧି ଆଣିଦିଏ, କାରଣ ତା'ର ଲକ୍ଷ୍ୟ ହେଲା ବାସନା, ଅହଂକାର ଓ ଅଜ୍ଞାନରୁ ମୁକ୍ତି ।''

(କ୍ରମଶଃ)

(ଦିଲୀପକୁମାର ରାୟଙ୍କ ବଙ୍ଗଳାରେ ଲିଖିତ 'ତୀର୍ଥଙ୍କର' ପୁସ୍ତକରୁ ଅନୂଦିତ ।)

ଅନୁବାଦ : ମମତା ଦାଶ

# ଅରୋଭିଲ୍ : ଭଗବାନଙ୍କର ଏକ ନିର୍ଦ୍ଦେଶ

[ସଦିଚ୍ଛାସଂପନ୍ନ ସମସ୍ତ ପୃଥିବୀବାସୀଙ୍କୁ ଅରୋଭିଲ୍ ସ୍ୱାଗତ କରେ ଏଠାରେ ବାସ କରିବା ପାଇଁ । ସତେ ଯେମିତି ସଂସାରରେ ମାନବ-ଐକ୍ୟ ପ୍ରତିଷ୍ଠା କରିବା ପାଇଁ ସଦିଚ୍ଛା ହେଉଛି ପ୍ରଥମ ଏବଂ ମୌଳିକ ଆବଶ୍ୟକତା । ଅରୋଭିଲ୍ ବାସ୍ତବ ରୂପ ନେବାର ଶୁଭାରମ୍ଭ ହୁଏ ୧୯୬୮ ମସିହା ଫେବ୍ରୁଆରୀ ୨୮ ତାରିଖରେ । ଏହାର ଅନେକ ବର୍ଷ ପୂର୍ବରୁ ମା ଏହାକୁ ସୂକ୍ଷ୍ମ ରାଜ୍ୟରେ ରୂପ ଦେଉଥା'ନ୍ତି । ୧୯୬୮ ମସିହା ପୂର୍ବରୁ ବିଭିନ୍ନ ସମୟରେ ଶ୍ରୀମା ଅରୋଭିଲ୍ ବିଷୟରେ ବିଶିଷ୍ଟ ବ୍ୟକ୍ତିଙ୍କ ସହ ଆଲୋଚନା କରିଥା'ନ୍ତି । ଏହି ପ୍ରକଳ୍ପଟି ଯେ ସିଧା ପରମଙ୍କ ଇଚ୍ଛାରେ ହେବାକୁ ଯାଉଛି, ତାଙ୍କରି ନିର୍ଦ୍ଦେଶ ଓ ଆଶୀର୍ବାଦରୁ ଏହାର ଯାବତୀୟ ରୂପରେଖ ହୋଇଉଠିବାକୁ ଯାଉଛି, ମା'ଙ୍କ ଲେଖା ତଥା ବକ୍ତବ୍ୟମାନଙ୍କରୁ ଜଣାପଡ଼େ । ଏଠାରେ ଶିକ୍ଷା, ଅର୍ଥନୀତି, ସାମାଜିକ ଜୀବନ, କୃଷି, ବାଣିଜ୍ୟ, କଳା, ସ୍ଥାପତ୍ୟ ଇତ୍ୟାଦି କିପରି ହେବ ସେ ସମ୍ପର୍କରେ ମା ସେସବୁର ମୌଳିକ ରୂପରେଖମାନ ଦେଇ ଯାଇଛନ୍ତି । ୧୯୬୫ ମସିହାରେ **ଶ୍ରୀମା**'ଙ୍କ ସହ ହୋଇଥିବା କେତୋଟି ପ୍ରଶ୍ନୋତ୍ତର ଓ ତତ୍‌ପରବର୍ତ୍ତୀ କଥାଗୁଡ଼ିକରୁ ଆମେ ଏହାର ସୂଚନା ପାଇବା :]


Auroville wants to be a universal town where men and women of all countries are able to live in peace and progressive harmony, above all creeds, all politics and all nationalities. The purpose of Auroville is to realise human unity.

8-9-65.

ଅରୋଭିଲ୍ ଏପରି ଏକ ବିଶ୍ୱନଗରୀ ହେବାକୁ ଇଚ୍ଛା କରୁଛି ଯେଉଁଠାରେ କି ସକଳ ଦେଶର ନରନାରୀ ଯାବତୀୟ ଧର୍ମମତ, ରାଜନୀତି ତଥା ଜାତିଗତ ପାର୍ଥକ୍ୟର ଊର୍ଦ୍ଧ୍ୱରେ ସମଞ୍ଜସତା ସହିତ ଏକତ୍ର ବାସ କରି ପାରିବେ ।

ମାନବ-ଏକତାର ଉପଲବ୍ଧି,— ତାହାହିଁ ଅରୋଭିଲ୍‌ର ଲକ୍ଷ୍ୟ ।

୮ ସେପ୍‌ଟେମ୍ବର, ୧୯୬୫

*

୧. *ଅରୋଭିଲ୍‌ର ନିର୍ମାଣ ନିମନ୍ତେ କିଏ ପ୍ରଥମ ପଦକ୍ଷେପ ଗ୍ରହଣ କରିଛନ୍ତି ?*
ସର୍ବୋଚ୍ଚ ପରମସତ୍ତା ।

୨. *ଅରୋଭିଲ୍‌ର ଅର୍ଥ ବ୍ୟବସ୍ଥାରେ କିଏ ଅଂଶଗ୍ରହଣ କରୁଛନ୍ତି ?*
ସର୍ବୋଚ୍ଚ ପରମସତ୍ତା ।

୩. *ଯଦି କେହି ଅରୋଭିଲ୍‌ରେ ବାସ କରିବାକୁ ଇଚ୍ଛା କରିବ, ତେବେ ତାହା ଲାଗି ପ୍ରକୃତ ଅର୍ଥ କ'ଣ ହେବ ?*
ସର୍ବୋଚ୍ଚ ପରିପୂର୍ଣ୍ଣତା ହାସଲ କରିବାକୁ ପ୍ରୟାସ କରିବା ।

୪. *ଅରୋଭିଲ୍‌ରେ ରହିବାକୁ ହେଲେ କ'ଣ ଜଣେ ବ୍ୟକ୍ତିକୁ ଯୋଗ-ସାଧନା କରିବାକୁ ପଡ଼ିବ ?*
ସମଗ୍ର ଜୀବନହିଁ ଯୋଗ । ତେଣୁ ସର୍ବୋଚ୍ଚ ଯୋଗର ସାଧନା ନକରି ଜୀବନ ଯାପନ କରିବାର ଅବକାଶ କେଉଁଠି ରହିଲା ?

୫. *ଅରୋଭିଲ୍‌ରେ ଆଶ୍ରମର କିପରି ଭୂମିକା ରହିବ ?*
ସର୍ବୋଚ୍ଚ ପରମସତ୍ତା ସେହି ଭୂମିକା ଯେପରି ହେଉ ବୋଲି ଇଚ୍ଛା କରିବେ ।

୬. *ଅରୋଭିଲ୍‌ରେ ଶିବିର ପ୍ରଭୃତି ଲାଗି ସ୍ଥାନର ବ୍ୟବସ୍ଥା ରହିବ କି ?*
ଯାହା, ଯେପରି, ଯେତେବେଳେ ହେବା ଉଚିତ, ସବୁ କଥା ଠିକ୍ ସେହିପରି ହେବ ।

୭. *ଅରୋଭିଲ୍‌ରେ ବି କ'ଣ ପାରିବାରିକ ଜୀବନ ରହିବ ?*
ଯଦି ଜଣେ ବ୍ୟକ୍ତି, ତାହାଠାରୁ ଆଉ ଅଧିକ ଆଗକୁ ଯାଇ ନଥିବ ।

୮. *ଅରୋଭିଲ୍‌ରେ ଜଣେ ବ୍ୟକ୍ତି ନିଜର ଧର୍ମକୁ ମଧ୍ୟ ରଖିପାରିବ କି ?*
ଯଦି ସିଏ ତାହାଠାରୁ ଆହୁରି ଅଧିକ ଆଗକୁ ଯାଇ ପାରି ନଥିବେ ।

୯. *ଅରୋଭିଲ୍‌ରେ ଜଣେ ନାସ୍ତିକ ରହି ପାରିବ କି ?*
ଯଦି ସିଏ ତାହାଠାରୁ ଆହୁରି ଅଧିକ ଆଗକୁ ଯାଇ ପାରି ନଥିବେ ।

୧୦. *ଅରୋଭିଲ୍‌ରେ ସାମାଜିକ ଜୀବନ ରହିବ ?*
ଯଦି ଜଣେ ତାହାଠାରୁ ଆହୁରି ଅଧିକ ଆଗକୁ ଯାଇପାରି ନଥିବେ ।

୧୧. *ଅରୋଭିଲ୍‌ରେ ଗୋଷ୍ଠୀଗତ କାର୍ଯ୍ୟକଳାପ ବାଧ୍ୟତାମୂଳକ ହେବ କି ?*
ଆଦୌ କିଛି ବାଧ୍ୟତାମୂଳକ ହୋଇ ରହିବ ନାହିଁ ।

୧୨. *ଅରୋଭିଲ୍‌ରେ ଟଙ୍କା-ପଇସାର ବ୍ୟବହାର ହେବ ?*
ନା । କେବଳ ବାହାର ପୃଥିବୀ ସହିତହିଁ ଅରୋଭିଲ୍‌ର ଟଙ୍କାପଇସା ସମ୍ବନ୍ଧ ରହିବ ।

୧୩. *ଅରୋଭିଲ୍‌ରେ କର୍ମର ସଂଗଠନ ଓ ବିତରଣ କିପରି ହେବ ?*
ସେଠାରେ ଅର୍ଥ ସାର୍ବଭୌମ ସ୍ୱାମୀ ହୋଇ ଆଦୌ ରହିବ ନାହିଁ । ସେଠାରେ ଭୌତିକ ଧନସମ୍ପଦ ଏବଂ ସାମାଜିକ ପଦସମ୍ମାନ ଅପେକ୍ଷା ବ୍ୟକ୍ତିଜୀବନର ମୂଲ୍ୟର ଅନେକ ଅଧିକ ମହତ୍ତ୍ୱ ରହିବ । କର୍ମ ସେଠାରେ ଜୀବିକା ନିର୍ବାହର ଏକ ମାଧ୍ୟମ ହୋଇ ରହିବ ନାହିଁ; ମାତ୍ର ସମଗ୍ରଭାବେ ଗୋଷ୍ଠୀ ଜୀବନର କୌଣସି କାମରେ ଲାଗିପାରିବା ସଙ୍ଗେ ସଙ୍ଗେ କର୍ମ ଆପଣାକୁ ଅଭିବ୍ୟକ୍ତ କରିବାର ତଥା ଆପଣାର ସାମର୍ଥ୍ୟ ଏବଂ ସମ୍ଭାବନାଗୁଡ଼ିକର ବିକାଶ କରାଇ ଆଣିବାର ଏକ ମାଧ୍ୟମ ହୋଇ ରହିବ । ଗୋଷ୍ଠୀ ଜୀବନ ମଧ୍ୟ ତା' ପକ୍ଷରୁ ପ୍ରତ୍ୟେକ ବ୍ୟକ୍ତିର ଜୀବନ ଧାରଣ ତଥା କର୍ମକ୍ଷେତ୍ର ନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରିବ ।

୧୪. *ଅରୋଭିଲ୍‌ର ବାସିନ୍ଦା ଏବଂ ବାହାର ପୃଥିବୀ ମଧ୍ୟରେ କେଉଁ ଭଳି ସମ୍ବନ୍ଧ ରହିବ ?*
ପ୍ରତ୍ୟେକ ବ୍ୟକ୍ତିକୁ ପୂର୍ଣ୍ଣ ସ୍ୱାଧୀନତା ଦିଆଯିବ । ଅରୋଭିଲ୍‌ରେ ବାସ କରୁଥିବା ବ୍ୟକ୍ତିମାନଙ୍କର ସକଳ ବାହ୍ୟ ସମ୍ବନ୍ଧ ପ୍ରତ୍ୟେକ ବ୍ୟକ୍ତିର ଅଭୀପ୍ସା ଏବଂ ଅରୋଭିଲ୍ ମଧ୍ୟରେ ତା'ର କାର୍ଯ୍ୟକଳାପ ଅନୁସାରେହିଁ ଅଲଗା ଅଲଗା ପ୍ରକାରେ ନିର୍ଣ୍ଣୀତ ହେବ ।

୧୫. *ଅରୋଭିଲ୍‌ରେ ଜମି ଓ କୋଠାଗୁଡ଼ିକର ମାଲିକାନା କାହା ହାତରେ ରହିବ ?*
ସର୍ବୋଚ୍ଚ ପରମସତ୍ତାଙ୍କ ହାତରେ ।

୧୬. *ସେଠାରେ କେଉଁ ଭାଷାଗୁଡ଼ିକ ଶିକ୍ଷାର ମାଧ୍ୟମ ହେବ ?*
ପୃଥିବୀର ସବୁ କଥିତ ଭାଷା ।

୧୭. *ଅରୋଭିଲ୍‌ରେ ଗମନାଗମନର ସାଧନ କ'ଣ ହେବ ?*
ସେକଥା ଆମକୁ ଜଣା ନାହିଁ ।

*୧୯୬୫** — ଶ୍ରୀମା

(ମାତୃରଚନାବଳି, ତ୍ରୟୋଦଶ ଖଣ୍ଡ, ପୃ. *୨୨୨-୨୨୫*)

*

ତୁମେ ଅରୋଭିଲ୍‌କୁ ଏକ ସ୍ୱପ୍ନ ବୋଲି ଭାବୁଛ ?

ହଁ, ଏହା ହେଉଛି ପରମ ପ୍ରଭୁଙ୍କର ଏକ ସ୍ୱପ୍ନ ଏବଂ ସାଧାରଣତଃ ଏହିସବୁ ସ୍ୱପ୍ନହିଁ ବାସ୍ତବତାରେ ପରିଣତ ହୋଇଥା'ନ୍ତି — ମନୁଷ୍ୟ ସ୍ତରର ତଥାକଥିତ ବାସ୍ତବତାଗୁଡ଼ିକ ଅପେକ୍ଷା ଅନେକ ଅଧିକ ପରିମାଣରେ ବାସ୍ତବତାରେ ପରିଣତ ହୁଅନ୍ତି ।

*୨୦ ମଇ, ୧୯୬୬*

*

ମନୁଷ୍ୟଜାତିକୁ କଦାପି ପାର୍ଥିବ ସୃଜନର ସର୍ବଶେଷ ସୋପାନ ବୋଲି କୁହାଯାଇପାରିବ ନାହିଁ । ବିବର୍ତ୍ତନ ତଥାପି ଲାଗି ରହିଛି ଓ ତାହା ମନୁଷ୍ୟର ଏହି ସ୍ତରଟିକୁ ମଧ୍ୟ ଅତିକ୍ରମ କରି ଯିବ । ଏହି ନୂତନ ଜୀବ-ନମୁନାର ଆଗମନ-ପ୍ରକ୍ରିୟାରେ ସିଏ ପ୍ରକୃତରେ ଅଂଶ ଗ୍ରହଣ କରିବାକୁ ଇଚ୍ଛାକରୁଛି କି ନାହିଁ, ସେ କଥା ଜାଣିବା ପ୍ରତ୍ୟେକ ବ୍ୟକ୍ତିର କାର୍ଯ୍ୟ ।

* ଶ୍ରୀମା ୧୯୬୫ ରେ ଏହି ପ୍ରଶ୍ନଗୁଡ଼ିକର ମୌଖିକ ଉତ୍ତର ଦେଇଥିଲେ । ଯେତେବେଳେ ୧୯୬୯ ଅକ୍‌ଟୋବର ୮ ତାରିଖରେ ପ୍ରତିଲିପିଟିକୁ ପାଠକଲେ, ସେତେବେଳେ ୧୨ ଓ ୧୭ ନମ୍ବର ଉତ୍ତରଗୁଡ଼ିକୁ ବଦଳାଇ ଦେଇଥିଲେ । ଏଠାରେ ସେହି ପରିବର୍ତ୍ତିତ ଉତ୍ତରଗୁଡ଼ିକ ଦିଆଯାଇଛି ।

ଏହି ପୃଥିବୀ ବର୍ତ୍ତମାନ ଯେଉଁ ପରି ହୋଇ ରହିଛି, ଯେଉଁମାନେ ସେହିଥିରେହିଁ ସନ୍ତୁଷ୍ଟ ହୋଇ ଅଛନ୍ତି, ସେମାନଙ୍କ ଲାଗି ଅରୋଭିଲ୍‌ର ଅସ୍ତିତ୍ୱର ଆଦୌ କୌଣସି ଔଚିତ୍ୟ ରହିବ ନାହିଁ ।

ଅଗଷ୍ଟ, ୧୯୬୬

*

ଆମେ ଅରୋଭିଲ୍‌କୁ ଈପ୍ସିତ ଅତିମାନବର ବିଚରଣ ସ୍ଥଳରେ ପରିଣତ କରିବା ଲାଗି ଇଚ୍ଛା କରୁଛୁ ।

ଯାବତୀୟ ସମାଜଗତ, ରାଜନୀତିକ ତଥା ଧର୍ମଗତ ପ୍ରତ୍ୟୟର ଆହୁରି ସେପାଖକୁ ଯାଇ ଅରୋଭିଲ୍ ପରମ ସତ୍ୟରହିଁ ସେବା କରିବ ।

ଅରୋଭିଲ୍ ଶାନ୍ତି ଲାଗି ଏକ ପ୍ରୟାସ; ଆନ୍ତରିକତା ତଥା ସର୍ବୋଚ୍ଚ ସତ୍ୟର ଏକ ପ୍ରୟାସ ।

୨୦ ସେପ୍ଟେମ୍ବର, ୧୯୬୬

*

ଏହା ଏପରି ଗୋଟିଏ ସ୍ଥାନ, ଯେଉଁଠାରେ କି ଆମେ କେବଳ ଭବିଷ୍ୟ ଲାଗିହିଁ ଚିନ୍ତା କରିବା ନିମନ୍ତେ ସମର୍ଥ ହେବା, — ତାହାହିଁ ଅରୋଭିଲ୍ ।

ଜାନୁଆରୀ, ୧୯୬୭

*

*(‘ପ୍ରୋମେଣ୍’ଠାରେ ଏକ ପଦ୍ମକୁଣ୍ଡରେ ବା ତା’ ପାଖରେ ପଥରରେ ଖୋଦିତ ହୋଇ ରହିବା ଲାଗି ଏକ ସନ୍ଦେଶ)*

ଜ୍ଞାନ, ଶାନ୍ତି ତଥା ଏକତାର ଏକ ଭବିଷ୍ୟ ଆଡ଼କୁ ଯେଉଁମାନେ ସତ୍ୱର ହୋଇ ଗତି କରିବାକୁ ଇଚ୍ଛା କରୁଛନ୍ତି, ସେହିମାନଙ୍କର ଆଶ୍ରୟ ନିମନ୍ତେ ଅରୋଭିଲ୍ ନିର୍ମାଣ ହୋଇଛି ।

୧୬ ମାର୍ଚ୍ଚ, ୧୯୬୭

*(ଅନୁବାଦ : ଚିତ୍ତରଞ୍ଜନ ଦାସ,*
*ମାତୃରଚନାବଳି - ୧୩, ପୃ. ୨୨୬-୨୨୭)*

*

ଅରୋଭିଲ୍‌ର ଉଦ୍‌ଘାଟନ ହୁଏ ତା’ର ଉଦ୍ଦିଷ୍ଟ ମୁହୂର୍ତ୍ତରେ । ପୃଥିବୀର ବିଭିନ୍ନ କୋଣରୁ ଏହି ପ୍ରକଳ୍ପରେ ନିୟୋଜିତ ହେବାକୁ ଥିବା ଉଦ୍ଦିଷ୍ଟ ବ୍ୟକ୍ତିଗଣ ନିଜ ଅନ୍ତରରୁ ଡାକରା ପାଇ ଆସନ୍ତି । ସମସ୍ତ ବାହ୍ୟ ପରିସ୍ଥିତି ଓ ପ୍ରଚଳିତ ଯୋଗ୍ୟତା ତଥା କ୍ଷମତାର ଊର୍ଦ୍ଧ୍ୱରେ ରହି ବ୍ୟକ୍ତି ବିଶେଷଙ୍କୁ ବଛାଯାଏ । ସଦିଚ୍ଛା ସମ୍ପନ୍ନ ବ୍ୟକ୍ତିଗଣ ଆସି ଏଠାରେ ସମ୍ମିଳିତ ହୁଅନ୍ତି ଏକ ଦିବ୍ୟସ୍ୱପ୍ନର ରୂପାୟଣରେ ଅଂଶ ଗ୍ରହଣ କରିବା ପାଇଁ । ବର୍ଷକୁ ବର୍ଷ ଏଠାରେ ବାସିନ୍ଦାଙ୍କ ସଂଖ୍ୟା ବଢ଼ିଚାଲେ । ଦିନେ କତିପୟ ଚାଳଘରଠାରୁ ଆରମ୍ଭ ହୋଇଥିବା ବସତିରେ ପରେ ବହୁତଳ ବିଶିଷ୍ଟ କୋଠାବାଡ଼ିର ନିର୍ମାଣ ହୁଏ । ବିଦ୍ୟାଳୟଠାରୁ ଆରମ୍ଭ କରି ଚିକିତ୍ସାଳୟ ପର୍ଯ୍ୟନ୍ତ ଅନେକ ସାଧାରଣ ବ୍ୟବସ୍ଥାମାନ ଗଢ଼ିଉଠେ । ପାଦଚଲା ରାସ୍ତାଠାରୁ ଆରମ୍ଭ କରି ପକ୍କା ରାସ୍ତାମାନ ତିଆରି ହୁଏ । ଚାଷକ୍ଷେତଠାରୁ ଆରମ୍ଭ କରି ଫଳବଗିଚା ତଥା କୃଷି-ଗବେଷଣାର କ୍ଷେତ୍ରମାନ ବିକଶିତ ହୁଏ । ବିଭିନ୍ନ ବୈଜ୍ଞାନିକ ତଥା ବୈଷୟିକ ଗବେଷଣାମାନ ଆରମ୍ଭ ହୁଏ । ଏଠାରେ ଉତ୍ପାଦିତ ବିଭିନ୍ନ ଦ୍ରବ୍ୟ ଭାରତ ତଥା ଭାରତ ବାହାରେ ଅନେକ ଦେଶରେ ପହଞ୍ଚେ । ଏପରି ଅନେକ ବ୍ୟବସ୍ଥାମାନଙ୍କୁ ନେଇ ଏହି ଉଷାନଗରୀ ଅରୋଭିଲ୍ ବର୍ତ୍ତମାନ ପ୍ରାୟ ଅଢ଼େଇ ହଜାର ବାସିନ୍ଦାଙ୍କୁ ଧାରଣ କରି ମାନବ-ଐକ୍ୟ ପ୍ରତିଷ୍ଠା ଲାଗି ଆବଶ୍ୟକ ସମସ୍ତ ଆଧ୍ୟାତ୍ମିକ ତଥା ସାମାଜିକ ଉପାଦାନ ବା ବିଭାବର ପ୍ରକାଶ ପାଇଁ ଏକ ପୁଷ୍ଟ ଗବେଷଣାଗାର ହୋଇଛି । ସବୁକିଛିର ବିକାଶର ତାଳେ ତାଳେ ଅରୋଭିଲ୍‌ର କେନ୍ଦ୍ରରେ ‘ମାତୃମନ୍ଦିର’ ଶ୍ରୀମା’ଙ୍କ ସୂକ୍ଷ୍ମଦର୍ଶନର ଅନୁରୂପ ରଚିତ ହୋଇଛି ଏବଂ ଅନ୍ତେବାସୀ ଓ ଅତିଥି ତଥା ଆଗନ୍ତୁକ ସମସ୍ତଙ୍କ ଲାଗି ଏହା ପ୍ରେରଣା ତଥା ଶକ୍ତିର ଉତ୍ସଭାବେ ଦୀପ୍ତିମନ୍ତ ହୋଇ ରହିଛି । ଏ ସଂସାରରେ ମାନବ-ଐକ୍ୟର ପ୍ରତିଷ୍ଠା ପାଇଁ ପରମଙ୍କର ଆଶୀର୍ବାଦ ଓ ଶକ୍ତି ସର୍ବଦା କାର୍ଯ୍ୟରତ ଏବଂ ତାହାହିଁ ଏଠାରେ ସମସ୍ତ କର୍ମକୁ ଅର୍ଥପୂର୍ଣ୍ଣ କରିବାରେ ତଥା ଏଦିଗରେ କ୍ଷିପ୍ରତରଭାବେ ଆଗେଇବାରେ ଶକ୍ତି ଯୋଗାଉଛି ।

(ସୌଜନ୍ୟ : ଦିବ୍ୟ ଉନ୍ମୀଳନ)

ସଂଗ୍ରହ ଓ ଉପସ୍ଥାପନା : ରାମନାରାୟଣ ପାତ୍ର ❖

# ଅନୁଭୂତିରେ ଉଷାନଗରୀ

## ଶ୍ରୀ ବିମଳ ପ୍ରସନ୍ନ ଦାସ

ସନ୍ତାନଟିକୁ ଜନ୍ମ ଦେବା ପୂର୍ବରୁ ମା'ଟିଏ କେତେ ଯେ ଯନ୍ତ୍ରଣା ପାଇଥାଏ, ତାହା ଅନ୍ୟ କେହି ଅନୁଭବିବା ସମ୍ଭବ ନୁହେଁ । କିନ୍ତୁ ସନ୍ତାନର ମୁହଁ ଦେଖି ମା' ସକଳ ଯନ୍ତ୍ରଣା ସେଇ ମୁହୂର୍ତ୍ତରେ ପାସୋରି ଦିଏ । କାରଣ ଏହା ତା'ର ସୌଭାଗ୍ୟର ଗର୍ଭଯନ୍ତ୍ରଣା । ଯଦି ଏହାହିଁ ମାନୁଷୀ ମା'ର ବିଧିନିର୍ଦ୍ଦିଷ୍ଟ ଘଟଣା, ଯିଏ ସମଗ୍ର ବିଶ୍ୱର ଜନନୀ, ସମଗ୍ର ବିଶ୍ୱର କର୍ତ୍ତ୍ରୀ, ଈଶ୍ୱର ଯାହାଙ୍କ ଗର୍ଭରୁ ଜନ୍ମ ନିଅନ୍ତି, ତାଙ୍କର ଯନ୍ତ୍ରଣା କିଏ ବା କଳନା କରିପାରିବ ! ଆମେ ଛାର ମଣିଷ ହେଲେ ବି ତାଙ୍କରି ସନ୍ତାନ ସେତିକି ଯଥେଷ୍ଟ ।

ଏ ଉପକ୍ରମଣିକାର ପ୍ରେକ୍ଷାପଟ ହେଉଛି ''ଉଷାନଗରୀ ଅରୋଭିଲ୍'' ଦିବ୍ୟଜନନୀ ଶ୍ରୀମା'ଙ୍କ ଦିବ୍ୟମାନସ ପ୍ରସୂତ – ଠିକ୍ ଓଡ଼ିଶାର ପଣ୍ଡିଚେରୀ ନାମରେ ଖ୍ୟାତ ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ର ତାଳିଯୋଡ଼ା ଯେପରି ଭବିଷ୍ୟ ଦ୍ରଷ୍ଟା ବାବାଜି ମହାରାଜ ଶ୍ରୀ ରାମକୃଷ୍ଣ ଦାସଙ୍କ ମାନସ ସନ୍ତାନ । ଆମେ ସମସ୍ତେ ଜାଣନ୍ତି ତପୋଭୂମି ପଣ୍ଡିଚେରୀର ପୌରାଣିକ ଭିତ୍ତିଭୂମି । ଏକଦା ଋଷି ଅଗସ୍ତ୍ୟଙ୍କ ତପୋକ୍ଷେତ୍ରରେ ଋଷି ଶ୍ରୀଅରବିନ୍ଦଙ୍କ ଆବିର୍ଭାବ ହୋଇଥିଲା ଏପ୍ରିଲ ୪ ତାରିଖ ୧୯୧୦ ମସିହାରେ । ଶ୍ରୀଅରବିନ୍ଦଙ୍କ ପଦାର୍ପଣ ପୂର୍ବରୁ ଏହା ଥିଲା ଏକ ଫରାସୀ ଉପନିବେଶ ।

କିନ୍ତୁ ଅରୋଭିଲ୍ ବା ମା'ଙ୍କ ପରିକଳ୍ପିତ ଉଷାନଗରୀର ସେପରି ପୃଷ୍ଠଭୂମି ଆମେ ଜାଣୁନା । ତେବେ ୧୨୪ଟି ଦେଶ ଓ ଭାରତର ସମସ୍ତ ପ୍ରଦେଶର ମୃତ୍ତିକା ୨୮ ଫେବ୍ରୁଆରୀ ୧୯୬୮ ଦିନ ବିଶ୍ୱଜନନୀଙ୍କ ନିର୍ଦ୍ଦେଶରେ ଏହାର ଭିତ୍ତି ପ୍ରସ୍ତର ସ୍ଥାପନ ହେଲା ଏକ ଅପୂର୍ବ, ଅଲୌକିକ ରୀତିରେ । ସମଗ୍ର ବିଶ୍ୱର ୧୨୪ ଦେଶର ଯୁବ ପ୍ରତିନିଧିମାନେ ମୃତ୍ତିକା ବହନ କରି ଆଣିଥିଲେ ଏବଂ ପରିକଳ୍ପିତ ଉଷାନଗରୀର ନିର୍ଦ୍ଦିଷ୍ଟ ପଦ୍ମକଢ଼ ଆକୃତିର ଭିତ୍ତିସ୍ତୟରେ ସ୍ଥାପନ କରିଥିଲେ । ବିଶ୍ୱଜନନୀଙ୍କ ମହାନ୍ ଉଦ୍ଦେଶ୍ୟ ରୂପାୟିତ ହେଲା । ପରିଣତ ହେଲା ସମଗ୍ର ବିଶ୍ୱ ଏକ ଗୋଷ୍ଠୀରେ (WORLD AS A COMMUNITY), ଜନ୍ମନେଲା ''UNIVERSAL UNITY'' (ବିଶ୍ୱ ଏକତା) ।

ଶିଳାନ୍ୟାସର ଅବ୍ୟବହିତ ପୂର୍ବରୁ ଫରାସୀ ସ୍ଥପତି (Architect) ଶ୍ରୀମା'ଙ୍କୁ ଜଣାଇ ଥିଲେ ଅରୋଭିଲ୍ ନଗରୀର ଜଳାଭାବ ଏକ ଉତ୍କଟ ସମସ୍ୟା । ଶ୍ରୀମାଙ୍କର ଅପାର କରୁଣାରୁ ଅରୋଭିଲ୍‌ର ଜଳ ସମସ୍ୟା ମଧ୍ୟ ଦୂର ହୋଇଥିଲା । ଅନୁରୂପ ଭାବରେ ପରିକଳ୍ପିତ ସହରର ଯୋଜନା ନିମନ୍ତେ ଏକ ପ୍ରକାଣ୍ଡ ବଟବୃକ୍ଷର ଅପସାରଣ ନିମନ୍ତେ ସ୍ଥପତି ପଦକ୍ଷେପ ନେବାର ଜାଣି ସେ ବୃକ୍ଷ ମା'ଙ୍କ ଆଶ୍ରିତ ହୋଇ ପ୍ରାର୍ଥନା କଲା ସେ ଆଗନ୍ତୁକମାନଙ୍କୁ ଛାୟାପ୍ରଦାନ କରିବା ସହିତ ଅଗଣିତ ପକ୍ଷୀଙ୍କୁ ଆଶ୍ରୟ ପ୍ରଦାନ କରିବ । ଅର୍ଥାତ୍ ସେ ବୃକ୍ଷରାଜ ପ୍ରାର୍ଥନା କଲେ ମା'ଙ୍କ ପରିକଳ୍ପିତ ନଗରୀରେ ନିଜର ଅବାରିତ ସେବା ଦେବା ପାଇଁ । ମା' ତ ସମଗ୍ର ବିଶ୍ୱର ଜନନୀ । ତାହାହିଁ ହେଲା । ଏବେ ମଧ୍ୟ ସେ ବଟବୃକ୍ଷର ଛାୟା ଶହ ଶହ ଆଗନ୍ତୁକଙ୍କ ଶାନ୍ତିପ୍ରଦ ଆଶ୍ରୟସ୍ଥଳ । ଏ ପରିପ୍ରେକ୍ଷୀରେ ସ୍ୱତଃ ମନେ ପଡ଼େ ପ୍ରକୃତି କବି ଗଙ୍ଗାଧର ମେହେରଙ୍କ 'ପ୍ରଣୟବଲ୍ଲରୀ' କାବ୍ୟରେ କଣ୍ୱମୁନିଙ୍କ ଆଶ୍ରମରେ ମହାରାଜ ଦୁଷ୍ମନ୍ତଙ୍କ ଛାୟାଚ୍ଛନ୍ନ ପରିବେଶର ବର୍ଣ୍ଣନା । କବିଙ୍କ ଭାଷାରେ :

''ତରୁତଳ ଛାୟା ପାଇ ନରନାଥ
କରନ୍ତି ମନେ ବିଚାର,
ତରୁତଳ ଛାୟା ସମ ଶାନ୍ତିପ୍ରଦ
ନୁହେଁ ଛତ୍ର ଛାୟା ଛାର ।''

ଏହାହିଁ ଉଷାନଗରୀର ସେ ପ୍ରକାଣ୍ଡ ବଟବୃକ୍ଷର ମହିମା । ଏ ଲେଖକ ଯେତେ ଥର ଅରୋଭିଲ୍ ଯାଇଛି ସେଇଠାରେ କିଛି କ୍ଷଣ ବିଶ୍ରାମ ନେଇଛି ଓ ଗୁଣ୍ଡୁଚି ତଥା ପକ୍ଷୀମାନଙ୍କ କାକଳିରେ ବିମୁଗ୍ଧ ହୋଇଛି ।

ଏ ପ୍ରସଙ୍ଗରେ ଲେଖକ ତା'ର ଏକ ଅନନ୍ୟ ଅନୁଭୂତିର ବର୍ଣ୍ଣନା କରୁଛି । ସେ ଦିନ ଥିଲା ୨୦୦୮ ମସିହା, ଫେବ୍ରୁଆରୀ ୨୮ ତାରିଖ । ଅରୋଭିଲର ୪୦ତମ ଜନ୍ମତିଥି । ଦର୍ଶକମାନଙ୍କ ପାଇଁ ଉଦ୍ଦିଷ୍ଟ ଗ୍ୟାଲେରୀରେ ବସିଲୁ । ପ୍ରଥମେ ଛୋଟ ପିଲା, ତାଙ୍କ ପଛକୁ ପୁରୁଷ ଓ ମହିଳାମାନେ (ସମସ୍ତେ ଶୁଭ୍ର ବସ୍ତ୍ର ପରିହିତ) ମହମବତି ଧରି ଉପରୁ ତଳକୁ ଓହ୍ଲାଇ ଆସିଲେ । ସତେ ଯେପରି ଦେବାଦେବୀ ଓ ଦେବଶିଶୁମାନେ ଦେବଭୂମିରୁ ମର୍ତ୍ତ୍ୟମାଟିକୁ ଓହ୍ଲାଇ ଆସୁଛନ୍ତି । କି ମନୋମୁଗ୍ଧକର ସେ ଦୃଶ୍ୟ

ଯାହାର ବର୍ଣ୍ଣନା ପାଇଁ ଭାଷାର ଦାରିଦ୍ର୍ୟ ରହିଛି । ଏତିକି କହିଲେ ଯଥେଷ୍ଟ ହେବ ଯେ :

''ବଚନ ବିଷୟ ନୁହଇ ସେ ଛବି
ହୃଦ ସେ କେବଳ ପାରେ ଅନୁଭବି ।''

ସେମାନେ ସମସ୍ତେ ସେ ଶିଳାନ୍ୟାସ ହୋଇଥିବା ପଦ୍ମକୋରକକୁ ପ୍ରଦକ୍ଷିଣ କରି ପୁଣି ଫେରିଗଲେ । ମନେ ହେଉଥାଏ ଯେପରି ଆମେ ପାର୍ଥିବ ଜୀବ ଓ ଆମର ପୃଥିବୀ ପ୍ରସ୍ତୁତ ହୋଇ ନାହିଁ ଅମରାବତୀର ଅମୃତତ୍ୱକୁ ଧରି ରଖିବା ପାଇଁ । କିନ୍ତୁ ମହାଯୋଗୀଙ୍କ ବାଣୀ ତ ଅନ୍ୟଥା ହେବ ନାହିଁ । ତାଙ୍କର ଆଶ୍ୱାସନାଭରା ଉକ୍ତି :

''ସରଗ ଆସିବ ନଇଁ
ସୁଧା ସଞ୍ଜୀବନୀ ପ୍ରବାହ ପରଶେ
ହସିବ ମରତ ଭୂଇଁ ।''

ଅରୋଭିଲ୍ ଏସବୁର ଏକ ଅଗ୍ରପଦକ୍ଷେପ । କେବଳ ବାହ୍ୟିକ ଦୃଷ୍ଟିରୁ ଦେଖିଲେ ଅରୋଭିଲ୍‌ର ଅଭୂତପୂର୍ବ ପ୍ରଗତି ହୋଇଛି । ଏହାର infrastructure, ସେଠାର ସ୍ୱେଚ୍ଛାକୃତ ସେବାର ଆଦର୍ଶ, ସୌରଶକ୍ତି ପରିଚାଳିତ ସଂସ୍ଥାନ, ବିଦେଶାଗତ ଲୋକମାନଙ୍କର ଉଚ୍ଚକୋଟିର ବ୍ୟବହାର, ସେବା, ଯତ୍ନ, ସେମାନଙ୍କ ବାସଗୃହଗୁଡ଼ିକର ଯୋଜନା, ନିର୍ମାଣ ପଦ୍ଧତି, ସୌଜନ୍ୟପୂର୍ଣ୍ଣ ବ୍ୟବହାର ବହୁତ ଶିକ୍ଷଣୀୟ ।

ଭାରତ ସରକାର ''ଅରୋଭିଲ ଫାଉଣ୍ଡେସନ୍ ଆକ୍ଟ, ୧୯୮୮ ଅନୁଯାୟୀ ଅରୋଭିଲର Governing Body, 'International Advisory Council and Residents Assembly for Auroville'କୁ ଅନୁମୋଦନ କରିଛନ୍ତି । ଭାରତ ସରକାର ଏହାର Master Plan ମଞ୍ଜୁର କରିବା ସହିତ ଏହାର ରୂପାୟଣ ନିମନ୍ତେ ଆର୍ଥିକ ସାହାଯ୍ୟ ମଞ୍ଜୁର କରୁଛନ୍ତି । UNESCO ମଧ୍ୟ ଏହି କର୍ମଧାରାକୁ ସମ୍ମାନ ଜଣାଇ ସାହାଯ୍ୟର ହାତ ବଢ଼ାଇଛି ।

ଗତ ଅର୍ଦ୍ଧଶତାବ୍ଦୀ ମଧ୍ୟରେ ଶିକ୍ଷା, ସଂସ୍କୃତି, କ୍ରୀଡ଼ା, କୃଷି, ପରିବେଶ, ଗବେଷଣା, ନୃତ୍ୟଗୀତ, ସଙ୍ଗଠନ, ଯୋଗାଯୋଗ, ଗମନାଗମନ ପ୍ରଭୃତି ପ୍ରତି କ୍ଷେତ୍ରରେ ଅରୋଭିଲ୍ ଉଲ୍ଲେଖଯୋଗ୍ୟ ଅଗ୍ରଗତି କରିଥିଲେ ବି ଆହୁରି ଅନେକ କିଛି କରିବାକୁ ଅଛି ।

ଏହାର ପ୍ରାଣ କେନ୍ଦ୍ର ''ମାତୃମନ୍ଦିର'' । ଆଧୁନିକ ଯୁଗରେ ଏହାର ନିର୍ମାଣ ଶୈଳୀ କଳ୍ପନାତୀତ । ବାହାର ଅପେକ୍ଷା ଭିତର ଦୃଶ୍ୟ ବହୁଳ ପରି ମନେ ହୁଏ । ଆଜିର ବିଜ୍ଞାନ ଯୁଗରେ ଜଞ୍ଜାଳଗ୍ରସ୍ତ ଜୀବନକୁ ''ମାତୃମନ୍ଦିର'' ମଧ୍ୟରେ ନିଜକୁ ସତେ ଯେପରି ଜଣେ ହଜାଇ ଦିଏ, ହଜି ଯାଏ ତା'ର ଦୁଃଖ, ଶୋକ ଓ ପରିତାପ । ସ୍ୱେଚ୍ଛାସେବକମାନଙ୍କ ନମ୍ର, ଭଦ୍ର ବ୍ୟବହାର, ସ୍ୱଚ୍ଛତା, ସରଳତା, ଶିଷ୍ଟାଚାର ଆଗରେ ମନ ନିରବି ଯାଏ । ବିଶାଳତା ମଧ୍ୟରେ କ୍ଷୁଦ୍ର ମାନୁଷୀ ସତ୍ତା ସତେ ଯେପରି ଏକାକାର ହୋଇଯାଏ । କବିବର ରାଧାନାଥ ହିମାଳୟର ବିଶାଳତାକୁ ମାନସ ଚକ୍ଷୁରେ ଦର୍ଶନ କରି ବିସ୍ମୟାଭିଭୂତ ହୋଇ ଲେଖିଛନ୍ତି :

''ଚିତ୍ତବୃତ୍ତି ଗଲା ନିଜ ପଥ ତୁଡ଼ି
ସତ୍ତାଗଲା ସେହି ମହା ଭାବେ ବୁଡ଼ି

* * *

ମନେ ମନେ କହି ନମିଲି ନୀରବେ
ନମୋଃ ଦେବାତ୍ମନେ ଶ୍ରୀଗୌରୀ ଗୁରବେ ।''

ଅନୁରୂପ ଥିଲା ମୋର ଅନୁଭୂତି ।

ବାସ୍ତବରେ ଅରୋଭିଲର ଭୌତିକ ପରିବର୍ତ୍ତନ ଓ ପ୍ରଗତି ଯେତିକି ଗୁରୁତ୍ୱପୂର୍ଣ୍ଣ ତା'ର ଆନ୍ତର ପରିବର୍ତ୍ତନ ସେତିକି ତାତ୍ପର୍ଯ୍ୟପୂର୍ଣ୍ଣ । ନିଶ୍ଚିତଭାବେ ଏହାର ରହିଛି ଅସାମାନ୍ୟ ଅତୀତ, ପ୍ରତିଶ୍ରୁତିପୂର୍ଣ୍ଣ ବର୍ତ୍ତମାନ ଓ ତାତ୍ପର୍ଯ୍ୟପୂର୍ଣ୍ଣ ଭବିଷ୍ୟତ୍ । ଏଠାରୁ ବିଦାୟ ନେଇ ଆସିଲା ବେଳେ ସ୍ୱତଃ ଦିବ୍ୟଜନନୀଙ୍କ ଉଦ୍ଦେଶ୍ୟରେ ମଥା ନଇଁ ଆସେ । ତାଙ୍କ କୃପା ଓ କରୁଣାର ଧାରା ଏବଂ ଶ୍ରୀଅରବିନ୍ଦଙ୍କ ପ୍ରଜ୍ଞା ଆଜିର ଅହଂ ସର୍ବସ୍ୱ ଜୀବନକୁ ଉଦ୍‌ଭାସିତ କରୁ । ଅରୋଭିଲ୍ ହେଉ ଅନ୍ତହୀନ ଶିକ୍ଷା, ନିରବଚ୍ଛିନ୍ନ ସାଧନା ଓ କାଳଜୟୀ ତାରୁଣ୍ୟର ପୀଠ — ଏତିକି ପ୍ରାର୍ଥନା । ❖

# ଜ୍ଞାନେଶ୍ୱରୀ

[ତ୍ରୟୋଦଶ ଶତାବ୍ଦୀରେ ସନ୍ଥ ଜ୍ଞାନଦେବଙ୍କ ରଚିତ ''ଜ୍ଞାନେଶ୍ୱରୀ'' ନାନା ଉପମା, ଉପମେୟ, ଚିତ୍ରକଳ୍ପ ଆଦିରେ ସମୃଦ୍ଧ ଗୀତାର ବ୍ୟାଖ୍ୟାରୂପେ ସର୍ବଜନ-ଆଦୃତ । 'ନବଜ୍ୟୋତି'ର ଏହି ସଂଖ୍ୟାରେ ଗୀତାର ନବମ ଅଧ୍ୟାୟ 'ରାଜବିଦ୍ୟା ରାଜଗୁହ୍ୟ ଯୋଗ'ର କେତେକ ନିର୍ବାଚିତ ଅଂଶର ଅନୁବାଦ ପ୍ରଦତ୍ତ ହେଲା ।]

## ଗୀତାର ନବମ ଅଧ୍ୟାୟ
## ରାଜବିଦ୍ୟା ରାଜଗୁହ୍ୟ ଯୋଗ

ଶ୍ରୀକୃଷ୍ଣ କହିଲେ –

...''ଏକ ମନ ହୋଇ ଯିଏ ନିଜ ଚିତ୍ତକୁ ମୋ'ଠାରେ ସମର୍ପଣ କରିଥାଏ, ଗର୍ଭସ୍ଥ ପିଣ୍ଡ ଭଳି କୌଣସି କ୍ରିୟା ସହିତ ଯେ ପରିଚିତ ନୁହେଁ, ଯାହା ନିକଟରେ ମୋ ବ୍ୟତୀତ ଉପାଦେୟ ଅନ୍ୟ କିଛି ନାହିଁ, ଯିଏ ମୋତେହିଁ ଭଲପାଏ, ଯିଏ ନିଜ ଜୀବନକୁ ମୋ ଜୀବନ ବୋଲି ଅନୁଭବ କରେ, ଏକନିଷ୍ଠ ଭାବରେ ମୋତେହିଁ ଭକ୍ତି କରେ, ମୋ ଚିନ୍ତାରେହିଁ ବୁଡ଼ି ରହେ – ମୁଁ ତା'ର ସେବା କରିଥାଏ । ଏକାଗ୍ର ଚିତ୍ତରେ ଭକ୍ତ ମୋର ଭଜନରେ ଯେତେବେଳେ ଲାଗି ରହିଥାଏ ସେତେବେଳେ ମୋ ମନରେ ମଧ୍ୟ ତା' ଚିନ୍ତା ଚାଲିଥାଏ । ତା'ର କର୍ମଗୁଡ଼ିକ ମୋତେହିଁ କରିବାକୁ ପଡ଼ିଥାଏ । ସେତେବେଳେ ମୁଁ ତା'ର ଭୃତ୍ୟ ଭାବରେ ସେବା କରେ । ଶାବକଙ୍କ ପକ୍ଷ ନ ହେବା ପର୍ଯ୍ୟନ୍ତ ପକ୍ଷିଣୀ ସେମାନଙ୍କ ସେବାରେହିଁ ଲାଗିଥାଏ । ନିଜର ଭୋକଶୋଷ ଭୁଲିଯାଏ । ଶାବକର କୁଶଳହିଁ ମାତାର ଏକମାତ୍ର କାର୍ଯ୍ୟ ଓ କାମ୍ୟ । ସେହିଭଳି ଯିଏ ଅନ୍ତର ଦେଇ ମୋତେ ଭଲପାଏ, ସପ୍ରେମ ଭଜନ କରେ, ତା'ର ସମସ୍ତ କାର୍ଯ୍ୟ ମୋ ଦ୍ୱାରାହିଁ ସଂପନ୍ନ ହୋଇଥାଏ । ମୋ ସହିତ ମିଶିଯିବା ଲାଗି ତା'ର ଇଚ୍ଛା ହେବା ମାତ୍ରେହିଁ ମୁଁ ତା'ର ଇଚ୍ଛା ପୂରଣ କରେ । ମୋର ପ୍ରେମକୁ ପ୍ରାପ୍ତ କରିବାର ଇଚ୍ଛା କରିବା ମାତ୍ରେ ମୁଁ ପ୍ରେମର ଅବାରିତ ସ୍ରୋତରେ ତାକୁ ଭସେଇ ରଖେ । ତା' ମନରେ ଯେତେବେଳେ ଯେଉଁ ଭାବ ଆସେ ମୁଁ ତତ୍‌କ୍ଷଣାତ୍ ତାହା ପୂରଣ କରିଦିଏ ଏବଂ ଯାହା ଦିଏ ତା'ର ସୁରକ୍ଷା ମଧ୍ୟ କରିଥାଏ । ବିଭିନ୍ନ ଦିଗରୁ ବିଭିନ୍ନ ଭାବରେ ତାକୁ ମୁଁ ସମୃଦ୍ଧ କରାଏ । ଯାହାର ଏକମାତ୍ର ଆଶ୍ରୟ ମୁଁ, ତା'ର ଯୋଗକ୍ଷେମହିଁ ବହନ କରିବାକୁ ପଡ଼ିଥାଏ ।

(ଶ୍ଳୋକ - ୨୨)

''ଆଉ ଏକ ସଂପ୍ରଦାୟର ଲୋକ ଅଛନ୍ତି । ମୁଁ ଯେ ସର୍ବଦେବତା, ସର୍ବବସ୍ତୁର ସମଷ୍ଟି ଏହା ସେମାନେ ବୁଝି ନ ଥା'ନ୍ତି । ତେଣୁ ସେମାନେ ଯଜ୍ଞାନୁଷ୍ଠାନମାନଙ୍କରେ ଅଗ୍ନି, ଇନ୍ଦ୍ର, ସୂର୍ଯ୍ୟ ଓ ସୋମଙ୍କ ଯଜନ ଓ ଉପାସନା କରିଥାଆନ୍ତି । ତା' ଦ୍ୱାରା ସେମାନେ ବାସ୍ତବରେ ମୋରହିଁ ଯଜନ କରିଥାଆନ୍ତି । କାରଣ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ହେଉଛି ମୁଁ । କିନ୍ତୁ ଏମାନଙ୍କ ଯଜନ ମୋ ଭଜନ ଲାଗି ସରଳ ପଥ ନୁହେଁ, ବଙ୍କାଟଙ୍କା ପଥ । ବୃକ୍ଷ କଥା ଦେଖ । ତା' ଦେହରେ ଯେଉଁ ଡାଳପତ୍ର ଦେଖୁଛ ତାହା ମଞ୍ଜିରୁହିଁ ଉତ୍ପନ୍ନ । ତେବେ ରସ ଆକର୍ଷଣ କରିବା ହେଉଛି ମୂଳର କାର୍ଯ୍ୟ । ତେଣୁ ମୂଳରେହିଁ ପାଣି ଦିଆଯାଏ, ଡାଳରେ ନୁହେଁ । ଏ ଦେହରେ ଦଶଟି ଇନ୍ଦ୍ରିୟ । କିନ୍ତୁ ଏହି ଇନ୍ଦ୍ରିୟ ଦ୍ୱାରା ଗୃହୀତ ବିଷୟ ଗୋଟିଏ ସ୍ଥଳରେହିଁ ପହଞ୍ଚୁଥାଏ । ତାହା ହେଉଛି ଚେତନା । ଯେଉଁ ଇନ୍ଦ୍ରିୟର ଯେଉଁ କାମ ସେ ସେହି କାମହିଁ କରେ । ସୁମିଷ୍ଟ ଖାଦ୍ୟ ନେଇ କାନକୁ ଦେଲେ କାନ କ'ଣ ଖାଇପାରିବ ? ନାନା ସୁବାସିତ କୁସୁମକୁ ଆଖି ଆଗରେ ହଲାଇଲେ ଆଖି ଶୁଙ୍ଘି ପାରିବ କି ? ତୁଣ୍ଡ ବା ଜିଭହିଁ ରସ ଆସ୍ୱାଦନ ଲାଗି ପାରଙ୍ଗମ, ନାସିକା ଆଘ୍ରାଣ ଲାଗି ଦକ୍ଷ । ତେଣୁ ମୋତେ ଖୁସି କରିବା ଲାଗି ନିଜକୁହିଁ ଯଜନ କରିବାକୁ ପଡ଼ିବ । ନିଜକୁ ନ ଚିହ୍ନି ଭଜନ କରିବା ବୃଥା । କର୍ମର ଚକ୍ଷୁ ହେଉଛି ଜ୍ଞାନ ଏବଂ ଏହି ଚକ୍ଷୁ ନିର୍ଦୋଷ ନିର୍ମଳ ହେବା ଆବଶ୍ୟକ ।

(ଶ୍ଳୋକ ୨୩)

''ହେ ପାଣ୍ଡୁସୁତ, ସଂପୂର୍ଣ୍ଣ ଯଜ୍ଞର ଉପଚାର ଭୋଗ କରିବା ଲାଗି ମୋ ବ୍ୟତୀତ ଆଉ କିଏ ଅଛି ? ମୁଁ ହେଉଛି ସକଳ ଯଜ୍ଞର ଆଦି ଓ ପରିଣତି । କିନ୍ତୁ ମୂର୍ଖ ମନୁଷ୍ୟ ମୋତେ ଭଜନ କରିବାକୁ ଭୁଲି ନାନା ଦେବତାଙ୍କ ଭଜନ କରିଥାଆନ୍ତି । ଦେବତା ଓ ପିତୃ ପୁରୁଷଙ୍କ ପ୍ରୀତି ଲାଗି ଗଙ୍ଗାଜଳକୁ ଆଞ୍ଜୁଳାରେ ନେଇ ସେହି ଗଙ୍ଗାଜଳରେହିଁ ସମର୍ପଣ କରାଯାଇଥାଏ । ସେହିଭଳି ଯାହା ମୋର, ମୋତେହିଁ ସମର୍ପଣ କରାଯାଏ ସତ

କିନ୍ତୁ ସେମାନଙ୍କ ଭାବ ଭିନ୍ନ ଭିନ୍ନ ହେତୁ ହେ ପାର୍ଥ, ସେମାନେ ସର୍ବତୋଭାବେ ମୋତେ ପାଇ ନ ଥା'ନ୍ତି । ସେମାନେ ମନରେ ଯେଉଁ ଭାବ ରଖି ଭଜନ କରିଥାଆନ୍ତି, ସେମାନେ ସେତିକି ଦୂରହିଁ ଯାଇ ଥାଆନ୍ତି ଏବଂ ସେହି ଅବସ୍ଥା ଭୋଗ କରିଥାଆନ୍ତି ।

(ଶ୍ଳୋକ ୨୪)

''...କର୍ମ, ଭୋଗ, ଉପଭୋଗ, ବିବିଧ ହୋମ, ଯଜ୍ଞ ଦ୍ୱାରା ଯଜନ ବା ପୂଜା ଆରାଧନା, କୌଣସି ସତ୍ ପାତ୍ରରେ ଦାନ, ତୁମ ଅଧୀନରେ କାମ କରୁଥିବା ସେବକଙ୍କୁ ବେତନ ପ୍ରଦାନ, ତପସ୍ୟା ଓ ବ୍ରତ ଯାହା କରନା କାହିଁକି, ଭକ୍ତି ସହିତ ମୋତେହିଁ ଅର୍ପଣ କର । ଏସବୁ କରୁଛ ମୋର ଆନନ୍ଦ ଲାଗି ବୋଲି ଉପଲବ୍ଧି କର, ଅନୁଭବ କର । 'ମୁଁ କରୁଛି ମୋର ପୁଣ୍ୟ ପାଇଁ, ମୁଁ କରୁଛି ମୋର କର୍ତ୍ତବ୍ୟ ପାଳନ ଲାଗି,' ଏ ଚିନ୍ତା, ଏ ଅହଂକାରକୁ ମନରେ ସ୍ଥାନ ଦିଅ ନାହିଁ । ସଂପୂର୍ଣ୍ଣ ନିର୍ମଳ କର୍ମକୁ ମୋ'ଠାରେ ସମର୍ପଣ କର ।

(ଶ୍ଳୋକ ୨୭)

''ତା'ହେଲେ ନିଆଁରେ ପୋଡ଼ି ଯାଇଥିବା ମଞ୍ଜିରୁ ଯେପରି ଗଜା ହେବାର ଶକ୍ତି ଚାଲିଯାଏ, ତୁମକୁ କର୍ମର ଭଲମନ୍ଦ ଶୁଭାଶୁଭ ଫଳ ଲାଗି ଆଉ ଦାୟୀ ହେବାକୁ ପଡ଼ିବ ନାହିଁ । କର୍ମ ଜୀବିତ ରହିଲେ ଏହା ନିଶ୍ଚିତ ଭାବରେ ସୁଖଦୁଃଖ ରୂପକ ଫଳ ପ୍ରସବ କରିବ ଏବଂ ଏହାକୁ ଭୋଗିବା ଲାଗି ତୁମକୁ ଥରକୁ ଥର ଉପଯୁକ୍ତ ଶରୀର ନେଇ ଜନ୍ମଗ୍ରହଣ କରିବାକୁ ପଡ଼ିବ । କର୍ମକୁ ମୋତେ ସମର୍ପଣ କରିଦେବା ମାତ୍ରେ ଜାଣ ଯେ ତୁମର ଜନ୍ମମରଣ ତତ୍‌କ୍ଷଣାତ୍ ଶେଷ ହୋଇଯାଇଛି । ଜନ୍ମ ସହିତ କଷ୍ଟ ଭୋଗିବାର ଦୁଃଖ ଆଉ ନାହିଁ । ହେ ଅର୍ଜୁନ ! ତୁମକୁ ମୁଁ ଅତି ସହଜ ଯୋଗମାର୍ଗ ଦେଖାଇଲି । ଏହାହିଁ ସନ୍ୟାସ ମାର୍ଗ । ଆଉ ମୁହୂର୍ତ୍ତେ ବି ସମୟ ନଷ୍ଟ କର ନାହିଁ । ଅତି ଶୀଘ୍ର ଆତ୍ମାନୁଭବ ହୋଇଯାଅ । ତୁମେ ଏହି ମାର୍ଗରେ ଯାଅ । ଦେହ ବନ୍ଧରେ ପଡ଼ି ସୁଖଦୁଃଖ ସମୁଦ୍ରରେ ଆଉ ନିମଜ୍ଜିତ ହୁଅ ନାହିଁ । ମୁଁ ହେଉଛି ସୁଖସ୍ୱରୂପ, ମୋ'ଠାରେ ଲୀନ ହୋଇଯାଅ ।

(ଶ୍ଳୋକ ୨୮)

''ମୁଁ ସମସ୍ତଙ୍କୁ ସମାନ ଭାବରେ ବିଚାର କରିଥାଏ । ଆପଣା ପରଭାବ ମୋର ନାହିଁ । ଯିଏ ମୋତେ ଏହି ଭାବରେ ଜାଣି, ଅହଂକାରର ଚେରସୁଦ୍ଧା ମନରୁ ଉପାଡ଼ି ଦେଇ ସଂପୂର୍ଣ୍ଣ ବିଶ୍ୱାସର ସହିତ ସମସ୍ତ କର୍ମକୁ ମୋତେ ଅର୍ପଣ କରେ, ମୋତେହିଁ ଭଜନ କରେ, ସେ ଶରୀର ଧରି ସାଧାରଣ ଭାବେ ରହିଥିଲେ ମଧ୍ୟ ବାସ୍ତବରେ ମୋ ଭିତରେହିଁ ରହିଥାଏ ଏବଂ ମୁଁ ମଧ୍ୟ ତା' ହୃଦୟ ଭିତରେ ସଂପୂର୍ଣ୍ଣ ଭାବରେ ଅବସ୍ଥାନ କରିଥାଏ । ବିରାଟକାୟ ବଟବୃକ୍ଷ ଯେପରି ମଞ୍ଜି ଭିତରେ ରହିଥାଏ ଏବଂ ମଞ୍ଜି ମଧ୍ୟ ବଟ ବୃକ୍ଷସାରା ଛାଇ ହୋଇ ରହିଥାଏ, ସେହିଭଳି ମୁଁ ଓ ମୋର ଭକ୍ତ ଅଲଗା ଅଲଗା ଦେଖା ଯାଉଥିଲେ ମଧ୍ୟ ଘନିଷ୍ଠଭାବରେ ସଂପୃକ୍ତ । ନିରିଖେଇ ଦେଖିଲେ ଜାଣିପାରିବ ଆମେ ଦୁହେଁ ଏକ, ଅଭିନ୍ନ । ପରଠାରୁ ଧାର କରି ଅଣାଯାଇଥିବା ଅଳଙ୍କାର କେବଳ ଶରୀରର ସୌନ୍ଦର୍ଯ୍ୟ ବର୍ଦ୍ଧନ କରିଥାଏ, କିନ୍ତୁ ମନ ଭିତରେ ଏହି ଅଳଙ୍କାର ମୋର ବୋଲି ଭାବନା ନ ଥାଏ । ସେହିଭଳି ମୋ ଭକ୍ତ ଉଦାସୀନ ଭାବରେ କେବଳ ଦେହ ଧାରଣ କରିଥାଏ, କିନ୍ତୁ ଦେହ ପ୍ରତି ତା'ର କୌଣସି ମମତା ନ ଥାଏ । ପବନ ଫୁଲର ସୁବାସ ହରଣ କରି ନେବା ପରେ ଫୁଲ କେବଳ ବୃନ୍ତରେ ଲାଗି ରହିଥାଏ । ସେହିଭଳି ମୋ ଭକ୍ତ କେବଳ ଅନ୍ତକାଳକୁ ଅପେକ୍ଷା କରି ରହିଥାଏ । କାରଣ ଆଗରୁ ତା'ର ଦେହାଭିମାନ ଚାଲିଯାଇଥାଏ । ଅବଶେଷରେ ସେ ମୋ ସହିତ ଆସି ମିଶିଯାଏ ।

(ଶ୍ଳୋକ ୨୯)

''ଏଭଳି ଭକ୍ତ ଯେ କୌଣସି ଶ୍ରେଣୀ, ଜାତି ବା ବର୍ଣ୍ଣର ହେଉନା କାହିଁକି, ମୋ ପ୍ରତି ତା'ର ଆନ୍ତରିକ ପ୍ରେମ ବା ଭକ୍ତି ହେତୁ ତାକୁ ଆଉ ଜନ୍ମଗ୍ରହଣ କରିବାକୁ ପଡ଼େ ନାହିଁ । ତା'ର ଅତୀତର କାର୍ଯ୍ୟାବଳୀ ଯେତେ ଖରାପ ହୋଇଥାଉନା କାହିଁକି, ସେ ଜୀବନକୁ ଭକ୍ତି ପଥରେ ସମର୍ପି ଦେଇଥିବାରୁ ତା'ର ସମସ୍ତ ପାପ ଧୋଇ ହୋଇଯାଏ । ମୃତ୍ୟୁ ବେଳକୁ ତା'ର ବୁଦ୍ଧିର ଗତି ଯାହା ହୋଇଥାଏ ତଦନୁଯାୟୀ ତା'ର ପରଜନ୍ମର ଗତି ନିର୍ଦ୍ଦିଷ୍ଟ ହୋଇଥାଏ । ତେଣୁ ପ୍ରଥମ ଜୀବନରେ କିଂବା ଜୀବନର କେତେ କାଳ ପର୍ଯ୍ୟନ୍ତ ଦୁରାଚାରୀ ହୋଇଥିଲେ ମଧ୍ୟ ଯିଏ ମୋ ପ୍ରତି ଭକ୍ତିଭାବ ରଖେ ସେ ପୁରୁଷୋତ୍ତମ ହୋଇଉଠେ । ବନ୍ୟାରେ ବୁଡି ଯାଉଥିଲେ ମଧ୍ୟ କୌଣସି ବ୍ୟକ୍ତି ଯଦି କଷ୍ଟେମଷ୍ଟେ କୂଳକୁ ଚାଲିଆସେ, ତାକୁ ବନ୍ୟାରେ ବୁଡି ମରିଗଲା ବୋଲି କୁହାଯାଇ ନପାରେ । ସେହିଭଳି ଜୀବନାନ୍ତ କାଳରେ ଯିଏ ଭକ୍ତିରୂପକ ପବିତ୍ର ଜଳରେ ନିମଜ୍ଜିତ ହୋଇ ମୋର ସାହାଯ୍ୟ ଲୋଡ଼େ ତା'ର ବଂଶାନୁକ୍ରମିକ ସମସ୍ତ ପାପ ଧୋଇଯାଏ । ସେ ପବିତ୍ର ହୋଇଉଠେ । ଅନୁତାପ ରୂପକ ତୀର୍ଥଜଳ ସ୍ନାନରେ ସେ ନିଷ୍କଳଙ୍କ ହୋଇପଡ଼େ । କେବଳ ସେ ନୁହେଁ ତା'ର ଭକ୍ତି ଫଳରେ ତା'ର କୁଳ ମଧ୍ୟ ପବିତ୍ର

ହୋଇଉଠେ । ଜୀବନରେ ଯାହା ଉତ୍ତମ ପ୍ରାପ୍ୟ ସବୁ ସେ ପାଏ । ମୁଁ ଧରିନିଏ ଯେ ସେ ସମସ୍ତ ଶାସ୍ତ୍ର ଅଧ୍ୟୟନ କରି ସାରିଛି, ତା'ର ସମସ୍ତ ତପସ୍ୟା ଶେଷ ହୋଇ ଯାଇଛି ଏବଂ ଅଷ୍ଟାଙ୍ଗ ଯୋଗ ସାଧନା ମଧ୍ୟ ସରିଛି । ମୋ ପ୍ରତି ଯାହାର ଅଟଳ ବିଶ୍ୱାସ ସେ ସମସ୍ତ କର୍ମର ଊର୍ଦ୍ଧ୍ୱରେ । ସେ ତା'ର ସମସ୍ତ ମନ, ବୁଦ୍ଧି ଓ କ୍ରିୟାକୁ ଏକନିଷ୍ଠ ରୂପେ ସିନ୍ଧୁକରେ ଭର୍ତ୍ତିକରି, ହେ କିରୀଟି ! ମୋ ପାଖରେ ସାଇତି ରଖି ଦେଇଥାଏ ।

(ଶ୍ଳୋକ ୩୦)

''ଏପରି ଭକ୍ତ କିପରି ପରିବେଶରେ ମୋ ପାଖରେ ପହଞ୍ଚିଯାଏ ଶୁଣି ତୁମେ ବିସ୍ମିତ ହୋଇପାର । କିନ୍ତୁ ଏତିକି ଜାଣ ଯେ ଯିଏ ଅମୃତରେ ବାସ କରିଥାଏ, ତା'ର ମୃତ୍ୟୁ ନାହିଁ । ଯେଉଁ ସମୟରେ ସୂର୍ଯ୍ୟଙ୍କର ଉପସ୍ଥିତି ନଥାଏ ତାକୁ ରାତ୍ରି କୁହାଯାଏ । ସେହିଭଳି ମୋ ପ୍ରତି ଭକ୍ତି ନ ଥାଇ ଯେଉଁ କାର୍ଯ୍ୟ କରାଯାଏ, ତାହାର ନାମ 'ମହାପାପ' । ଯେତେବେଳେ ମନୁଷ୍ୟ ମୋତେ ତା'ର ହୃଦୟ ନିକଟକୁ ନେଇଆସେ, ସେତେବେଳେ ସେ ମୋ ଆକାର ଧାରଣ କରେ ଏବଂ ମୋର ନିତ୍ୟ କାନ୍ତି ଲାଭ କରେ । ମୋ ଜୀବନ ଦ୍ୱାରାହିଁ ସେ ଜୀବନ ଧାରଣ କରେ । ଗୋଟିଏ ଦୀପରୁ ଆଉ ଗୋଟିଏ ଦୀପ ଲଗାଗଲେ କେଉଁ ଦୀପଟି ପ୍ରଥମେ ଜଳିଥିଲା ତାହା କହିବା ଅସମ୍ଭବ । ସେହିଭଳି ଯେ ସର୍ବତୋଭାବେ ମୋର ଭଜନ କରେ ସେ ମୋ ସ୍ୱରୂପ ଲାଭ କରେ । ତେଣୁ ହେ ଅର୍ଜୁନ ! ମୋତେ ପାଇବାକୁ ଇଚ୍ଛା ଥିଲେ ମୁହୂର୍ତ୍ତେ ସୁଦ୍ଧା ମୋତେ ଭୁଲ ନାହିଁ । ମୋତେ ପାଇବା ଲାଗି ବଂଶଗତ ମର୍ଯ୍ୟାଦା, ଆଭିଜାତ୍ୟ, ଅକାରଣ ବିଦ୍ୟାର ଅଭିଳାଷ ହେଉଛି ତୁଚ୍ଛ । ସେସବୁ କେବଳ ଅଭିମାନ ମାତ୍ର । ରୂପ ବା ଯୌବନ ମଦରେ ମତ୍ତ ହୁଅନା । ଧନସଂପତ୍ତିର ଗର୍ବ ମନରେ ପୋଷଣ କରନା । ମୋ ପ୍ରତି ପ୍ରୀତି ଓ ଭକ୍ତି ନଥିଲେ ଏ ସମସ୍ତ ବ୍ୟର୍ଥ । ଭିତରେ ଚାଉଳ ନ ଥାଇ ଚଷୁ ଯେପରି ମୂଲ୍ୟହୀନ, ନଗରୀ ଅତି ସୁନ୍ଦର ହୋଇଥିଲେ ମଧ୍ୟ ମନୁଷ୍ୟ ନ ଥିଲେ ଯେପରି ମରୁଭୂମି ସଦୃଶ, ସେହିଭଳି ଭକ୍ତିହୀନ ଜୀବନ ତୁଚ୍ଛ । ଜଳ ନ ଥାଇ ସରୋବର, ବଣ ଭିତରେ ଦୁଃଖୀ ସହ ଦୁଃଖୀର ମିଳନ, ନିଷ୍ଫଳ ଗଛରେ ଫୁଲର ଶୋଭା ଭଳି ସଂପତ୍ତି, ଆଭିଜାତ୍ୟ ଓ ଜାତିଗତ ବଡ଼ିମା ଠିକ୍ ଏକ ଶବ ସଦୃଶ । ଶବର ସର୍ବାଙ୍ଗ ଥାଏ କିନ୍ତୁ ଜୀବନ ନଥାଏ ଏବଂ କାଳକ୍ରମେ ଏହା ପଚି ଯାଇଥାଏ । ଭକ୍ତିହୀନ ଜୀବନର ଦଶା ଠିକ୍ ଏହିପରି ହୋଇଥାଏ । ମାଟି ଉପରେ ତା'ର ଶରୀର ଠିକ୍ ଏକ ନିର୍ଜୀବ ପଥର ଭଳି । ଯେପରି ବୁଦ୍ଧିମାନ୍ ବ୍ୟକ୍ତି ଚାରିଆଡ଼େ କଣ୍ଟା ଓ କୀଟପୂର୍ଣ୍ଣ ବୃକ୍ଷ ତଳର ଛାଇକୁ ପରିହାର କରିଥାଏ ସେହିଭଳି ପୁଣ୍ୟାତ୍ମା ମଧ୍ୟ ଅଭକ୍ତକୁ ଏଡ଼େଇ ଦେଇଯାଏ, ତାକୁ ପରିତ୍ୟାଗ କରିଥାଏ । ସେ କ୍ଷେତ୍ରରେ ଫଳ ଭାରାରେ ଗଛ ନଇଁ ଆସିଲେ କେବଳ କୁଆର ଉପକାର ହୁଏ । ଅଭକ୍ତ ପାପପଙ୍କରେ ବୁଡ଼ି ରହେ ।

ଷଡ଼ରସ ପକ୍ୱାନ୍ନ ପରିବେଷଣ କରି ରାସ୍ତା ଉପରେ ରଖିଦେଲେ ତାହା କୁକୁରରହିଁ ଖାଦ୍ୟ ହୋଇଥାଏ । ଭକ୍ତିହୀନର ଜୀବନ ମଧ୍ୟ ଠିକ୍ ଏହିଭଳି । ସେ ସୁକୃତି, ସତ୍‌କର୍ମ କ'ଣ ତାହା ସ୍ୱପ୍ନରେ ସୁଦ୍ଧା ଜାଣି ପାରେନା । ତା'ର ଜୀବନ-ଥାଳରେ ନାନା ପ୍ରକାର ଦୁଃଖ ପରିବେଷଣ କରାଯାଇଥାଏ । ତେଣୁ ଉତ୍ତମକୁଳର କୌଣସି ଆବଶ୍ୟକତା ନାହିଁ । ଜାତିରେ ଶୂଦ୍ର ହେଉ ବା ପଶୁ ମଧ୍ୟ ହେଉ ସେଥିରେ କିଛି ଯାଏ ଆସେ ନାହିଁ । କେବଳ ଆବଶ୍ୟକ ଭକ୍ତି । ମୋ ଦ୍ୱାରା ଗଜୋଦ୍ଧାରଣ କଥା ତ ତୁମେ ଜାଣ । କୁମ୍ଭୀର ଆକ୍ରମଣରେ ଗଜ ଆକୁଳ ଭାବେ ଡାକିବା ମାତ୍ରେ ମୋର କରୁଣା ବଳରେ ସେ ଉଦ୍ଧାର ପାଇଲା ଏବଂ ତା'ର ପଶୁତ୍ୱ ମଧ୍ୟ ଚାଲିଗଲା ।

(ଶ୍ଳୋକ ୩୧)

''ଯାହାର ନାମ ସୁଦ୍ଧା ଉଚ୍ଚାରଣ କରିବା ଉଚିତ ନୁହେଁ, ଯିଏ ଅଧମ, ପାପ ଯୋନିରୁ ଯାହାର ଜନ୍ମ, ଯିଏ ବେଶ୍ୟାର ପାପଗର୍ଭରୁ ଜାତ, ଯିଏ ମୂଢ଼, ପଥର ଭଳି ଯାହାର ଜଡ଼-ବୁଦ୍ଧି ଅଥଚ ସେ ଯଦି ମନ, ପ୍ରାଣ ଦେଇ ମୋତେ ଭକ୍ତିକରେ, ମୋର ରୂପ ମାଧୁରୀ ପାନ କରେ, ତା' ମନ ଯଦି କେବଳ ମୋତେ ପାଇବା ପାଇଁ କାମନା କରିଥାଏ, ନିଜ ଜ୍ଞାନରୁ କେବଳ ମୋର ଗୁଣଗାନ ଶୁଣିବାକୁ କାନ ଡେରିଥାଏ, ମୋର ସେବାହିଁ ଯାହାର ସର୍ବାଙ୍ଗ ଅଳଙ୍କାର, ମୋତେ ଜାଣିବାହିଁ ଯାହାର ଏକମାତ୍ର ଜ୍ଞାନ ଏବଂ ଯିଏ ଏହି ଲାଭକୁହିଁ ପ୍ରକୃତ ଜୀବନ ବୋଲି ଅନୁଭବ କରି ଅନ୍ୟ ସବୁକିଛିକୁ ମରଣ ବୋଲି ଭାବିଥାଏ, ଯେ ମୋ ଚେତନାହିଁ ସମସ୍ତଙ୍କୁ ସଜୀବ ରଖିପାରେ ବୋଲି ଉପଲବ୍ଧି କରିଥାଏ, ହେ ପାଣ୍ଡବ, ତାକୁ ଯଦି ମୋ ସହିତ ତୁଳନା କରିବ ତେବେ ଜାଣିବ ତା'ର ଯୋଗ୍ୟତା ମୋଠାରୁ ତିଳେ ହେଲେ କମ୍ ନୁହେଁ ।

ସେ ପାପଯୋନି ସମ୍ଭୂତ ହୋଇଥିଲେ ମଧ୍ୟ ତା'ଠାରେ ପାପର କୌଣସି ଚିହ୍ନବର୍ଣ୍ଣ ରହେ ନାହିଁ । ଭକ୍ତି ଫଳରେ ଦେବତା

ମଧ ରାକ୍ଷସ ଆଗରେ ହୀନପ୍ରଭ ହୋଇପଡ଼େ । ତୁମେ ପ୍ରହ୍ଲାଦ କଥା ତ ଜାଣ ! ସେ ଥିଲା ରାକ୍ଷସର ପୁତ୍ର । ତା'ର ଭକ୍ତି ହେତୁ ମୋତେ ନରସିଂହ ରୂପ ଧାରଣ କରିବାକୁ ପଡ଼ିଥିଲା । ଭକ୍ତିବଳରେ ସେ ମୋ ହୃଦୟରେ ଉଚ୍ଚସ୍ଥାନ ଲାଭ କରିଥିଲା । ତାକୁ ମୋ ସହିତ ତୁଳନା କଲେ ସେ ମୋଠାରୁ ମଧ ବଳି ପଡ଼ିବ । ତା'ର ନାମ ସ୍ମରଣ କଲେ ସକଳ ପାପ ଧୋଇଯାଏ । ପ୍ରହ୍ଲାଦ ରାକ୍ଷସ କୁଳରେ ଜନ୍ମ ଗ୍ରହଣ କଲେ କ'ଣ ହେଲା, ମୁଁ ତାକୁ ଯାହା ହେବାକୁ ଚାହିଁଥିଲି ସେ ଜନ୍ମ ଆଗରୁ ତାହା ପାଇ ସାରିଥିଲା । ଇନ୍ଦ୍ର ମଧ ତା' ମହିମା ସହ ତୁଳନୀୟ ନୁହେଁ । ତେଣୁ ହେ ଅର୍ଜୁନ ! ଏକମାତ୍ର ଭକ୍ତିହିଁ ଶୋଭା ବିସ୍ତାର କରେ, ଜାତି-ପତି କୌଣସି କାମ ଦିଏନା । ଖଣ୍ଡେ ଚମଡ଼ା ଦେହରେ ରାଜାର ମୋହର ବସିବା ମାତ୍ରେ ସେ ଚମଡ଼ା ଖଣ୍ଡିକର ଦାମ୍ ବଢ଼ିଯାଏ, ତାକୁ ଦେଇ ସବୁ ଜିନିଷ କିଣା ଯାଇପାରେ । ଏଥିଲାଗି ସୁନା କିଂବା ରୁପାର କୌଣସି ଆବଶ୍ୟକତା ନାହିଁ । ରାଜାଜ୍ଞା ଯଥେଷ୍ଟ । ସେହିଭଳି ମନ ଓ ବୁଦ୍ଧି ଯେତେବେଳେ ମୋ ଭକ୍ତିରେ ପୂର୍ଣ୍ଣ ହୋଇଯାଏ ସେତେବେଳେ ବଡ଼ ଜାତି, ଛୋଟ ଜାତିର ପ୍ରଶ୍ନ ରୁହେନା । ଭକ୍ତ ସେତେବେଳେ ମୋ ପ୍ରତି ଭକ୍ତିରେ କୃତାର୍ଥ ହୋଇଉଠେ । ଯେକୌଣସି ଉପାୟରେ ହେଉନା କାହିଁକି ଭକ୍ତର ମନ ମୋ ପ୍ରତି ଲାଖି ରହିବା ଉଚିତ । ମୋଠାରେ ମନ ଏକାନ୍ତ ଭାବରେ ଲାଖି ରହିଲେ ସମସ୍ତ କୃତକର୍ମ ନିଷ୍କର୍ମ ହୋଇପଡ଼େ । ଛୋଟ ଛୋଟ ନଇନାଳଗୁଡ଼ିକ ଗଙ୍ଗାରେ ପ୍ରବେଶ ନକରିବା ପର୍ଯ୍ୟନ୍ତ ନଇନାଳ ଭାବରେ ପରିଚିତ ହୋଇ ଥାଆନ୍ତି କିନ୍ତୁ ଗଙ୍ଗାରେ ମିଶିଯିବା ପରେ ସେମାନେ ଗଙ୍ଗା ପାଲଟି ଯାଆନ୍ତି । ଅଗ୍ନିକୁଣ୍ଡରେ ପଡ଼ିବା ଯାଏ କାଠଗୁଡ଼ିକ ମଧରୁ ଏଇଟା ଖଇର, ଏଇଟା ଚନ୍ଦନ କାଠ ବୋଲି ଲୋକେ କହିଥା'ନ୍ତି । କିନ୍ତୁ ଅଗ୍ନିକୁଣ୍ଡରେ ପଡ଼ିଯିବା ମାତ୍ରେ ଏମାନଙ୍କର ପ୍ରକାର ଭେଦ ଚାଲିଯାଏ ।

''ସେହିଭଳି ମୋତେ ଲାଭ ନ କରିବା ପର୍ଯ୍ୟନ୍ତ ଇଏ କ୍ଷତ୍ରିୟ, ଇଏ ବୈଶ୍ୟ, ଇଏ ଶୂଦ୍ର, ଇଏ ସ୍ତ୍ରୀ, ପୁରୁଷ ଆଦି ଭେଦଭାବ ରହିଥାଏ । ମୋ ପ୍ରେମ-ସାଗରରେ ବୁଡି ବୁଡି ମୋ ସହିତ ମିଶିଗଲେ କୌଣସି ଜାତି, ବର୍ଣ୍ଣ, ସ୍ତ୍ରୀ, ପୁରୁଷ ଭାବର ଚିହ୍ନ ସୁଦ୍ଧା ଅବଶିଷ୍ଟ ରହେ ନାହିଁ । ପଗଡ଼େ ଲୁଣକୁ ସମୁଦ୍ର ଜଳରେ ମିଶାଇ ଦେଲେ ଲୁଣର ଅବସ୍ଥା ଯେପରି ହୁଏ ଠିକ୍ ସେହିଭଳି ଭକ୍ତ ମୋ ସହିତ ମିଶିଯାଏ । ଏ ନଦୀଟି ପୂର୍ବରୁ ଆସିଛି, ସେ ନଦୀଟି ପଶ୍ଚିମରୁ ଆସିଛି, ଏସବୁ ଭୌଗୋଳିକ ବର୍ଣ୍ଣନା ନିରର୍ଥକ ହୋଇପଡ଼େ ସମୁଦ୍ରରେ ମିଶିଯିବା ପରେ । କାରଣ ସମୁଦ୍ରରେ ମିଶିଯିବା ପରେ ସବୁ ନଦୀ ଓ ସମୁଦ୍ର ଏକ । ସେହିଭଳି କୌଣସି ଭାବରେ ଭକ୍ତ ନିଜ ଚିତ୍ତକୁ ମୋ ଚିନ୍ତାରେ ଲଗାଇ ପାରିଲେ, ସେ ମୋ ସ୍ୱରୂପ ଲାଭ କରେ । ସ୍ପର୍ଶମଣିକୁ ଭାଙ୍ଗିବା ଲାଗି ଖଣ୍ଡେ ଲୁହାରେ ବାଡ଼େଇଲେ ଲୁହା ସୁନା ପାଲଟି ଯାଏ । ବ୍ରଜର ଗୋପୀମାନେ ମୋତେ ପତି ଭାବରେ ବରଣ ନ କରିଥିଲେ ମଧ ନିଜର ଭକ୍ତିଭାବ ଯୋଗୁଁ ମୋତେ ପାଇପାରିଥିଲେ । କଂସ ମୋତେ ଭୟ କରି ଏହି ଭୟ ଦ୍ୱାରାହିଁ ମୋତେ ପାଇ ପାରିଥିଲା । ପାଣ୍ଡବମାନେ ପାରିବାରିକ ସଂପର୍କ ରକ୍ଷା କରି ଆତ୍ମୀୟତା ବଳରେ ଓ ବସୁଦେବ ପ୍ରଭୃତି ଯାଦବମାନେ ସ୍ନେହ, ମମତା ବଳରେ ମୋତେ ଲାଭ କରିଥିଲେ । ନାରଦ, ଧ୍ରୁବ, ଅକ୍ରୁର, ଶୁକ ଓ ସନତ୍କୁମାର ପ୍ରମୁଖ ମୋତେ ଭକ୍ତିମାର୍ଗରେହିଁ ଲାଭ କରିଛନ୍ତି । ମାର୍ଗ ପୃଥକ୍ ପୃଥକ୍ କିନ୍ତୁ ପ୍ରାପ୍ୟ ଏକ । ମୁଁ ହେଉଛି ନିଦାନର ଆଶ୍ରୟ । କିଏ ଭକ୍ତି ବଳରେ, କିଏ ବୈରାଗ୍ୟ ଭାବ ଦ୍ୱାରା, କିଏ ବା ବୈରଭାବ ପୋଷଣ କରି ଏହିଭଳି ବହୁ ଉପାୟରେ ମୋତେ ପାଇଥାଆନ୍ତି । ତେଣୁ ହେ ପାର୍ଥ ! ମୋତେ ପାଇବା ଲାଗି ଉପାୟର ଅଭାବ ନାହିଁ । ଯିଏ ଯେଉଁ ଜାତିରେ ଜନ୍ମଗ୍ରହଣ କରୁ, ମୋତେ ଭକ୍ତି କରୁ ବା ମୋତେ ସମାଲୋଚନା କରୁ କିଂବା ଶତ୍ରୁତା କରୁ ସେଥିରେ କିଛି ଯାଏ ଆସେ ନାହିଁ । ଭକ୍ତ ଯେପରି ମୋ ନିଜର, ଶତ୍ରୁ ମଧ ମୋ ଆପଣାର ।

(ଶ୍ଳୋକ ୩୨)

''... ଖାଲି ପାଉଁଶକୁ ଫୁଙ୍କିଲେ କ'ଣ ନିଆଁ ବାହାରିବ ? ବିଷବୃକ୍ଷର ଛେଲିକୁ ଘୋରି ଅମୃତ ଭାବି ପିଇବା ପରେ ମୁଁ ଅମୃତ ହୋଇଗଲି ଭାବି ମନେ ମନେ ସୁଖ ଅନୁଭବ କରିବା ଯାହା, ସଂସାର ସୁଖ ତାହା । ଏହା ସୁଖ ନୁହେଁ ଦୁଃଖ । ମୂର୍ଖ ତଥା ମୂଢ଼ ଲୋକେ ଏହା କରି ଥାଆନ୍ତି । ନିଜର ମୁଣ୍ଡ ଫଟେଇ ଗୋଡ଼ରେ କଳ୍ପିତ କ୍ଷତର ଉପଶମ ଲାଗି କନା ଭିଡ଼ିବା ଯାହା ମର୍ତ୍ତ୍ୟଲୋକର ସୁଖ ଆସ୍ୱାଦନ କରିବା ତାହା । ଜଳନ୍ତା ଅଙ୍ଗାର ଉପରେ କିଏ କ'ଣ ସୁଖରେ ଶୋଇପାରେ ? ଯେଉଁ ଜଗତରେ ଚନ୍ଦ୍ର ମଧ କ୍ଷୟ-ରୋଗଗ୍ରସ୍ତ, ଯେଉଁଠି ଅସ୍ତ ଯିବା ଲାଗି ସୂର୍ଯ୍ୟର ଉଦୟ ହୁଏ, ଦୁଃଖ ଯେଉଁଠି ସୁଖର ଛଦ୍ମବେଶ ପିନ୍ଧି ଜୀବନକୁ ପ୍ରତାରଣା କରେ, ମଙ୍ଗଳର ଅଙ୍କୁରୋଦ୍‌ଗମ ସହିତ ଅମଙ୍ଗଳ ଦେଖା ଦେଇଥାଏ, ମୃତ୍ୟୁ ଯେଉଁଠି ମାଆ

ପେଟରେ ପିଲାକୁ ମଧ୍ୟ ଟାଣି ନେଇଥାଏ, ଯେଉଁଠି ଅବାସ୍ତବ ଚିନ୍ତାସବୁ ଆସି ମନରେ ଜୁଟିଥାଏ, ଯେଉଁଠି ଅତି ଅଜ୍ଞାତ ଭାବରେ ମୃତ୍ୟୁ ଆସି ଜୀବନକୁ ନେଇଯାଏ ଏବଂ କେଉଁଠିକି ନିଏ ତାହା କେହି କହିପାରନ୍ତି ନାହିଁ, ତାହା ହେଉଛି ଏହି ମର୍ତ୍ତ୍ୟଲୋକ ।

''ଏହି ପୃଥିବୀର ଇତିହାସ ହେଉଛି କେବଳ ମୃତ ବ୍ୟକ୍ତିମାନଙ୍କର । ଯେତେ ଚେଷ୍ଟା କର, ମୃତ ବ୍ୟକ୍ତିକୁ ଜୀବନ୍ତ କରି କେହି ଫେରାଇ ଆଣି ନପାରେ । ଅନିତ୍ୟ ଏ ସଂସାର । ଏଭଳି ଅନିତ୍ୟ ଯେ ସ୍ୱୟଂ ବ୍ରହ୍ମଦେବ ମଧ୍ୟ ଏହାକୁ ବର୍ଣ୍ଣନା କରିବା ଲାଗି ଅକ୍ଷମ । ଏସବୁ ଜାଣି ସୁଦ୍ଧା ମନୁଷ୍ୟ କିପରି ଉଦାସୀନ ହୋଇପାରିଛି ତାହାହିଁ ଆଶ୍ଚର୍ଯ୍ୟର ବିଷୟ । ଇହଲୋକ ଓ ପରଲୋକରେ ନିଜର ମଙ୍ଗଳ ଲାଗି ଯିଏ କପର୍ଦ୍ଦକ ସୁଦ୍ଧା ଖର୍ଚ୍ଚ କରିବା ଲାଗି କୁଣ୍ଠିତ; ସେହି ଲୋକ ଅମଙ୍ଗଳ ଲାଗି କୋଟି କୋଟି ଟଙ୍କା ବ୍ୟୟ କରିବାକୁ କୁଣ୍ଠିତ ନୁହେଁ । ଏ ପ୍ରକାରର ଲୋକେ ଭାବିଥାଆନ୍ତି, ଯେ ବିଷୟ ବିଳାସରେ ବୁଡ଼ି ରହିଛି, ସିଏହିଁ ପରମ ସୁଖୀ, ଲୋଭବାସନା ଯାହାର ଅଛି ସେ କେବଳ ଜ୍ଞାନୀ । ଯାହାର ଆୟୁ ଦିନକୁ ଦିନ କମି କମି ଆସୁଛି, ବଳ ଓ ବୁଦ୍ଧି ଲୋପ ପାଇଆସୁଛି, ସେ ତା'ର ଗୋଡ଼ ତଳେ ପଡ଼ିଥାଏ । ପିଲା ଯେତିକି ବଡ଼ ହୋଇ ଆସେ, ତା'ର ମାଆବାପା ସେତିକି ଖୁସୀ । କିନ୍ତୁ ସେମାନେ ବୁଝି ପାରନ୍ତି ନାହିଁ ଯେ ତା'ର ଆୟୁଷ ବୃଦ୍ଧି ସଙ୍ଗେ ସଙ୍ଗେ ମୃତ୍ୟୁ ମଧ୍ୟ ନିକଟେଇ ଆସୁଛି । ମଣିଷ ଯେତିକି ଯେତିକି ମୃତ୍ୟୁର ନିକଟତର ହୋଇ ଆସୁଥାଏ ସେ ସେତିକି ଜାକଜମକରେ ତା'ର ଜନ୍ମ-ଉତ୍ସବ ପାଳନ କରିବାରେ ଲାଗିଥାଏ । 'ତୁ ମରୁନୁ' କହି କେହି ଗାଳି ଦେଲେ ସେ ସହିପାରେନା । କିନ୍ତୁ ମୃତ୍ୟୁ ପରେ ଲୋକେ କାନ୍ଦିଥା'ନ୍ତି । ସେମାନେ ଭାବି ପାରନ୍ତି ନାହିଁ ଯେ ଜୀବନଟା ବ୍ୟର୍ଥ ହୋଇଗଲା । ସାପ ବେଙ୍ଗକୁ ଧରି ଗିଳିବା ଉପରେ, ତଥାପି ଜିଆଟିଏ ପାଇବା ମାତ୍ରେ ବେଙ୍ଗ ତାକୁ ଗିଳିବାକୁ ତିଆର । ସେହିଭଳି ମନୁଷ୍ୟ ଅତ୍ୟନ୍ତ ଲୋଭର ବଶବର୍ତ୍ତୀ ହୋଇ ବାସନାକୁ ବଢ଼ାଇବାରେ ଲାଗିଛି । ଚାରିଆଡ଼କୁ ଯଦି ଚାହଁ, ଦେଖିବ ମର୍ତ୍ତ୍ୟଲୋକରେ ସବୁକିଛି ଚାଲିଛି ବିପରୀତ ରୀତିରେ, ହେ ଅର୍ଜୁନ ! ଯଦିଓ ତୁମେ ଅକସ୍ମାତ୍ ଏଠାରେ ଜନ୍ମ ନେଇଛ ତଥାପି ଶୀଘ୍ର ଶୀଘ୍ର ଏଠାରୁ ବାହାରି ଆସ । ଯେଉଁଥିରେ ମୋର ଅବିନାଶୀ ଅମୃତଧାମ ଲାଭ କରିପାରିବ ସେହି ଭକ୍ତି ପଥରେ ଚାଲ ।''

(ଶ୍ଳୋକ - ୩୩)

ମନ୍ମନା ଭବ ମଦ୍‌ଭକ୍ତୋ
ମଦ୍‌ଯାଜୀ ମାଂ ନମସ୍କୁରୁ ।
ମାମେବୈଷ୍ୟସି ଯୁକ୍ତ୍ୱୈବମାତ୍ମାନଂ
ମତ୍ ପରାୟଣଃ ॥ (ଶ୍ଳୋକ - ୩୪)

''ତୁମେ ତୁମ ମନକୁ ମୋ ସ୍ୱରୂପ କରିନିଅ । ସପ୍ରେମ ଭଜନ କର । ସର୍ବତ୍ର ମୁଁ ଅଛି ମନେ କରି ମୋତେହିଁ ନମସ୍କାର କର । ଯିଏ ମୋତେ ଧ୍ୟାନକରି ସଂକଳ୍ପକୁ ଜାଳି, ପୋଡ଼ି ଧ୍ୱଂସ କରିଦିଏ, ସେ ହେଉଛି ମୋର ପ୍ରକୃତ ଭଜନକାରୀ । କେବଳ ମୋ ଚିନ୍ତାରେ ମନୋନିବେଶ କଲେ ମୋ ସ୍ୱରୂପ ଲାଭ କରିପାରିବ । ମୁଁ ମୋର ଅନ୍ତରର କଥା ତୁମକୁ କହିଲି । ଯେଉଁ ରହସ୍ୟକୁ ମୁଁ ଅନ୍ୟ ସମସ୍ତଙ୍କୁ ଗୋପନ କରି ଆସିଛି ତାକୁ ଲାଭ କରି ତୁମେ ବି ସୁଖସ୍ୱରୂପ ହୋଇଯାଅ ।''

— ସେହି ଶ୍ୟାମଳ ପରମବ୍ରହ୍ମ ତଥା ଭକ୍ତଗଣଙ୍କ ମନୋରଥର କଳ୍ପବୃକ୍ଷ ଶ୍ରୀକୃଷ୍ଣ ଯେଉଁସବୁ କଥା ଅର୍ଜୁନଙ୍କୁ କହିଲେ; ସଂଜୟ ଧୃତରାଷ୍ଟ୍ରଙ୍କୁ ସେହିସବୁ ବର୍ଣ୍ଣନା କରିଥିଲେ ।

ଅନୁବାଦ : ଶ୍ରୀ ଗୋରାଚାନ୍ଦ ମିଶ୍ର

ଯୋଗର ଏହି ପଥରେ ଯିବାକୁ ଯିଏ ଉତ୍ସୁକ ସେ ଯୋଗପଥର ବାଧାବିଘ୍ନ ବିଷୟରେ କେବେ ମଧ୍ୟ ଅଭିଯୋଗ କରିବ ନାହିଁ; କାରଣ ପ୍ରତ୍ୟେକ ଥର ତାହା ନୂତନ ଅଗ୍ରଗତି ପାଇଁ ଏକ ସୁଯୋଗ ଭାବରେ ଆସେ । ଅଭିଯୋଗ କରିବା ଅର୍ଥ ତାହା ଦୁର୍ବଳତା ଓ ନିଷ୍ଠାହୀନତାର ଲକ୍ଷଣ ।

— ଶ୍ରୀମା

അନ୍ତରାଳ ଜଗତ୍

# ସୂକ୍ଷ୍ମଦର୍ଶନର ସ୍ୱରୂପ

## (ଶ୍ରୀମା'ଙ୍କ ସହ ଏକ କଥୋପକଥନ)

*ପ୍ରଶ୍ନ : ଏକ ସାଧାରଣ ଧାରଣା ରହି ଆସିଛି ଯେ 'ସୂକ୍ଷ୍ମ ଦର୍ଶନ' ହେଉଛି ସମୁଚ୍ଚ ଆଧ୍ୟାତ୍ମିକତାର ଲକ୍ଷଣ । ଏହା ସତ୍ୟ କି ?*

**ଶ୍ରୀମା** : ସବୁ ସମୟରେ ଏହା ସତ୍ୟ ନୁହେଁ । ଅଧିକନ୍ତୁ, ସୂକ୍ଷ୍ମଦର୍ଶନରେ କୌଣସି ଜିନିଷ ଦେଖିବା ଏବଂ ତାହାକୁ ଠିକ୍ ଭାବରେ ବୁଝି ତାହାର ଠିକ୍ ଅର୍ଥ କରିବା ପୂରାପୂରି ଅନ୍ୟ ଜିନିଷ, ଏହା ଅନେକ ବେଶୀ ଦୁରୂହ । ଯେଉଁମାନେ ସୂକ୍ଷ୍ମଦର୍ଶନ ପାଆନ୍ତି ସେମାନେ ସାଧାରଣତଃ ଠିକ୍ ରୂପେ ତାହାର ଅର୍ଥ ଧରିପାରନ୍ତି ନାହିଁ; କାରଣ ସେମାନେ ସେଗୁଡ଼ିକର ଯେଉଁ ଅର୍ଥ ଦେବାକୁ ଚାହାନ୍ତି ତାହା ସେମାନଙ୍କ କାମନା-ବାସନା, ଆଶା, ଆକାଙ୍କ୍ଷା ଓ ପୂର୍ବସଂସ୍କାର ଅନୁଯାୟୀହିଁ ହୋଇଥାଏ । ତା'ଛଡ଼ା ବହୁ ବିଭିନ୍ନ ସ୍ତରମାନ ରହିଛି ଯେଉଁଥିରେ ତୁମେ ଏହି ସୂକ୍ଷ୍ମଦର୍ଶନସବୁକୁ ଦେଖିଥାଅ । ମାନସିକ ସୂକ୍ଷ୍ମଦର୍ଶନ ରହିଛି, ପ୍ରାଣିକ ସୂକ୍ଷ୍ମଦର୍ଶନ ରହିଛି ଏବଂ ଆଉ ଏପରି କେତେକ ସୂକ୍ଷ୍ମଦର୍ଶନ ରହିଛି ଯାହା ଅତ୍ୟନ୍ତ ସ୍ଥୂଳ ଭୌତିକ ସ୍ତରର ନିକଟବର୍ତ୍ତୀ ଏକ ସ୍ତରରେ ଦେଖାଯାଏ । ଏହି ଶେଷ ଧରଣର ସୂକ୍ଷ୍ମଦର୍ଶନଗୁଡ଼ିକ ଏପରି ରୂପ ଓ ପ୍ରତୀକ ନେଇ ଆସନ୍ତି ଯେ ମନେହୁଏ ଯେପରିକି ଏଗୁଡ଼ିକ ପୂରାପୂରି ସ୍ଥୂଳ, ଅତ୍ୟନ୍ତ ସ୍ପଷ୍ଟ, ବାସ୍ତବ ଓ ଇନ୍ଦ୍ରିୟ ବୋଧଗମ୍ୟ । ଏବଂ ଯଦି ତୁମେ ଜାଣ ଏଗୁଡ଼ିକୁ କିପରି ଅର୍ଥ ବା ବ୍ୟାଖ୍ୟା କରିବାକୁ ହୁଏ, ତା'ହେଲେ ତୁମେ ପରିସ୍ଥିତି ସଂପର୍କରେ, ଲୋକମାନଙ୍କର ଆନ୍ତର ଅବସ୍ଥା ସଂପର୍କରେ ପୂରା ନିର୍ଭୁଲ୍ ସୂଚନା ପାଇପାରିବ ।

ଗୋଟିଏ ଉଦାହରଣ ସହ ଏହାର ଏକ ପରିଷ୍କାର ଚିତ୍ର ଦିଆଯାଉ । ପ୍ରକୃତରେ ଜଣେ ବ୍ୟକ୍ତିଙ୍କର ଏହି ସୂକ୍ଷ୍ମ ଦର୍ଶନଟି ହୋଇଥିଲା । ଏକ ଦୁର୍ଗମ ପର୍ବତ ଅଞ୍ଚଳରେ ଏକ ତିଖ, ଅତ୍ୟୁଚ୍ଚ ଗିରିଚୂଡ଼ା ଦିଗରେ ରାସ୍ତାଟିଏ ଉପରକୁ ଉଠି ଉଠି ଯାଇଛି ଏବଂ ପଥଟି ଅତି ଉଜ୍ଜ୍ୱଳ ସୂର୍ଯ୍ୟାଲୋକରେ ବିଧୌତ । ରାସ୍ତା ଉପରେ ଏକ ଭାରୀ ଗାଡ଼ିକୁ ଛଅଟି ଶକ୍ତିଶାଳୀ ଅଶ୍ୱ ଅତି କଷ୍ଟରେ ଟାଣିଟାଣି ଉପରକୁ ନେଉଛନ୍ତି । ଗାଡ଼ିଟି ଅତି ମନ୍ଥର ଅଥଚ ଦୃଢ଼ ଭାବରେ ଆଗଉଛି । ଏହି ସମୟରେ ଜଣେ ଲୋକ ଆସି ସେଠାରେ ପହଞ୍ଚିଲା ଏବଂ ଅବସ୍ଥାଟି ଲକ୍ଷ୍ୟ କରି ଗାଡ଼ି ପଛକୁ ଯାଇ ତାହାକୁ ପର୍ବତ ଉପରକୁ ଠେଲିବାକୁ ଲାଗିଲା ବା ଠେଲିବା ପାଇଁ ଚେଷ୍ଟା କଲା । ତା'ପରେ ସେଠାରେ ଆଉ ଜଣେ ବ୍ୟକ୍ତି ଆସି ପହଞ୍ଚିଲେ, ଯାହାଙ୍କର ଏସବୁ ବିଷୟରେ ଯଥାର୍ଥ ଜ୍ଞାନ ଅଛି ଏବଂ ସେ ଉକ୍ତ ବ୍ୟକ୍ତିଟିକୁ କହିଲେ ''ତୁମେ କାହିଁକି ବୃଥାରେ ଏତେ ପରିଶ୍ରମ କରୁଛ ? ତୁମେ କ'ଣ ଭାବୁଛ ତୁମ ପ୍ରଚେଷ୍ଟାର କୌଣସି ଫଳ ମିଳିବ ? ତୁମ ପାଇଁ ଏହା ଏକ ଅସମ୍ଭବ କାମ । ଏପରିକି ଘୋଡ଼ାମାନେ ମଧ୍ୟ ଏହାକୁ କଷ୍ଟକର କାମ ବୋଲି ଅନୁଭବ କରୁଛନ୍ତି ।''

ବର୍ତ୍ତମାନ ଏହି ସୂକ୍ଷ୍ମଦର୍ଶନର ଅର୍ଥଟି ବୁଝିବାର ଚାବି ବା ସୂତ୍ର ରହିଛି ସେହି ଛ'ଟି ଘୋଡ଼ାଙ୍କ ଚିତ୍ରକଳ୍ପରେ । ଘୋଡ଼ାମାନେ ହେଉଛନ୍ତି ଶକ୍ତିର ପ୍ରତୀକ ଏବଂ ସଂଖ୍ୟା ଛଅ ଦିବ୍ୟ-ସୃଷ୍ଟିର ପ୍ରତିନିଧିତ୍ୱ କରେ; ତେଣୁ ଛ'ଟି ଘୋଡ଼ା ଦିବ୍ୟସୃଷ୍ଟିର ଶକ୍ତିକୁ ସୂଚାଉ ଅଛନ୍ତି । ଗାଡ଼ିଟି ହେଉଛି ସିଦ୍ଧିର ପ୍ରତୀକ, ତେଣୁ ଯେଉଁ ଉପଲବ୍ଧି ବା ସିଦ୍ଧି ଲାଭ କରିବାକୁ ହେବ, ଯେଉଁ କୃତିତ୍ୱ ହାସଲ କରିବାକୁ ହେବ, ତାହାକୁ ସେହି ଶିଖର ବା ଗିରିଚୂଡ଼ା ପର୍ଯ୍ୟନ୍ତ ଉଠାଇ ଆଣିବାକୁ ହେବ, ଯେଉଁଠି ଦିବ୍ୟ-ଆଲୋକ ବିରାଜିତ ହୋଇ ରହିଛି । ଯଦିଓ ସୃଷ୍ଟିରେ ଏହି ଶକ୍ତିସବୁ ଦିବ୍ୟ, ତଥାପି ଯେଉଁମାନେ ସେହି ସିଦ୍ଧିଲାଭ କରିବେ, ସେମାନଙ୍କ ପାଇଁ ମଧ୍ୟ କାମଟି ଖୁବ୍ କଠିନ ଓ ଶ୍ରମସାଧ୍ୟ, କାରଣ ସେମାନଙ୍କୁ ବହୁ କଠିନ ବାଧାବିଘ୍ନର ସମ୍ମୁଖୀନ ହୋଇ କାମ କରିବାକୁ ହେବ, ପ୍ରକୃତିର ସମସ୍ତ ନିମ୍ନାଭିମୁଖୀ ଆକର୍ଷଣ ବିରୋଧରେ କାମ କରିବାକୁ ହେବ । ଏହି ସମୟରେହିଁ ଆସି ପହଞ୍ଚିଛି ମନୁଷ୍ୟ ସତ୍ତାଟି, ନିଜର ଦମ୍ଭ ଓ ଅଜ୍ଞାନ ସହ, ଏବଂ ନିଜ ମାନସିକ ଶକ୍ତିର ନଗଣ୍ୟ ପୁଞ୍ଜି ନେଇ । ସବୁଠୁ ଉତ୍ତମ ଯେଉଁ କାମଟି ସେ କରି ପାରିବ, ତା' ହେଉଛି ସେହି ଗାଡ଼ି ଭିତରେ ପ୍ରବେଶ କରିବା ଓ ତହିଁରେ ଆରାମରେ ବସିରହି ଗାଡ଼ିଟି ଟାଣିବା ପାଇଁ ଘୋଡ଼ାମାନଙ୍କୁ ଛାଡ଼ିଦେବା ।

ସ୍ୱପ୍ନଗୁଡ଼ିକ ହେଉଛି ପୂରାପୂରି ଅଲଗା ଜିନିଷ । ସେଗୁଡ଼ିକୁ ବ୍ୟାଖ୍ୟା କରିବା ଅଧିକ କଷ୍ଟସାଧ, କାରଣ ପ୍ରତ୍ୟେକ

ଲୋକର ତା'ର ନିଜସ୍ୱ ସ୍ୱପ୍ନକଳ୍ପର ଏକ ଜଗତ୍ ରହିଛି, ଯାହାକି ତା' ନିଜ ପାଇଁ ବିଶେଷ ଭାବରେ ପ୍ରଯୁଜ୍ୟ । ଅବଶ୍ୟ ଏପରି ଅନେକ ସ୍ୱପ୍ନ ରହିଛି ଯେଉଁଗୁଡ଼ିକର ବିଶେଷ କିଛି ତାତ୍ପର୍ଯ୍ୟ ନଥାଏ, ସେଗୁଡ଼ିକ ଆମ ଚେତନାର ସବୁଠୁ ଉପୁରିଆ ଓ ଦୈହିକ ସ୍ତର ସହିତ ସମ୍ପର୍କିତ; ସେଗୁଡ଼ିକ ଉତ୍ପନ୍ନ ହୋଇଥା'ନ୍ତି ଆମର ଏଣୁତେଣୁ ବିକ୍ଷିପ୍ତ ଭାବନା, ଧାରଣା ଓ ଯାନ୍ତ୍ରିକ ପ୍ରତିକ୍ରିୟା ବା ସ୍ୱୟଂଚାଳିତ ନାନା କ୍ରିୟା କର୍ମ ଭିତରୁ । ଏଗୁଡ଼ିକର କୌଣସି ନିୟମିତ ବା ସଂଗଠିତ ରୂପ, ଆକୃତି ବା ଅର୍ଥ ନଥାଏ, ଏଗୁଡ଼ିକୁ କ୍ୱଚିତ୍ ସ୍ମରଣ କରାଯାଏ, ଚେତନା ଉପରେ ଏଗୁଡ଼ିକର ପ୍ରାୟ କୌଣସି ଛାପ ନଥାଏ । କିନ୍ତୁ ଏପରିକି ଯେଉଁସବୁ ସ୍ୱପ୍ନର ଗଭୀରତର ଉତ୍ସ ଥାଏ, ସେଗୁଡ଼ିକ ମଧ୍ୟ ତଥାପି ଦୁର୍ବୋଧ୍ୟ ହୋଇ ରୁହେ, କାରଣ ସେଗୁଡ଼ିକ ବିଶେଷ ଭାବରେ ବ୍ୟକ୍ତିଗତ, ଏହି ଅର୍ଥରେ ଯେ ନିଜର ଗଠନ ପାଇଁ ସେମାନଙ୍କୁ ପ୍ରାୟ ପୂରାପୂରି ସେହି ବ୍ୟକ୍ତିର ନାନା ଅନୁଭୂତି ଓ ବିଶେଷ ମିଜାଜ ଉପରେ ନିର୍ଭର କରିବାକୁ ପଡ଼େ । ସୂକ୍ଷ୍ମଦର୍ଶନଗୁଡ଼ିକ ମଧ୍ୟ ଏପରି ପ୍ରତୀକମାନଙ୍କୁ ନେଇ ଗଠିତ ହୋଇପାରେ ଯେଉଁଗୁଡ଼ିକ ସାର୍ବଜନୀନଭାବେ ପ୍ରଚଳିତ ନୁହେଁ । ଜାତି, ପ୍ରଥା ଓ ଧର୍ମ ଅନୁଯାୟୀ ପ୍ରତୀକଗୁଡ଼ିକ ଭିତରେ ନାନା ବିଭିନ୍ନତା ଦେଖାଦେଇ ପାରେ । ଗୋଟିଏ ପ୍ରତୀକ ବିଶେଷ ଭାବରେ ଖ୍ରୀଷ୍ଟିଆନ ହେଲା ବେଳକୁ ଆଉ ଗୋଟିଏ ପ୍ରତୀକ ବିଶେଷ ଭାବରେ ହିନ୍ଦୁ ଓ ତୃତୀୟଟି ସାଧାରଣ ଭାବେ ପ୍ରାଚ୍ୟର ଓ ଚତୁର୍ଥଟି ସାଧାରଣ ଭାବେ ପାଶ୍ଚାତ୍ୟର ହୋଇପାରେ । ଅନ୍ୟପକ୍ଷରେ ସ୍ୱପ୍ନଗୁଡ଼ିକ ଅନନ୍ୟ ଭାବରେ ବ୍ୟକ୍ତିଗତ, ସେଗୁଡ଼ିକ ଦୈନନ୍ଦିନ ଘଟଣା ଓ ତା'ର ଛାପଗୁଡ଼ିକ ଉପରେ ନିର୍ଭର କରିଥା'ନ୍ତି । ଜଣେ ବ୍ୟକ୍ତି ପାଇଁ ଅନ୍ୟ ଜଣକର ସ୍ୱପ୍ନକୁ ବ୍ୟାଖ୍ୟା କରିବା ଅତ୍ୟନ୍ତ କଷ୍ଟସାଧ୍ୟ । କୌଣସି ଜଣେ ବ୍ୟକ୍ତି ଅନ୍ୟ ଜଣକ ପାଇଁ ଏକ ନିବୁଜ ବୃତ୍ତ ପରି ହୋଇଥାଏ । କିନ୍ତୁ ପ୍ରତ୍ୟେକ ବ୍ୟକ୍ତି ତା' ନିଜ ପାଇଁ ତା'ର ନିଜ ସ୍ୱପ୍ନଗୁଡ଼ିକୁ ଅଧ୍ୟୟନ କରିପାରେ, ସେଗୁଡ଼ିକର ରହସ୍ୟ ଭେଦ କରି ସେଗୁଡ଼ିକର ପ୍ରକୃତ ଅର୍ଥ ଖୋଜି ବାହାର କରିପାରେ ।

ବର୍ତ୍ତମାନ ଆମେ ସ୍ୱପ୍ନ ଓ ସ୍ୱପ୍ନ-ଜଗତକୁ ବୁଝିବା ପାଇଁ କେଉଁ ବାଟରେ ଆଗେଇବା ସେ ସମ୍ପର୍କରେ କିଛିଟା କୁହାଯାଇ ପାରେ । ପ୍ରଥମେ ସଚେତ ହେବାକୁ ହେବ, ନିଜ ସ୍ୱପ୍ନ ସମ୍ପର୍କରେ ସଚେତ ହେବାକୁ ହେବ । ତୁମେ ଜାଗ୍ରତ୍ ରହିବା ସମୟର ଘଟଣାବଳି ଓ ତୁମ ସ୍ୱପ୍ନ ଭିତରେ କ'ଣ ସମ୍ପର୍କ ରହିଛି, ତାହାକୁ ପର୍ଯ୍ୟବେକ୍ଷଣ କର । ତୁମେ ଯଦି ତୁମର ରାତ୍ରିକାଳଟି କିପରି କଟାଇଛ ତାହା ସ୍ମରଣ କରିପାର ତେବେ ଅନେକ ସମୟରେ ତାହାକୁ ଧରି ଧରି ତୁମେ ଦିବସ କାଳଟିର ଅବସ୍ଥା ଓ ସେହି ରାତ୍ରିକାଳଟିର ଅବସ୍ଥା ସଙ୍ଗେ ତାହାର କ'ଣ ସମ୍ପର୍କ ଅଛି ତାହା ଖୋଜି ବାହାର କରିପାର । ଶୋଇବା ସମୟରେ ତୁମ ମନ, ପ୍ରାଣ ବା ଅନ୍ୟାନ୍ୟ ସ୍ତରରେ ନିରନ୍ତର କିଛି ନା କିଛି କାମ ଚାଲିଥାଏ; ସେଠାରେ କିଛି ଘଟିଥାଏ ଓ ତାହା ତୁମର ଜାଗ୍ରତ୍ ଚେତନାକୁ ଚାଳିତ କରିଥାଏ । ଉଦାହରଣସ୍ୱରୂପ କେତେକ ଲୋକ ନିଜକୁ ତ୍ରୁଟିହୀନ ରଖିବା ପାଇଁ ଖୁବ୍ ବ୍ୟଗ୍ର ହୋଇଥାଆନ୍ତି ଓ ସାରାଦିନ ସେ ଦିଗରେ ଖୁବ୍ ଯତ୍ନ ଓ ପ୍ରୟାସ କରିଥାଆନ୍ତି । ତା'ପରେ ସେମାନେ ଶୋଇବାକୁ ଯାଆନ୍ତି ଓ ପରଦିନ ଯେତେବେଳେ ସେମାନେ ନିଦରୁ ଉଠନ୍ତି ସେତେବେଳେ ପୂର୍ବଦିନର ପ୍ରଚେଷ୍ଟା ଫଳରେ ସେମାନେ ଯେଉଁ ଅଗ୍ରଗତି କରିଥିଲେ ତା'ର ଆଉ କୌଣସି ଚିହ୍ନବର୍ଣ୍ଣ ନ ଥାଏ, ସେମାନଙ୍କୁ ଆଉ ଥରେ ସେହିସବୁ ପୂର୍ବଦିନର ପ୍ରୟାସଗୁଡ଼ିକର ପୁନରାବୃତ୍ତି କରିବାକୁ ହେବ । ଏହାର ଅର୍ଥ ହେଉଛି ସେମାନେ ଯାହାକିଛି ପ୍ରଚେଷ୍ଟା କରିଥିଲେ ବା କୃତିତ୍ୱ ହାସଲ କରିଥିଲେ ସେଗୁଡ଼ିକ ସେମାନଙ୍କ ସତ୍ତାର ଅତି ଉପରିଆ ବା ଜାଗରଣ କାଳର ଅଂଶରେହିଁ ହୋଇଥିଲା କିନ୍ତୁ ଆହୁରି ଅନେକ ଅତଳ ଓ ସୁପ୍ତ ଅଂଶମାନ ରହିଛି, ଯେଉଁଗୁଡ଼ିକୁ ସେମାନେ ସ୍ପର୍ଶ କରି ନ ଥିଲେ । ନିଦ୍ରା ସମୟରେ ଏହି ଅଚେତନ ଅଞ୍ଚଳର କବଳ ବା ଅକ୍ତିଆରରେ ତୁମେ ପଡ଼ି ଯାଅ ଓ ତୁମେ ତୁମର ଜାଗ୍ରତ୍ ଓ ସଚେତ ଅବସ୍ଥାରେ ଆୟାସର ସହିତ ଯାହାକିଛି କରିଥିଲ, ସେଗୁଡ଼ିକୁ ସେହି ଅଚେତନ ଅଞ୍ଚଳ ନିଜ କବଳ ଭିତରକୁ ନେଇ ଗ୍ରାସ କରିଦିଏ ।

ସଚେତ ହୁଅ ! ତୁମ ରାତ୍ରି ଓ ଦିବସ କାଳ ସମ୍ପର୍କରେ ସଚେତ ହୁଅ । ପ୍ରଥମେ ତୁମକୁ ସଚେତ ହେବାକୁ ହେବ, ପରେ କର୍ତ୍ତୃତ୍ୱ ବିସ୍ତାର କରିବ । ତୁମେ ଯେଉଁମାନେ ନିଜ ସ୍ୱପ୍ନସବୁକୁ ମନେରଖ, ତୁମର ଏହି ଅନୁଭୂତିଟି ହୋଇଥିବ ଯେ ସ୍ୱପ୍ନ ଦେଖୁଥିବା ସମୟରେ ମଧ୍ୟ ତୁମେ ଜାଣୁଥାଅ ଯେ ଏହା ଏକ ସ୍ୱପ୍ନ, ତୁମେ ଜାଣୁଥିବ ଯେ ଏହା ଏପରି ଏକ ଅନୁଭୂତି ଯାହା ସ୍ଥୂଳ ଜଗତର ଅନ୍ତର୍ଗତ ନୁହେଁ । ଯେତେବେଳେ ଥରେ ତୁମେ ଏହା ଜାଣି ପାରିଲ ସେତେବେଳେ ବାସ୍ତବ ଜଗତରେ ତୁମେ ଯାହା କରିଥାଅ, ସେଠାରେ ମଧ୍ୟ ତାହା କରିପାର; ଏପରିକି ସ୍ୱପ୍ନ ଦେଖୁଥିବା ସମୟରେ ତୁମେ ନିଜର ସଚେତ ସଂକଳ୍ପ

ଶକ୍ତି ପ୍ରୟୋଗ କରିପାର ଓ ତୁମ ସ୍ୱପ୍ନାନୁଭୂତିର ସମସ୍ତ ଗତିପଥକୁ ବଦଳାଇ ଦେଇପାର ।

ଏବଂ ତୁମେ ଯେତେ ଅଧିକରୁ ଅଧିକ ସଚେତ ହେବ, ଦିବସକାଳ ପରି ରାତ୍ରକାଳରେ ମଧ ତୁମେ ତୁମ ସତ୍ତା ଉପରେ ସମାନ ନିୟନ୍ତ୍ରଣ ରଖିପାରିବ, ବୋଧହୁଏ ଆହୁରି ଅଧିକ ନିୟନ୍ତ୍ରଣ ରଖିପାରିବ । କାରଣ ରାତ୍ରିରେ ଶୋଇବା ସମୟରେ ଶରୀରର ଯାନ୍ତ୍ରିକ କ୍ରିୟାର ଦାସତ୍ୱରୁ ତୁମେ ମୁକ୍ତ ରହିଥାଅ । ଶରୀର ଚେତନାର ପ୍ରକ୍ରିୟା ଉପରେ ନିୟନ୍ତ୍ରଣ ରଖିବା ଅଧିକ କଷ୍ଟକର; କାରଣ ସେଗୁଡ଼ିକ ଅଧିକ କଠିନ ଓ ଅନମନୀୟ, ମାନସିକ ବା ପ୍ରାଣିକ ପ୍ରକ୍ରିୟା ଅପେକ୍ଷା ପରିବର୍ତ୍ତନ ପାଇଁ କମ୍ ଆଗ୍ରହୀ ।

ରାତ୍ରିରେ ଶୋଇବା ସମୟରେ ମନ ଓ ପ୍ରାଣ, ବିଶେଷ କରି ପ୍ରାଣ ଖୁବ୍ ସକ୍ରିୟ ଥାଆନ୍ତି । ଦିନବେଳେ ସେଗୁଡ଼ିକ ନିୟନ୍ତ୍ରଣାଧୀନ ହୋଇ ଥାଆନ୍ତି, ଦୈହିକ ଚେତନା ଆପେ ଆପେ ତାହାର ଅବାଧ ଖେଳା ଓ ପରିପ୍ରକାଶସବୁକୁ ଅବଦମିତ କରି ରଖିଥାଏ । ରାତ୍ରିରେ ନିଦ୍ରାକାଳରେ ଏହି ବାଧା-ନିଷେଧଗୁଡ଼ିକ ଅପସାରିତ ହୋଇଯାଏ ଏବଂ ସେଗୁଡ଼ିକ ସେମାନଙ୍କ ସ୍ୱାଭାବିକ ଓ ସ୍ୱାଧୀନ ଗତିବୃତ୍ତି ନେଇ ଆବିର୍ଭାବ ହୁଅନ୍ତି ।

(C.W.M., Vol. - 3, p. 13 - 15)

The present is the most important moment in life.

*12 February 1952* – The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

ଶେଷ ପୃଷ୍ଠା :

# ଭଗବତ୍ ଅଭିମୁଖୀ ସମାଜର ବିବର୍ତ୍ତନ

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

*''ତେଣୁ ଏକ ସମାଜ ଯାହାକୁ ଆଧ୍ୟାତ୍ମିକ ସମାଜର ଏପରିକି ପ୍ରାରମ୍ଭିକ ଅବସ୍ଥା ବୋଲି କୁହାଯାଇପାରେ, ତାହାର ସମସ୍ତ କ୍ରିୟାକଳାପର ପ୍ରଥମ ଲକ୍ଷ୍ୟ ହେବ ମନୁଷ୍ୟ ଭିତରେ ଭଗବତ୍ ଆତ୍ମାର ସନ୍ଧାନ ଓ ପ୍ରକାଶ । ତାହାର ଶିକ୍ଷା, ତାହାର ଜ୍ଞାନ, ତାହାର ବିଜ୍ଞାନ, ତାହାର ନୀତିଶାସ୍ତ୍ର, ତାହାର କଳା, ତାହାର ଅର୍ଥନୈତିକ ଓ ରାଜନୈତିକ ଗଠନର ଏହାହିଁ ହେବ ମୂଳ ଲକ୍ଷ୍ୟ ।''*

— ଶ୍ରୀଅରବିନ୍ଦ

ଶ୍ରୀଅରବିନ୍ଦ ଏଠାରେ ଯେଉଁ ଆଧ୍ୟାତ୍ମିକ ସମାଜ କଥା କହୁଛନ୍ତି ଓ ଆମେ ବର୍ତ୍ତମାନ ଯେଉଁ ସମାଜରେ ବାସ କରୁଛେ, ତାହା ଭିତରେ ଯେ କେଡ଼େ ବିରାଟ ବ୍ୟବଧାନ ରହିଛି ତାହା ଆଉ ବ୍ୟାଖ୍ୟା କରି ବୁଝାଇ ଦେବାକୁ ପଡ଼ିବ ନାହିଁ । ଆମର ବର୍ତ୍ତମାନ ସମାଜର ସମଗ୍ର ଗଠନ ଯେଉଁ ଲକ୍ଷ୍ୟକୁ ଆଶ୍ରୟ କରିଛି, ତାହା ହେଲା ଭୋଗର ନାନାବିଧ ସାମଗ୍ରୀର ଉତ୍ପାଦନ ଓ ତା'ର ବଣ୍ଟନ ବା ଉପଭୋଗରେ କେଉଁ ବ୍ୟକ୍ତି, ଗୋଷ୍ଠୀ ବା ଶ୍ରେଣୀ କିପରି ଭାଗ ନେବେ, କାହାର କିପରି ଭୂମିକା ରହିଛି, ବା ରହିବା ଉଚିତ ତା'ର ଏକ ବ୍ୟବସ୍ଥା । ଏହାକୁହିଁ କେନ୍ଦ୍ର କରି ସମାଜ ଓ ତା'ର ନାନା ବିଧିବିଧାନ, ନୀତି, ଶୃଙ୍ଖଳା ଓ ଆଦର୍ଶ ତିଆରି ହୋଇଛି । ଅହଂର ଦାବି, ଚାହିଦା ଓ ଭୋଗ-ବାସନାକୁ ଚରିତାର୍ଥ କରିବା — ଏହାକୁହିଁ ଜୀବନର ସାଧାରଣ ସ୍ୱାଭାବିକ ଲକ୍ଷ୍ୟ ରୂପେ ଗ୍ରହଣ କରାଯାଇଛି । କିନ୍ତୁ କାମନା-ବାସନା ଓ ଭୋଗଲିପ୍ସାର କୌଣସି ସୀମା ନାହିଁ, ଅଥଚ ଭୋଗ୍ୟବସ୍ତୁର ପରିମାଣ ସୀମିତ, ତେଣୁ ସୀମିତ ଭୋଗ୍ୟବସ୍ତୁ ଉପରେ ଅସୀମ ଭୋଗଲିପ୍ସା ନେଇ ଝାମ୍ପି ପଡ଼ିବାର ଅନିବାର୍ଯ୍ୟ ପରିଣାମ ସ୍ୱରୂପ ବ୍ୟକ୍ତି, ଶ୍ରେଣୀ, ଜାତି ଓ ଦେଶମାନଙ୍କ ଭିତରେ ଦେଖା ଦେଇଛି ଉତ୍କଟ ପ୍ରତିଯୋଗିତା; ଗୃହଯୁଦ୍ଧ, ବିଶ୍ୱଯୁଦ୍ଧ ଆଦି ଭୟଙ୍କର ସଂଘର୍ଷ ଓ ଦ୍ୱନ୍ଦ୍ୱ । ଫଳରେ ମଣିଷ ସମାଜର ସାମୂହିକ ପ୍ରଚେଷ୍ଟା ବିନିଯୋଗ ହୋଇଛି ଗୋଟିଏ ପକ୍ଷରେ ନାନା ନୂତନ ଉଦ୍ଭାବନ ଓ କାରିଗରି କୌଶଳର ବିକାଶ ଆଦି ଦ୍ୱାରା ଭୋଗ୍ୟ ବସ୍ତୁର ପରିମାଣ ଯେତେଦୂର ସମ୍ଭବ ଅଧିକ ବଢ଼ାଇବା ପାଇଁ ଓ ଅନ୍ୟ ପକ୍ଷରେ କାମନା-ବାସନାଜନିତ ଦ୍ୱନ୍ଦ୍ୱ, ସଂଘର୍ଷ ଓ ପ୍ରତିଯୋଗିତାକୁ ଯେତେଦୂର ସମ୍ଭବ ସୀମା ଭିତରେ ରଖି, ତାହାକୁ ସଂଯତ ଶୃଙ୍ଖଳିତ କରି ଗୋଟିଏ ଧାରାରେ ପକାଇବା ପାଇଁ । ଏହାରି ଉପରେ ଗଢ଼ି ଉଠିଛି ପୁଞ୍ଜିବାଦୀ, ସମାଜବାଦୀ, ଜନମଙ୍ଗଳ ଆଦି ନାନା ରାଷ୍ଟ୍ର ବ୍ୟବସ୍ଥା, ନାନା ଆଇନକାନୁନ, ନାନା ନୀତି, ଆଦର୍ଶ ଓ ଆଚରଣର ପରମ୍ପରା । ଏପରିକି ଆମ ମନରେ ଆଚାର-ଅନାଚାର, ପାପ-ପୁଣ୍ୟ, ଭଲ-ମନ୍ଦ, ନ୍ୟାୟ-ଅନ୍ୟାୟ ସମ୍ବନ୍ଧରେ ବିଭିନ୍ନ ଧାରଣା ଦାନା ବାନ୍ଧିଛନ୍ତି ଏହାକୁ କେନ୍ଦ୍ର କରି । ତେଣୁ ବର୍ତ୍ତମାନର ସମାଜ ଜୀବନର ରୂପ ଯାହା, ତାହା ମୂଳରେ ସତ୍ୟର ସନ୍ଧାନ ନୁହେଁ ଭୋଗ ଓ କାମନାର ଅବାଧ ପୂରଣହିଁ ରହିଛି ପ୍ରଧାନ ଲକ୍ଷ୍ୟ ରୂପେ । ତାହାହିଁ ହୋଇଛି ଜୀବନ ଓ ସମାଜ ପାଇଁ ସାଫଲ୍ୟର ମାପକାଠି ।

କିନ୍ତୁ ଶ୍ରୀଅରବିନ୍ଦ ଯେଉଁ ଆଧ୍ୟାତ୍ମିକ ସମାଜ କଥା କହିଛନ୍ତି — ଭୋଗ ନୁହେଁ, ସତ୍ୟହିଁ ହେବ ତା'ର ମୂଳ ଲକ୍ଷ୍ୟ ଓ ପ୍ରଧାନ ଧ୍ୟେୟ । ମଣିଷ ଭିତରେ ଥିବା ଦିବ୍ୟ-ଆତ୍ମାର ସନ୍ଧାନ ଓ ଅଭିବ୍ୟକ୍ତି ଦିଗରେ, ସତ୍ୟ ଓ ଭଗବତ୍ ଉପଲବ୍ଧି ଦିଗରେହିଁ ସେହି ସମାଜର ସମସ୍ତ କ୍ରିୟାକଳାପ ପରିଚାଳିତ ହେବ । ବର୍ତ୍ତମାନ ପ୍ରଶ୍ନ ଉଠୁଛି ଏହିପରି ଏକ ସମାଜ କେବଳ ଏକ କଳ୍ପନାବିଳାସ ନା ପ୍ରକୃତରେ ଏହା ଗଢ଼ି ଉଠିବାର କିଛି ବାସ୍ତବ ସମ୍ଭାବନା ରହିଛି । ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ କେବଳ ବାସ୍ତବ ସମ୍ଭାବନା ନୁହେଁ, ସାମାଜିକ ବିବର୍ତ୍ତନର ଏହାହିଁ ଅବଶ୍ୟମ୍ଭାବୀ ପରିଣତି । ତାଙ୍କ କଥାରେ,

"The history of the cycles of man is a progress towards the unveiling of the Godhead in the soul and life of humanity;"

(*Essays on the Gita*, p. 376)

''ମାନବ-ଯୁଗଚକ୍ରର ଇତିହାସ ହେଉଛି ମାନବସମାଜର ଆତ୍ମା ଓ ଜୀବନରେ ଭଗବାନଙ୍କ ଅନାବୃତ ପ୍ରକାଶ ଅଭିମୁଖରେହିଁ ଅଗ୍ରଗତିର ଇତିହାସ ।''

ଏହି ଦୃଷ୍ଟିକୋଣ ଅନୁସାରେ ବିଶ୍ୱ ଭିତରେ, ବିଶ୍ୱର

ସମସ୍ତ ବସ୍ତୁ ଭିତରେ ଭଗବାନଙ୍କର ଏକ ଦିବ୍ୟ-ଉପସ୍ଥିତି ରହିଛି । କିନ୍ତୁ ତାହା ରହିଛି ଆବୃତ ହୋଇ, ନିହିତ ଓ ନିବର୍ତ୍ତିତ ହୋଇ । କିନ୍ତୁ ଯେତେ ଗୋପନ ଭାବରେ ନିବର୍ତ୍ତିତ ହୋଇ ରହିଥିଲେ ମଧ୍ୟ ପ୍ରକାଶ ଓ ଅଭିବ୍ୟକ୍ତି ପାଇଁ ଏହି ଦିବ୍ୟ-ଉପସ୍ଥିତିର ଏକ ସ୍ୱାଭାବିକ ପ୍ରବେଗ ରହିଛି । ଏହାହିଁ ବିବର୍ତ୍ତନର ଅନ୍ତର୍ନିହିତ ପ୍ରବେଗ । ଏହି ପ୍ରବେଗ ବା ପ୍ରକାଶ ପାଇଁ ଭିତରୁ ଏହି ଚାପ ଫଳରେ ଜଡ଼ବସ୍ତୁ କ୍ରମଶଃ ବିବର୍ତ୍ତିତ ହୋଇ ନିଜ ଭିତରେ ପ୍ରାଣ ଓ ମନକୁ ଫୁଟାଇଛି, ଗଛଲତା, କୀଟପତଙ୍ଗ ଓ ପଶୁପକ୍ଷୀର ଆକାର ଭିତର ଦେଇ ବର୍ତ୍ତମାନ ମନୁଷ୍ୟର ଆକାର ଗ୍ରହଣ-ସ୍ତରରେ ପହଞ୍ଚିଛି । କିନ୍ତୁ ମନୁଷ୍ୟର ସ୍ତରରେ ପହଞ୍ଚି ଏହି ବିବର୍ତ୍ତନର ପ୍ରବେଗ ଶେଷ ହୋଇ ଯାଇ ନାହିଁ, ତାହା ତା'ର ଅନ୍ତର୍ନିହିତ ଦିବ୍ୟପୂର୍ଣ୍ଣତାକୁ ଚୂଡ଼ାନ୍ତ ଭାବରେ ପ୍ରକାଶ କରି ନାହିଁ ।

ଦିବ୍ୟ-ଭାଗବତ ସତ୍ୟର ପରିପୂର୍ଣ୍ଣ ପ୍ରକାଶ ପାଇଁ ଯେଉଁ ବିଶ୍ୱଯୋଜନା କାର୍ଯ୍ୟକାରୀ ହେଉଛି, ମଣିଷ ଓ ତା'ର ସମାଜ ତହିଁରୁ ଅଲଗା ନୁହେଁ, ତହିଁର ଅନ୍ତର୍ଭୁକ୍ତ । ତେଣୁ ସେ ଜାଣୁ ବା ନଜାଣୁ, ସେଥିପାଇଁ ଇଚ୍ଛା କରୁ ବା ନକରୁ, ମନୁଷ୍ୟ ବାଧ୍ୟ ହେଉଛି ତା'ର ବ୍ୟକ୍ତିଗତ ଓ ସାମୂହିକ କାର୍ଯ୍ୟକଳାପରେ ଦିବ୍ୟପୂର୍ଣ୍ଣତାର ପଥରେ ଆହୁରି ଅଧିକରୁ ଅଧିକ ଆଗେଇ ଯିବା ପାଇଁ । ମନୁଷ୍ୟର ସମାଜ-ବିକାଶର ଇତିହାସ ପଛରେ ରହିଛି ଏହି ବିବର୍ତ୍ତନର ପ୍ରବେଗ । ବର୍ତ୍ତମାନର ଭାଷାରେ ଏହାକୁହିଁ କୁହାଯାଏ upward drive ବା ଊର୍ଦ୍ଧ୍ୱମୁଖୀ ପ୍ରବେଗ ।

ଆଦିମ ବର୍ବର ମଣିଷ ଯେଉଁ ସମାଜ ଗଢ଼ିଥିଲା, ତା'ପରେ ସାମନ୍ତବାଦୀ ସମାଜ, ପୁଞ୍ଜିବାଦୀ ସମାଜ ବା ସମାଜବାଦୀ ସମାଜ,– ତାହା ସ୍ୱୈରତାନ୍ତ୍ରିକ ଏକଛତ୍ରବାଦୀ ସମାଜ ହେଉ ବା ଗଣତାନ୍ତ୍ରିକ ସମାଜ ହେଉ । ସାମାଜିକ ବିକାଶର ନାନା ସ୍ତର ଭିତର ଦେଇ, ନାନା ପରୀକ୍ଷା-ନିରୀକ୍ଷା ଭିତର ଦେଇ ମଣିଷ ଆସି ଆଜିର ସମାଜ ବ୍ୟବସ୍ଥାରେ ପହଞ୍ଚିଛି । ମଣିଷ ବରାବର ଚାହିଁଛି ନିଜର ବିକାଶ ଓ ଅଭିବୃଦ୍ଧି ପଥରେ ଆଗେଇ ଯିବା ପାଇଁ । ସାମାଜିକ ବିକାଶର ଗୋଟିଏ ସ୍ତରରେ ଯେଉଁଟା ଦିନେ ପ୍ରଚଳିତ ଓ ଗୃହୀତ ନୀତି-ନିୟମ ଥିଲା ଆଉ ଏକ ସ୍ତରରେ ତାହା ସମ୍ପୂର୍ଣ୍ଣ ଅଚଳ ହୋଇଯାଇଛି । କ୍ରୀତଦାସର ଯୁଗ ବା ରାଜାରାଜୁଡ଼ାଙ୍କ ସ୍ୱେଚ୍ଛାଚାରର ଯୁଗ ଆଉ ଫେରି ଆସିବ ନାହିଁ । ସାମ୍ରାଜ୍ୟ ବିସ୍ତାର ଓ ଉପନିବେଶ-ସ୍ଥାପନର ଯୁଗ ଆଉ ଫେରି ଆସିବ ନାହିଁ । ଖାଲି ସମାଜ ବ୍ୟବସ୍ଥାର କ୍ଷେତ୍ରରେ ନୁହେଁ, ଶିକ୍ଷା, ସଭ୍ୟତା, ସଂସ୍କୃତି ଆଦିର କ୍ଷେତ୍ରରେ, କଳା, ସାହିତ୍ୟ, ଦର୍ଶନ, ବିଜ୍ଞାନ ଆଦି ସବୁ କ୍ଷେତ୍ରରେ ମନୁଷ୍ୟ ଆହୁରି ଅଧିକ ପୂର୍ଣ୍ଣତାର ସନ୍ଧାନରେ ଆଗେଇ ଚାଲିଛି । ଯେଉଁ ବିଚାର, ଆଚାର, ନୀତି ବା ଆଦର୍ଶ ସେହି ଅଗ୍ରଗତି ସହ ତାଳ ରଖି ଆଗେଇ ପାରୁ ନାହିଁ, ସେଗୁଡ଼ିକୁ ମନୁଷ୍ୟ ଫୋପାଡ଼ି ଦେଇଛି ଇତିହାସର ଅଳିଆଗଦା ଭିତରକୁ । ଅଭିବୃଦ୍ଧିର ଓ ବିକାଶର ଏକ ନିରନ୍ତର ପ୍ରବାହ ତାକୁ ଯେପରି ଠେଲି ନେଉଛି ଆଗକୁ, ଆହୁରି ଆଗକୁ ।

କିନ୍ତୁ ମାନବସମାଜର ଏହି ଅଗ୍ରଗତି ଯେ ବାଧାହୀନଭାବେ ନିରବଚ୍ଛିନ୍ନ ହୋଇଛି, ସହଜ-ସୁସ୍ଥ-ସ୍ୱାଭାବିକ ବିକାଶର ଏକ ଧାରା ହୋଇଛି, ତାହା ନୁହେଁ । ଅନେକ ସମୟରେ ଗୋଟିଏ ଦିଗରେ ଦ୍ରୁତ ଅଗ୍ରଗତି ହୋଇଛି ତ ଅନ୍ୟ ଦିଗରେ ଏହା ଏତେ ପଛରେ ପଡ଼ିଯାଇଛି ଯେ ଉଭୟର ବ୍ୟବଧାନ ଓ ବୈଷମ୍ୟ ଫଳରେ ବିକାଶର ଧାରା କିଛି କାଳ ପାଇଁ ଅଟକି ଗଲା ପରି ମନେ ହୋଇଛି, କିନ୍ତୁ ଏହା ଅଟକି ଯାଇଛି ବା ପଶ୍ଚାଦପସରଣକୁ ମାନି ନେଇଛି, ଉଭୟ ଧାରାକୁ ନେଇ ଏକ ସର୍ବାଙ୍ଗୀଣ ବିକାଶର ଧାରା ଖୋଲି ଦେବା ପାଇଁ । ନାନା ପତନ ଓ ବିଭ୍ରାନ୍ତି ବା ବିଚ୍ୟୁତି ତା'ର ଅଗ୍ରଗତିକୁ ବ୍ୟାହତ କରିଛି, ବେଳେ ବେଳେ ବିପର୍ଯ୍ୟସ୍ତ କରି ଦେଇଛି । କିନ୍ତୁ ତଥାପି ଏହି ପତନଗୁଡ଼ିକୁ ମଧ୍ୟ ଯେପରି ଏକ ସର୍ବମୟ ବିଜ୍ଞତା ବ୍ୟବହାର କରିଛି ମନୁଷ୍ୟର ସାମଗ୍ରିକ ବିକାଶକୁ ଆହୁରି ପୂର୍ଣ୍ଣାଙ୍ଗ କରିବା ପାଇଁ, ଆହୁରି ବହୁମୁଖୀ କରିବା ପାଇଁ । ନିଜର ବିଫଳତା ଓ ବିଚ୍ୟୁତିରୁ, ଭୁଲ୍‌ପଥ ବାଛିବାର ବିଭ୍ରାନ୍ତିରୁ ମଣିଷ ନୂତନ ଶିକ୍ଷା ନେଇ ଆଗେଇବାର ନୂତନ ସଂକଳ୍ପ ନେଇଛି । ମନେ ହୋଇଛି ଯେପରିକି ମନୁଷ୍ୟର ଶିକ୍ଷାଲାଭ ପାଇଁ ଏହି ପତନ ଓ ବିଚ୍ୟୁତିଗୁଡ଼ିକର ପ୍ରୟୋଜନୀୟତା ଥିଲା । ଏହି ସବୁ ପତନ ଓ ପଶ୍ଚାଦପସରଣ ଶେଷରେ ଅଗ୍ରଗତିରହିଁ ଏକ ନୂତନ ବାଟ ଫିଟାଇଛି । ଏସବୁ ଭିତରେହିଁ ଆମେ ଦେଖିବାକୁ ପାଉ ଶ୍ରୀଅରବିନ୍ଦ ଯାହାକୁ କହିଛନ୍ତି – The downward curve of the spiral of progress.

ଗୋଟିଏ ଉଦାହରଣ ନେଇ ଦେଖାଯାଉ । ସମାଜ ବିବର୍ତ୍ତନର ଗୋଟିଏ ସ୍ତରରେ ଧର୍ମ ଏକ ପ୍ରଧାନ ଶକ୍ତି ରୂପେ ମଣିଷର ସମାଜ ବ୍ୟବସ୍ଥା ତଥା ସଭ୍ୟତା ଓ ସଂସ୍କୃତିର ନେତୃତ୍ୱ ନେଇଥିଲା । ଏହା ମୂଳରେ ଥିଲା ଏକ ପ୍ରକୃତ ସତ୍ୟ । ସତ୍ୟଦ୍ରଷ୍ଟା ମହାପୁରୁଷ ଓ ମୁନିଋଷିମାନେ ଯେଉଁ ସତ୍ୟସବୁକୁ ପ୍ରତ୍ୟକ୍ଷ କରିଥିଲେ ତାହାରି ଅନୁସରଣରେ ମାନସିକ, ପ୍ରାଣିକ ଓ ବସ୍ତୁଗତ

ଜୀବନକୁ ଗଢ଼ିବା ପାଇଁ ଏକ ଉଦ୍ୟମ ହୋଇଥିଲା । ପାର୍ଥିବ ଜୀବନକୁ ଭଗବାନଙ୍କ ଉଦ୍ଦେଶ୍ୟରେ ଚାଳିତ କରିବା ପାଇଁ ଏକ ଉଦ୍ୟମ ହୋଇଥିଲା । କିନ୍ତୁ ସେଥିପାଇଁ ଯେଉଁ ସାମୂହିକ ଚେତନାଗତ ପ୍ରସ୍ତୁତି ପ୍ରୟୋଜନ ତାହା ମଣିଷସମାଜରେ ସେତେବେଳେ ଆସି ନାହିଁ । ସମାଜ-ଜୀବନରେ ଅହଂ ଓ କାମନାବାସନାର ଅଖଣ୍ଡ ରାଜୁତି ରହିଛି । ତେଣୁ ମୂଳରେ ଆଧ୍ୟାତ୍ମିକ ସତ୍ୟକୁ ନେଇ ସମାଜ ଆରମ୍ଭ ହୋଇଥିଲେ ମଧ୍ୟ ଧର୍ମ ପରିଣତ ହେଲା ଏକ ଆଚାରସର୍ବସ୍ୱ ବାହ୍ୟ କର୍ମକାଣ୍ଡରେ । ଗୁଡ଼ିଏ ଅନ୍ଧ ବିଶ୍ୱାସ, ଧର୍ମର ବାହାନା ନେଇ ନିଜର ନିତାନ୍ତ ଅମାର୍ଜିତ ସ୍ୱାର୍ଥ ଓ କାମନାବାସନାର ଅବାଧ ପୂରଣ ହେଲା ତା'ର ପରିଣାମ । ମଠ, ମହନ୍ତ, ଗିର୍ଜା ଓ ଧର୍ମଯାଜକ ଆଦି ହେଲେ ସମସ୍ତ ପ୍ରକାର ଅନାଚାର, ଶୋଷଣ ଓ ଅତ୍ୟାଚାରର କେନ୍ଦ୍ର । ଭଗବାନଙ୍କ ପୂଜା ନାମରେ ଚାଲିଲା ନିଜ ଅହଂର ପୂଜା । ପୁଣି ଗୋଟିଏ ଧର୍ମର ଅହଂକୁ ଛିଡ଼ା କରା ହେଲା ଆଉ ଗୋଟିଏ ଧର୍ମର ଅହଂର ବିରୋଧରେ । ସାମ୍ପ୍ରଦାୟିକ ବିଦ୍ୱେଷ, ଧର୍ମ ଧର୍ମ ଭିତରେ ଯୁଦ୍ଧର ବୀଭତ୍ସତା ମାନବସମାଜର ଇତିହାସକୁ କଳଙ୍କିତ କଲା ।

ଏହାର ପ୍ରତିବାଦ ଓ ପ୍ରତିକ୍ରିୟା ସ୍ୱରୂପ ପୁଣି ସମାଜରେ ଦେଖା ଦେଲା – ସମସ୍ତ ଧର୍ମ ବିଶ୍ୱାସ ବିରୋଧରେ ବିଦ୍ରୋହ ଓ ନାସ୍ତିକତାର ପ୍ରସାର । ଯୁକ୍ତିବୁଦ୍ଧି ତା'ର ଶାଣିତ ଯୁକ୍ତି ନେଇ ମୂଳରୁ ଭଗବାନଙ୍କ ଅସ୍ତିତ୍ୱକୁହିଁ ସନ୍ଦେହ କଲା, ସେ ସମ୍ପର୍କରେ ନାନା ପ୍ରଶ୍ନ ଉଠାଇଲା । ବାହାର ଦୃଷ୍ଟିରେ ଦେଖିଲେ ଯଦିଓ ଆଧ୍ୟାତ୍ମିକ ସତ୍ୟର ପ୍ରସାର ଦୃଷ୍ଟିରୁ ଏହା ଏକ ବିଚ୍ୟୁତି ଓ ପତନ, କିନ୍ତୁ ଯଥାର୍ଥରେ ଧର୍ମର କର୍ତ୍ତୃତ୍ୱ ବିରୋଧରେ ସ୍ୱର ଉଠାଇଥିବା ଏହି ନାସ୍ତିକମାନେ, ଯୁକ୍ତିବୁଦ୍ଧିର ଅନୁଗତ ଏହି ବସ୍ତୁବାଦୀମାନେ ସାମାଜିକ ବିବର୍ତ୍ତନର ଯନ୍ତ୍ରରୂପେହିଁ କାମ କରିଛନ୍ତି । କୌଣସି ଶାସ୍ତ୍ରପୁରାଣର କଥା ଉପରେ ନୁହେଁ, ପ୍ରତ୍ୟକ୍ଷ ଅନୁଭୂତି ଉପରେହିଁ ସତ୍ୟକୁ ଗ୍ରହଣ କରିବାର ପ୍ରେରଣା ଓ ଉତ୍ସାହ ଏମାନେ ଆଣି ଦେଇଛନ୍ତି । ଧର୍ମବିଶ୍ୱାସ ଓ ଧର୍ମାଚାରର ସଂକୀର୍ଣ୍ଣତା ଭିତରେ ଆବଦ୍ଧ ହୋଇ ଅଟକି ଯାଉଥିବା ବିକାଶର ଧାରାକୁ ଏମାନେ ଖୋଲି ଦେଇଛନ୍ତି ତାହା ଯେପରି ସତ୍ୟାନୁଭୂତିର ଅସୀମ ସମୁଦ୍ର ଅଭିମୁଖରେ ସ୍ୱଚ୍ଛନ୍ଦ ଗତିରେ ଆଗେଇଯାଏ । ଅନ୍ୟ କଥାରେ ଏହି ନାସ୍ତିକ ବସ୍ତୁବାଦୀମାନେ ଧର୍ମ ବିରୋଧରେ ବିଦ୍ରୋହ କରି ହୋଇ ଉଠିଛନ୍ତି ସାମାଜିକ ବିବର୍ତ୍ତନରେ ଭଗବାନଙ୍କ ଉଦ୍ଦେଶ୍ୟ ପୂରଣର ଯନ୍ତ୍ର ।

ଏହିପରିଭାବେ ସାମାଜିକ ବିକାଶର ନାନା ପ୍ରକାର ଧାରା, ନାନା ଗତିବୃତ୍ତି ଭିତର ଦେଇ ଆମେ ଆସି ଆଧୁନିକ ଯୁଗରେ ପହଞ୍ଚିଛୁ । ମନ ତା'ର ଚୂଡ଼ାନ୍ତ ବିକାଶର ସ୍ତରରେ ପହଞ୍ଚିଛି । ପ୍ରତ୍ୟକ୍ଷ ଅନୁଭୂତି, ବୈଜ୍ଞାନିକ ପରୀକ୍ଷା ଆଦି ଭିତର ଦେଇ ସତ୍ୟର ପ୍ରମାଣ ଓ ପ୍ରୟୋଗ ପାଇଁ ମଣିଷ ଭିତରେ ଏକ ତୀବ୍ର ଆସ୍ପୃହା ଦେଖା ଦେଇଛି । ଅନ୍ଧ ଭାବରେ କୌଣସି କଥା କେହି ମାନି ନେବାକୁ ପ୍ରସ୍ତୁତ ନୁହେଁ । ସବୁ ବିଷୟରେ ଚରମ ପ୍ରଶ୍ନମାନ ଉଠା ହେଉଛି । ବିଜ୍ଞାନର ସମସ୍ତ ଜୟଜୟକାର ସତ୍ତ୍ୱେ ଅଗ୍ରଣୀ ବୈଜ୍ଞାନିକମାନେ ବସ୍ତୁର ଚୂଡ଼ାନ୍ତ ସତ୍ୟ ଜାଣିବା ପାଇଁ ପ୍ରଚଳିତ ବୈଜ୍ଞାନିକ ପଦ୍ଧତି କେତେ ଦୂର ସକ୍ଷମ, ସେ ନେଇ ପ୍ରଶ୍ନ ଉଠାଉଛନ୍ତି । ଆଣବିକ ବିଜ୍ଞାନ ଆହୁରି ସୂକ୍ଷ୍ମରୁ ସୂକ୍ଷ୍ମତର ସତ୍ୟର ଅନୁଧ୍ୟାନ କରି ସୃଷ୍ଟିକୁ ଏକ ଦୁର୍ଜ୍ଞେୟ ରହସ୍ୟ ରୂପେ ଦେଖିବାକୁ ଆରମ୍ଭ କଲାଣି । ଏଣେ ସାମାଜିକ କ୍ଷେତ୍ରରେ ମଧ୍ୟ ଗତାନୁଗତିକ ନୀତି, ନିୟମ, ଆଚାର, ଶୃଙ୍ଖଳା, ଆଇନକାନୁନ ଓ ସାମାଜିକ ବିଧି ବିଧାନ ପଛରେ ଆଦୌ କିଛି ସତ୍ୟ ଅଛି କି ନାହିଁ ଏ ସମ୍ପର୍କରେ ଆନ୍ତରିକ ପ୍ରଶ୍ନ ଉଠାଗଲାଣି । ଖୋଲାଖୋଲିଭାବେ ଏସବୁକୁ ଅସ୍ୱୀକାର କରିବା ଓ ଏସବୁ ବିରୋଧରେ ବିଦ୍ରୋହ କରିବା ଆଜି ଏକ ସାଧାରଣ ଘଟଣା । ସବୁ କ୍ଷେତ୍ରରେ ବହୁ ବହୁ ନୂଆ ନୂଆ ଆବିଷ୍କାର, ବହୁ ଦ୍ରୁତ ଅଗ୍ରଗତି ହେଉଛି । ତଥାପି ମଣିଷ ସନ୍ତୁଷ୍ଟ ନୁହେଁ । ଆହୁରି ଜାଣିବା ପାଇଁ, ଆହୁରି ଅଧିକ ନୂତନ ସତ୍ୟତର ଦୃଷ୍ଟି ନେଇ ସବୁକିଛିକୁ ଦେଖିବାର ଅଦମ୍ୟ ଆଗ୍ରହ ଓ ଅଭୀପ୍ସା ମଣିଷ ଭିତରେ ଦେଖା ଦେଇଛି । ମା'ଙ୍କ ଭାଷାରେ :

"The world progresses so rapidly that we must be ready at any moment to overpass what we know in order to know better."

*3 March 1963* (MCW. Vol. 15.p.77)

– ''ପୃଥିବୀ ଏତେ ଦ୍ରୁତ ଗତିରେ ଆଗେଇ ଯାଉଛି ଯେ ଆହୁରି ଅଧିକ ଜାଣିବା ପାଇଁ, ଯେକୌଣସି ମୁହୂର୍ତ୍ତରେ ଆମେ ଜାଣିଥିବା ଜ୍ଞାନକୁ ଅତିକ୍ରମ କରିଯିବାକୁ ପ୍ରସ୍ତୁତ ହେବାକୁ ହେବ ।''

ଆଜି ସବୁ ବିଷୟରେ ଜାଣିବା ପାଇଁ ମଣିଷ ଭିତରେ ଯେଉଁ ଅଦମ୍ୟ ଆଗ୍ରହ ଓ ଅନୁସନ୍ଧିତ୍ସା ଦେଖା ଯାଇ ଯେଉଁପରି ମୌଳିକ ପ୍ରଶ୍ନମାନ ଉଠାଯାଉଛି, ବିଶେଷ କରି ଏ ସମସ୍ତ ମାନବୀୟ ଅଗ୍ରଗତି, ଏସମସ୍ତ କଳା, ବିଜ୍ଞାନ, ଅର୍ଥନୀତି,

ରାଜନୀତି, ସଭ୍ୟତା, ସଂସ୍କୃତି ଆଦିର ମୂଲ୍ୟ କ'ଣ, ଏସବୁକୁ କାହିଁକି ଗୁରୁତ୍ୱ ଦିଆଯିବ, କାହିଁକି ଏହା ଏକ ଅର୍ଥହୀନ ଯାନ୍ତ୍ରିକ ଅନ୍ଧ ଆବର୍ତ୍ତନ ନୁହେଁ, ଏସବୁକୁ ଶେଷ କରିଦେବା କାହିଁକି ଶ୍ରେୟସ୍କର ନୁହେଁ – ଏ ଧରଣର ମୌଳିକ ପ୍ରଶ୍ନ ଯେତେବେଳେ ଉଠୁଛି, ଏହାକୁ ଏକ ଆପୋସହୀନ ଜିଜ୍ଞାସାର ଯୁଗ ବୋଲି କୁହାଯାଇ ପାରେ । ଏହି ଧରଣର ଚୂଡ଼ାନ୍ତ ପ୍ରଶ୍ନ ଓ ଚରମ ଜିଜ୍ଞାସାର ଉତ୍ତର ଦେବାକୁ ମନ ସମ୍ପୂର୍ଣ୍ଣ ଅସମର୍ଥ । ଆଜିର ବିକଶିତ ମନ ପାଇଁ ଏହି ସତ୍ୟଟି ବୁଝିବାକୁ ଆଉ ବେଶୀ ସମୟ ଲାଗିବ ନାହିଁ । ସେତେବେଳେ ସେ ଅନିବାର୍ଯ୍ୟ ଭାବରେ ଖୋଜିବ ମନ ଛଡ଼ା ସତ୍ୟ ସନ୍ଧାନର ଆଉ କିଛି ଉପାୟ, ଆଉ କିଛି ଅବଲମ୍ବନ ଅଛି କି ?

ସେତେବେଳେ ସେ ନିଶ୍ଚିତ ରୂପେ ଖୋଜିବ ମନର ଊର୍ଦ୍ଧ୍ୱରେ ଆତ୍ମାର ସତ୍ୟକୁ, ଭଗବାନଙ୍କ ସତ୍ୟକୁ ଯାହାକି ଯଥାର୍ଥରେ ତା'ର ଜିଜ୍ଞାସାର ଉତ୍ତର ଦେଇପାରେ । ମଣିଷର ଜୀବନ ଓ ସମାଜରେ ଯେଉଁ ଭଗବତ୍ ଉଦ୍ଦେଶ୍ୟ କାର୍ଯ୍ୟକାରୀ ହେଉଛି, ଅଜ୍ଞାନ ଭାବରେ ମଣିଷ ଯାହାର ଯନ୍ତ୍ର ହୋଇଛି, ସଜ୍ଞାନ ଭାବରେ ପ୍ରତ୍ୟକ୍ଷ ଅନୁଭୂତି ଭିତର ଦେଇ ତାହା ସେ ଉପଲବ୍ଧି କରିବାକୁ ଚାହିଁବ । ବିବର୍ତ୍ତନର ଯେଉଁ ପ୍ରବେଗ ଦ୍ୱାରା ଚାଳିତ ହୋଇ ମନୁଷ୍ୟ ବିଭିନ୍ନ ଭାବରେ, ବିଭିନ୍ନ ଧାରାରେ ପୂର୍ଣ୍ଣତାକୁ ଖୋଜୁଛି, ସେ ପୂର୍ଣ୍ଣତା ଯେ ଆତ୍ମା ରୂପରେ, ବ୍ରହ୍ମ ରୂପରେ, ଦିବ୍ୟ ଭଗବତ୍ ଉପସ୍ଥିତି ରୂପରେ ନିଜ ଭିତରେ ରହିଛି ଓ ବାହାରର ସମସ୍ତ ପ୍ରକାଶ ଓ ଅଭିବ୍ୟକ୍ତି କେବଳ ତାହାରହିଁ ଭିନ୍ନ ଭିନ୍ନ ରୂପ, ତାହା ସେ ଉପଲବ୍ଧି କରିବ । ଖାଲି ସେତିକି ନୁହେଁ, ଚେତନାର ବିକାଶର ଯେଉଁ ସ୍ତରରେ ସେ ଆଜି ପହଞ୍ଚିଛି, ନିଜର ଉପଲବ୍ଧ ସତ୍ୟକୁ ପ୍ରକଟ ଓ ଅଭିବ୍ୟକ୍ତ କରିବା ପାଇଁ ତା' ହାତରେ ଆଜି ଯେଉଁ ବିପୁଳ ସରଞ୍ଜାମ ଓ ଉପକରଣ ରହିଛି, ତାହାକୁ ନେଇ ସେ ଦେଖାଇ ଦେବ ତା' ଭିତରେ ପୂର୍ଣ୍ଣତାର ଯେଉଁ ସତ୍ୟ ରହିଛି, ବାହାରର ସମସ୍ତ ପ୍ରକାଶ ସେହି ପୂର୍ଣ୍ଣତାକୁହିଁ ରୂପାୟିତ କରିବାକୁ ଉଦ୍ଦିଷ୍ଟ । ଭିତରେ ଯେପରି ବାହାରେ ମଧ୍ୟ ସେହିପରି ସେହି ପୂର୍ଣ୍ଣତାର ପରମ ପରିପ୍ରକାଶ ପାଇଁ ସେ ନିଜକୁ ଉତ୍ସର୍ଗ କରିବ ସେହି ପୂର୍ଣ୍ଣତାର ସତ୍ୟ ପାଖରେ । ମାନବସମାଜର ଏହି ଭବିଷ୍ୟତକୁ ଦେଖିପାରିହିଁ ମା' କହିଥିଲେ :

"We have entered the age of universal spirituality, of spiritual experience in its initial purity."

(MCW Vol. 15, p. 29)

''ଆମେ ଏକ ସାର୍ବଜନୀନ ବିଶ୍ୱ-ଆଧ୍ୟାତ୍ମିକତାର ଯୁଗରେ ପ୍ରବେଶ କରିଛେ ଯାହା ନିଜର ମୂଳ ଶୁଦ୍ଧତା ନେଇ ଏକ ଆଧ୍ୟାତ୍ମିକ ଅନୁଭୂତିର ଯୁଗ ।'' ❖

**[ୟୁନେସ୍କୋ (UNESCO) ସକାଶେ ବାଣୀ]**

ପୃଥିବୀ ପୃଷ୍ଠରେ ଅତିମାନସ ସତ୍ୟର ଆଗମନୀକୁ ତ୍ୱରାନ୍ୱିତ କରିବା ନିମିତ୍ତ ଅରୋଭିଲ୍ ଉଦ୍ଦିଷ୍ଟ ।

ପୃଥିବୀ ଯେପରି ହେବା ଉଚିତ ସେପରି ହୋଇ ନାହିଁ ବୋଲି ଯେଉଁମାନେ ଦେଖିପାରୁଛନ୍ତି, ସେହି ସମସ୍ତଙ୍କର ସାହାଯ୍ୟକୁ ସ୍ୱାଗତ କରିବା ଉଚିତ ।

ପ୍ରତ୍ୟେକ ବ୍ୟକ୍ତି ଜାଣିବା ଆବଶ୍ୟକ ଯେ ସେ ମୃତ୍ୟୁ ନିମିତ୍ତ ପ୍ରସ୍ତୁତ ଏକ ପୁରାତନ ପୃଥିବୀ ସହିତ ମିଳିତ ହେବାକୁ ଚାହାନ୍ତି ଅଥବା ନବଜନ୍ମ ନିମିତ୍ତ ପ୍ରସ୍ତୁତ ହେଉଥିବା ଏକ ନୂତନ ଏବଂ ମହତ୍ତର ପୃଥିବୀ ସକାଶେ କାର୍ଯ୍ୟ କରିବାକୁ ଚାହାନ୍ତି ।

*୧ ଫେବ୍ରୁଆରୀ, ୧୯୭୨*

– ଶ୍ରୀମା

Vol. LXI, No. 1, NAVAJYOTI – 21 February, 2018, R. N. 8889/63

ନବଜ୍ୟୋତି ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ପୁସ୍ତକମାନ ତଥା ନବପ୍ରକାଶ, ନବଜ୍ୟୋତି ପତ୍ରିକା ପାଇବା ନିମନ୍ତେ Draft ପଠାଇଲେ **Navajyoti Publication** ନାମରେ Draft କରିବାକୁ ଅନୁରୋଧ ।

## ବିଶେଷ ସୂଚନା

## ବେଦରହସ୍ୟ




ଶ୍ରୀଅରବିନ୍ଦଙ୍କ ରଚିତ ‘The Secret of the Veda’ (Part One) ପୁସ୍ତକର ଓଡ଼ିଆ ଅନୁବାଦ ‘ବେଦରହସ୍ୟ’ (ପ୍ରଥମ ଭାଗ) ପ୍ରକାଶ ପାଇଲା । ଶ୍ରୀଅରବିନ୍ଦଙ୍କ ଭାଷାରେ ‘‘ଆମ ଆଧ୍ୟାତ୍ମିକ ଜ୍ଞାନର ଆଦି ଥିଲା ବେଦ; ତା’ର ଅନ୍ତରୂପେ ମଧ୍ୟ ରହିବ ବେଦ ।’’

ଆଶାକରୁ ପୂର୍ଣ୍ଣଯୋଗରେ ଅନୁରାଗୀ ଜିଜ୍ଞାସୁ ପାଠକମାନେ ବେଦ ଆଧାରିତ ଏହି ଉପାଦେୟ ପୁସ୍ତକଟି ଅଧ୍ୟୟନ କରି ଉପକୃତ ହେବେ ।

୩୦୫ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ : **ଟ. ୧୬୦/-** ରଖାଯାଇଛି ।

### ପ୍ରାପ୍ତିସ୍ଥାନ :

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry - 2 and Printed by Swadhin Chatterjee at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

**Single Copy : Rs. 20.00, Annual Subscription : Rs. 80.00, Life Member (20 years) : Rs. 800.00**